

ପୃଷ୍ଠା ୫

ବଙ୍ଗଳାରେ ମମତାଙ୍କ ଉପରେ ବର୍ଷିଲେ ମୋଦି

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17



## ଜିଲ୍ଲା ପ୍ରତିନିଧି ଆବଶ୍ୟକ

ଦୈନିକ 'ସଂଚାର' ଓ 'ସଂଚାର ଡିଜିଟାଲ' ପାଇଁ ନିମ୍ନଲିଖିତ ଜିଲ୍ଲା ପାଇଁ 'ଜିଲ୍ଲା ପ୍ରତିନିଧି' ଆବଶ୍ୟକ। ଅନ୍ୟୂନ ତିନି ବର୍ଷର ଅଭିଜ୍ଞତା ଥିବା ସାମ୍ବାଦିକମାନେ ଆବେଦନ କରିପାରିବେ। ଆଗ୍ରହୀ ବ୍ୟକ୍ତି ୭ ଦିନ ମଧ୍ୟରେ ଆବେଦନ କରିପାରିବେ। ଜିଲ୍ଲାଗୁଡ଼ିକ ହେଲା ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ, ଯାଜପୁର, ଭଦ୍ରକ, ଜଗତସିଂହପୁର, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ ଓ ଅନୁଗୁଳ।

ଯୋଗାଯୋଗ

Mail :- sancharodisha@gmail.com

Whatsapp :- +91 8093008776



Vol. 33 | ISSUE 268 | ଭାଗ ୩୩ | ସଂଖ୍ୟା ୨୬୮ Sunday 21 December 2025 | Page 8 Rs. 5.00 ● ଭୁବନେଶ୍ୱର ରବିବାର ୨୧ ଡିସେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ସମାନତାର ପ୍ରତିମୂର୍ତ୍ତି ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

## 'ଷ୍ଟାଚ୍ୟୁ ଅଫ ଇକ୍ୱାଲିଟି ସମାଜିକ ନ୍ୟାୟର ପ୍ରତୀକ'



**ହାଇଦ୍ରାବାଦ,୨୦।୧୨:** ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ହାଇଦ୍ରାବାଦରେ ସମାନତାର ପ୍ରତିମୂର୍ତ୍ତି (ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି) ପରିଦର୍ଶନ କରି ଜଗଦ୍‌ଗୁରୁ ଶ୍ରୀ ରାମାନୁଜାଚାର୍ଯ୍ୟଙ୍କୁ ଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏବଂ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ତ୍ରିଦଣ୍ଡି ଚିନ୍ ଶ୍ରୀମନ୍ତ ନାରାୟଣ ରାମାନୁଜା ଜୀୟାର ସ୍ୱାମୀଜୀଙ୍କୁ ଭେଟି ଭାରତର ଆଧାତ୍ମିକ ପରମ୍ପରା, ଅନ୍ତର୍ଭୁକ୍ତ ଦର୍ଶନ ଏବଂ ସମସାମୟିକ ସମାଜରେ ରାମାନୁଜାଚାର୍ଯ୍ୟଙ୍କ ଶିକ୍ଷାର ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ। ⮚ପୃଷ୍ଠା-୬

### ଥମୁନି ଦିଲ୍ଲୀବାସୀଙ୍କ ପ୍ରଦୂଷଣ ଯନ୍ତ୍ରଣା

# ଏକ୍ୟୁଆଇରେ ସୁଧାର ପାଇଁ ଠୋସ୍ ପଦକ୍ଷେପ

### ବାହାର ରାଜ୍ୟ ଗାଡ଼ି ପ୍ରବେଶ ଉପରେ କଟକଣା

### ପେଟ୍ରୋଲ୍ ପମ୍ପରେ କ୍ୟାମେରା ଚିହ୍ନିବ ପ୍ରଦୂଷଣକାରୀ ଯାନ



**ନୂଆଦିଲ୍ଲୀ,୨୦।୧୨:** ରାଜଧାନୀ ଦିଲ୍ଲୀରେ ଦିନକୁ ଦିନ ପ୍ରଦୂଷଣଜନିତ ଯନ୍ତ୍ରଣା ବୃଦ୍ଧି ପାଇବାରେ ଲାଗିଛି। ରାଜଧାନୀବାସୀ ପ୍ରଦୂଷଣ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଏହାର ବାୟୁ ଗୁଣବତ୍ତା ମାନ (ଏକ୍ୟୁଆଇ) ଅଧିକାଂଶ ସମୟରେ 'ଅତି ଗୁରୁତର' ବର୍ଗରେ ରହୁଥିବା ପରିଲକ୍ଷିତ ହେଉଛି। ତେଣୁ ସରକାର ଏଥିରେ ଉନ୍ନତି ଆଣିବା ସକାଶେ ଆଜି କେତେକ ଠୋସ୍ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିରେ ମୁଖ୍ୟତଃ ଯାନବାହନ ଚଳାଚଳକୁ ନିୟନ୍ତ୍ରଣକରିବା, ବାହାର ରାଜ୍ୟର ଯାନବାହନ ରୋକିବା ଓ ପ୍ରଦୂଷଣ ସୃଷ୍ଟି କରୁଥିବା ଯାନବାହନକୁ ପେଟ୍ରୋଲ୍ ପମ୍ପରେ ତେଲ ଭରିବା ଉପରେ ରୋକ ଲଗାଇବା ଉପରେ ଗୁରୁତ୍ୱାରୋପ କରାଯାଇଛି।

ଏହି କେନ୍ଦ୍ରଶାସିତ ଅଞ୍ଚଳର ଏକ୍ୟୁଆଇ ଯେପରି ଆହୁରି ବିପର୍ଯ୍ୟସ୍ତ ନ ହେବ, ସେଥିସକାଶେ ସ୍ଥାନୀୟ ସରକାର ଗ୍ରାପ୍-୪ (ଗ୍ରେଡେଡ୍ ରେସ୍‌ପନ୍ସ ଆକ୍ସନ୍ ପ୍ଲାନ୍) ଆଜିଠାରୁ ଲାଗୁ କରିଛନ୍ତି। ପ୍ରଦୂଷଣ ମାତ୍ରା ନିୟନ୍ତ୍ରଣ କ୍ଷେତ୍ରରେ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଗ୍ରହଣ କରାଯାଉଛି। ଏହି ବ୍ୟବସ୍ଥା ଲାଗୁ ହେବା ପରେ ଏଣିକି ଦିଲ୍ଲୀ ସୀମା ଭିତରକୁ କେବଳ ନିର୍ଦ୍ଦିଷ୍ଟ ମାନର ଯାନବାହନ ପ୍ରବେଶ କରିପାରିବେ। ⮚ପୃଷ୍ଠା-୬

## ଏଣିକି ତେଲ ପାଇଁ ପ୍ରଦୂଷଣ ପ୍ରମାଣପତ୍ର ଜରୁରୀ

- ପରିବହନ କ୍ଷେତ୍ରରେ ପରିବେଶ ସୁରକ୍ଷା ପାଇଁ ପଦକ୍ଷେପ
- ତୈଳ କମ୍ପାନୀଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ନିର୍ଦ୍ଦେଶ
- ୬ ଜିଲ୍ଲାକୁ କୁହୁଡ଼ି ପାଇଁ ଆଲର୍ଟ କଲା ପାଣିପାଗ ବିଭାଗ

**ଭୁବନେଶ୍ୱର,(ସଂଚାର ବ୍ୟୁରୋ):** ଏଣିକି ପେଟ୍ରୋଲ୍ ପମ୍ପରେ ତେଲ ଭରିବା ସକାଶେ କୌଣସି ଯାନବାହନ ଚାଳକଙ୍କୁ ସେମାନଙ୍କ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ। ତେଣୁ ଯେଉଁ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ନ ଥିବ, ଉକ୍ତ ଗାଡ଼ିକୁ ପେଟ୍ରୋଲ୍ ଦିଆଯିବ ନାହିଁ ବୋଲି ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବାୟୁ ଗୁଣବତ୍ତାର ସ୍ଥିତିକୁ ଦୃଷ୍ଟିରେ ରଖି ପରିବହନ କ୍ଷେତ୍ରରେ ପରିବେଶ ସୁରକ୍ଷା ଉପରେ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଏଣିକି ମୋଟର ଯାନ ନିୟମ ଉଲ୍ଲଙ୍ଘନ କରି ପ୍ରଦୂଷଣ ସୃଷ୍ଟି କରୁଥିବା ଯାନଗୁଡ଼ିକ ଉପରେ ଅଙ୍କୁଶ ଲାଗିବ ବୋଲି ବିଭାଗ ସ୍ପଷ୍ଟ କରିଛି। ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ⮚ପୃଷ୍ଠା-୬

## ୭ ଗିରଫ, ମୁଣ୍ଡ ନୁଆଁଇଲେ ସରକାର

**ବାଂଲାଦେଶରେ ହିଂସାକାଣ୍ଡରେ ହିନ୍ଦୁ ଯୁବକଙ୍କୁ ହତ୍ୟା ଘଟଣା**

**ଢାକା,୨୦।୧୨:** ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସୀନାଙ୍କ ବିରୋଧୀ ଭାବେ ପରିଚିତ ଯୁବ ନେତା ଶରିଫ୍ ଉସମାନ୍ ହାଦି ମୃତ୍ୟୁବରଣ କରିବା ପରେ ଏହା ବିରୋଧରେ ଗତକାଲି ବାଂଲାଦେଶରେ ପୁଣିଥରେ ହିଂସାକାଣ୍ଡ ଘଟିଛି। ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇ ଭଙ୍ଗାରୁଜା କରିବା ସହ ଦୁଇଟି ପ୍ରମୁଖ ଗଣମାଧ୍ୟମ କାର୍ଯ୍ୟାଳୟରେ ନିଆଁ ଲଗାଇ ଦେଇଥିଲେ। ଏଥିସହ ଆନ୍ଦୋଳନକାରୀମାନେ ଜଣେ ହିନ୍ଦୁ ଯୁବକଙ୍କୁ ପିଟି ପିଟି ମାରିଦେବା ସହ ଗଛରେ ଟାଙ୍ଗି ନିଆଁ ଲଗାଇ ଦେବା ଭଳି ଅମାନବୀୟ କାର୍ଯ୍ୟ ବି କରିଥିଲେ। ଏହି ଘଟଣାରେ ଆଜି ମୋଟ ୭ ଜଣଙ୍କୁ ଗିରଫ କରାଯାଇଛି। ଘଟଣାରେ ଦେଶର ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱାଧୀନ କାମଚଳା ସରକାର ବିଭିନ୍ନ ମହଲରୁ କଡ଼ା ସମାଲୋଚନାର ଶିକାର ହୋଇଛି। ଏହି ଚାପରେ ଚେପା ହୋଇଥିବା ଶ୍ରୀ ୟୁନୁସ୍ ଆଜି ଘୋଷଣା କରିଛନ୍ତି ଯେ ଯେଉଁମାନେ ଦୋଷ କରିଛନ୍ତି, ସେମାନଙ୍କୁ ସରକାର କଦାପି କ୍ଷମା ଦେବେ ନାହିଁ। ୨୭ ବର୍ଷୀୟ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ଅତି ନିର୍ମମ ଭାବେ ମାଡ଼ ମରାଯାଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାରେ ରାପିଡ୍ ଆକ୍ସନ୍ ବାଟାଲିଅନ୍ (ଆର୍‌ଏବି) ⮚ପୃଷ୍ଠା-୬

# ପୁଣି ଉପଭୋକ୍ତାଙ୍କୁ ଲାଗିବ ଶୁଳ୍କ ଶକ୍?

- ଟାରିଫ ବଢ଼ାଇବାକୁ ଗ୍ରୀଡ୍‌କୋର ପ୍ରସ୍ତାବ
- ଶକ୍ତି ବିଭାଗର ସ୍ଥାଣୁତାକୁ ନେଇ ଅସନ୍ତୋଷ
- ହସ୍ତକ୍ଷେପ ଦାବି କଲା ଉପଭୋକ୍ତ ମହାସଂଘ




**ଭୁବନେଶ୍ୱର,୨୦।୧୨ (ସଂଚାର ବ୍ୟୁରୋ):** ପୁଣି ବିଦ୍ୟୁତ ଉପଭୋକ୍ତାଙ୍କ ଉପରେ ବଢ଼ିବ କି ଶୁଳ୍କ ବୋଝ। ଗ୍ରୀଡକୋ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି)ଙ୍କ ନିକଟରେ ଦାଖଲ ହୋଇଥିବା ବାର୍ଷିକ ରାଜସ୍ୱ ଆବଶ୍ୟକତା ଦରଖାସ୍ତରୁ ଏହି ଆଶଙ୍କା ସୃଷ୍ଟି ହୋଇଛି। ଯଦି ଓଇଆରସି ଗ୍ରୀଡକୋର ଆବେଦନକୁ ଗ୍ରହଣ କରନ୍ତି ତେବେ ୟୁନିଟ ପିଛା ବିଦ୍ୟୁତ ଶିଳ୍କ ୫୮ ପଇସା ବଢ଼ିବାର ସମ୍ଭାବନା ରହିଛି।

ଗତ ନଭେମ୍ବର ୨୯ରେ ଗ୍ରୀଡ଼କୋ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତା ଦରଖାସ୍ତ ଓଇଆରସିରେ ଦାଖଲ କରିଛି। ଗ୍ରୀଡକୋ ଦେଇଥିବା ଦରଖାସ୍ତରେ ୟୁନିଟ ପିଛା ୩ ଟଙ୍କା ୮୮ ପଇସା ହିସାବରେ ୩୯ ହଜାର ମିଲିୟନ ୟୁନିଟ ବିଜୁଳି ବିକ୍ରି ପାଇଁ ୧୫ ହଜାର ୧୬୧ କୋଟି ଟଙ୍କା ରାଜସ୍ୱ ଆଦାୟ କରିବ ବୋଲି ପ୍ରସ୍ତାବ ରଖିଛି। ବର୍ତ୍ତମାନ ବିଜୁଳି ୟୁନିଟ ପିଛା ଗ୍ରାହକଙ୍କଠାରୁ ଆବଣ୍ଟନ କମ୍ପାନୀମାନେ ୩ ଟଙ୍କା ୩୦ ପଇସା ହିସାବରେ ଆଦାୟ କରୁଛନ୍ତି। ଯଦି ଗ୍ରୀଡ଼କୋର ପ୍ରସ୍ତାବିତ ଶୁଳ୍କକୁ ଗ୍ରହଣ କରାଯାଏ, ତେବେ ୟୁନିଟ ପିଛା ବିଜୁଳି ଶୁଳ୍କ ୫୮ ପଇସା ବୃଦ୍ଧି ପାଇବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ ବୋଲି ଓଡ଼ିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ ପକ୍ଷରୁ କୁହାଯାଇଛି। ଏହି ପ୍ରସ୍ତାବିତ ଶୁଳ୍କ ବୃଦ୍ଧି ଗ୍ରାହକଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହେବ ବୋଲି ମହାସଂଘ ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ ଓ ସମ୍ପାଦକ ରବି ବେହେରା କହିଛନ୍ତି।

ରାଜ୍ୟର ଏକ କୋଟି ବିଜୁଳି ଉପଭୋକ୍ତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ଗ୍ରୀଡ଼କୋର ପ୍ରସ୍ତାବିତ ବିଜୁଳି ଶୁଳ୍କ ଗ୍ରହଣୀୟ ନୁହେଁ। ଏହାର ପୁନର୍ବିଚାର କରିବାକୁ ଉପଭୋକ୍ତା ମହାସଂଘ ଦାବି ⮚ପୃଷ୍ଠା-୬

### ଶୁଭାଂଶୁ ଶୁକ୍ଳାଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

## ମହାକାଶ ବିଜ୍ଞାନ ପ୍ରତି ଆକୃଷ୍ଟ କରିବା ପ୍ରାଥମିକତା



**ଶିକ୍ଷା ବ୍ୟବସ୍ଥାରେ 'ମହାକାଶ ଗବେଷଣା'କୁ ସାମିଲ ନେଇ ଆଲୋଚନା**

**ନୂଆଦିଲ୍ଲୀ,୨୦।୧୨:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଭାରତର ମହାକାଶଚାରୀ ତଥା ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ (ଆଇଏସଏସ)କୁ ଯାତ୍ରା କରିଥିବା ଶୁଭାଂଶୁ ଶୁକ୍ଳାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାର ସମୟରେ ଶ୍ରୀ ପ୍ରଧାନ ଶୁଭାଂଶୁଙ୍କ ସାହସ ଓ ଦୁଃସାହସିକ ଯାତ୍ରାକୁ ପ୍ରଶଂସା କରିବା ସହ ତାଙ୍କୁ ଦେଶର କୋଟି କୋଟି ଯୁବପିଢ଼ି ପାଇଁ ଏକ ପ୍ରେରଣାର ଉତ୍ସ ବୋଲି ଅଭିହିତ କରିଛନ୍ତି। ଏହି ଅବସରରେ ମହାକାଶ ବିଜ୍ଞାନ ଓ ଗବେଷଣାକୁ କିଭଳି ଭାବେ ବିଦ୍ୟାଳୟ ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସାମିଲ କରାଯାଇପାରିବ, ⮚ପୃଷ୍ଠା-୬

# ଏସିପି ବ୍ରଦର୍ସଙ୍କ ବାରଣ୍ଡା ଦି' କଡ଼ା

### ଭାଇ ତୋତେ ମୋର ରହିଲା ରାଣ

### ବର୍ଦ୍ଧି ବଞ୍ଚେଇବୁ କର ପଣ




ହେଡିଂ ପଢ଼ିବା ପରେ ଏହା ଆପଣଙ୍କୁ କୌଣସି ଗୀତର ସଂଳାପ ଭଳି ଲାଗୁଥିବ। ଭଉଣୀ ଭାଇକୁ ଏହି ଗୀତ ଗାଇ ସବୁବେଳେ ତାକୁ ଘଷ୍ଟ ଘୋଡ଼େଇ ରଖିବା କଥା କହୁଥିବା ଫିଲ୍ମରେ ସାଧାରଣତଃ ଦେଖିଥିବେ। ଏଠି କିନ୍ତୁ କାହାଣୀ ପୂରା ଅଲଗା। ପୁଲିସ ବିଭାଗରେ ଜଣେ ଭାଇ ଏହି ଗୀତ ଗାଇ ଆଉ ଜଣେ ଭାଇକୁ ସୁରକ୍ଷା ଦେବା କଥା କହୁଥିବା ବେଳେ ଭୁବନେଶ୍ୱର ପୁଲିସ ୟୁପିଡିରେ ଏବେ ଦୁହିଙ୍କ ଅବସ୍ଥା ବାରଣ୍ଡା ଦି'କଡ଼ା ହୋଇଯାଇଛି। ହଁ ଆଜ୍ଞା! ଆମେ କହୁଛୁ ଖୋଦ ରାଜଧାନୀ କଥା। କମିଶନରେଟ ପୁଲିସରେ କାମ କରୁଥିବା ୨ ଭାଇଙ୍କୁ ନେଇ ଏବେ ଚର୍ଚ୍ଚା ଜୋରଦାର। ଭୁବନେଶ୍ୱରରେ ଏହି ଦୁଇ ଭାଇ ଏସିପି। ଜଣେ ଭାଇ ଏସିପି ଭାବେ ଦୀର୍ଘ ବର୍ଷ ଧରି କାମ କରୁଥିବା ବେଳେ ଆଉ ଜଣେ ରାଜଧାନୀକୁ କିଛି ବର୍ଷ ତଳେ ଆସି ଆଇଆଇସିରୁ ଏସିପି ବନିଛନ୍ତି। ରାଜଧାନୀର ପକେଟ ଗରମ କରିବାର ସର୍ବୋତ୍ତମ ଥାନାରେ ବାବୁଙ୍କ ପୋଷ୍ଟିଂ ହୋଇଥିଲା। ଆସୁ ଆସୁ ନିଜର ଅଯଥା ରୋବାବ୍ ଦେଖାଇ ବଦନାମ ବି ହୋଇଥିଲେ। କାରଣ ବାବୁଙ୍କ ହିରୋଗିରି ଛଡେଇ ଦେଇଥିଲେ ଅପରାଧୀ। ଘନ ଘନ ଲୁଟ୍, ଚୋରି ଆଇଆଇସିଙ୍କ ଛବି ଖରାପ କରିଥିଲା। ହତ୍ୟା ଉଦ୍ୟମ, ଅପହରଣ ଆଦି ଘଟଣା ସାର୍‌ଙ୍କ ପାରିବାପଣିଆକୁ ପଦାରେ ପକାଇଥିଲା। ସେପଟେ ବିଭିନ୍ନ ପ୍ରସେସନ ବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଦଙ୍ଗା ହେବା ଭଳି ପରିସ୍ଥିତି ଉପୁଜିବା ଓ କିଛି ଦଲାଲ୍‌ଙ୍କୁ ନିଜ ରୁମରେ ବସାଇ ଭିଆଇପି ଟ୍ରିଟମେଣ୍ଟ କରିବା ⮚ପୃଷ୍ଠା-୬

## ବିଶ୍ୱଭୂଷଣ ହରିଚନ୍ଦନ ଅସୁସ୍ଥ



**ଭୁବନେଶ୍ୱର,୨୦।୧୨ (ସଂଚାର ବ୍ୟୁରୋ):** ଅସୁସ୍ଥତା ଯୋଗୁଁ ପୁଣି ଥରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ଆନ୍ଧ୍ର ପ୍ରଦେଶର ପୂର୍ବତନ ରାଜ୍ୟପାଳ ତଥା ବରିଷ୍ଠ ରାଜନେତା ବିଶ୍ୱଭୂଷଣ ହରିଚନ୍ଦନ। ଆଜି ରାତି ପ୍ରାୟ ସାଢ଼େ ୧୦ଟା ବେଳେ ତାଙ୍କୁ ଏଠାକାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହା ପୂର୍ବରୁ ସେ କିଛି ଦିନ ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବୟସାଧିକଜନିତ ଅସୁସ୍ଥତା ପାଇଁ ତାଙ୍କୁ ଆଜି ହସ୍ପିଟାଲ ନିଆଯାଇଥିବା ଜଣାପଡ଼ିଛି। ତାଙ୍କୁ ପୁଅ ତଥା ରାଜ୍ୟ ଆଇନ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ହସ୍ପିଟାଲ ନେଇଥିଲେ। ୯୧ ବର୍ଷୀୟ ଏହି ରାଜନେତା ରାଜ୍ୟ ବିଜେପିର ଏକ ପ୍ରମୁଖ ଚେହେରା ଭାବେ ପରିଚିତ। ୧୯୭୧ରେ ଜନସଂଘରେ ଯୋଗଦେଇ ସେ ଧିରେ ଧିରେ ଏହାର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ହୋଇଥିଲେ। ପେସାରେ ଜଣେ ଆଇନଜୀବୀ ହୋଇଥିଲେ ମଧ୍ୟ ରାଜନୀତି ଓ ⮚ପୃଷ୍ଠା-୬

# ରାଜନୀତି ପ୍ରତି ଆଉ ନାହିଁ ନବୀନଙ୍କ ଆଗ୍ରହ

- ପୂର୍ବରୁ ସଭାପତି ନିଜେ ଲେଖୁଥିଲେ ଚିଠି
- ଏବେ ରହୁଛି ଦେବୀ ମିଶ୍ରଙ୍କ ଦସ୍ତଖତ


Sankha Bhawan
Plot No. 798, Unit - VI
Bhubaneswar - 751001, Odisha
Ph : 0674-2393464, 2395979
email : bijujanatadal@gmail.com
BJD
BIJU JANATA DAL

Sankha Bhawan
Plot No. 798, Unit - VI
Bhubaneswar - 751001, Odisha
Ph : 0674-2393464, 2395979
email : bijujanatadal@gmail.com
BJD
BIJU JANATA DAL

**ଭୁବନେଶ୍ୱର,୨୦।୧୨ (ସଂଚାର ବ୍ୟୁରୋ):** ବିଜେଡି, ଏହାର ନେତା ଓ କର୍ମୀଙ୍କ ପ୍ରତି ଆଉ ନବୀନ ପଟ୍ଟନାୟକଙ୍କ ଆଗ୍ରହ ନଥିଲା ଭଳି ଲାଗୁଛି। ଗତି କିଛି ଦିନ ଧରି ଯେଉଁ ଦଳର ସଭାପତି ଭାବେ ସେ ବିଭିନ୍ନ ଅଞ୍ଚଳର ଲୋକଙ୍କ ସହ ଯେଉଁ ଆଲୋଚନା କରୁଛନ୍ତି, ତାହା ଏକ ଚିରାଚରିତ ଲୋକଦେଖାଣିଆ ପ୍ରକ୍ରିୟା ଭଳି ଲାଗୁଛି। କାରଣ ବିଜେଡି ପ୍ରତିଷ୍ଠା ଦିବସ ହେଉ ବି ବିଜୁ ବାବୁଙ୍କ ଜନ୍ମ ଜୟନ୍ତି ନିଜେ ନବୀନ ଦଳର ସବୁ ସାଂସଦ, ବିଧାୟକ ଓ କର୍ମୀଙ୍କୁ ଖୋଲା ଚିଠି ଲେଖୁଥିଲେ। ଏବେ ଧିରେ ଧିରେ ଏ କ୍ଷେତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ନବୀନଙ୍କ ବଦଳରେ ମୁଖ୍ୟାଳୟର ବରିଷ୍ଠ ଉପସଭାପତି ଦେବୀ ମିଶ୍ର ଚିଠି ଲେଖୁଛନ୍ତି। ବୋଧହୁଏ ଏହା ହିଁ ବିଜେଡି ପ୍ରତି କର୍ମୀ ଧିରେ ଧିରେ ବିମୁଖ ହେବାର ଅନ୍ୟତମ କାରଣ ବୋଲି ଚର୍ଚ୍ଚା ହେଉଛି।

ଗତ ସାଧାରଣ ନିର୍ବାଚନରେ ବିଜେଡି ହାରିଯିବା ପରେ ଦଳରେ ସବୁପ୍ରକାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ସଭାପତିଙ୍କ ପ୍ରତି ନେତା ଓ କର୍ମୀଙ୍କ ଭରସା ତୁଟୁଛି। ପୂର୍ବପରି ନବୀନ ପୁଣି ଥରେ ନେତାଙ୍କଠାରୁ ଦୂରେଇ ଯାଉଛନ୍ତି। କିଛି ହାତଗଣତି ନେତାଙ୍କୁ ⮚ପୃଷ୍ଠା-୬



## କାନ ଡେରିଆ

ଚାଷୀଙ୍କ ଦୁଃଖ
କେହି ଶୁଣିବେନି
ସବୁ ଅଟନ୍ତି ରାବଣ
କଂଗ୍ରେସ, ବିଜେପି,
ବିଜେଡି ଦଳରେ
କେହି ନୁହେଁ ଭଗବାନ
କରିଛନ୍ତି ବୋଧେ ପଣ...
ଯାହା ଦାନାଖାଇ ନେତା
ବୋଲାଉଛ
ତା' ଆତ୍ମା କାନ୍ଦୁଛି ଜାଣ।

■ ଦେବାଶିଷ

# ବିଜେଡିକୁ ଗୋଡ଼ାଇଲାଣି ନୂଆ ଦଳ ଭୂତ

### ଜିଲ୍ଲାରୁ ଡକରା ହେଉଛନ୍ତି ନେତା

### ଲୁଚାଛପା ଭୋଜି ଉପରେ ନଜର



**ଭୁବନେଶ୍ୱର,୨୦।୧୨ (ସଂଚାର ବ୍ୟୁରୋ):** ବିଜେଡିକୁ ଏବେ ନୂଆ ଦଳ ଭୂତ ଗୋଡାଇବା ଆରମ୍ଭ କରିଛି। କାଳେ କିଏ ନୂଆ ଦଳ ମୁହାଁ ହେବ ସେଥିପାଇଁ ଆରମ୍ଭ ହୋଇଛି ଅଭିଯାନ। ଜିଲ୍ଲାରୁ ସ୍ତରରୁ ନେତାଙ୍କୁ ରାଜଧାନୀ ଅଣାଯାଉଥିବାବେଳେ ରାଜଧାନୀରେ ଚାଲିଥିବା ଲୁଚା ଛପା ଭୋଜିଭାତ ଉପରେ ବି ନଜର ରଖାଯାଇଛି।

ବିଜେଡିରେ ଏବେ ଗୋଷ୍ଠି କନ୍ଦଳ ତୀବ୍ର। ବିଶେଷକରି ନୂଆପଡା ଉପନିର୍ବାଚନରେ ଦଳ ଲଜ୍ଜାଜନକ ପରାଜୟ ବରଣ କରିବାପରେ ଏହା ଜୋର ଧରିଛି। ଦଳ ଭିତରେ ଏବେ କେହି କାହାରିକୁ ମାନିବା ସ୍ଥିତିରେ ନାହାନ୍ତି। ଗୋଟିଏ ଗୋଷ୍ଠି ନିର୍ବାଚନ ପରାଜୟର ସମୀକ୍ଷାପାଇଁ ଦାବି କରୁଥିବା ବେଳେ ଆଉ ଗୋଟିଏ ଗୋଷ୍ଠି କୌଣସି ପ୍ରକାରେ ଏହାକୁ ଟାଳିବାକୁ ଲାଗିପଡିଛନ୍ତି। କାରଣ ନିର୍ବାଚନରେ ମାମଲତକାର ସାଜିଥିବା ଓ ମୋଟା ଅଙ୍କର ଟଙ୍କା ନେଇ ନୂଆପଡାରେ ଡେରା ପକାଇଥିବା ମାମଲତକାରମାନେ ଭଲଭାବେ ଜାଣିଛନ୍ତି ଯେ ନିର୍ବଚନୀ ପରାଜୟର ସମୀକ୍ଷା ହେଲେ ସୋମନଙ୍କ ଗୁମର ଖୋଲିଯିବ। ଏଣେ ରାଜଧାନୀରେ ପୁଣିଥରେ ବିଜୁ ଲିଗାସୀ କୁହାଯାଉଥିବା କିଛି ହାରୁ ନେତାଙ୍କର ଘନ ଘନ ବୈଠକ ବସିବା ଆରମ୍ଭ କରିଛି।

ଅନ୍ୟ ପକ୍ଷରେ ରାଜ୍ୟରେ ନୂଆ ଆଞ୍ଚଳିକ ଦଳ ଗଠନ ପାଇଁ ମୋକିମ ଅଣ୍ଟା ଭିଡିଥିବାବେଳେ ବିଜୟ ମହାପାତ୍ର, ଅମର ଶତପଥୀଙ୍କ ଭଳି ବରିଷ୍ଠ ନେତା ସେଥିରେ ମୁଣ୍ଡ ଖେଳାଉଥିବା ନେଇ ଆଲୋଚନା ଚାଲିଛି। ମୋକିମ-ବିଜୟ ଭେଟଘାଟ ପରେ ଏହି ଚର୍ଚ୍ଚା ଆହୁରି ଜୋର ହୋଇଛି। ଯଦି ନୂଆବର୍ଷରେ ନୂଆ ଦଳ ଗଠନ ହେଲା ତେବେ ବିଜେଡିରେ ଅସନ୍ତୁଷ୍ଟ ଥିବା ବହୁ ନେତା ସେଥିରେ ସାମିଲ ହେବାର ସୂଚନା ବି ମିଳୁଛି। ଅବଶ୍ୟ ଏହି ତାଲିକାରେ କଂଗ୍ରେସ ଓ ବିଜେପିର କିଛି ଅସନ୍ତୁଷ୍ଟ ନେତାଙ୍କ ନାମ ବି ଚର୍ଚ୍ଚାରେ ରହିଛି।

ବିଜେଡି ନେତାଙ୍କୁ ଏକଜୁଟ କରିବାଲାଗି ଦଳ ପୁଣିଥରେ ତାହାର ପୁରୁଣା ଫର୍ମୁଲା ଆପଣେଇଛି। ସାଧାରଣ ନିର୍ବାଚନର ଦେଢ଼ବର୍ଷ ପରେ ପୁଣିଥରେ ବିଭିନ୍ନ ଜିଲ୍ଲାରୁ କର୍ମୀମାନଙ୍କୁ ଭୁବନେଶ୍ୱର ଆଣି ନବୀନଙ୍କ ସହିତ ସାକ୍ଷାତ କରାଯାଉଛି। ଇତି ମଧ୍ୟରେ ନୂଆପଡା ଓ ହିଞ୍ଜିଳି ନିର୍ବାଚନମଣ୍ଡଳୀର ବିଭିନ୍ନ ନେତାଙ୍କୁ ଭୁବନେଶ୍ୱର ଅଣାଯାଇଥିବାବେଳେ ଆଗକୁ ଅନ୍ୟ ଜିଲ୍ଲାରୁ ନେତାଙ୍କୁ ଅଣାଯିବାର ସୂଚନା ମିଳୁଛି। ଏହାଦ୍ୱାରା ଦଳ ଗୋଟିଏ ଗୁଳିରେ ଦୁଇଟି କରିବା ମତଲବରେ ଥିବା ଚର୍ଚ୍ଚା ହେଉଛି। ⮚ପୃଷ୍ଠା-୬

### ଟ୍ରିବ୍ୟୁନାଲରେ ମହାନଦୀ ଜଳ ବିବାଦ ମାମଲା

## ଚାଲିଛି ଆପୋଷ ବୁଝାମଣା

● ସ୍ପଷ୍ଟ କଲେ ଓଡ଼ିଶା ଏଜି



**ନୂଆଦିଲ୍ଲୀ,୨୦।୧୨ (ସଂଚାର ବ୍ୟୁରୋ):** ମହାନଦୀ ଜଳ ବିବାଦକୁ ନେଇ ଆଜି ଟ୍ରିବୁନାଲରେ ଶୁଣାଣି ହୋଇଛି। ଏବେ ପର୍ଯ୍ୟନ୍ତ ମହାନଦୀ ଜଳ ବିବାଦକୁ ନେଇ ଛତିଶଗଡ଼ ଓ ଓଡ଼ିଶା ଭିତରେ ହୋଇଥିବା ଆଲୋଚନା ବିଷୟରେ ଟ୍ରିବ୍ୟୁନାଲକୁ ଅବଗତ କରିଛନ୍ତି ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ। ସେ କହିଛନ୍ତି ଯେ ଉଭୟ ରାଜ୍ୟରେ ଜଳ ଆବଣ୍ଟନକୁ ସୁବ୍ୟବସ୍ଥା କରିବାକୁ ଦୁଇ ରାଜ୍ୟ ଆପୋଷ ଆଲୋଚନା ଜାରି ରଖିଛନ୍ତି। ବୁଝାମଣା ମାଧ୍ୟମରେ ସମାଧାନର ବାଟ ଫିଟୁଛି ବୋଲି ସେ ଟ୍ରିବ୍ୟୁନାଲକୁ ଅବଗତ ⮚ପୃଷ୍ଠା-୬

## ଚୋରାମଦ ଜବତ, ୪ ଗିରଫ



**କେନ୍ଦ୍ରାପଡ଼ା,୨୦।୧୨(ସଂଚାର ବ୍ୟୁରୋ):** ଏକ ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଡେରାବିଶ ଓ ପଟ୍ଟାମୁଣ୍ଡାଇ ଗ୍ରାମାଳ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବେଲାଡ଼ପୁର ଗ୍ରାମର ବଳରାମ ସାହୁ (୪୨)ଙ୍କ ଠାରୁ ୨୯ ଲିଟର ଦେଶୀ ମଦ, ଓଲଢି ଚାଟରାକଡା ଗ୍ରାମର ଚିନ୍ମୟ ମହାନ୍ତି(୨୯)ଙ୍କ ଠାରୁ ୩୩ଲିଟର ବିଦେଶୀ ମଦ, ଘୁଣୁପୁର ଗ୍ରାମର ନକୁଳ ଜେନା(୩୧)ଙ୍କ ଠାରୁ ୩୪ ଲିଟର ଦେଶୀ ମଦ, କଣସାଆ ଗ୍ରାମର ରଜତ କୁମାର ଜେନା(୩୯)ଙ୍କ ଠାରୁ ୨୫ ଲିଟର ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୧୨୧ ଲିଟର ଦେଶୀ ଓ ବିଦେଶୀ ଚୋରାମଦ ଜବତ କରାଯାଇ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଛାୟାକାନ୍ତ ନାୟକ, ସହକାରୀ ଉପ ନିରୀକ୍ଷକ ଜଗନ୍ନାଥ ବେସ୍ରା, ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଲିକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

# ଦୁର୍ନୀତିର ଚରମ ସୀମାରେ ଆଜି ତଟବନ୍ଧ ବିଭାଗ

**ରାଧେ ରାଧେରେ ଚାଲିଛି ସବୁ କାର୍ଯ୍ୟ**

**ଅଧିକାରୀ ସାଜିଛନ୍ତି ଠିକାଦାର**

**କଳା ଟଙ୍କାର ପାହାଡ଼ରେ ବିଭାଗ**




**ଆଲି,୨୦।୧୨(ସଂଚାର ବ୍ୟୁରୋ):** ଆଲି ତଟବନ୍ଧ ବିଭାଗ ଅଧିନରେ ଆଲି ଅଞ୍ଚଳ ଅନେକ ଜାଗାରେ ବିଭାଗ କୋଟି କୋଟି ଟଙ୍କା କାର୍ଯ୍ୟ କରୁଥିବା ବେଳେ ଏମିତିକି ସବୁ କାର୍ଯ୍ୟ ନିମ୍ନମାନର କରି ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। କୋଉଠି ପଥର କାମରେ ନିମ୍ନମାନ ତ କୋଉଠି ରାସ୍ତା କାମରେ ଦୁର୍ନୀତି। ସବୁଠି ଦୁର୍ନୀତି ଅଭିଯୋଗ। ଏମିତିକି ବାଡ଼ ଫସଲ ଖାଉଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। କାର୍ଯ୍ୟ ନିମ୍ନମାନର ହୋଉଥିବା ଅଭିଯୋଗ ହେଲେ ସତ୍ତ୍ୱେ ପୁରା ବିଭାଗ ନିରବଦ୍ରଷ୍ଟା ସାଜିଥାଏ।

ସୂଚନା ଅନୁଯାଇ ଉପରୁ ତଳ ପର୍ଯ୍ୟନ୍ତ ମୋଟା ଆକାରରେ ପଣ ପହଞ୍ଚ ଥାଏ। ଯାହା ଫଳରେ ସାଧାରଣ ଲୋକଙ୍କ ଟିକସ ପାଣିରେ ପଡ଼ୁଥିବା ସହ କୋଟି କୋଟି ଟଙ୍କାର କାର୍ଯ୍ୟ ଯନ୍ତ୍ରୀ ଓ ଠିକାଦାର ହଡ଼ପ କରି କଳା ଟଙ୍କାର ପାହାଡ଼ରେ ବସିଛନ୍ତି। ସବୁଠୁ ବଡ କଥା ହେଲା ଏଠି ବିଭାଗର ଯନ୍ତ୍ରୀ ଠିକାଦାର ସାଜି ରାଧେ ରାଧେରେ କାର୍ଯ୍ୟ କରୁଥିବା କିଛି ଠିକାଦାର ତାଙ୍କର ନାମ ଗୋପନରେ କହିଛନ୍ତି। ଆହୁରି କହିଛନ୍ତି ଏବେ ଠିକାଦାର ହୋଇଛନ୍ତି ନାମକୁ ମାତ୍ର ଅସଲି ଠିକାଦାର ହୋଇଛନ୍ତି ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଓ ପୁରା ବିଭାଗ। ଯାହା ଫଳରେ ନିମ୍ନମାନର କାର୍ଯ୍ୟ ଅଭିଯୋଗ ହେଲେବି ତଦନ୍ତ ତାହା ହୁଏ ନାହିଁକି କେବେ କାର୍ଯ୍ୟ ହୋଉଥିବା ସ୍ଥଳକୁ ଯାଇ ତଦାରଖ କରାଯାଏ ନାହିଁ। ସତେ ଯେମିତି ବିଭାଗକୁ ଅଙ୍କୁଶ ଲଗାଇବାରେ ବିଫଳ ହୋଇଛି କି ସରକାର।

ଅନ୍ୟପଟେ ସାର ରାଜ୍ୟରେ ଅଧିକାରୀ ଓ ଯନ୍ତ୍ରୀଙ୍କ ଉପରେ ଭିଜିଲାନ୍ସ ଛାଟ ବାଜୁଥିବା ବେଳେ ଏଠି କଳା ଟଙ୍କାର ପାହାଡ଼ରେ ବସିଥିବା ଅଧିକାରୀ ଉପରେ କାର୍ଯ୍ୟ ଅନୁଷ୍ଠାନ ନେବାର ଆବଶ୍ୟକ ହୋଇପଡିଛି ବୋଲି ସାଧାରଣ ଲୋକେ କହିଛନ୍ତି।

## ଜଳିଗଲା ଧାନ କ୍ଷେତ



**ନିଶ୍ଚିନ୍ତକୋଇଲି,୨୦।୧୨(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ସରପଦା ପଞ୍ଚାୟତ ବଡଆକାଶ ଗ୍ରାମର ନିରଞ୍ଜନ ମହାନ୍ତିଙ୍କର ପାଚିଲା ଧାନ କ୍ଷେତରେ ଅଗ୍ନିକାଣ୍ଡ ଘଟି ହାରାହାରି ୪ ଗୁଣ୍ଠ ଧାନ କ୍ଷେତ ସମ୍ପୂର୍ଣ୍ଣ ଜଳିଯାଇଛି। ଖଣ୍ଡସାହି ଗଛୀର ବିଲରେ ଅଗ୍ନିକାଣ୍ଡ ଘଟିଥିବାର ଜଣାଯାଇଛି। ଏହି କ୍ଷେତକୁ ଲାଗି ଅନ୍ୟ ଜଣେ ଚାଷୀଙ୍କ କ୍ଷେତ ରହିଥିବାରୁ ସେ ଧାନକଟା ମେସିନ ଦ୍ୱାରା ତାଙ୍କର ଧାନ କାଟିଥିଲେ। ଧାନ କଟାଯିବା ପରେ ସେହି କ୍ଷେତରେ କୁଟାକୁ ନଷ୍ଟ କରିବା ପାଇଁ ନିଆଁ ଲଗାଇଥିବାରୁ ଏହି ନିଆଁ ପାଖ ଧାନ କ୍ଷେତକୁ ବ୍ୟାପିଯାଇଥିଲା। ଫଳରେ କଟାଯାଇନଥିବା କ୍ଷେତରେ ନିଆଁ ଲାଗି ଯିବାରୁ ବହୁ ଧାନ ଫସଲ ପୋଡ଼ି ନଷ୍ଟ ହୋଇଥିବାର ଜଣାଯାଇଛି। ଉକ୍ତ ଘଟଣା ପରେ କ୍ଷତିଗ୍ରସ୍ତ ଚାଷୀ କିଭଳି କ୍ଷତିପୂରଣ ପାଇବ ସେ ନେଇ ଚିନ୍ତାରେ ପଡ଼ିଛନ୍ତି।

## ମନ୍ଦିରରୁ ଚୋରି, ଥାନାରେ ଏତଲା

**ପଟ୍ଟାମୁଣ୍ଡାଇ,୨୦।୧୨(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବେଲତଳ ଠାକୁରପାଟଣା ମା ଭବାନୀ ମନ୍ଦିରରୁ ଗତକାଲି ବିଳମ୍ବିତ ରାତିରେ ଚୋରୀ ହୋଇଛି । କିଛି ଅଜ୍ଞାତ ଦୁର୍ବୃତ୍ତ ମନ୍ଦିର ମଧ୍ୟରେ ପ୍ରବେଶ କରି ମା'ଙ୍କ ୩ଟି ରୁପା ମୁକୁଟ,୫ଟି ରୁପା ଚିତା ଲୁଟି ନେବା ସହିତ ଏକ ଲୁହା କଟୁରୀ ଓ ଦାନ ବାକ୍ସ ନେଇ ଯାଇଛନ୍ତି। ବେଲତଳ ଠାକୁରପାଟଣା ଗ୍ରାମବାସୀ ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଏତଲା ଦେଇଛନ୍ତି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଏକ ମୋକଦମା ରୁଜୁ କରି ଏହି ମାମଲାର ତଦନ୍ତ ଆରମ୍ଭ କରିଛି ।

## ବିଧାୟକଙ୍କ ଦ୍ୱାରା ରାସ୍ତା ଉନ୍ନତିକରଣ ଭିତ୍ତିପ୍ରସ୍ତର ସ୍ଥାପନ



**ନିଶ୍ଚିନ୍ତକୋଇଲି,୨୦।୧୨(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ କଟକ ସଦର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଜନାର୍ଦ୍ଦନପୁର ଠାରୁ ପୁରୁଣାପାରୀ ଭାୟା ଖଣ୍ଡଗିରି ରାସ୍ତାର ଉନ୍ନତିକରଣ ପାଇଁ ଆଜି ସଦର ବିଧାୟକ ଇଂ.ପ୍ରକାଶଚନ୍ଦ୍ର ସେଠୀ ଶୁଭ ଶିଳାନ୍ୟାସ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଏହି ରାସ୍ତାର ଉନ୍ନତିକରଣ କରାଯିବ ବୋଲି ଜଣାପଡ଼ିଛି।

ଭିତ୍ତିପ୍ରସ୍ତର ସ୍ଥାପନର ଫଳକରେ ଓଡ଼ିଶା ସରକାରଙ୍କ ଲୋଗୋ ଥାଇ ମୁଖ୍ୟଅତିଥି କଟକ ଲୋକସଭା ସାଂସଦ ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ଶ୍ରୀଯୁକ୍ତ ଇଂ.ପ୍ରକାଶ ଚନ୍ଦ୍ର ସେଠୀ, ସରପଞ୍ଚ ବିଶ୍ୱଭୂଷଣ ନାୟକ, ସମିତିସଭ୍ୟ ରଞ୍ଜନ କୁମାର ବେହେରାଙ୍କ ନାମ ଉଲ୍ଲେଖ କରାଯାଇଛି। ହେଲେ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ପାଇଁ ଠିକାଦାର କିଏ ଓ କେତେ ଅର୍ଥ ବ୍ୟୟ ଅଟକଳରେ ଏହି କାର୍ଯ୍ୟ କରାଯିବ ତାହାର କୌଣସି ବିବରଣୀ ସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶିତ କରାଯାଇନାହିଁ। ଯାହାକୁ ନେଇ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସାଧାରଣ ଜନତାଙ୍କୁ ଅନ୍ଧାରରେ ରଖି ଏଭଳି କାର୍ଯ୍ୟ କରାଯାଉଛି ବୋଲି ଚର୍ଚ୍ଚା ହେଉଛି।

**ପ୍ରଦର୍ଶିତ ହେଉନି ବ୍ୟୟ ଅଟକଳ**

ବ୍ୟୟ ଅଟକଳର ମୂଲ୍ୟ ଓ ଠିକାଦାର କିଏ ତାହା ପ୍ରଦର୍ଶିତ କରାଗଲେ କାର୍ଯ୍ୟରେ ହେବାକୁ ଥିବା ଅର୍ଥ ହେରାଫେରୀର ଗୁମର ଫିଟିଯିବ ବୋଲି ସୂଚନାଫଳରେ ଏ ସବୁର ତଥ୍ୟ ପ୍ରଦର୍ଶିତ କରାଯାଉନାହିଁ ବୋଲି ବର୍ତ୍ତମାନ ଆଲୋଚନାର ବିଷୟ ପାଲଟିଛି।

## ଏସୟୁଜେ ପକ୍ଷରୁ ସମାଜସେବୀ କୃଷ୍ଣଚନ୍ଦ୍ର ସମ୍ବର୍ଦ୍ଧିତ




**କେନ୍ଦ୍ରାପଡା,୨୦।୧୨(ସଂଚାର ବ୍ୟୁରୋ):** ଏସୟୁଜେ ସାମ୍ବାଦିକ ସଙ୍ଘର ବାର୍ଷିକୋତ୍ସବ କେନ୍ଦ୍ରାପଡା ଜିଲ୍ଲା ପ୍ରାନ୍ତୀୟ ସାମ୍ବାଦିକ ସମାବେଶ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଚାନ୍ଦୋଳ ସ୍ଥିତ ଆଦିଶ୍ରୀ ମଣ୍ଡପ ପରିସରରେ ଆଳିର ସମାଜସେବୀ କୃଷ୍ଣଚନ୍ଦ୍ର ବାରିକଙ୍କୁ ଭୂମିପୁତ୍ର ସମ୍ମାନରେ ସମ୍ମାନୀତ କରିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା।କୃଷ୍ଣଚନ୍ଦ୍ର ପେସାରେ ଜଣେ କ୍ଷୁଦ୍ର ବ୍ୟବସାୟୀ ହୋଇଥିଲେ ହିଁ ନିଶାତାଙ୍କର ସମାଜ ସେବା। ରୋଗରେ ପୀଡିତ ଲୋକ ମାନଙ୍କୁ ଡାକ୍ତର ଖାନା ନେଇ ସେବା କରିବା ହେଉ କି ଅସହାୟ ମାନଙ୍କୁ ସହାୟତାର ହାତ ବଢ଼ାଇବା ହେଉ।ଆହୁରି ମଧ୍ୟ ପଶୁ ପକ୍ଷୀ ପ୍ରିୟ ଖରାଦିନେ ଗଛରେ ଠେକି ବାନ୍ଧି ପ୍ରତିଦିନ ପାଣି ଭରି ତୃଷା ମେଣ୍ଟାଇବା ପରି ସେବା ପ୍ରଦାନ କରି ଚର୍ଚ୍ଚା ଥାନ୍ତି କୃଷ୍ଣଚନ୍ଦ୍ର। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ବରିଷ୍ଠ ନେତା ବିଜୟ ମହାପାତ୍ର ମୁଖ୍ୟ ବକ୍ତା କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ସମେତ ବରିଷ୍ଠ ସାମ୍ବାଦିକ ନବୀନ ଦାସ ପ୍ରମୁଖ ଯୋଗ ଦେଇ ଆଜିର ସାମ୍ବାଦିକତା ଉପରେ ଆଲୋକପାତ କରିଥିଲେ। ଏଭଳି ବଦାନ୍ୟତା ପାଇଁ ଆଜିର ଏହି ପ୍ରାନ୍ତୀୟ ସାମ୍ବାଦିକ ସମାବେଶରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାରୁ ସେ ପ୍ରୟୋଜକ ଏବଂ ସମସ୍ତ ସାମ୍ବାଦିକ ବନ୍ଧୁ ମାନଙ୍କୁ କୃତଜ୍ଞତା ଜଣାଇବା ସହିତ ବେଶ ଆନନ୍ଦ ଅନୁଭବ କରିଛନ୍ତି।

## କୁଜଙ୍ଗ ତହସିଲଦାରଙ୍କୁ ଆକ୍ରମଣ



**ପାରାଦୀପ,୨୦।୧୨(ସଂଚାର ବ୍ୟୁରୋ):** ଗୋଚର ଜମିକୁ ରକ୍ଷା କରିବାକୁ ଯାଇଥିବା କୁଜଙ୍ଗ ତହସିଲଦାରଙ୍କୁ ଅଟକାଇ ଧକ୍କା ମାରିଲେ ଉତ୍ତ୍ୟକ୍ତ ଲୋକ। ଏଭଳି ଘଟଣା ଘଟିଛି ପାରାଦୀପ ଉପକଣ୍ଠ ନିମିଢି ଗ୍ରାମରେ। ଗ୍ରାମରେ ଥିବା ଖାତା ନମ୍ବର ୨୩୧ ପ୍ଲଟ ନମ୍ବର ୧୧୯ ଓ ୧୨୨ର ମୋଟ ୯୭ ଡିସିମିଲ ଜାଗା ବିକ୍ରି କରାଯାଇଥିବା ଅଭିଯୋଗ ପରେ ଆଜି ସେଠାକୁ ଯାଇଥିଲେ କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା। ଘଟଣାସ୍ଥଳରେ କିଛି ଲୋକ ଏହି ଗୋଚର ଜମିକୁ ବାଡ ବୁଜି ପାଲ ଘେରାଉ କରି ରଖିଥିବା ଦେଖି ଉଚ୍ଛେଦ କରିବାକୁ ଜେସିବି ମେସିନ ଡାକିଥିଲେ ତହସିଲଦାର। ଏହାପରେ ଆରମ୍ଭ ହୋଇଥିଲା ଅସଲ ଉତ୍ତେଜନା। ଗ୍ରାମର କିଛି ଲୋକ ଅନ୍ୟ ଲୋକ ମାନଙ୍କୁ ସଙ୍ଗଠିତ କରି ତହସିଲଦାରଙ୍କ ଗାଡିକୁ ଅଟକାଇବା, ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଓ ଧକ୍କା ମାରିବାକୁ ମଧ ପଛାଇନଥିଲେ ବୋଲି ତହସିଲଦାର ପ୍ରକାଶ କରିଛନ୍ତି। ଏହାପରେ ତହସିଲଦାର ସ୍ଥାନୀୟ ଲକ ଥାନା ପୁଲିସକୁ ଖବର ଦେବାପରେ ପୁଲିସ ସେଠାରେ ପହଂଚି ତାଙ୍କୁ ଉଦ୍ଧାର କରିଥିଲା।

## ରାଜ୍ୟ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ




**ଡେରାବିଶ,୨୦।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଚାନ୍ଦୋଳ ସ୍ଥିତ ଆଦିଶ୍ରୀ ମଣ୍ଡପରେ ଷ୍ଟେଟ ୟୁନିଅନ ଅଫ ଜର୍ଣାଲିଷ୍ଟ, କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ପକ୍ଷରୁ ବାର୍ଷିକ ଉତ୍ସବ ସହ ପ୍ରାନ୍ତୀୟ ସାମ୍ବାଦିକ ସମାବେଶ–୨୦୨୫ ଉତ୍ସାହ ଓ ଉତ୍କଣ୍ଠାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଜିଲ୍ଲା ସଭାପତିଙ୍କ ସଭାପତିତ୍ୱରେ ରାଜ୍ୟ ସଭାପତି, ସମ୍ପାଦକ ମଣ୍ଡଳୀ ସଦସ୍ୟ ଓ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସାମ୍ବାଦିକ ମାନେ ଯୋଗଦେଇ ସାମ୍ବାଦିକତାର ଭୂମିକା, ସମସ୍ୟା, ଚ୍ୟାଲେଞ୍ଜ ଓ ଦାୟିତ୍ୱ ଉପରେ ଗଭୀର ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଶ୍ରୀ ଗଣେଶ୍ୱର ବେହେରା ଯୋଗଦେଇ ସାମ୍ବାଦିକ ମାନେ ସମାଜର ଚତୁର୍ଥ ସ୍ତମ୍ଭ ଭାବେ ସତ୍ୟନିଷ୍ଠ, ନିର୍ଭୀକ ଓ ଦାୟିତ୍ୱଶୀଳ ଭୂମିକା ନିର୍ବାହ କରିବା ଆବଶ୍ୟକ ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବେ ଶ୍ରୀ ବିଜୟ ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ଶ୍ରୀ ନବୀନ ଦାସ ସାମ୍ବାଦିକତାରେ ନୀତିଗତ ମୂଲ୍ୟବୋଧ, ନିଷ୍ପକ୍ଷତା ଓ ସାଧାରଣ ଲୋକଙ୍କ ସ୍ୱାର୍ଥ ସୁରକ୍ଷା ମାଧ୍ୟମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମାବେଶ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର କିଛି ବରିଷ୍ଠ ସାମ୍ବାଦିକ, ସମାଜସେବୀ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ସାମ୍ବାଦିକମାନଙ୍କ ମଧ୍ୟରେ ଆପସିକ ଆଲୋଚନା ଓ ଅନୁଭବ ବିନିମୟ ହୋଇ ସମାବେଶକୁ ଅଧିକ ଅର୍ଥପୂର୍ଣ୍ଣ କରିଥିଲା।ସମଗ୍ର କାର୍ଯ୍ୟକ୍ରମ ସୁଚାରୁ ଓ ସଫଳ ଭାବେ ସମ୍ପନ୍ନ ହୋଇଥିବାରୁ ଆୟୋଜକ ମଣ୍ଡଳୀ ସନ୍ତୋଷ ପ୍ରକାଶ କରିଥିବା ସହ ଭବିଷ୍ୟତରେ ଏପରି ସାମ୍ବାଦିକ ସମାବେଶ ଆହୁରି ସୁଦୃଢ଼ ସାମ୍ବାଦିକତା ଗଠନରେ ସହାୟକ ହେବ ବୋଲି ଆଶା ବ୍ୟକ୍ତ କରିଛନ୍ତି।

## ସାମ୍ବାଦିକଙ୍କୁ ଆକ୍ରମଣ

**ମହାକାଳପଡ଼ା,୨୦।୧୨ (ସଂଚାର ବ୍ୟୁରୋ):** ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ। ପ୍ରଶାସନ ଉପସ୍ଥିତିରେ ମାଡ ଅଭିଯୋଗ। ମହାକାଳପଡା ବ୍ଲକ ପେଟଛେଲା ଅଞ୍ଚଳରେ ଏକ ଜମିଜମା ମାମଲା ନେଇ ସମସ୍ୟା ଉପୁଜିଥିଲା। ସେଠାରେ ଖବର ସଂଗ୍ରହ କରୁଥିବା ସମୟରେ ପୂର୍ବ ଯୋଜନା



ମୁତାବକ ୱେବ ଚ୍ୟାନେଲ 'କଳିଙ୍ଗ ପୁତ୍ର'ର ରିପୋର୍ଟର ରାମନଗର ଗ୍ରାମର ନିର୍ଭିକ ସାମ୍ବାଦିକ ରାଜୁ ଦାସଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ଆକ୍ରମଣ କରିବା ସହିତ ମୋବାଇଲ, ବୁମ୍ ଓ ପିନ୍ଧିଥିବା ସୁନା ଚେନ କିଛି ଦୁର୍ବୃତ୍ତ ଛଡ଼ାଇ ନେଇଛନ୍ତି। ଏ ନେଇ ଅଭିଯୋଗ କଲେ ଜୀବନରୁ ମାରିଦେବାକୁ ସେମାନେ ଧମକ ଦେଇଥିବା ଜମ୍ବୁ ସାମୁଦ୍ରିକ ଥାନାରେ ଅଭିଯୋଗ କରିଛନ୍ତି ରାଜୁ। ଗୋଖାଖଟି ଗ୍ରାମର ବିଚିତ୍ର ସ୍ୱାଇଁ ଓ ପ୍ରଶାନ୍ତ ସାହାଣୀଙ୍କ ସହିତ ଅନ୍ୟ ଦୁଇ ଜଣ ମରଣାନ୍ତକ ଆକ୍ରମଣ କରିଥିବା ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଅବଗତ କରିଛନ୍ତି।

## ସିଏମ କିଷାନ ସଚେତନତା ରଥ ପରିକ୍ରମା



**ମାର୍ଶାଘାଇ,୨୦।୧୨(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସିଏମ କିଷାନ ଯୋଜନାରେ ନୂଆ ହିତାଧିକାରୀ ସାମିଲ ହେବା ନେଇ ଏକ ସଚେତନତା ରଥ ଶନିବାର ମାର୍ଶାଘାଇ ବ୍ଲକ ଅଞ୍ଚଳରେ ପରିକ୍ରମା କରିଥିଲା । ଏହି ଅବସରରେ ମାର୍ଶାଘାଇ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଭାଗବତ ବେହେରା,ସମିତି ସଭ୍ୟ ପ୍ରସନ୍ନ କୁମାର ସାହୁ,ପଞ୍ଚାୟତ ସମିତିର ପୂର୍ବତନ ଉପାଧକ୍ଷ ଉପେନ୍ଦ୍ର ବେହେରା, ଗୋବର୍ଦ୍ଧନ ସାହୁ, କୃଷକସାଥି ବିନୋଦ କୁମାର ଦାସ, ତ୍ରିଲୋଚନ ଜେନା,ପ୍ରମୁଖ ଉପସ୍ଥିତ ଥିଲେ । ବ୍ଲକ ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ କୁମାର ଘୋଷ ଏବଂ ଗ୍ରାମ କୃଷି କର୍ମଚାରୀ ରାଜୀବ ଲୋଚନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଆତ୍ମା କର୍ମଚାରୀ ସରୋଜ ସ୍ୱାଇଁ ସହଯୋଗ କରିଥିଲେ ।

## ବିବାହ କରାଇବାକୁ ଡାକିଲେ, ପିଟିପିଟି ମାରିଦେଲେ



**ସାଲେପୁର,୨୦।୧୨(ସଂଚାର ବ୍ୟୁରୋ):** ଜଣେ ଯୁବକକୁ ବିବାହ କରାଇ ଦେବାକୁ ଡାକି ନେଇ ଘରେ ପିଟି ପିଟି ବେକରେ ଗାମୁଛା ବାନ୍ଧି ଗୁହାଳ ଘରେ ଟାଙ୍ଗି ଦେଇଥିବା ନେଇ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ ମିର୍ଜାପୁର ପଞ୍ଚାୟତ ଦେଉଳି ଗ୍ରାମର ମନୋଜ ଦାସଙ୍କ ପୁଅ ଅଶୋକ ଦାସ(୨୦) ବିଞ୍ଝାରପୁର ଥାନା ଅଧିନ ମଇଁଦା ଗ୍ରାମର କଇନ ଦାସଙ୍କ ପରିବାର ଲୋକେ ନିଜ ଘରକୁ ଡାକି ନେଇ ରାତିସାରା ଏକ କୋଠରୀ ମଧ୍ୟରେ ପୁରାଇ ତାକୁ ପିଟି ପିଟି ଗୁରୁତର ଆହତ କଲାପରେ ଏକ ଗାମୁଛାରେ ଅଶୋକର ବେକକୁ ବାନ୍ଧି ଗୁହାଳରେ ଟାଙ୍ଗି ଦେଇଥିବାର ଅଶୋକ ପରିବାର ଲୋକେ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ପ୍ରକାଶ ଯେ କଇନ ଦାସଙ୍କ ଝିଅ ସାଲେପୁର ଥାନା ଅଧିନ ଦେଉଳି ଗ୍ରାମର ଜନୈକ ଯୁବକକୁ ବିବାହ କରିଥିଲେ। କିଛି ଦିନ ପରେ ଅଶୋକ ସହ କଇନଙ୍କ ଝିଅ ମଧ୍ୟରେ ପ୍ରେମ ସମ୍ପର୍କରେ ସୃଷ୍ଟି ହେବାରୁ କଇନ ଝିଅର ଶାଶୁଘର ଏସବୁ ଜାଣିବାପରେ ବୋହୂକୁ ତା'ର ବାପଘର ବିଞ୍ଝାରପୁରକୁ ପଠାଇ ଦେଇଥିଲେ। ହଠାତ୍ ଗୁରୁବାର ଦିନ ଅଶୋକ ଦାସ ଭୁବନେଶ୍ୱରରେ କାମ କରୁଥିବାବେଳେ ତାଙ୍କୁ ଫୋନ୍ ଯୋଗେ ବିଞ୍ଝାରପୁର ମଇଁଦା ଗ୍ରାମକୁ କଇନ ଦାସ ତାଙ୍କ ଝିଅ ସହ ବିବାହ କରାଇଦେବାପାଇଁ ଡାକିଥିଲେ।

## ଶ୍ରୀଶ୍ରୀ ସିଦ୍ଧ ବଳଦେବଜୀଉ ମଣ୍ଡଳର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

**କେନ୍ଦ୍ରାପଡ଼ା, ୨୦।୧୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସହରର ତିନିମୁହାଣୀସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଗାୟକ ରମାକାନ୍ତ ପଣ୍ଡାଙ୍କ ପୌରହିତ୍ୟରେ ଶ୍ରୀ ଶ୍ରୀ ନିଳାଚଳ ନିଖିଳଉତ୍କଳ ପାଲାଗାୟକ ପରିଷଦର ଶାଖା ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ମଣ୍ଡଳର ନବ ନିର୍ବାଚିତ କର୍ମକର୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ଡେରାବିଶ, କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ବ୍ଲକକୁ ନେଇ ଗଠିତ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ମଣ୍ଡଳର ଉପଦେଷ୍ଟା ଭାବେ ପାଲାଗାୟକ ଚିନ୍ମୟ ଦାଶ, ରମାକାନ୍ତ ପଣ୍ଡା, ପ୍ରଶାନ୍ତ କୁମାର ଦାସ, ଗଗନବିହାରୀ ସିଂହ ଓ ପ୍ରଫୁଲ୍ଲ କୁମାର ପଣ୍ଡା ଏବଂ ସ୍ଥାୟୀ ସଭାପତି ପାଲାଗାୟକ ଗୋଲକ ବିହାରୀ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ କୁମାର ମଲ୍ଲିକ, ଉପସଭାପତି ଆରତୀ ଓଝା, ସମ୍ପାଦକ ସୁବାସ ଚନ୍ଦ୍ର ଶତପଥୀ, ସହସମ୍ପାଦକ ଶରତ ଚନ୍ଦ୍ର ସ୍ୱାଇଁ, ସାଂସ୍କୃତିକ ସମ୍ପାଦିକା ସୁଶ୍ରୀ ସବିତା ଦେହୁରୀ, ସାଂସ୍କୃତିକ ସହସମ୍ପାଦକ ଶ୍ରୀଧର ସାହୁ ଓ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ର୍ବା ସମ୍ପାଦକ କୈଳାସ ଚନ୍ଦ୍ର ବଳ, କୋଷାଧକ୍ଷ କ୍ଷୀରୋଦ କୁମାର ନାଥ, ସାଂଗଠନିକ ସମ୍ପାଦକ ସଦାଶିବ ପଣ୍ଡିତ୍ରା, ମଞ୍ଜୁବାଳା ପତି, ସସ୍ମିତା ବଳ, ପାଲା ବାୟକ ପ୍ରତିନିଧି ସୁଦର୍ଶନ ମଲ୍ଲିକ, ପାଲା ସଂଗୀତ ପ୍ରତିନିଧି କୁଳମଣି ନାୟକ ପ୍ରମୁଖ ନୂତନ କର୍ମର୍କା ଭାବେ ନିର୍ବାଚିତ ହୋଇଥିବାରୁ ଶପଥ ଗ୍ରହଣ କରିଥିଲେ । ସମସ୍ତଙ୍କୁ ଗାୟକ ରମାକାନ୍ତ ପଣ୍ଡା ଶପଥ ପାଠ କରାଇଥିଲେ ।

## ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

## ଫକିରାବାଦ ଉର୍ଦ୍ଦୁ ଉପ୍ରା ବିଦ୍ୟାଳୟ ଛାତ୍ରୀଙ୍କ ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ




**କେନ୍ଦ୍ରାପଡ଼ା,୨୦।୧୨(ସଂଚାର ବ୍ୟୁରୋ):** ଇଛାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ କେନ୍ଦ୍ରାପଡା ମଣ୍ଡଳ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅଧିନ ବିଭିନ୍ନ ବିଦ୍ୟାଳୟରେ ପଢୁଥିବା ୩ୟ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ୨୩୨ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଏଥିରେ ସଷ୍ଟେନେବୁଲ ଏଗ୍ରିକଲଚର, ବର୍ଜ୍ୟବସ୍ତୁ ପରିଚାଳନା, ସବୁଜ ଶକ୍ତି, ଏମର୍ଜିଂ ଟେକନୋଲୋଜି, ଗଣିତ ପ୍ରକଳ୍ପ, ସ୍ୱାସ୍ଥ୍ୟରକ୍ଷା, ଜଳ ସଂରକ୍ଷଣ ଓ ପରିଚାଳନା ପ୍ରଭୃତି ପ୍ରକଳ୍ପ ଗୁଡିକ ଅଂଶଗ୍ରହଣ କରିଥିବା ବେଳେ ଜିଲ୍ଲା ସ୍ତରକୁ ୭ଟି ପ୍ରକଳ୍ପ ମନୋନିତ ହୋଇଛି । ଏଥିମଧ୍ୟରୁ ଗଣିତ ପ୍ରକଳ୍ପରେ ଫକିରାବାଦ ଉର୍ଦ୍ଦୁ ଉ.ପ୍ରା. ବିଦ୍ୟାଳୟର ୩ୟ ଶ୍ରେଣୀ ଛାତ୍ରୀ ସନାୟା ଫିରଦୋଷଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଛି । ଏହି ପ୍ରକଳ୍ପର ଗାଇଡ ଟିଚର ଶେଖ ମନସୁଲ ଅଲ୍ଲୀ ଥିଲେ । ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀ ସନାୟା ଫିରଦୋଷଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ ।

## ସ୍ୱର୍ଗତ ପ୍ରମୋଦ କୁମାର ସେଠୀଙ୍କ ଭଳି ଜଣେ ନିର୍ଭିକ ମଣିଷ ଭାବରେ କେହି ତିଆରି ହୋଇପାରିବେ ନାହିଁ



**ରାଜନଗର, ୨୦।୧୨ (ସଂଚାର ବ୍ୟୁରୋ):** ରାଜନଗର ଅଞ୍ଚଳର ଜଣେ ପ୍ରବୀଣ ପ୍ରଧାନ ଶିକ୍ଷକ, କବି, ହଂସୁଆ କଳାପ୍ରତିଷ୍ଠାନର ସଭାପତି ଓ ରାଜନଗର ସାହିତ୍ୟ ସଂସ୍କୃତି ପରିଷଦର ସହ ସମ୍ପାଦକ ଭାବରେ ନିଜର ଦକ୍ଷତା ବୃଦ୍ଧି କରିଥିବା କବି ପ୍ରମୋଦ କୁମାର ସେଠୀଙ୍କ ଅକାଳ ବିୟୋଗରେ ସମସ୍ତେ ମର୍ମାହତ। ତାଙ୍କ ଅବର୍ତ୍ତମାନରେ ତାଙ୍କର ସ୍ମୃତି ପ୍ରତି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ହେମନ୍ତ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ମୁଖ୍ୟ ଅତିଥି ଅଧକ୍ଷ ଘନଶ୍ୟାମ ମିଶ୍ର, ବିଶିଷ୍ଟ ବ୍ୟକ୍ତି ବାବାଜୀ ଧଳ, କବି ଶତ୍ରୁଘନ ତରାଇ, କବି ଭବାନୀ ପ୍ରସାଦ ମହାପାତ୍ର ଏବଂ ନାଟ୍ୟ ନିର୍ଦ୍ଦେଶକ ତୁଷାରକାନ୍ତ ବେହେରା ପ୍ରଭୃତି ବହୁ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପଟ୍ଟାମୁଣ୍ଡାଇ କଲେଜରେ ସାଂସ୍କୃତିକ ପ୍ରତିଯୋଗିତା




**ପଟ୍ଟାମୁଣ୍ଡାଇ,୨୦।୧୨(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଭା ବିକାଶ ପାଇଁ କଲେଜ ସାଂସ୍କୃତିକ ପରିଷଦ ପକ୍ଷରୁ ଏକ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କଲେଜ ଅଧକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ଉଦଘାଟନ କରିଥିଲେ । ପ୍ରାଧାପକ ଅମୀୟ କୁମାର ଦାସ ପ୍ରଧାପିକା ଡ଼ ଅଞ୍ଜଳି ଦାଶ ଅଧାପିକା ସରୋଜିନୀ ମିଶ୍ର ରଶ୍ମିତା ପାଣିଗ୍ରାହୀ, ଅଧାପକ ଚିନ୍ମୟ ସାମଲ, ଡ଼ ମାନସ ନାୟକ, ଶ୍ରୀମନ୍ତ ଜେନା, ଜିତେନ୍ଦ୍ର ମଲ୍ଲିକ, ରଞ୍ଜନ ବେହେରା, ଆଲୋକ ସାହୁ ଓ ଅମିତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବକ୍ତୃତା, ଏକକ ଅଭିନୟ, ଚିତ୍ରାଙ୍କନ, ରଙ୍ଗୋଲି, ମେହେନ୍ଦି, ସାଧାରଣଜ୍ଞାନ, ପଦ୍ୟ ଲିଖନ, ଗଳ୍ପ ଲିଖନ, ନୃତ୍ୟ ଓ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅଧାପକ ପୃଥ୍ୱୀରାଜ ବିଶ୍ୱାଳ ସ୍ୱାଗତଭାଷଣ ଓ ଅଧାପିକା ନିବେଦିତା ନାୟକ ଅତିଥିପରିଚୟ ପ୍ରଦାନ କରିଥିଲେ। ଏଇ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କଳା ଶିକ୍ଷକ ରାଜେନ୍ଦ୍ର ଦାଶ, (ସଂଗୀତ ଭାସ୍କର) ରଞ୍ଜନ ପରିଡା, ଭାସ୍କର ଚନ୍ଦ୍ର ବେହେରା ( ସଂଗୀତ ବିଶାରଦ) ବିଚାରକ ଭାବେ ଯୋଗ କୃତୀ ପ୍ରତିଭା ଚୟନ ଦେଇଥିଲେ। ଶେଷରେ ଅଧାପିକା ଡ଼ ଲକ୍ଷ୍ମୀପ୍ରିୟା ପାତ୍ର ଧନ୍ୟବାଦ ଦେଇଥିଲେ ।

## ଅଳପୁଆ ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ



**ପଟ୍ଟାମୁଣ୍ଡାଇ, ୨୦।୧୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ନୋଡାଲ ଉଚ୍ଚବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶ୍ରୀ ସୁକାନ୍ତି ନାଥ ଶର୍ମା ଙ୍କ ପୌରାହିତ୍ୟ ସହକାରୀ ଶିକ୍ଷକ ଚିରଞ୍ଜୀବ ସାହୁଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥିଭାବେ ଅଳପୁଆର ସରପଞ୍ଚ ପଦ୍ମିନୀ ବେହେରା, ସମିତି ସଭ୍ୟ ରାମଚନ୍ଦ୍ର ସେଠି, ବ୍ରଜବିହାରୀ ଧଳ, ଅମରେନ୍ଦ୍ର ଦାଶ, ଦିଲ୍ଲୀପ ବିଶ୍ୱାଳ, ଶିକ୍ଷା ସଂଯୋଜକ ପ୍ରହ୍ଲାଦ ପଲାଇ ଓ କମିଟି ସଭାପତି ଉମାକାନ୍ତ ବିହାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ କ୍ରୀଡା ରେ ପାରଦର୍ଶୀତା ଦେଖାଇ ଚାମ୍ପିୟନ ହୋଇଥିବା ସତ୍ୟଜିତ ନାୟକ, ଉର୍ମିରାଣୀ ବିହାରୀ, ସଂଗ୍ରାମ ମଲ୍ଲିକ,ଆନି ମଲ୍ଲିକ, ସିନୁ ମଲ୍ଲିକ ଓ ସଞ୍ଜନା ଜେନା ଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ।

ଏହି ଉତ୍ସବକୁ କ୍ରୀଡା ଶିକ୍ଷକ ସୁମିତ କୁମାର ମଲ୍ଲିକ, ଦୁଃଖି ମାରାଣ୍ଡି,ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଶିକ୍ଷକ ପ୍ରତାପ ମଲ୍ଲିକ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ବକ୍ତବ୍ୟ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଲୋକନାଥ ଲେଙ୍କା ଧନ୍ୟବାଦ ଦେଇଥିଲେ। ଶିକ୍ଷକ ନରେଶ କୁମାର ସ୍ୱାଇଁ, କୁଞ୍ଜଲତା ପାତ୍ର, ଲକ୍ଷ୍ମୀପ୍ରିୟା ଶର୍ମା, ପ୍ରମୋଦିନୀ ମାଦେଳି, ସୁଶ୍ରୀ ସସ୍ମିତା କର, ବିବେକାନନ୍ଦ ହରିଚନ୍ଦନ ସାହୁ, ସ୍ୱପ୍ନିଲ ଦାସ ଓ ପ୍ରଦ୍ୟୁମ୍ନ ପାତ୍ର ପରିଚାଳନାରେ ସହଯୋଗ କରିଥିଲେ। ସଭା ଶେଷରେ ଛାତ୍ରଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ।

## ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ସାଲେପୁର,୨୦।୧୨(ସଂଚାର ବ୍ୟୁରୋ):** ସାଲେପୁର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୩୫ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ପରିସରରେ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ସାଲେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋପାମୁଦ୍ରା ନାୟକ ଯୋଗଦେଇ କୃତି



ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରବୀନ୍ଦ୍ର ନାଥ କର, ସହ ସମ୍ପାଦକ ଅଜୟ କୁମାର ନାୟକ ଓ କାର୍ଯ୍ୟକାରିଣୀ ଅଧକ୍ଷ ଜ୍ଞାନରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି ଉତ୍ସବରେ ଅନୁଷ୍ଠାନର ସମସ୍ତ କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକମାନେ ଉପସ୍ଥିତ ଥିଲେ।

## ରାଜଧାନୀରେ ଡଗ୍ ଶୋ'
# ୮ ରାଜ୍ୟରୁ ଭାଗ ନେଲେ ୮୩ କୁକୁର



**ଭୁବନେଶ୍ୱର,୨୦।୧୨ (ସଂଚାର ବ୍ୟୁରୋ) :** ଭଳିକି ଭଳି ଜର୍ମାନ ସେଫର୍ଡ। ନା ବି ସେମିତି, କାହାର ନାଁ ମାଇକଲ, କାହାର ନାଁ ରେଞ୍ଜ୍ ରୋଭର। କାହାର ନାଁ ଡାନିଭୋମ ସେନାଟୋ ତ କାହାର ନାଁ କିଙ୍ଗସ ୱେ ପିକ୍ସି। ମାଷ୍ଟରଙ୍କ ଇଶାରାରେ ଦୌଡୁଥାନ୍ତି, ଡେଉଁଥାନ୍ତି ଓ ଭିନ୍ନଭିନ୍ନ ଭଙ୍ଗୀରେ ପୋଜ୍ ଦେଉଥାନ୍ତି। ଏପରିକି କ୍ୟାମେରା ଦେଖିଲେ, ଗୋଡ ଟେକି ନିରୀହଙ୍କ ଭଳି ଚାହୁଁଥାନ୍ତି। ଏହିଭଳି ଭାବେ କୌଶଳ ଦେଖାଇଥିଲେ ଗୋଟିଏ ପରେ ଗୋଟିଏ ଜର୍ମାନ ସେଫର୍ଡ। ଏଭଳି କିଛି ଦେଖିବାକୁ ମିଳିଛି ଡଗ୍ ସୋ'ର ପ୍ରଥମ ଦିନରେ। ଓଡ଼ିଶା କେନେଲ୍ କ୍ଲବ୍(ଭୁବନେଶ୍ୱର) ପକ୍ଷରୁ ଶୁକ୍ରବାର ଓୟୁଏଟିସ୍ଥିତ ଭେଟେରନାରୀ ପଡ଼ିଆରେ ଆରମ୍ଭ ହୋଇଛି ସର୍ବଭାରତୀୟ ଡଗ୍ ସୋ ଚାମ୍ପିଅନସିପ୍। ପ୍ରଥମ ଦିନରେ 'ଦି ଜର୍ମାନ ସେଫର୍ଡ ଡଗ୍ କନଫେଡେରେସନ୍(କଳିଙ୍ଗ ଚାପ୍ଟର)' ପକ୍ଷରୁ ଅଷ୍ଟମ ଜର୍ମାନ ସେଫର୍ଡ କୁକୁରଙ୍କୁ ନେଇ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ହୋଇଥିଲା। ଏହି ପ୍ରଦର୍ଶନୀକୁ ଓୟୁଏଟିର କୁଳପତି ପ୍ରଫେସର ଡ. ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥିଭାବରେ ଯୋଗଦେଇ ଉଦ୍ଘାଟନ କରିଥିଲେ। ସେହିପରି ଜର୍ମାନୀରୁ ଆସିଥିବା ଜୋସେନ୍ ପ୍ରଲ୍ ବିଚାରକ ଥିଲେ। ଏହି ପ୍ରଦର୍ଶନୀରେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ପଞ୍ଜାବ, ପଶ୍ଚିମବଙ୍ଗ ଭଳି ୮ଟି ରାଜ୍ୟରୁ ୮୩ଟି ଜର୍ମାନ ସେଫର୍ଡ ଭାଗ ନେଇ ଦକ୍ଷତା ପ୍ରଦର୍ଶନ କରିଥିଲେ। ସେଥିଧରୁ କେତେକ ଜର୍ମାନ ସେଫର୍ଡଙ୍କ ଦାମ୍ ୩ଠରୁ ୩୫ଲକ୍ଷ ଟଙ୍କା ଥିଲା। ପ୍ରଦର୍ଶନୀରେ ମାଲିକ ଟାଙ୍କର ମୂର୍ତ୍ତିଙ୍କ 'ଜାନକୋ କେଙ୍ଗ୍ ହୋଫ', ଆରବ ଦେବଙ୍କ 'ୟୋଗୋ ଭମ୍ ଏସଟ' ଡଲାସ ଭୋମଙ୍କ 'ରେଗ୍ନା' ଶ୍ରେଷ୍ଠ ୩ ଅଣ୍ଡିରା ଜର୍ମାନ ସେଫର୍ଡ ବର୍ଗରେ ସ୍ଥାନ ପାଇଥିଲେ। ସେହିପରି ମାଈ ଜର୍ମାନ ସେଫର୍ଡ ବର୍ଗରେ ବୈଭବ ରୟାଲଙ୍କ 'ଇଜି ଅଫ୍ ଗ୍ୟାଙ୍ଗସ୍, ଧୀରଜ ଦେବଙ୍କ 'ଡାନିଭୋମ ସେନାଟୋ ଓ ହାରିସ କପିଲଙ୍କ କିଙ୍ଗସେ ୱେ ପିକ୍ସି' ପ୍ରମୁଖ ରହିଛନ୍ତି। ଏହି ଡଗ୍ ସୋ' ଚାମ୍ପିଅନସିପ୍ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଓଡ଼ିଶା କେନେଲ କ୍ଲବର ସଭାପତି ସୁବ୍ରତ ପୃଷ୍ଟି ଓ ସମ୍ପାଦକ ସିଦ୍ଧାନ୍ତ ମହାନ୍ତି ସୂଚନା ଦେଇଛନ୍ତି।

# ୨୨ରୁ ଯୁକ୍ତ ଦୁଇ ଇଣ୍ଟରନାଲ

## ଜାନୁଆରୀ ୨ରୁ ପ୍ରାକ୍ଟିକାଲ୍, ଫେବୃଆରୀ ୧୮ରୁ ଫାଇନାଲ୍

**ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ) :** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସଇ) ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ପ୍ରକାଶ ପାଇଛି। ସାମ୍ସ ଇ-ସ୍ପେସ୍ ୱେବ୍ସାଇଟ୍ରେ ଆଡମିଟ୍ ଶୁକ୍ରବାରଠୁ ଉପଲବ୍ଧ ହୋଇଛି। ଏନେଇ ସିଏଚ୍ଏସଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସମସ୍ତ ଅଧକ୍ଷଙ୍କୁ ଅବଗତ କରାଇଛନ୍ତି। ସମସ୍ତ ଷ୍ଟ୍ରିମ୍ର ଛାତ୍ରଛାତ୍ରୀଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଡମିଟ୍ କାର୍ଡ ପ୍ରଦାନ ସମୟପରେ ନାଁ, ପିତା, ମାତାଙ୍କ ନାମ, ପରୀକ୍ଷା ବିଷୟର ବିଷୟକୁ ଭଲ ଭାବେ ଯାଞ୍ଚ କରି ପରୀକ୍ଷାର୍ଥୀଙ୍କୁ ପ୍ରଦାନ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ଆସନ୍ତା ୨୨ ତାରିଖରୁ ୩୧ ତାରିଖ ଯାଏ ଇଣ୍ଟରନାଲ ପରୀକ୍ଷା ଅନୁଷ୍ଠିତ ହେବ। ଜାନୁଆରୀ ୨ରୁ ୧୫ରୁ ପ୍ରାକ୍ଟିକାଲ ପରୀକ୍ଷା ହେବ। ଫେବୃଆରୀ ୧୮ରୁ ୨୫ ମାର୍ଚ୍ଚ ଯାଏ ଥିଓରୀ ପରୀକ୍ଷା ହେବ। ଚଳିତ ବର୍ଷ ପରୀକ୍ଷା ଦେବା ପାଇଁ ମୋଟ୍ ୪ ଲକ୍ଷ ୭୩୭ ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଛନ୍ତି।

# ଦେବଗଡ଼ରେ ଧାନକିଣା ପ୍ରକ୍ରିୟା ଆରମ୍ଭ



**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନ କିଣା ପ୍ରକ୍ରିୟା ଯାରି ରହିଛି। ଦେବଗଡ଼ ଜିଲ୍ଲାରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ଜିଲ୍ଲାର ରିଆମାଳ ବ୍ଲକରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲ୍ଲାର ୫୧ଟି ମଣ୍ଡିରେ ୨୧ ହଜାର ୪୧୪ ଜଣ ଚାଷୀଙ୍କ ଠାରୁ ଧାନ କିଣା ଯିବ। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯିବ। ଦେବଗଡ଼ ଜିଲ୍ଲାରେ ଗତ ବର୍ଷ ୪୯ଟି ମଣ୍ଡି ଖୋଲାଯାଇଥିବା ବେଳେ ଚଳିତ ବର୍ଷ ୫୧ଟି

**● ପର୍ଯ୍ୟାୟ କ୍ରମେ ଅନ୍ୟ ଜିଲ୍ଲାରେ ତ୍ୱରାନ୍ୱିତ ହେବ**

ମଣ୍ଡି ଖୋଲାଯାଇଛି। ସେହିଭଳି ଗତବର୍ଷ ୧୯,୭୬୨ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ଚଳିତ ବର୍ଷ ୨୧,୪୧୪ ଚାଷୀ ପଞ୍ଜିକରଣ କରିଛନ୍ତି ଜିଲ୍ଲାରେ ଚାଷୀ ପଞ୍ଜିକରଣ କରିଛନ୍ତି। ଚଳିତ ଖରିଫ ଋତୁରେ ଧାନ କିଣା ପାଇଁ ୬୨,୭୪୭ ଏକର ଜମି ପଞ୍ଜିକୃତ ହୋଇଛି, ଯାହା ଗତବର୍ଷ ୫୮,୨୪୯ ଏକର ଥିଲା। ଧାନ କିଣା ପୂର୍ବରୁ ପଞ୍ଜିକୃତ ଚାଷ ଜମିଗୁଡ଼ିକର ସାଟେଲାଇଟ ସର୍ଭେ ପ୍ରକ୍ରିୟା ମଧ ଶେଷ ହୋଇଛି। ଜିଲ୍ଲାରେ ୫୧ ଜଣ ମଣ୍ଡି ନୋଡାଲ ଅଧିକାରୀ ଓ ୧୩ ଜଣ ମଣ୍ଡି ସୁପରଭାଇଜିଂ ଅଧିକାରୀ ନିୟୋଜିତ ରହି ପ୍ରକ୍ରିୟା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଏଥିସହ ସମସ୍ତ ମଣ୍ଡିରେ ଚାଷୀମାନଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ସହ ସିସିଟିଭି ଲଗାଯାଇଛି।

ସମ୍ପ୍ରତି ବରଗଡ଼, ନୂଆପଡ଼ା, ସମ୍ବଲପୁର, କଳାହାଣ୍ଡି, ସୁବର୍ଣ୍ଣପୁର, ସୁନ୍ଦରଗଡ଼ ଓ ବଲାଙ୍ଗୀର ଜିଲ୍ଲାରେ ଧାନ କିଣା ପ୍ରକ୍ରିୟା ଚାଲିଛି। ଏହିସବୁ ଜିଲ୍ଲାରେ ଅଦ୍ୟାବଧି ୬୭ ହଜାର ୨୫୦ ଜଣ ଚାଷୀଙ୍କଠାରୁ ୩ ଲକ୍ଷ ୫୦୫୦ ମେଟ୍ରିକ ଟନ ଧାନ କିଣାଯାଇଛି। ଏଥିସହ ସମ୍ପୃକ୍ତ ଚାଷୀମାନଙ୍କୁ ସର୍ବନିମ୍ନ ସହାୟତା ମୂଲ୍ୟ ବାବଦକୁ ୪୪୭ କୋଟି ୨୨ ଲକ୍ଷ ଓ ଇନପୁଟ ସହାୟତା ଭାବେ ୧୩୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ପର୍ଯ୍ୟାୟ କ୍ରମେ ଅନ୍ୟ ଜିଲ୍ଲାରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବ। ଏଥିପାଇଁ ଜିଲ୍ଲାଗୁଡ଼ିକରେ ସମସ୍ତ ପ୍ରସ୍ତୁତି ଜାରି ରହିଛି। ଏହାଛଡ଼ା ପଞ୍ଜିକୃତ ଚାଷୀମାନଙ୍କୁ ଆଗୁଆ ସୂଚନା ପ୍ରଦାନ ସହ ଟୋକନ ଦିଆଯାଉଛି। ଚାଷୀଙ୍କ ଆକାଉଣ୍ଟକୁ ଧାନ କିଣିବାର ୪୮ ଘଣ୍ଟା ମଧ୍ୟରେ ସର୍ବନିମ୍ନ ସହାୟତା ରାଶି ପ୍ରଦାନ କରାଯାଉଛି। ଚାଷୀମାନଙ୍କ ସକାଶେ ଆଧାର ସଂଯୁକ୍ତ ଇ-କେୱାଇସି ଦେୟ ବ୍ୟବସ୍ଥା କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

# କ୍ୟାପିଟାଲ ହସ୍ପିଟାଲ୍-ପିଜିଆଇଏମ୍ଇଆରରେ ସିବିସି ମେସିନ୍ ଅଚଳ, କାରଣ ମୂଷା

## ନିରାଶ ହୋଇ ଫେରିଲେ ରୋଗୀ

**ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ) :** କ୍ୟାପିଟାଲ ହସ୍ପିଟାଲ-ପିଜିଆଇଏମ୍ଇଆର୍ରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପାଥୋଲ୍ୟାବ୍ରେ କମ୍ପ୍ଲିଟ୍ ବ୍ଲଡ୍ କାଉଣ୍ଟ (ସିବିସି) ମେସିନ୍ କିଣା ହୋଇଥିଲା। ମେସିନ୍ ଖରାପ ହେଲେ କମ୍ପାନି କର୍ତ୍ତୃପକ୍ଷ ମରାମତି ପାଇଁ ଗ୍ୟାରେଣ୍ଟି ମଧ ଦେଇଥିଲେ। ହେଲେ ହସ୍ପିଟାଲ କର୍ତ୍ତୃପକ୍ଷ ମେସିନ୍ ସୁରକ୍ଷା ଦିଗରେ ଅବହେଳା କରିଛନ୍ତି। ଫଳରେ ସିବିସି ମେସିନକୁ ମୂଷା କାଟି ଦେଇଛନ୍ତି। ମେସିନ୍ ସପ୍ତାହେ ହେଲାଣି ଅଚଳ ହୋଇ ପଡ଼ିଛି। ହସ୍ପିଟାଲ କର୍ତ୍ତୃପକ୍ଷ ମେସିନ୍ ମରାମତି କରିବା ଲାଗି ଅନୁରୋଧ କରିଥିଲେ। କିନ୍ତୁ କମ୍ପାନି କର୍ତ୍ତୃପକ୍ଷ ସିଧାସଳଖ ଚରମବାଣୀ ଶୁଣାଇଛନ୍ତି। ଆଗ ମୂଷା ଜଗ, ତା'ପରେ ମେସିନ୍ ମରାମତି କରାଯିବ। ମୂଷା ମାରିବା ପାଇଁ ଏକ କାଚ ଘର ନିର୍ମାଣ ପାଇଁ କମ୍ପାନି କର୍ତ୍ତୃପକ୍ଷ ପରାମର୍ଶ ଦେଇଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷ ମଧ କାଚ ଘର ନିର୍ମାଣ କରିଛନ୍ତି। ଖୁବ୍ଶୀଘ୍ର ମେସିନ୍ ସଜଡ଼ା ଯିବ ବୋଲି ସୂଚନା ମିଳିଛି।

ହସ୍ପିଟାଲ ପାଥୋଲ୍ୟାବ୍ରେ ୨ଟି ସିବିସି ମେସିନ୍ ରହିଛି। ଗୋଟିଏ ମେସିନ୍ ଜରୁରିକାଳୀନ ଅସ୍ତ୍ରୋପଚାର କ୍ଷେତ୍ରରେ ନିୟୋଜିତ ହୋଇଛି। ଅନ୍ୟଟି ଓପିଡ଼ି ସେବା କ୍ଷେତ୍ରରେ ବ୍ୟବହାର କରାଯାଉଛି। ହେଲେ ଏହି ସିବିସି ମେସିନ୍ ଖରାପ ହୋଇଛି। ଯାହା ଫଳରେ ଏବେ ରୋଗୀ ନିରାଶ ହୋଇ ଫେରି ଯାଉଛନ୍ତି। ରୋଗୀ ଅନ୍ୟ ସବୁ ପରୀକ୍ଷା ଏଠାରେ କରୁଥିବା ବେଳେ ସିବିସି ପରୀକ୍ଷା ଘରୋଇ ଲ୍ୟାବ୍ରେ କରିବାକୁ ପଡ଼ୁଛି। ଫଳରେ ରୋଗୀ ହସ୍ପିଟାଲକୁ ବାରମ୍ବାର ଧାଇଁବାକୁ ପଡ଼ୁଛି। ସାଧାରଣତଃ ଏହି ମେସିନ୍ ଦ୍ୱାରା ଲୋହିତ ରକ୍ତ କଣିକା, ଶ୍ୱେତ ରକ୍ତ କଣିକା, ପ୍ଲେଟଲେଟ୍, ହିମୋଗ୍ଲୋବିନ୍, ଆନିମିଆ ଓ ରକ୍ତ ସଂକ୍ରମଣ ଆଦି ବହୁ ପରୀକ୍ଷା କରାଯାଇଥାଏ। ଏହି ସବୁ ପରୀକ୍ଷାରୁ ରୋଗୀ ବଞ୍ଚିତ ହେଉଛନ୍ତି। ଯାହାଫଳରେ ରୋଗୀଙ୍କ ସବୁ ପ୍ରକାର ରିପୋର୍ଟ ଡାକ୍ତରଙ୍କ ପାଖରେ ପହଞ୍ଚିପାରୁନି। ରୋଗୀ ଅଧା ଚିକିତ୍ସା ପାଇ କଲବଲ ହେଉଛନ୍ତି।

### ସର୍‌ଗି ଫୁଲ୍ ମହୋତ୍ସବ ଉଦ୍‌ଯାପିତ

# ବିକଶିତ ହେଉଛି ଛାତ୍ରଛାତ୍ରୀଙ୍କ ପ୍ରତିଭା: ମନ୍ତ୍ରୀ




**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ଆଜି ଏଠାରେ ଉଦଯାପିତ ହୋଇଛି ରାଜ୍ୟସ୍ତରୀୟ ସର୍‌ଗି ଫୁଲ୍ ମହୋତ୍ସବ ୨୦୨୫। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ, ପଛୁଆବର୍ଗ କଲ୍ୟାଣ ବିଭାଗ, ସାମାଜିକ କଲ୍ୟାଣ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ।

ଉଦଯାପନୀ ସନ୍ଧ୍ୟାରେ ଯୋଗ ଦେଇ ମାନ୍ୟବର ମନ୍ତ୍ରୀ ପିଲାମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ସଫଳ ଭବିଷ୍ୟତ କାମନା କରିଛନ୍ତି। ସେ କହିଛନ୍ତି ଯେ 'ସର୍‌ଗି ଫୁଲ୍' ପବିତ୍ରତାର ପ୍ରତୀକ। ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ଅନ୍ୱେଷଣର ସୁଯୋଗ ହେଉଛି ଏହି କାର୍ଯ୍ୟକ୍ରମ। ସେହିପରି ବିଭାଗୀୟ ପ୍ରୟାସ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ରାଜ୍ୟରେ ଡ୍ରପ୍ ଆଉଟ୍ ହାର ହ୍ରାସ ପାଇଁ ରାଜ୍ୟ ସରକାର ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦେଉଛନ୍ତି। ଏଥିସହ ଚାଇଲ୍ଡ ଟ୍ରାକିଂ ସର୍ଭେ ଓ ଆସ ସ୍କୁଲ ଯିବା ପ୍ରୟାସ ମାଧ୍ୟମରେ ଅଧାରୁ ପାଠ ଛାଡ଼ିଥିବା ପିଲାମାନଙ୍କୁ ପୁଣିଥରେ ବିଦ୍ୟାଳୟକୁ ଫେରାଇ ଅଣାଯାଉଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସମସ୍ତଙ୍କ ସମ୍ମିଳିତ ପ୍ରୟାସର ଆବଶ୍ୟକତା ରହିଥିବା ମନ୍ତ୍ରୀ କହିଛନ୍ତି। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ୧୧୬୦ ଜଣ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିବା ବେଳେ ୨୨ଟି ପ୍ରତିଯୋଗିତାରେ ସେମାନେ ଭାଗ ନେଇଥିଲେ। ଏହି ଅବସରରେ ୫ଟି ଶ୍ରେଷ୍ଠ ପ୍ରଦର୍ଶନକାରୀ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଓ କୃତୀ ପ୍ରତିଯୋଗୀଙ୍କୁ ବି ସମ୍ମାନିତ କରାଯାଇଥିଲା।

# ୟୁଟ୍ୟୁବ ପତ୍ରିକା 'ପାହାଚ' ଲୋକାର୍ପିତ



**ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ):** ଓଡ଼ିଶା ସଚିବାଳୟ ଲେଖକ ପରିଷଦ ପକ୍ଷରୁ ଡିସେମ୍ବର ମାସର ସ୍ୱାରସ୍ୱତ ଆସର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗତ ଆସରରେ ପ୍ରଖ୍ୟାତ କବି ରାଜେନ୍ଦ୍ର କିଶୋର ପଣ୍ଡା ଓ ପରିଷଦର ପୂର୍ବତନ ସଭାପତି ସ୍ୱର୍ଗତ ସୁକାନ୍ତ ସୁବୁଦ୍ଧିଙ୍କ ସ୍ମୃତିରେ ହୋଇଥିବା କବିତା ପାଠର ସମ୍ପାଦିତ ଭିଡ଼ିଓର ଲୋକାର୍ପଣ କରାଯାଇଥିଲା। ପରିଷଦର ୟୁ ଟ୍ୟୁବ ପତ୍ରିକା 'ପାହାଚ'ରେ ଏହାର ପ୍ରିମିୟର ହୋଇଥିଲା। ବିଦାୟୀ ବର୍ଷ ଉପଲକ୍ଷେ ସ୍ୱତନ୍ତ୍ର କବିତା ପାଠ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେମୌସୁମୀ ଦାସ। ଏହି ଅବସରରେ ପୂର୍ବତନ ଯୁଗ୍ମ ଶାସନ ସଚିବ ବନ୍ଦିତା ଦାଶ,ଉପ-ସଭାପତି କମଳିନୀ ମଲ୍ଲିକ,ପୁଷ୍ପାଞ୍ଜଳି ବିଶୋୟୀ,ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ ,ବିଜନବାଳା ପାଟଯୋଷି ,ସୁଶାନ୍ତ ଧର ,ମୌସୁମୀ ଦାସ ସ୍ୱରଚିତ କବିତା ପାଠ କରିଥିଲେ। ଆଜିର ଆସରରେ ସଭାପତିତ୍ୱ କରିଥିଲେ ପରିଷଦର ଉପ ସଭାପତି କମଳିନୀ ମଲ୍ଲିକ। ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅନୀଲ କୁମାର ବେହେରା।

# ବିଏଡ୍ ସ୍ପେସାଲ୍ ଏବଂ ବିଏଡ୍ ଜେନେରାଲ୍ ଯୋଗ୍ୟତା ସମାନ: ହାଇକୋର୍ଟ




**କଟକ, ୨୦।୧୨ (ସଂଚାର ବ୍ୟୁରୋ) :** ବିଏଡ୍ ସ୍ପେସାଲ୍ ଓ ବିଏଡ୍ ଜେନେରାଲ୍ ଶିକ୍ଷାଗତ ଯୋଗ୍ୟତା ସମାନ। ଟିଜିଟି (ଟ୍ରେନ୍ଡ ଗ୍ରାଜୁଏଟ୍ ଟିଚର୍) ପଦ ପାଇଁ ଶିକ୍ଷାଗତ ଯୋଗ୍ୟତା ବିଏଡ୍ ଜେନେରାଲ୍ ଧାର୍ଯ୍ୟ କରାଯାଇଥିଲା ବେଳେ ଉକ୍ତ ପଦରେ ଜଣେ ବିଏଡ୍ ସ୍ପେସାଲ୍ ଡିଗ୍ରୀଧାରୀ ମଧ ନିଯୁକ୍ତି ପାଇପାରିବେ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ମହେଶ୍ୱର ସାହୁଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ଏହି ଆଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆବେଦନକାରୀଙ୍କୁ ୮ ସପ୍ତାହ ମଧ୍ୟରେ ନିଯୁକ୍ତି ଦେବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଟିଜିଟି(କଳା)ଶିକ୍ଷକ ପଦ ଲାଗି ଚୟନ ହୋଇଥିଲେ ମଧ ତାଙ୍କର ବିଏଡ୍ ସ୍ପେସାଲ୍ ଶିକ୍ଷାଗତ ଯୋଗ୍ୟତା ଥିବାରୁ ତାଙ୍କୁ ଏହି ପଦରେ ନିଯୁକ୍ତି ମିଳିନଥିଲା।

ନିୟମ ଅନୁଯାୟୀ, ଜଣେ ଟିଜିଟି ଶିକ୍ଷକ ପଦରେ ନିଯୁକ୍ତି ହେବାକୁ ହେଲେ ତାଙ୍କୁ ବିଏଡ୍ ଜେନେରାଲ୍ ଶିକ୍ଷାଗତ ଯୋଗ୍ୟତା ହାସଲ କରିବାକୁ ପଡ଼ିବ। ଫଳରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ନିଯୁକ୍ତିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ଏହି ପଦ ପାଇଁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ନାହିଁ। ତେଣୁ ଆବେଦନକାରୀଙ୍କୁ ନିଯୁକ୍ତି ଦିଆଯାଇ ପାରିବନାହିଁ ବୋଲି ଅଦାଲତଙ୍କୁ ଅବଗତ କରାଯାଇଥିଲା। କିନ୍ତୁ ଏହାକୁ ଆବେଦନକାରୀଙ୍କ ପକ୍ଷରୁ ବିରୋଧ କରାଯାଇଥିଲା।

ଏ ନିୟମ ଅନୁଯାୟୀ ଉଭୟ ବିଏଡ୍ ସ୍ପେସାଲ୍ ଓ ବିଏଡ୍ ଜେନେରାଲ୍ ଶିକ୍ଷାଗତ ଯୋଗ୍ୟତା ସମାନ। ତେଣୁ ରାଜ୍ୟ ସରକାରଙ୍କ ଯୁକ୍ତି ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ମତ ଦେଇଛନ୍ତି। ଅପରପକ୍ଷରେ ଆବେଦନକାରୀ ଜଣେ ଭିନ୍ନକ୍ଷମ ବ୍ୟକ୍ତି। ତାଙ୍କର ଦୃଷ୍ଟିଶକ୍ତି ନେଇ ସମସ୍ୟା ରହିଛି। ଏହି ଦୃଷ୍ଟିରୁ ଦେଖିଲେ ଭିନ୍ନକ୍ଷମଙ୍କ ଲାଗି ଟିଜିଟି ପଦରେ ୩୩ଟି ପଦ ସଂରକ୍ଷିତ ରହିଛି। ଏଥିରୁ ୨୬ଟି ପଦ ପୂରଣ କରାଯାଇଛି। ଆହୁରି ୭ଟି ପଦ ଫାଙ୍କା ରହିଛି। ତେଣୁ ରାଜ୍ୟ ସରକାର ଆବେଦନକାରୀଙ୍କୁ ଭିନ୍ନକ୍ଷମ ହିସାବରେ ମଧ ଗ୍ରହଣ କରି ସେହି ପଦରେ ନିଯୁକ୍ତି ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଉଚ୍ଛେଦ ବେଳେ ଉତ୍ତେଜନା, ରାସ୍ତାରେ ଟାୟାର ଜାଳି ଆନ୍ଦୋଳନ



**ପୁରୀ, ୨୦।୧୨ (ସଂଚାର ବ୍ୟୁରୋ) :** ପୁରୀ ବଡ଼ଶଙ୍ଖରେ ଉଠା ଦୋକାନୀଙ୍କ ଆନ୍ଦୋଳନ। ବଡ଼ଶଙ୍ଖ ଠାରେ ଫଳ ଓ ପରିବା ଦୋକାନ ଉଚ୍ଛେଦ ନେଇ ଉଠା ଦୋକାନୀ ରାସ୍ତାରେ ଟା ଜାଳି କରିଛନ୍ତି ଆନ୍ଦୋଳନ। ପ୍ରଥମେ ଥଇଥାନ ପରେ ଉଚ୍ଛେଦ ନେଇ ଦାବି କରିଛନ୍ତି ଆନ୍ଦୋଳନ। ପରିସ୍ଥିତି ଏଭଳି ହୋଇଛି ଯେ ଉଠା ଦୋକାନୀ ସହିତ ପୋଲିସର ମୁହାଁମୁହିଁ ପରିସ୍ଥିତି ଉପୁଜିଛି। ଉଠା ଦୋକାନୀ ମାନେ ନିଜ ଜିଦରେ ଅଟଳ ଥିବାବେଳେ ପୋଲିସ ଓ ପୌର ଅଧିକାରୀ ଉଠା ଦୋକାନୀ ମାନଙ୍କୁ ବୁଝାସୁଝା କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। କୌଣସି ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା ଥିବାରୁ ଅତିରିକ୍ତ ଏସପି, ଥାନା ଅଧିକାରୀଙ୍କ ସହିତ ତିନି ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ହୋଇଛନ୍ତି।

# ଯୌତୁକ ଜୁଇରେ ଜଳିଗଲେ ବଧୂ



**ସାଲେପୁର, ୨୦।୧୨ (ସଂଚାର ବ୍ୟୁରୋ) :** ଏଇ ବର୍ଷେ ତଳେ ଝିଅ ପ୍ରେମ ବିବାହ କରିଥିଲା। କିନ୍ତୁ ଏବେ ତା ମରଶରୀର ପଡ଼ିଛି। ଝିଅକୁ ଯୌତୁକ ଆଣ କହି ଶାଶୁଘର ଲୋକେ ଧମକ ଦେଉଥିଲେ। ଝିଅକୁ ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେଇ ଆସୁଥିଲେ ଶାଶୁଘର ଲୋକେ। ଏବେ ମୋ ଝିଅକୁ ଜୀବନରୁ ଶେଷ କରିଦେଲେ। ଏଭଳି ଏକ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ମୃତକ ଝିଅର ବାପା ମା। ପୁଣି ଯୌତୁକ ଜୁଇରେ ଜଳିଗଲା ଆଉ ଗୋଟିଏ ନବବଧୂ। କଟକ ଜିଲ୍ଲା ନେମାଳ ଥାନା ଅଧିନସ୍ଥ ନେମାଳ ପଞ୍ଚାୟତ ମାଳିଗାଁ ଗାଁର ପ୍ରେମାନନ୍ଦ ସାହୁଙ୍କ ଝିଅ ସ୍ମିତିପ୍ରଜ୍ଞା ସାହୁଙ୍କୁ ଶାନ୍ତପୁର ପଞ୍ଚାୟତ ମାଣିକପୁର ଗାଁର ଗଣେଶ୍ୱର ନାଥଙ୍କ ପୁଅ ଶ୍ରୀନିବାସ ନାଥ ପ୍ରେମ ବିବାହ କରିଥିଲେ। ଉଭୟ ପ୍ରେମ ବିବାହ କରିବା ପରେ ଯୌତୁକକୁ ନେଇ ପାରିବାରିକ କଳହ ଲାଗି ରହୁଥିଲା। ଏ ବାବଦରେ ଝିଅ ସ୍ମିତି ପ୍ରଜ୍ଞା ତାଙ୍କ ମା'ଙ୍କୁ ଫୋନ୍ କରି ସବୁ ଜଣାଇଥିଲେ। କିନ୍ତୁ ଗତ କାଲି ରାତିରେ ସ୍ମିତି ପ୍ରଜ୍ଞାଙ୍କୁ ମାରିଦେଇଥିବା ଅଭିଯୋଗ ଆଣିଛନ୍ତି ଝିଅର ବାପା ମା'। ଏନେଇ ଥାନାରେ ଏତଲା ମଧ ଦେଇଛନ୍ତି। ଅନ୍ୟପଟେ ସ୍ମିତି ପ୍ରଜ୍ଞାଙ୍କ ସ୍ୱାମୀ ଶ୍ରୀନିବାସ ନାଥଙ୍କ ବଡ଼ ବାପା କହିଛନ୍ତି ପରିବାରିକ କଳହକୁ ନେଇ ବୋହୂ ଜୀବନ ହାରିଛି। ବୋହୂ ଆମର ଭଲ ଥିଲା। କିନ୍ତୁ ଏମିତି କଣ ପାଇଁ ହେଲା ଆମେ ଜାଣିନୁ ବୋଲି କହିଛନ୍ତି ଶ୍ରୀନିବାସ ନାଥଙ୍କ ବଡ଼ ବାପା। ପୋଲିସକୁ ଘଟଣା ବାବଦରେ ପଚାରିବାରୁ କୌଣସି ପ୍ରତିକ୍ରିୟା ଦେଇନଥିବା ବେଳେ ଅଭିଯୁକ୍ତ ସ୍ୱାମୀ ଶ୍ରୀ ନିବାସ ନାଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ନେମାଳ ପୋଲିସ। ସମସ୍ତ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମୃତକଙ୍କ ବାପ ଘର ଲୋକେ। ତେବେ ପୋଲିସ ତଦନ୍ତ ପରେ ଜଣାପଡ଼ିବ ସ୍ମିତି ପ୍ରଜ୍ଞାଙ୍କ ମୃତ୍ୟୁ କେମିତି ହେଲା ? କେତେ ଦିନ ଧରି ଏମିତି ଯୌତୁକ ଜୁଇରେ ଜଳୁଥିବେ ଝିଅ ? ବାହାଘରକୁ ବରଷେ ନ ପୂରୁଣୁ ମୃତ୍ୟୁ ଶଯ୍ୟାରେ ଶୋଇ ଯାଉଛନ୍ତି ନବବଧୂ। ଏହି ଘଟଣାକୁ ନଜରରେ ରଖି ଗୋଟେ ବାପ ପର ଘରେ ଝିଅ ଦେବାକୁ ଭୟ କରୁଛି।

## 'ଜଳବାୟୁ-ଅନୁକୂଳ କୃଷି ସଂଗୋଷ୍ଠୀ' କର୍ମଶାଳା ଅନୁଷ୍ଠିତ

# ଜଳବାୟୁ ସହନଶୀଳ କୃଷିର ପ୍ରସାର ପାଇଁ ଉଦ୍ୟମ




**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ସେଣ୍ଟର ଫର୍ ଷ୍ଟଡି ଅଫ୍ ସାଇନ୍ସ, ଟେକ୍ନୋଲୋଜି ଆଣ୍ଡ ପଲିସି (ସିଏସ୍‌ଟିଇପି) ଏବଂ 'କାଟାଲିଷ୍ଟ ମ୍ୟାନେଜସଂଗୋଷ୍ଠୀ ସର୍ଭିସେସ୍' (ସିଏମ୍ଏସ୍) ସହ ମିଳିତ ଭାବେ ଆଜି 'ଓଡ଼ିଶା କ୍ଲାଇମେଟ୍ ସ୍ମାର୍ଟ ଏଗ୍ରିକଲଚର ଆଲାଇନ୍ସ' ବା ଓଡ଼ିଶା ଜଳବାୟୁ-ଅନୁକୂଳ କୃଷି ସଂଗୋଷ୍ଠୀ (ଓସିଏସ୍ଏଏ) ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୃଷି କ୍ଷେତ୍ରରେ ଜଳବାୟୁ ସହନଶୀଳତାକୁ ସୁଦୃଢ଼ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ରାଜ୍ୟ ସରକାର ଆଜି ଓଡ଼ିଶା ପାଇଁ ଏହି ସଂଗୋଷ୍ଠୀକୁ ଆନୁଷ୍ଠାନିକ ରୂପ ଦେବା ପାଇଁ ଏହି ଉଚ୍ଚସ୍ତରୀୟ କର୍ମଶାଳାର ଆୟୋଜନ କରିଛନ୍ତି। ଏହି ସଂଗୋଷ୍ଠୀରେ ବରିଷ୍ଠ ସରକାରୀ ଅଧିକାରୀ, ଗବେଷଣା ପ୍ରତିଷ୍ଠାନର ଅଧିକାରୀ, ଘରୋଇ କ୍ଷେତ୍ରର ଅଂଶୀଦାର, ସାମାଜିକ ସଂଗଠନଙ୍କ ପ୍ରତିନିଧି ଓ ନୀତି ବିଶେଷଜ୍ଞମାନେ ସାମିଲ ହୋଇଥିଲେ। ସମସ୍ତେ ମିଳିତ ଭାବେ ରାଜ୍ୟବ୍ୟାପୀ ଜଳବାୟୁ-ଅନୁକୂଳ କୃଷି ପଦ୍ଧତିର ପ୍ରସାର ପାଇଁ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ ଅରବିନ୍ଦ କୁମାର ପାଢ଼ୀ କହିଥିଲେ ଯେ ଜଳବାୟୁ ପରିବର୍ତ୍ତନର ମୁକାବିଲା ଏକାକୀ କରିବା ସମ୍ଭବ ନୁହେଁ। ତେଣୁ ଏହାର କୁପ୍ରଭାବକୁ ରୋକିବା କିମ୍ବା ଏହା ସହ ଖାପ ଖୁଆଇବା ପାଇଁ ଆମକୁ ମିଳିତ ଉଦ୍ୟମ କରିବାକୁ ପଡ଼ିବ। ଏ ଦିଗରେ ଓସିଏସ୍ଏସ୍ଏ, ବିଭିନ୍ନ ସହଯୋଗୀ ସଂସ୍ଥା ମାଧ୍ୟମରେ ଚିହ୍ନଟ କରାଯାଇଥିବା ଜଳବାୟୁ-ଅନୁକୂଳ ଜ୍ଞାନକୌଶଳକୁ ରାଜ୍ୟରେ ପ୍ରଦର୍ଶନ ଓ କାର୍ଯ୍ୟକାରୀ କରିବା ପାଇଁ ଏକ ପ୍ରକୃଷ୍ଟ ମଞ୍ଚ ଭାବେ କାର୍ଯ୍ୟ କରିବ।

ସେହିପରି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଥିଲେ ଯେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବାସ୍ତବ ଓ ଏହା ସୁଦୂରପ୍ରସାରୀ। ଏହି ପରିବର୍ତ୍ତନର ନକାରାତ୍ମକ ପ୍ରଭାବକୁ ଏଡ଼ାଇବା ଓ ବିଶ୍ୱ ତଥା ରାଜ୍ୟର ବର୍ଦ୍ଧିତ ଜନସଂଖ୍ୟା ପାଇଁ ଖାଦ୍ୟ ଓ ପୁଷ୍ଟି ନିରାପତ୍ତା ନିଶ୍ଚିତ କରିବାକୁ ହେଲେ ଆମ କୃଷି କ୍ଷେତ୍ରକୁ ଯଥେଷ୍ଟ 'ସ୍ମାର୍ଟ' କରିବା ପାଇଁ ଆମକୁ ଏକାଠି କାର୍ଯ୍ୟ କରିବାକୁ ପଡ଼ିବ। କର୍ମଶାଳାରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା କହିଥିଲେ ଯେ ଜଳବାୟୁ-ଅନୁକୂଳ କୃଷି ଆଉ ଇଚ୍ଛାଧୀନ ହୋଇ ରହିନାହିଁ। ବରଂ ଚାଷୀଙ୍କ ଜୀବିକା ସୁରକ୍ଷା, ଖାଦ୍ୟ ନିରାପତ୍ତା ଓ ଦୀର୍ଘମିଆଦି କୃଷି ସ୍ଥାୟିତ୍ୱ ପାଇଁ ଏହା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି।

### ଓଡ଼ିଶା ଜୁନିଅର ଟେନିସ ବଲ କ୍ରିକେଟ୍ ପ୍ରତିଯୋଗିତା

# କ୍ୱାର୍ଟରରେ ଓଡ଼ିଶା ବାଳକ ଦଳ

**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ଉତ୍ତର ପ୍ରଦେଶରେ ଗତ ୧୭ରୁ ଆରମ୍ଭ ହୋଇଥିବା ୩୩ତମ ଜାତୀୟ ଜୁନିଅର ଟେନିସ ବଲ କ୍ରିକେଟ ଚାମ୍ପିଅନସିପରେ ଓଡ଼ିଶା ବାଳକ ଦଳ ତା'ର ପ୍ରଥମ ମ୍ୟାଚରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ଦଳ ୨ ୱିକେଟ ବିନିମୟରେ ୭୭ ରନ କରିଥିଲା। ପରେ ଦଳ ପ୍ରତିପକ୍ଷ ଆନ୍ଧ୍ର ପ୍ରଦେଶକୁ ମାତ୍ର ୧୯ ରନରେ ଅଲଆଉଟ କରି ଏକ ସହଜସାଧ ବିଜୟ ହାସଲ କରିଥିଲା। ପରେ ଦଳ ତା'ର ଦ୍ୱିତୀୟ ମ୍ୟାଚ୍ରେ ବିଜୟୀ ହୋଇ ତୃତୀୟ ମ୍ୟାଚରେ ଆସାମକୁ ଭେଟିଥିଲା। ଏହି ମ୍ୟାଚ୍ରେ ଓଡ଼ିଶା ଦଳ ପ୍ରଥମେ ବ୍ୟାଟିଂ କରି ୮ ୱିକେଟ ହରାଇ ୩୩ ରନ କରିଥିଲା। ଜବାବରେ ଆସାମ ମାତ୍ର ୨୯ ରନ୍‌ରେ ଅଲ୍ଆଉଟ୍ ହେବା ଫଳରେ ଓଡ଼ିଶା କ୍ରମାଗତ ତୃତୀୟ ବିଜୟ ହାସଲ କରିଥିଲା। ପରେ ଓଡ଼ିଶା ତା'ର ପ୍ରିକ୍ୱାର୍ଟର୍ ମୁକାବିଲାରେ ବିଦର୍ଭ ବିପକ୍ଷରେ ୩୧ ରନ୍‌ରେ ବିଜୟୀ ହୋଇ କ୍ୱାର୍ଟରକୁ ଉନ୍ନୀତ ହୋଇଛି। ଏହି ମ୍ୟାଚ୍ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୩ ୱିକେଟ ବିନିମୟରେ ୬୧ ରନ କରିଥିବା ବେଳେ ବିଦର୍ଭ ମାତ୍ର ୩୦ ରନ୍‌ରେ ଅଲ୍ଆଉଟ୍ ହୋଇଯାଇଥିଲା। ଆସନ୍ତାକାଲି ଓଡ଼ିଶା ବାଳକ ଦଳ କ୍ୱାର୍ଟର୍ ଫାଇନାଲ୍ ପର୍ଯ୍ୟାୟରେ ଜାମ୍ମୁ-କାଶ୍ମୀରକୁ ଭେଟିବ। ଅନ୍ୟପକ୍ଷରେ ଓଡ଼ିଶା ବାଳିକା ଦଳ ଜାମ୍ମୁ-କାଶ୍ମୀର ନିକଟରୁ ୨ ରନରେ ପରାସ୍ତ ହୋଇଛି।

# ବିଦ୍ୟୁତ ତାର ପଡ଼ି ଜଳିଗଲା ଧାନଗଦା

**ବାହାନଗା, ୨୦।୧୨ (ସଂଚାର ବ୍ୟୁରୋ) :** ରେମୁଣା ବ୍ଲକ ଗୋପାଳପୁର ଥାନା ଅଧିନସ୍ଥ ତାଳପଦା ଗ୍ରାମ ବିଲରେ ଯାଇଥିବା ଇଲେଭେନ କେଭି ବିଦ୍ୟୁତ ତାର ଛିଡି ପଡିବାରୁ ଧାନ ପୁଞ୍ଜି (ଗଦା) ଜଳିଯାଇଛି। ୪ ଜଣ ଚାଷୀଙ୍କର ୩ ଲକ୍ଷ ରୁ ଉର୍ଦ୍ଧ ଟଙ୍କା କ୍ଷତି ହୋଇଥିବା ନେଇ ଆକଳନ କରାଯାଉଛି। ତାଳପଦା ଗ୍ରାମର ଶମ୍ଭୁନାଥ ବାରିକ, ସୁଶାନ୍ତ ଦାସ, ପିତାମ୍ବର ବାରିକ, ଯଦୁନାଥ ମଳିକଙ୍କ ବିଲ ଉପର ଦେଇ ଇଲେଭେନ କେଭି ବିଦ୍ୟୁତ ତାର ଟଣାଯାଇଥିଲା। ଦୀର୍ଘଦିନ ହୋଇଯାଇଥିଲେ ସୁଦ୍ଧା ତାର ମରାମତି କିମ୍ବା ବଦଳା ଯାଇ ନାହିଁ। ଯାହା ଫଳରେ କି କମଜୋର ହୋଇପଡିଥିବା ତାର ଶୁକ୍ରବାର ବିଳମ୍ବିତ ରାତିରେ ପବନ ହେବା ଯୋଗୁଁ ଧାନଗଦାରେ ପଡିଯାଇଥିଲା। ଫଳରେ ଗ୍ରାମର ୪ ଜଣ ଚାଷୀଙ୍କ ୫ ଏକର ଜମିରେ ଥିବା ଧାନ କଳେଇ ସବୁ ନିଆଁ ଲାଗି ପୋଡି ପାଉଁଶ ହୋଇଯାଇଛି। ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ ଟଙ୍କାର ଧାନ କ୍ଷୟ କ୍ଷତି ହୋଇଛି। ସକାଳେ ଲୋକମାନେ ଦେଖି ନଷ୍ଟ ହୋଇଥିବା ଚାଷୀଙ୍କୁ ଖବର ଦେଇଥିଲେ। ସମ୍ପୃକ୍ତ ଚାଷୀ ବିଲରେ ପହଁଚି ଦମକଳକୁ ଖବର ଦେଇଥିଲେ।

# ଲୁଟ୍ ପରେ ଘର ଜାଳିଦେଲେ ଦୁର୍ବୃତ୍ତ, ବୃଦ୍ଧା ମୃତ



**ରାୟଗଡ଼ା, ୨୦।୧୨ (ସଂଚାର ବ୍ୟୁରୋ) :** ରାୟଗଡା ଜିଲା ମୁନିଗୁଡା ବ୍ଲକ ଅମ୍ବାଦଳା ଥାନା ଅନ୍ତର୍ଗତ କୁମୁଡ଼ାବାଲି ଗାଁରେ ଜଣେ ବୃଦ୍ଧାଙ୍କ ଦଗ୍ଧ ମୃତଦେହ ଉଦ୍ଧାର ହୋଇଛି । ମୃତ ବୃଦ୍ଧା ଜଣଙ୍କ ହେଲେ ଅମ୍ବାଦଳା ଥାନା ଅମ୍ଳଭଟା ପଞ୍ଚାୟତ ଷ୍ଟେଶନ କୁମୁଡ଼ାବାଲି ଗ୍ରାମର ଚନ୍ଦନ ତୁଳା ଡଙ୍ଗରି(୭୫)। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଚର୍ଚ୍ଚା ହେଉଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

ସୂଚନାନୁଯାୟୀ, ଶନିବାର ସକାଳୁ ବୃଦ୍ଧାଙ୍କ ଘରୁପୋଡା ଗନ୍ଧ ଆସୁଥିବା ଏବଂ ସେ ବାହାରକୁ ବାହରି ନ ଥିବା ଦେଖି ଗ୍ରାମବାସୀମାନେ ସନ୍ଦେହ କରିଥିଲେ। ପରେ ଘରେ ପଶିବା ସମୟରେ କବାଟ ଭଙ୍ଗାହୋଇଥିବା ଜଣାପଡିବା ସହ ବୃଦ୍ଧାଙ୍କ ପ୍ରାୟ ଦଗ୍ଧ ମୃତଦେହ ଦେଖିବାକୁ ପାଇଥିଲେ । ବୃଦ୍ଧାଙ୍କ ଆଣ୍ଠୁ ତଳ ଦୁଇ ଗୋଡକୁ ଛାଡିଲେ ଅନ୍ୟାନ୍ୟ ଶରୀର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିବା ଦେଖିବାକୁ ମିଳିଛି । ଘଟଣା ସମ୍ପର୍କରେ ଖବର ପାଇ ଆମ୍ବଦୋଳା ଆଇଆଇସି କଳ୍ପନା ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଘଟଣା ସଂପର୍କରେ ଖବର ପାଇ ମୁନିଗୁଡା ଆଇଆଇସି ସୌଦାମିନୀ ବେହେରା ଏବଂ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଘଟଣାସ୍ଥଳରେ ପହଁଚିଥିଲେ । ଘରଟି ସୁରକ୍ଷିତ ଅବସ୍ଥାରେ ରହିଥିବା ଏବଂ ଘରେ ଭିତରେ ବୃଦ୍ଧାଙ୍କ ପୋଡା ମୃତଦେହ ମିଳିବା ଘଟଣା ଏବଂ କବାଟ ଭଙ୍ଗାଯାଇଥିବା ଘଟଣାକୁ ଲକ୍ଷ କରି ସ୍ଥାନୀୟ ଲୋକ ଏହା ଏକ ହତ୍ୟାକାଣ୍ଡ ବୋଲି ଆଲୋଚନା ଆରମ୍ଭ କରିଦେଇଥିଲେ । ଘଟଣାର ଗୁରୁତ୍ୱ ଅନୁଭବ କରି ପୋଲିସ ସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ ଟିମକୁ ଡକାଇଥିଲା। ସାଇଣ୍ଟିଫିକ ଟିମ୍ ତଦନ୍ତ ବେଳେ ବୃଦ୍ଧାଙ୍କୁ ପ୍ରଥମେ ଗଳାକାଟିଥିବା ଏବଂ ପରେ ପ୍ରମାଣ ଲୁଚାଇବା ପାଇଁ ତାଙ୍କୁ ପୋଡିଦେଇଥିବା ସନ୍ଦେହ କରିଛି । ରାୟଗଡା ଏନେ୍‌ପି ଛୁଟିରେ ରହିଥିବାରୁ ରାୟଗଡା ଜିଲା ଅତିରିକ୍ତ ଦାୟିତ୍ୱରେ ଥିବା କଳାହାଣ୍ଡି ଆରକ୍ଷୀ ଅଧିକ୍ଷକ ଦେବରକୋଣ୍ଡା ନାଗରାଜ ମଧ ଘଟଣାସ୍ଥଳକୁ ଆସି ତଦନ୍ତ କରିଥିବା ଜଣାପଡିଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ବୃଦ୍ଧାଜଣଙ୍କ କାନ ଓ ନାକରେ ସୁନା ପିନ୍ଧିଥିଲେ ଏବଂ ଘରେ ସେ ଏକୁଟିଆ ରହୁଥିଲେ । ବୃଦ୍ଧାଙ୍କ ସୁନା ଲୁଟିବା ପାଇଁ ଆସି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସଂନ୍ଦେହ କରୁଥିବା ଜଣାପଡିଛି । ପୋଲିସ ବୃଦ୍ଧାଙ୍କ ଗୋଡ ଏବଂ ପାଉଁଶ ଉଦ୍ଧାର କରି ମୃତଦେହ ବ୍ୟବଚ୍ଛେଦ ଏବଂ ଅଧିକ ତଦନ୍ତ ପାଇଁ ଏଫଏମଟି ବ୍ରହ୍ମପୁର ପଠାଇଥିବା ଜଣାପଡିଛି। ପୋଲିସ ଘଟଣାର ତଦନ୍ତ କରୁଛି ଏବଂ ତଦନ୍ତ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ ପ୍ରକାଶ କରିଛନ୍ତି ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ରବିବାର ୨୧ ଡିସେମ୍ବର ୨୦୨୫, ଭୁବନେଶ୍ୱର

Sunday 21 December 2025, Bhubaneswar


# ଓଡ଼ିଶାରେ ଏଆଇ ଯୁଗ

ଓଡିଶାରେ ଆରମ୍ଭ ହୋଇଛି ଏଆଇ ବିପ୍ଳବ । କେନ୍ଦ୍ର ସରକାରଙ୍କ ସହିତ ବିଭିନ୍ନ ଅନୁଷ୍ଠାନ ଏଠାରେ ଏଆଇ ସମ୍ମିଳନୀ ଆୟୋଜନ କରିବା ସହିତ ଏହାର ଭବିଷ୍ୟତ ଉପରେ ଗୁରୁତ୍ୱ ଦେଉଛନ୍ତି ।

ଆଜିର ବିଶ୍ୱରେ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଏକ ବିପ୍ଳବୀ ପ୍ରଯୁକ୍ତିବିଦ୍ୟା ଭାବେ ଉଭା ହୋଇଛି। ଏହା କେବଳ ଶିଳ୍ପ ଓ ବାଣିଜ୍ୟରେ ନୁହେଁ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ପ୍ରଶାସନରେ ମଧ ବଡ଼ ପରିବର୍ତ୍ତନ ଆଣୁଛି। ଭାରତର ପୂର୍ବାଞ୍ଚଳରେ ଅବସ୍ଥିତ ଓଡ଼ିଶା ରାଜ୍ୟ ଏହି ପ୍ରଯୁକ୍ତିବିଦ୍ୟାର ବିକାଶରେ ଏକ ଅଗ୍ରଣୀ ଭୂମିକା ନିର୍ବାହ କରୁଛି। ୨୦୨୫ ମସିହାରେ ଓଡ଼ିଶା ଏଆଇ ନୀତି-୨୦୨୫ ଅନୁମୋଦନ କରି ଭାରତର ପ୍ରଥମ ରାଜ୍ୟ ହୋଇଛି।

ଓଡ଼ିଶା ଏଆଇ ନୀତି-୨୦୨୫ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାଜ୍ୟକୁ ଏଆଇ ନବୀକରଣର କେନ୍ଦ୍ରସ୍ଥଳୀ କରିବା। ଏହି ନୀତି ଅନୁଯାୟୀ, ୨୦୩୬ ସୁଦ୍ଧା ୭ଟି ଏଆଇ ନବୀକରଣ କେନ୍ଦ୍ର ସ୍ଥାପନ କରାଯିବ, ଯାହା ଅନୁସନ୍ଧାନ ଓ ବିକାଶକୁ ପ୍ରୋତ୍ସାହିତ କରିବ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ସହିତ ସହଯୋଗ କରିବ। ଏହା ସ୍ୱାସ୍ଥ୍ୟ, କୃଷି, ଶିକ୍ଷା, ପ୍ରଶାସନ ଓ ଶିଳ୍ପ ଭଳି କ୍ଷେତ୍ରରେ ଏଆଇର ପ୍ରୟୋଗକୁ ଗୁରୁତ୍ୱ ଦେଉଛି। ଉଦାହରଣ ସ୍ୱରୂପ, ଟାଟା କନ୍ସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ରାଜ୍ୟ ସରକାର ସହିତ ମିଶି ଏଆଇ ଆଧାରିତ ଏକୀକୃତ ଆର୍ଥିକ ପରିଚାଳନା ବ୍ୟବସ୍ଥା ନିର୍ମାଣ କରୁଛି। ଏହା ସରକାରୀ ସେବାଗୁଡ଼ିକର ଦକ୍ଷତା ବଢ଼ାଇବ ଏବଂ ସ୍ୱଚ୍ଛତା ଆଣିବ। ଶିକ୍ଷା କ୍ଷେତ୍ରରେ ଏଆଇର ବିକାଶ ଅତ୍ୟନ୍ତ ଉଲ୍ଲେଖନୀୟ। ଓଡ଼ିଶା ସରକାର ୨୦୨୯ ସୁଦ୍ଧା ୩୫% ବିଦ୍ୟାଳୟରେ ଏଆଇ ପାଠ୍ୟକ୍ରମ ପ୍ରଚଳନ କରିବାକୁ ଯୋଜନା କରିଛନ୍ତି, ଯାହା ୨୦୩୬ ସୁଦ୍ଧା ୯୦%କୁ ବଢ଼ାଇବ। ପ୍ରାରମ୍ଭିକ ଶିକ୍ଷାରୁ ହିଁ ଏଆଇ ମଡ୍ୟୁଲ୍, ଡାଟା ସାଇନ୍ସ ଓ କୋଡିଂ ଶିଖାଇବାକୁ ଯୋଜନା ରହିଛି। ଏହା ବ୍ୟତୀତ, ଯୁକ୍ତ ଦୁଇ ଛାତ୍ରଛାତ୍ରୀମାନଙ୍କ ପାଇଁ ଏଆଇ ଆଧାରିତ ପ୍ରସ୍ତୁତି ପ୍ଲାଟଫର୍ମ ଲଞ୍ଚ ହୋଇଛି, ଯାହା ପାଠ୍ୟକ୍ରମ ଦେଖାଇବା, ଅଭ୍ୟାସ ଏବଂ ପରୀକ୍ଷା ପ୍ରସ୍ତୁତିରେ ସାହାଯ୍ୟ କରିବ। ଭୁବନେଶ୍ୱରରର ଆଇଆଇଟି ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକ ଏଆଇ ଅନୁସନ୍ଧାନରେ ସକ୍ରିୟ ଭୂମିକା ନିର୍ବାହ କରୁଛନ୍ତି।




ଷ୍ଟାର୍ଟଅପ୍ ଏବଂ କମ୍ପାନୀଗୁଡ଼ିକର କ୍ଷେତ୍ରରେ ମଧ ଓଡ଼ିଶା ଦ୍ରୁତ ଗତିରେ ଆଗେଇ ଚାଲିଛି। ଷ୍ଟାର୍ଟଅପ୍ ଓଡ଼ିଶା ପ୍ରୋଗ୍ରାମ୍ ଅନ୍ତର୍ଗତ ଏଆଇ କ୍ଷେତ୍ରରେ ଅନେକ ଉଦ୍ୟୋଗ ପ୍ରୋତ୍ସାହିତ ହୋଇଛି। ଭୁବନେଶ୍ୱରରେ ବଡ ବଡ କମ୍ପାନୀଗୁଡ଼ିକ ଏଆଇ ସମାଧାନ ପ୍ରଦାନ କରୁଛନ୍ତି। ଏଠାରେ ଅନୁଷ୍ଠିତ ଓଡ଼ିଶା ଏଆଇ ସମ୍ମିଳନୀ ଏହି ବିକାଶକୁ ଆହୁରି ଜୋରଦାର କରିଛି। ଏହି ସମ୍ମିଳନୀରେ ବିଶ୍ୱବ୍ୟାପୀ ବିଶେଷଜ୍ଞମାନେ ଏଆଇର ଭବିଷ୍ୟତ ଏବଂ ଏହାର ପ୍ରଭାବ ଉପରେ ଆଲୋଚନା କରିଛନ୍ତି। ଏହା ସହିତ ଓଡ଼ିଶା ଏଆଇ ମିସନ୍ ପୋର୍ଟାଲ୍ ଲଞ୍ଚ ହୋଇଛି, ଯାହା ପ୍ରଶାସନ ଏବଂ ନାଗରିକ ସେବାରେ ଏଆଇର ପ୍ରୟୋଗକୁ ସହଜ କରିବ। ଏଆଇର ବିକାଶ ଓଡ଼ିଶାର ଅର୍ଥନୀତିକୁ ଶକ୍ତିଶାଳୀ କରିବ ଏବଂ ଯୁବକମାନଙ୍କୁ ନୂତନ ରୋଜଗାର ସୁଯୋଗ ପ୍ରଦାନ କରିବ। ତଥାପି, ଏହାର ନୈତିକ ପ୍ରୟୋଗ ଏବଂ ସମାଜରେ ସମାନତା ରକ୍ଷା କରିବା ଆବଶ୍ୟକ। ଓଡ଼ିଶାର ଏହି ପ୍ରୟାସ ଭାରତର ଏଆଇ ଯାତ୍ରାରେ ଏକ ଉଦାହରଣ ହୋଇ ଉଠିବ। ଭବିଷ୍ୟତରେ ଏହା ରାଜ୍ୟକୁ ଏକ ଡିଜିଟାଲ୍ ହବ୍ ଭାବେ ପ୍ରତିଷ୍ଠିତ କରିବ ବୋଲି ରାଜ୍ୟ ସରକାର ଆଶା ରଖି ଦ୍ରୁତ ଗତିରେ ଆଗକୁ ବଢୁଛନ୍ତି ।

# ଗୁରୁଗାଁରେ କିଛି ଦିନ



**ସତ୍ୟ ମହାପାତ୍ର**

ଆମ୍ଭମାନଙ୍କ ଜୀବନ ପ୍ରତିଦିନ ଆନନ୍ଦମୟତ ନିଶ୍ଚିନ୍ତ କିନ୍ତୁ ଅନେକ କ୍ଷେତ୍ରରେ ଆହ୍ୱାନପୂର୍ଣ୍ଣ। ଜୀବନରେ ଭ୍ରମଣ ଅନୁଭୂତି ତ ଅନେକଙ୍କର ଥିବ କିନ୍ତୁ ସେମାନଙ୍କ ଭିତରୁ କ୍ୱଚିତଙ୍କର ଅନୁଭୂତି ସ୍ମରଣୀୟ ଓ ରୋମାଞ୍ଚକର ହୋଇଥାଏ। ଗତ ନଭେମ୍ବର ୩୦ ତାରିଖରେ ମୋତେ ଯିବା ପାଇଁ ପଡ଼ିଥିଲା ଗୁରୁଗାଁଓ। ଯେଉଁଠି ମୋ ଭଉଣୀ ସ୍ୱାତୀ ଓ ଭିଣୋଇ ମନସିଜ ଦାସ ରହୁଛନ୍ତି। ଭିଣୋଇ ବହୁରାଷ୍ଟ୍ରୀୟ କମ୍ପାନୀ ରିକେଟ୍ କମ୍ପାନୀର ଜଣେ ପଦସ୍ଥ ଅଧିକାରୀ। ସେ ତାଙ୍କ ବ୍ୟସ୍ତବହୁଳ କାର୍ଯ୍ୟସୂଚୀରେ ଲଣ୍ଡନ ଓ ବାରାଣାସୀ ଯାଇଥିବାରୁ ମୋତେ ଗତ ନଭେମ୍ବର ୩୦ରୁ ଡିସେମ୍ବର ୧୭ ପର୍ଯ୍ୟନ୍ତ ଭଉଣୀ ପାଖରେ ସମୟ କାଟିବାର ସୁଯୋଗ ପାଇଲି। ତେବେ ମୋ ଯିବା ସମୟର ଯାତ୍ରାଟି ଅତ୍ୟନ୍ତ ରୋମାଞ୍ଚକର ଥିଲା ମୋ ପାଇଁ କାରଣ ରାସ୍ତାରେ ପ୍ରବଳ ଗହଳି ପାଇଁ ମୁଁ ପହଞ୍ଚିବାବେଳକୁ ଏୟାରପୋର୍ଟରେ ବୋର୍ଡିଂ ସରିଗଲାଣି। ବାଧ ହୋଇ ବାପାଙ୍କୁ ଲଗେଜ ଫେରାଇ କେବଳ ଯାହା ପିନ୍ଧିଥିଲି, ଆଧାର କାର୍ଡ଼ ଓ ମୋବାଇଲଟି ଧରି ବିମାନରେ ଉଠିଥିଲି।

ନୂଆଦିଲ୍ଲୀ ସନ୍ନିକଟ ଗୁରୁଗାଁଓରେ ମୋ ଭିଣୋଇ ପିଣ୍ଟୁ ଭାଇ ଡି.ଏଲ.ଏଫ. କମ୍ପାନୀର ଫ୍ଲାଟରେ ଅବସ୍ଥାନ କରୁଛନ୍ତି। ସେଠାର ପରିବେଶ ଏପରି ପ୍ରଦୂଷଣଯୁକ୍ତ ଥିଲା ଯେ ମୋତେ କୁଆଡ଼େ ବାହାରିବା ପାଇଁ ଆଦୌ ଇଛା ହେଉନଥିଲା। ପଢ଼ାପଢ଼ି ଓ ଟିଭି ଦେଖା ସହ ପ୍ରାୟତଃ ବାପା ବୋଉ ଓ ଓଡ଼ିଶାରେ ଥିବା ଆଇନଜୀବୀ ବନ୍ଧୁ ମାନଙ୍କ ସହ ଯାହା କଥାବାର୍ତ୍ତା ହେଉଥିଲି। ପ୍ରଦୂଷଣର କାୟା ଏପରି ବିସ୍ତାର ହୋଇଥିଲା ଯେ ଦିନ ତମାମ ଧୂଳି ଓ କୁହୁଡ଼ିର ଏକ ଚାଦର ଯେପରି ସମଗ୍ର ପରିବେଶକୁ ଘୋଡ଼ାଇ ଦେଇଥିଲା। ଦିନରେ ମଧ ଲୋକମାନଙ୍କୁ ଲାଇଟ ଦେଖାଇ ଗାଡ଼ି ଚଳାଇବା ପାଇଁ ପଡୁଥିଲା। ତେବେ ଏସବୁ ଭିତରେ ନୂଆ ଦିଲ୍ଲୀର ଜଗନ୍ନାଥ ମନ୍ଦିର, ଇଣ୍ଡିଆ ଗେଟ ଓ ସୁପ୍ରିମକୋର୍ଟ ସହ ନୂଆଦିଲ୍ଲୀର ଅନ୍ୟାନ୍ୟ ଦର୍ଶନୀୟ ଜାଗାକୁ ବୁଲାଇ ନେଇଥିଲେ। ସବୁଠାରୁ ଏକ ସ୍ମରଣୀୟ ଘଟଣା ଭାବେ ଗୁରୁଗାଁଓର ଏକ ସାଉଥ ଇଣ୍ଡିଆନ ହୋଟେଲ ଯାହାର ନାମ 'ନୈବେଦ୍ୟମ୍' ସେଠି ଦୋଷା ଖାଇବା ସମୟରେ ଆମେ ଜାଣିବାକୁ ପାଇଲୁ ଯେ ସମସ୍ତ କର୍ମଚାରୀ ହେଉଛନ୍ତି ପ୍ରାୟତଃ ଓଡ଼ିଆ। ନୂଆଦିଲ୍ଲୀର ଏକ ନୂଆ ଆଇଟମ ଭାବେ ମଣ୍ଟୁ ଭାଇ ମୋତେ ଯେଉଁ କାବୁଲି ବୁଟକଷା ଓ ପନିର ଭର୍ତ୍ତା ଖୋଇଥିଲେ ବାସ୍ତବିକ ତାହା ଅତ୍ୟନ୍ତ ସୁସ୍ୱାଦୁ ଥିଲା। ଆଉ ଏକ କୌତୁହଳ ଓ ମନେରଖିବା ପରି ଘଟଣା ମୋ ପାଇଁ ଥିଲା ଏକ ପ୍ରସିଦ୍ଧ ମ୍ୟାଗି ଖାଇବା ପାଇଁ ପିଣ୍ଟୁ ଭାଇ ମୋତେ ମୁମ୍ବାଇ ନୂଆଦିଲ୍ଲୀ ହାଇୱେରେ ଏକ ଲମ୍ବା ଡ୍ରାଇଭରେ ନେଇଥିଲେ। ଆପାର୍ଟମେଣ୍ଟରେ କିନ୍ତୁ ଅନ୍ତେଃବାସୀଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା ରହିଛି। ଅନେକ ସମୟ ଅନ୍ୟ ପିଲାମାନଙ୍କ ସହିତ କ୍ରିକେଟ ଖେଳୁ। କ୍ରିକେଟ ଖେଳିବାରେ ସମୟରେ ମୁଁ କଟାଇଥିଲି।

ସମୟ ଗୁଡ଼ିକ ଦିନ ପରେ ଦିନ ଏପରି ବିତିଗଲା ଯେ ମୋତେ ଲାଗିଲା ନାହିଁ ମୁଁ ସତରେ ବାପା-ମାଆଙ୍କୁ ଛାଡ଼ି ଦୁଇ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ସୁଦୂର କଟକ ଛାଡ଼ି ଭଉଣୀ ପାଖରେ ଗୁରୁଗାଁଓରେ ରହିପାରିଲି। ସୁପ୍ରିମକୋର୍ଟର ଆଇନଜୀବୀ ବନ୍ଧୁ ଦେବାଶିଷ ଜେନା ଓ ଅନ୍ୟ ଜଣେ ବନ୍ଧୁ ବିକାଶ ବିଶ୍ୱାଳ ସାକ୍ଷାତ ହୋଇଥିଲେ। ସାମ୍ପ୍ରତିକ ଆଇନ ସମ୍ବନ୍ଧୀୟ ଘଟଣାକ୍ରମ ଓ ନୂଆ ଆଇନ ସମ୍ପର୍କରେ ଆଲୋଚନା ହୋଇଥିଲା। ଜୀବନରେ ଏପରି ସମୟ ସବୁ ଆମ୍ଭମାନଙ୍କ ପାଇଁ କେତେବେଳେ ଯେ ପହଞ୍ଚେ କେହି କହିପାରିବ ନାହିଁ। ଜୀବନର ପ୍ରତିଟି ମୁହୂର୍ତ୍ତ ଯେତିକି ଆନନ୍ଦପୂର୍ଣ୍ଣ ସେତିକି ଆହ୍ୱାନପୂର୍ଣ୍ଣ ଓ ସେତିକି ମଧ ବର୍ତ୍ତମାନ ପରିସ୍ଥିତିରେ ଚିନ୍ତା ଜନକ ହୋଇଗଲାଣି। ଗୁରୁଗାଁଓରେ ରହଣି ସମୟରେ ପ୍ରଦୂଷଣ କଥା ମୋ ଭିତରେ ଗଭୀର ଭାବେ ରେଖାପାତ କରିଥିଲା। ଏ ଦୃଷ୍ଟିରୁ ଦେଖିଲେ ମୋ ଜନ୍ମ ମାଟି ହଜାର ବର୍ଷର ପ୍ରସିଦ୍ଧ ସହର କଟକ ଢ଼େର ଢ଼େର ଭଲ ଓ ଆନନ୍ଦପୂର୍ଣ୍ଣ ଜାଗା। ପ୍ରଦୂଷଣ ଆମ ବର୍ତ୍ତମାନ ସମୟ ପାଇଁ ଏପରି ଘାତକ ସାବ୍ୟସ୍ତ ହେଲାଣି ଯେ ଏହା ଜଣକୁ ରୋଗଗ୍ରସ୍ତ କରିବା ସହ ଦୁର୍ଘଟଣାର କାରଣ ହେଉଛି। ପରିବେଶର ସନ୍ତୁଳନ ସମ୍ପୂର୍ଣ୍ଣ ବିଗିଡ଼ି ଯାଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ପରିବେଶକୁ ପ୍ରଦୂଷଣରୁ ସୁରକ୍ଷିତ ରଖିବା ପାଇଁ ଆମ୍ଭମାନଙ୍କର ମଧ ଗୁରୁଦାୟିତ୍ୱ ରହିଛି। ବୃକ୍ଷରୋପଣ କରିବା, ଅନାବନା ଆବର୍ଜନା ବା ନଡ଼ା ପୋଡ଼ିବା ନାହିଁ, ବର୍ଜ୍ୟବସ୍ତୁ ଏଣେତେଣେ ଅପରିଷ୍କାର ଭାବରେ ପକାଇବା ନାହିଁ ଏହିପରି ଭାବନା ଗୁଡ଼ିକ ମୋ ଭିତରେ ରେଖାପାତ କରୁଥାଏ। ତଥାପି ଆନନ୍ଦମୟ ଭାବେ ମୋର ସମୟ ଗୁରୁଗାଁଓରେ କଟିଗଲା ଏବଂ ଭାଇ ଫେରିବା ପରେ ମୋ ଦାୟିତ୍ୱ ମଧ ସରିଯାଇଥିଲା। ଭାଇ ଭଉଣୀଙ୍କ ମହାର୍ଘ ଓ ମୂଲ୍ୟବାନ ସମୟ ଗୁଡ଼ିକ ମୋ ପାଇଁ ସ୍ମରଣୀୟ ଓ ଆନନ୍ଦମୟ ହୋଇ ସବୁଦିନ ପାଇଁ ରହିବ।


**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ'**
**ପ୍ଲଟ ନଂ- ୧୦୮୭/ଡ଼ି, ସେକ୍ଟର-୬, କଟକ**
**ମୋବାଇଲ୍: ୯୭୫୮୧୦୫୫୩୨**




# ଭାଇଚାରା, ବିଶ୍ୱାସ ଓ ମାନବୀୟ ମୂଲ୍ୟବୋଧର ଅବକ୍ଷୟର ଶବ୍ଦ 'ଚୋର'



**ଡ.ବିମଳ ଷଡଙ୍ଗୀ**

'ଚୋର'ଶବ୍ଦଟି ସଂସ୍କୃତ ମୂଳ ଶବ୍ଦ "ଚୌର୍ଯ୍ୟ"ରୁ ଆସିଛି, ଯାହାର ଅର୍ଥ, ଅନ୍ୟର ସମ୍ପତ୍ତିକୁ ଅନ୍ୟାୟ ଭାବେ ନିଜର କରିନେବାକୁ। ଓଡ଼ିଆ, ହିନ୍ଦୀ, ବଙ୍ଗଳା ପରି ଅନେକ ଭାଷାରେ ଏହି ଶବ୍ଦଟି ସାଧାରଣ ଭାବେ ବ୍ୟବହୃତ। ପ୍ରାଚୀନ ଧର୍ମଶାସ୍ତ୍ର, ମନୁସ୍ମୃତି ଓ ପୁରାଣଗୁଡ଼ିକରେ 'ଚୋରି'କୁ ଗୁରୁତର ଅଧର୍ମ ଭାବେ ଦେଖାଯାଇଛି। କିନ୍ତୁ ସମୟ ସହିତ 'ଚୋର'ଶବ୍ଦର ଅର୍ଥ କେବଳ ସମ୍ପତ୍ତି ଚୋରିରେ ସୀମିତ ରହିନାହିଁ। ଆଜି ଆମେ କଥା କଥାକେ କହିଥାଉ ଅଧିକାର ଚୋର, ସୁଯୋଗ ଚୋର, ଭାବନା ଚୋର, ଶ୍ରମ ଚୋର ଆଦି ଅନେକ। ଅର୍ଥାତ୍, ଚୋରି ଏବେ କେବଳ ଆଇନଗତ ଅପରାଧ ନୁହେଁ, ଏହା ଏକନୀତିଗତ ଓ ସାମାଜିକ ଅପରାଧ ଭାବରେ ନିଜର ପରିଚୟ ସୃଷ୍ଟି କରିଛି। ଯେତେବେଳେ ବ୍ୟକ୍ତି ଅଧିକ ଚୋରୀ କରି ସମାଜର କ୍ଷତି କରିଥାଏ ସେତେବେଳେ ନିଜ ଅପରାଧକୁ ଲୁଚାଇବାକୁ ଓ ନିଜକୁ ଅପରାଧ ମୁକ୍ତ କରିବାପାଇଁ ଅନ୍ୟକୁ ଚୋର ଭାବରେ ପ୍ରଚାର କରି ଆତ୍ମସନ୍ତୋଷ ଲାଭକରେ। ନୀତିଗତ ଶିକ୍ଷାର ଅଭାବ, ଅର୍ଥାତ ବ୍ୟକ୍ତି ଯେତେବେଳେ ଶିକ୍ଷାରେ ଦୁର୍ବଳ ଥାଏ ବା ପରିବେଶର କୁପ୍ରଭାବରେ ନିଜର ନୈତିକତା ହରାଇଥାଏ, ସେତେବେଳେ ସେ ନିଜେ ଅନ୍ୟାୟ କରିବାକୁ ଶ୍ରେୟ ମନେକରିବା ସହିତ ଅନ୍ୟକୁ ଚୋର ଭାବରେ ଦେଖି ଆତ୍ମ ସନ୍ତୋଷ ଲାଭକରି ଅନ୍ୟକୁ ପ୍ରତାରଣା କରିବାକୁ ପଛାଇ ନଥାଏ।

ଚୋରିର ଉତ୍ପତ୍ତି କେବଳ ଦାରିଦ୍ର୍ୟରୁ ହୁଏ ନାହିଁ, ଏହା ପଛରେ ଅନେକ କାରଣ ରହିଥାଏ। ପ୍ରଥମ କାରଣ ଲୋଭ, ଅର୍ଥାତ ଆବଶ୍ୟକତାଠାରୁ ଅଧିକ ପାଇବାର ଆଶା ବା ଅଭିଳାଷ। ଦ୍ୱିତୀୟ କାରଣଟି, ଅସମାନତା ଯେତେବେଳେ ବ୍ୟକ୍ତି ନିଜକୁ ଅନ୍ୟ ସହିତ ତୁଳନା କରି ଅସନ୍ତୋଷ ଲାଭକରେ ସେତେବେଳେ ସେ ଚୋରୀର ମାର୍ଗକୁ ଶ୍ରେୟ ମନେକରିଥାଏ ବା ଅନ୍ୟକୁ ଚୋର ଭାବରେ ଅପପ୍ରଚାର କରି ଆତ୍ମସନ୍ତୋଷ ଲାଭକରେ। ତୃତୀୟ କାରଣଟି ଅଧିକାର ବୋଧ, ଅର୍ଥାତ ଯେତେବେଳେ ବ୍ୟକ୍ତି ମନେକରେ ଯେ ମୋର ମଧ ସମାନ ଅଧିକାର ଅଛି ଏହି ଭାବନାରୁ ସେ ନିଜେ ଚୋରୀର ନିକଟବର୍ତ୍ତୀହୋଇଅନ୍ୟକୁ ଚୋର ଭାବରେ ଉପସ୍ଥାପନ କରେ। ଚତୁର୍ଥ କାରଣଟି ଅହଂକାର ଓ ଈର୍ଷା, ଅନ୍ୟର ସଫଳତା ପାଇଁ ଅସହ୍ୟ ବୋଧ ହେଲେ, ସେଥିରୁ ନୀତିଗତ ଆରୋପ ଜନ୍ମ ନେଇଥାଏ, ଏହା କେବଳ ସମାଜରେ ସୀମିତ ନଥାଏ ଭାଇ ଭାଇ ମଧରେ ମଧ ପ୍ରକାଶ ପାଇଥାଏ। ପଞ୍ଚମ କାରଣଟି ଯୋଗାଯୋଗର ଅଭାବ, ଅନେକ ସମୟରେ ନିଜର ଅହମିକା ବା ହମବଡା ନୀତି ଅନ୍ୟମାନଙ୍କ ପାଖରୁ ନିଜକୁ ଦୂରେଇ ରଖିଥାଏ ଓ ଅନ୍ୟ ସହିତ ଖୋଲା ଖୋଲି ଭାବରେ କଥାବାର୍ତ୍ତା ନ ହେଲେ ସନ୍ଦେହ ଜନ୍ମ ନେଇଥାଏଏବଂ ସନ୍ଦେହର ଶେଷ ଫଳ ହେଉଛି ଆରୋପ। ଷଷ୍ଠ କାରଣଟି ହେଉଛି ନିଜର ମୂଲ୍ୟବୋଧର ଅବକ୍ଷୟ, ପରିବାରିକ ମୂଲ୍ୟ, ସତ୍ୟ, ସହନଶୀଳତା, କ୍ଷମା ଆଦି ଗୁଣ ଦୁର୍ବଳ ହେଲେ ସମ୍ପର୍କ ଭଙ୍ଗ ହୁଏ। ସପ୍ତମ କାରଣଟି ନିଜର ଭୟ ଓ ଅସୁରକ୍ଷାଦୃଷ୍ଟିରୁ ଆଗତ ଭବିଷ୍ୟତକୁ ନିଜପ୍ରତି ଏକ ଆତଙ୍କ ଭାବରେ ଦେଖି ନିଜେ ଚୋରୀ ପ୍ରତି ଅଧିକ ଆକୃଷ୍ଟ ହୋଇ ଅନ୍ୟକୁଚୋର ଭାବରେ ପ୍ରତିପାଦନ କରିବା। ଏହି କାରଣଗୁଡ଼ିକ ପରିବାର ମଧରେ ମଧ ସମାନ ଭାବେ କାର୍ଯ୍ୟକରିବାର ଲକ୍ଷକରାଯାଏ।

ମାନବ ସମାଜରେ 'ଚୋର'ଶବ୍ଦଟି କେବଳ ଗୋଟିଏ ଅପରାଧୀକୁ ସୂଚାଏ ନାହିଁ, ବରଂ ଏହା ଏକ ଗଭୀରନୀତିଗତ ଆରୋପ, ଯାହା ମଣିଷର ଚରିତ୍ର, ଆସ୍ଥା ଓ ସମ୍ପର୍କକୁ ପ୍ରଭାବିତ କରିଥାଏ। ଆଶ୍ଚର୍ଯ୍ୟର କଥା, ଏହି ଶବ୍ଦଟି କେବଳ ଅଜଣା ଲୋକଙ୍କ ପାଇଁ ସୀମିତ ନଥାଏ ବରଂ କେବେ କେବେ ପରିବାର ମଧରେ ନିଜ ଭାଇ ମଧ ନିଜ ଭାଇକୁ 'ଚୋର' ବୋଲି ଅଭିହିତ କରେ। ଏହା କେବଳ ସମ୍ପତ୍ତି ନେଇ ଝଗଡ଼ା ନୁହେଁ, ବରଂ ତା ସହିତ ଏହା ପଛରେ ଲୁଚିଥାଏ ମାନସିକ ଅସନ୍ତୁଳନ, ଅବିଶ୍ୱାସ, ସମାଜିକ ପରିବର୍ତ୍ତନ, ଅହଂକାର, ତୃତୀୟ ପକ୍ଷର ପ୍ରଭାବ, ଲୋଭ, ଭୟ ଓ ଅସୁରକ୍ଷା, ଅସମାନତା ଆଦି ଅନେକ କାରଣ। ଏହା ସବୁଠାରୁ ଯନ୍ତ୍ରଣାଦାୟକ ହୋଇଥିଲେ ମଧ ରକ୍ତ ସମ୍ପର୍କ ଥିବା ସତ୍ତ୍ୱେ ଏପରି ଆରୋପ ଭାଇ ମଧ ଭାଇ କରିବାକୁ ନିଜର ବଡପଣବୋଲି ପ୍ରଚାରକରି ଆତ୍ମ ସନ୍ତୋଷ ଲାଭକରେ, ଯାହା ପ୍ରତ୍ୟେକଦିନ ସମ୍ବାଦପତ୍ର ଗୁଡିକରୁ ଦେଖିବାକୁ ମିଳିଥାଏ। ପାଠୁଆ, ଅପାଠୁଆ ସମସ୍ତଙ୍କର ଗୋଟିଏ ରୂପ, ତାର କାରଣ ଗୁଡିକରୁ ପ୍ରଥମ କାରଣ ସମ୍ପତ୍ତି ବିବାଦ। ପୈତୃକ ସମ୍ପତ୍ତି, ଜମି, ଘର, ଅର୍ଥ, ଏହା ଭାଇ–ଭାଇ ମଧରେ ସବୁଠାରୁ ବଡ଼ ବିବାଦର କାରଣ। ଗୋଟିଏ ଭାଇ ଭାବେ ଆଉ ଗୋଟିଏ ଭାଇ ମୋ ଅଂଶ ନେଇଗଲା, ମୋର ଟଙ୍କା ହଡପ କରିନେଲା ଇତ୍ୟାଦି ଇତ୍ୟାଦି। ଏହି ଭାବନା ଧୀରେ ଧୀରେ 'ଚୋର' ପରି ଭାବନାରେ ପରିଣତ ହୁଏ। ସେହିପରି ନିଜର ଅନ୍ୟାୟର ଓ ଭୁଲ ଅନୁଭୂତି ଯାହା ପ୍ରକୃତରେ କେବେ ହେଲେ ଚୋରିର ପଦବାଚ୍ୟ ହୋଇ ନଥାଏ, କିନ୍ତୁନିଜର ବିଯୁକ୍ତାତ୍ମକ ଭାବନା, ମନ୍ଦ ଚର୍ଚ୍ଚା ଓ ଅସୁୟା ଭାବ ଆଦି



ଏକତ୍ରିତ ଭାବରେ ନିଜର ମନକୁ ଏକ ମନ୍ଦ ଭାବନାର କେନ୍ଦ୍ର ଭାବରେ ନର୍ଦ୍ଦମା ଭଳି ଗନ୍ଧମୟ ନାଳରେ ପରିଣତ କରିଥାଏ, ଯାହା ଏକ ବିସ୍ଫୋରଣର ରୂପ ନେଇ ଅନ୍ୟାୟ ହେଲାବୋଲି ମନେ ହୁଏ। ଏହି ଅନୁଭୂତି ମନକୁ ଅତ୍ୟନ୍ତ ରୁକ୍ଷ ଓ ମନ୍ଦ ଭାବନାଯୁକ୍ତ କରିଥାଏ। ଦ୍ୱିତୀୟ କାରଣଟି ହେଲା, ବେଳେ ବେଳେ ନିଜର ଖରାପ ପରିବେଶରେ ଚଳ ପ୍ରଚଳ ଓ ତୃତୀୟ ପକ୍ଷର ପ୍ରଭାବ ଯୋଗୁଁ ମନ୍ଦ ଭାବନା ସ୍ତ୍ରୀ, ସମ୍ପର୍କୀୟ, ବନ୍ଧୁ, ଅନେକ ସମୟରେ ଏମାନେ ଭାଇମାନଙ୍କ ମଧରେ ଅବିଶ୍ୱାସର ବିଜ ବୁଣିଦିଅନ୍ତି ବା ଗୋଟିଏ ଭାଇର ଅନୁପସ୍ଥିତିରେ ଅନ୍ୟ ଭାଇ ଓ ତା ପରିବାର ବିରୁଦ୍ଧରେ ବାରମ୍ବାର ଆଲୋଚନା, ଭାଇ ଭାଇ ମଧରେ ସମ୍ପର୍କକୁ ଅଧିକ ବିଷମୟ କରିଥାଏ। ଭାରତର ସ୍ୱାଧୀନତା ପୂର୍ବରୁ ଇଂରେଜମାନେ ଭାରତରେ ହିନ୍ଦୁ ଓ ମୁସଲମାନଙ୍କ ମଧରେ ବିବାଦ ସୃଷ୍ଟି କରିଥିଲେ ଯାହା ସ୍ୱାଧୀନତା ପରେ ମଧ ଦେଶଭିତରେ, ଦେଶ ବାହାରେ ଓ ଭାରତର ପ୍ରତ୍ୟେକ ଜନତାଙ୍କ ଜିନରେ ସମାନ ସମସ୍ୟା ଭାବେ ଜୀବିତ ରହି ନିଜ ନିଜର ଶତ୍ରୁ ଭାବରେ ଅବିହିତ କରିଆସୁଛି, ଯାହା ପ୍ରକୃତ ପକ୍ଷେ ଏକ ଭୁଲ ବୁଝାମଣା, ଯାହାକୁ କୁହାଯାଏ ଭାବନାତ୍ମକ ଦୂରତା। ଯେତେବେଳେ ପରସ୍ପର ମଧରେ ଆଲୋଚନା ବନ୍ଦ ହୁଏ, ସନ୍ଦେହ ଆରମ୍ଭ ହୁଏ, ସେତେବେଳେ ସନ୍ଦେହର ଶେଷ ରୂପ ଭାବରେଆରୋପର ସୃଷ୍ଟି ହୋଇଥାଏ। ତୃତୀୟ କାରଣଟି ନିଜ ଅସଫଳତାକୁ ଲୁଚାଇବା ଯୋଗୁଁ ହୋଇଥାଏ, କେବେ କେବେ ଗୋଟିଏ ଭାଇ ନିଜ ଜୀବନର ବିଫଳତା ପାଇଁ ଅନ୍ୟ ଭାଇକୁ ଦାୟୀ କରେ। ଅନ୍ୟ ଭାଇ ମୋ ସମ୍ପତ୍ତି ଚୋରି କରିନଥାନ୍ତା, ମୁଁ ଆଜି ଭଲରେ ଥାଆନ୍ତି", ଏହି ମନୋଭାବ ମଧ ଭାଇକୁ ଚୋର ଭାବରେ ଅବିହିତ କରିଥାଏ। 'ଚୋର'ଆରୋପର ସାମାଜିକ ପ୍ରଭାବ ଭାବରେ ସମ୍ପୂର୍ଣ୍ଣ ପରିବାରକୁ ଭାଙ୍ଗିଦିଏ। ମା, ବାପାଙ୍କ ସ୍ୱପ୍ନ, ସଂସ୍କାର, ତପସ୍ୟା ଭଙ୍ଗ ହୁଏ। ପରବର୍ତ୍ତୀ ପିଢ଼ି ଶତ୍ରୁତା ଶିଖେଓ ସମାଜରେ ବିଶ୍ୱାସ କମିଯାଏ। ଏହା କେବଳ ଭାଇମାନଙ୍କ ମଧର ସମସ୍ୟା ନୁହେଁ, ଏହା ସମାଜିକ ନୀତିର ଅବକ୍ଷୟ ଯାହାର ସମାଧାନର ପଥସ୍ପଷ୍ଟ ବାଟବଣା କରିଥାଏ। ଆଇନଗତ ଓ ନ୍ୟାୟସଙ୍ଗତ, ଖୋଲା ଆଲୋଚନାସହିତ ଅଭିଯୋଗ ପୂର୍ବରୁ କଥାବାର୍ତ୍ତା, ଭାବନାତ୍ମକ ସମ୍ମାନଓ ସମ୍ପତ୍ତିଠାରୁ ସମ୍ପର୍କ ବଡ଼, ନୀତିଗତ ଶିକ୍ଷାଆଦି ପରିବାରରୁ ଆରମ୍ଭ ହେବା ଅତ୍ୟନ୍ତ ଜରୁରୀ। ମୂର୍ଖ, ନିରକ୍ଷର ଓ ଦୁଷ୍ଟ ବ୍ୟକ୍ତି ସାଧାରଣତଃ ତୃତୀୟ ପକ୍ଷର ମଧସ୍ଥତା ଖୋଜନ୍ତି, ମାତ୍ର ଯେଉଁଠାରେ ପରସ୍ପରକୁ ବୁଝିବାକୁ ସମସ୍ତ ମାନସିକ ଅବସ୍ଥା ପରିପୂର୍ଣ୍ଣ ବା ପରସ୍ପରକୁ ବୁଝିବାକୁ ମନ ସ୍ଥିର କରାଯାଇପାରେ ସେଠାରେ ଏହାର ଆବଶ୍ୟକ ନଥାଏ।

'ଚୋର'ଶବ୍ଦଟି ଏକ ଅପରାଧର ନାମ ହେଲେ ମଧ, ଯେତେବେଳେ ଏହା ନିଜ ଭାଇ ପାଇଁ ବ୍ୟବହୃତ ହୁଏ, ସେତେବେଳେ ଏହା ରକ୍ତ ସମ୍ପର୍କର ହତ୍ୟା ସହିତ ସମାନ ହୋଇଥାଏ। ସମ୍ପତ୍ତି ଆସିଯିବ, ଚାଲିଯିବ, କିନ୍ତୁ ଭାଇ ଚାଲିଗଲା ପରେ ସେ ଶୂନ୍ୟତା କେବେ ପୂରଣ ହୁଏ ନାହିଁ। ତେଣୁ 'ଚୋର'କୁହିବା ପୂର୍ବରୁ ମନେ ପକାଇବା ଦରକାରଆମେ କଣ ପ୍ରକୃତରେ ସମ୍ପତ୍ତି ବଞ୍ଚାଉଛୁ, ନା ସମ୍ପର୍କ ଭଳି ଏକ ମହାନ ସମ୍ପତ୍ତିକୁ ହାରାଉଛୁ? ଆରୋପ ପୂର୍ବରୁ ଅନ୍ୟ ଭାଇର ଦୃଷ୍ଟିକୋଣ ବୁଝିବାର ଚେଷ୍ଟା ଜରୁରୀ ଓ ଆରୋପ ପୂର୍ବରୁ ଶାନ୍ତ ଭାବରେ ଆଲୋଚନା ଏକ ନୀତିଗତ ସାହସର ପରିଚୟଯାହା ଦୁର୍ବଳତା ନୁହେଁ ବରଂ ଉଚ୍ଚତମ ନୀତିଗତ ଶକ୍ତି।

ନୀତିଶାସ୍ତ୍ରରେ 'ଚୋରି'କେବଳ ଅନ୍ୟର ସମ୍ପତ୍ତି ଅନଧିକୃତ ଭାବେ ଗ୍ରହଣ କରିବାକୁ ନୁହେଁ, ବରଂନ୍ୟାୟ, ବିଶ୍ୱାସ ଓ ନୀତିଗତ ମୂଲ୍ୟବୋଧର ଉଲ୍ଲଂଘନଭାବେ ଦେଖାଯାଏ। ଯେତେବେଳେ ଏହି ଆରୋପ ଜଣେ ଅଜଣା ବ୍ୟକ୍ତି ପାଇଁ ନୁହେଁ, ନିଜ ଭାଇ ପାଇଁ ବ୍ୟବହୃତ ହୁଏ, ସେତେବେଳେ ଏହା କେବଳ ଆଇନ ସମସ୍ୟା ନୁହେଁ ବରଂ ଗଭୀରନୀତିଗତ ସଂକଟରୂପେ ପ୍ରକାଶ ପାଇଥାଏ। ମହାତ୍ମା ଗାନ୍ଧୀଙ୍କ ଭାଷାରେ 'ଆବଶ୍ୟକତା ପାଇଁ ଯଥେଷ୍ଟ ଅଛି, କିନ୍ତୁ ଲୋଭ ପାଇଁ ନୁହେଁ। 'ଏହି ଲୋଭ ହିଁ ନୀତିଗତ ଚୋରିର ମୂଳ ରୂପ। ନ୍ୟାୟ ବିନା ଅଧିକାର, ସହାନୁଭୂତି ବିନା ସତ୍ୟଓ ମୂଲ୍ୟ ବିନା ସମ୍ପର୍କ, ସବୁ ଅସମ୍ପୂର୍ଣ୍ଣ। ନୀତିଗତ ଦୃଷ୍ଟିକୋଣରୁ 'ଚୋର'ଶବ୍ଦଟି ଯେତେବେଳେ ନିଜ ଭାଇ ପାଇଁ ବ୍ୟବହୃତ ହୁଏ, ସେତେବେଳେ ଏହା କେବଳ ଏକ ଆରୋପ ନୁହେଁ, ବରଂଭାଇଚାରା, ବିଶ୍ୱାସ ଓ ମାନବୀୟ ମୂଲ୍ୟବୋଧର ଅବକ୍ଷୟ ଭାବରେ ଧରାଯାଏ।


ସଂସାଧନ ବ୍ୟକ୍ତି, ଭାରତୀୟ ମାନକ ବ୍ୟୁରୋ
ଭୁବନେଶ୍ୱର, ଭାରତ ସରକାର
ମୋବାଇଲ୍: ୯୪୩୭୧୨୩୮୯୨


# ନିଜେ ବଦଳିଲେ ସମାଜ ବଦଳିବ

**ବିଜୟ କୁମାର ପୃଷ୍ଟି**

## ବିଶ୍ୱ ଧ୍ୟାନ ଦିବସ ଉପଲକ୍ଷେ



ପ୍ରତ୍ୟେକ ବର୍ଷ ଡିସେମ୍ବର ୨୧ ତାରିଖ ଦିନ ପାଳନ କରାଯାଏ 'ବିଶ୍ୱ ଧାନ ଦିବସ'। ଚଳିତ ବର୍ଷର ଘୋଷଣା ହେଲା 'ନିଜେ ବଦଳିଲେ - ସମାଜ ବଦଳିବ', ବ୍ରହ୍ମକୁମାର ବା ବ୍ରହ୍ମକୁମାରୀମାନେ ସାକ୍ଷାତ ହେଲେ ସମ୍ବୋଧନ କରି କୁହନ୍ତି 'ଓମ୍ ଶାନ୍ତି'। ଅର୍ଥାତ୍ ସମସ୍ତେ ଶାନ୍ତିରେ ରୁହନ୍ତୁ। କେମିତି ରହିବେ କେବଳ କହିଦେଲେ ତ ଶାନ୍ତି ମିଳିବନି।

ଆଜି ସାରା ବିଶ୍ୱରେ ଖାଲି ବିଶୃଙ୍ଖଳା, ଅଶାନ୍ତି, ଅରାଜକତା ବଢ଼ି ଚାଲିଛି। ଘରେ ସ୍ୱାମୀ-ସ୍ତ୍ରୀର ସୁସମ୍ପର୍କ ରହୁନାହିଁ, ଭାଇ ଭାଇର ମନ ମିଶୁ ନାହିଁ, ବାପପୁଅ ମଧରେ ଅଶାନ୍ତି, ବନ୍ଧୁ ପରିଜନ ମଧରେ ଆନନ୍ଦ ଉଲ୍ଲାସ ନାହିଁ, ଗାଁ ଗଣ୍ଡାରେ ମାଲି ମକଦ୍ଦମା ଏବଂ ଦେଶ ଦେଶ ମଧରେ ଶତ୍ରୁତା ବଢ଼ି ଯୁଦ୍ଧର ବିକଟାଳ ଦୃଶ୍ୟ ବଢ଼ି ଚାଲିଛି। ଏହା ଫଳରେ ଦୁଃଖ, ଯନ୍ତ୍ରଣା ଏବଂ ଅବସାଦ ବ୍ୟତୀତ ଆଉ କିଛି ନାହିଁ। ଆପଣ ଭାବୁଥିବେ ଆଇନ କଡ଼ାକଡ଼ି ହୋଇଗଲେ ସମସ୍ତେ ଶୃଙ୍ଖଳିତ ହୋଇଯିବେ ନା ପୁଲିସର କଡ଼ା ପହରାରେ ଚୋରି ବନ୍ଦ ହୋଇଯିବ। ନାଁ, ଏହା ଅସମ୍ଭବ। କେବଳ ମନୁଷ୍ୟ ଭିତରେ ଥିବା ମନ ବା ମାନସିକତା ପରିବର୍ତ୍ତନ ହେଲେ ସବୁ ସମ୍ଭବ ହୋଇ ପାରିବ। ଏହି ସୁନ୍ଦର, ବିଚିତ୍ର ମନ ହିଁ ସମଗ୍ର ବିଶ୍ୱର ପ୍ରତ୍ୟେକ ସମସ୍ୟାର ସମାଧାନ କରିପାରିବ। ବିଶ୍ୱରେ ଶାନ୍ତି ଫେରି ଆସିବ। ମନୁଷ୍ୟର ମନ ଯଦି ନିଜର ଅଧିନରେ ରହିବ ତା'ର ସମସ୍ତ ଚିନ୍ତା ଓ କର୍ମ, ବୁଦ୍ଧି ଏବଂ ପବିତ୍ର ହୋଇଥାଏ। ସେଥିପାଇଁ ବୁଦ୍ଧଦେବ ବିପଶ୍ୟନ ଯୋଗ ମାଧମରେ ମନକୁ ନିୟନ୍ତ୍ରଣ କରିବାର ସରଳ ମାର୍ଗ ପ୍ରଦର୍ଶନ କରିଛନ୍ତି।

ଗୋଟିଏ ଉଦାହରଣ ନିଆଯାଇପାରେ। ଆନ୍ଧ୍ରର ପୂର୍ବ ନାଇଡୁ ସରକାରଙ୍କ ସମୟରେ ପ୍ରତ୍ୟେକ ସଚିବାଳୟର କର୍ମଚାରୀ ଗୋଟିଏ ଗୋଟିଏ ଗ୍ରୁପରେ ୧୪ ଦିନର ବିପଶ୍ୟନ ଯୋଗ ପ୍ରଶିକ୍ଷଣରେ ଯୋଗ ଦେଇଥିଲେ। ଫଳାଫଳରୁ ଯାହା ଜଣା ପଡ଼ିଲା, କର୍ମଚାରୀମାନେ କର୍ମ କ୍ଷେତ୍ରରେ ୫ରୁ ୬ଘଣ୍ଟା ପର୍ଯ୍ୟନ୍ତ ନିଜର କର୍ତ୍ତବ୍ୟ ସମ୍ପାଦନା କରୁଛନ୍ତି। ଯାହାକି ପୂର୍ବରୁ ମାତ୍ର ୩ରୁ ୪ଘଣ୍ଟା କାର୍ଯ୍ୟ କରୁଥିଲେ। ଏହି ବିପଶ୍ୟନ ଧାନ ହିଁ କରୁଛି କାମ। ଗୀତାରେ କୁହାଯାଇଛି 'ଚିତ୍ତବୃତ୍ତିନରୋଧଃ' - ଚିତ୍ତ ଅର୍ଥାତ୍ ମନକୁ ଆୟତ କରାଯାଏ ଧାନ ଦ୍ୱାରା। ମନ ଏକ ବିଚିତ୍ର - ରହସ୍ୟମୟ ଦୁନିଆ। ମାଙ୍କଡ଼ପରି ଘୁରି ବୁଲେ। କୂଳ କିନାରା କିଛି ନଥାଏ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଧାନ ସାଧନାର ଆବଶ୍ୟକତା ରହିଛି। ଧାନ କରିବାକୁ ହେଲେ ଚିତ୍ତ, ପ୍ରଶାନ୍ତି, ନିର୍ମଳ, ବିଶୁଦ୍ଧ, ଅନ୍ତର୍ମୁଖୀ, ଦୃଢ଼ ଓ ଏକାଗ୍ର ହେବା ଏକାନ୍ତ ଆବଶ୍ୟକ କାରଣ ବ୍ରହ୍ମ ହେଉଛନ୍ତି ବିଶୁଦ୍ଧି ଓ ନିଗୂଢ଼। ତେଣୁ ବ୍ରହ୍ମ ସନ୍ଧାନକୁ ଯିବାକୁ ହେଲେ ଆମ୍ଭମାନଙ୍କ ଚିତ୍ତ ମଧ ବିଶୁଦ୍ଧ ଓ ଏକାଗ୍ର ହେବା ଆବଶ୍ୟକ। ମନ ଯେତିକି ଯେତିକି ଭଗବତମୁଖୀ ହେଉଥିବ ମାନସିକ ବଳ ସେତିକି ସେତିକି ବଢୁଥିବ। ଧାନ ବଳରେ ହୃଦୟ ମଧରେ ଥିବା ଗୁପ୍ତ ଦ୍ୱାରଟି ଖୋଲିଯାଏ। ଫଳରେ ସଂସାରର ଯାବତୀୟ ଆବେଗ ଠାରୁ ଦୂରେଇ ଯାଇ ମନ ସଦାସର୍ବଦା ଭଗବତ ପଦାରବିନ୍ଦ ଆଡ଼କୁ ଅଗ୍ରସର ହୁଏ। ତେଣୁ ଧାନକୁ ଆଧାତ୍ମିକ ମାର୍ଗର ସର୍ବଶ୍ରେଷ୍ଠ ସୋପାନ ବୋଲି ଗ୍ରହଣ କରାଯାଇଛି।

ମହର୍ଷି ପତଞ୍ଜଳୀଙ୍କ ଅଷ୍ଟାଙ୍ଗ ଯୋଗ ଏକ ଅନ୍ତର୍ମୁଖୀ ସାଧନା। ଈଶ୍ୱରାନୁଭୂତିର ସ୍ରୋତକୁ ପ୍ରବାହମାନ କରି ରଖିବାର ଅନ୍ୟ ନାମ ଧାନ। ଧାନ ପାଇଁ ମନରୁ ସମସ୍ତ ପ୍ରକାର ସାଂସାରିକ ଚିନ୍ତା ଦୂର କରିଦିଆଯାଏ। କେବଳ ଦିବ୍ୟ ଚିନ୍ତା, ଦିବ୍ୟ ଜ୍ୟୋତି, ଦିବ୍ୟ ମହିମାରେ ମନକୁ ପରିପୂର୍ଣ୍ଣ କରିଦିଆଯାଏ। କେବଳ ଯମ, ନିୟମ, ଆସନ, ପ୍ରାଣାୟାମ ଓ ପ୍ରତ୍ୟାହାର ଏହାର ବହିଃଅଙ୍ଗ, ଧାରଣା ଧାନ ଓ ସମାଧି ଏହାର ଅନ୍ତଃ ଅଙ୍ଗ। ଧାନସ୍ଥ ନ ହେଲେ ସମାଧି ପ୍ରାପ୍ତ ଅସମ୍ଭବ। ଆଜି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଙ୍ଖଷକ୍ଟ) ମଧ ଅନୁଧାନ କରି ଘୋଷଣା କଲାଣି ପ୍ରତ୍ୟେକ ରୋଗର ୬୦ ପ୍ରତିଶତ କାରଣ ହେଉଛି 'ସାଇକୋ ସୋମାଟିକ୍' ଅର୍ଥାତ୍ ଅବସାଦଗ୍ରସ୍ତ ଜୀବନ ଯାହାକୁ କୁହାଯାଏ ଷ୍ଟ୍ରେସ୍‌ଫୁଲ ଲାଇଫ।

ଏବେ ବି ସମୟ ଅଛି - ଆମର ଜୀବନ ଧାନକୈନ୍ଦ୍ରିକ ହେଉ। ନିଜେ ନିଜର ଡାକ୍ତର ହୋଇ ସବୁ ସମସ୍ୟାର ସମାଧାନ କରିପାରିବା। ନିଜର ଧୈର୍ଯ୍ୟ, ଅଧବସାୟ, ଦୟା, ପ୍ରେମ, କ୍ଷମା, ପବିତ୍ରତା ପ୍ରଭୃତି ସାତ୍ତ୍ୱିକ ଗୁଣ ତଥା ବୈରାଗ୍ୟର ମାତ୍ରା ପ୍ରତ୍ୟେକ କିଛି କିଛି ପରିମାଣରେ ବଢ଼ାଇବାକୁ ପଡ଼ିବ। ଧାନ ସାତ୍ତ୍ୱିକ ଗୁଣର ଅଭିବୃଦ୍ଧି ଘଟାଇଥାଏ। ଧାନାଗ୍ନି ଅଧର୍ମଜନିତ ସକଳ କଲୁଷ ନାଶ କରିଦିଏ। ଧାନ ଏକ ଶକ୍ତିଶାଳୀ ବଳକାରକ ଔଷଧ ରୂପରେ କାର୍ଯ୍ୟ କରେ। ଶରୀରର ପ୍ରତ୍ୟେକ କୋଷରେ ପବିତ୍ର ପ୍ରକମ୍ପନ ପ୍ରବେଶ କରି ସାଧକର ସମସ୍ତ ରୋଗର ବିନାଶ କରେ। ଧାନଯୋଗୀଙ୍କୁ ଔଷଧ ପାଇଁ ଅର୍ଥ ବ୍ୟୟ କରିବାକୁ ପଡ଼େ ନାହିଁ। ଧାନ ହିଁ ଜୀବନର ସକଳ ଦୁଃଖ ଦୂର କରିବା ସହ ଏହା ମୁକ୍ତିମାର୍ଗ ଅଭିମୁଖୀ କରାଇ ଦିବ୍ୟଜ୍ଞାନ ଅଚିରେ ଜାତ କରିପାରିବ। ଧାନ ହିଁ ଏକମାତ୍ର ପନ୍ଥା। ଧାନ ଦ୍ୱାରା ସାତ୍ତ୍ୱିକ ଗୁଣ ଗୁଡ଼ିକର ଅଭିବୃଦ୍ଧି ହୋଇଥାଏ ଏବଂ ମନ ଭିତରେ ଗୋଟିଏ ଆଧାତ୍ମିକ ପଥ ନିର୍ମାଣ ହୋଇଯାଏ। ସକଳ ପ୍ରକାର ବ୍ୟସ୍ତତା ଠାରୁ ଦୂରକୁ ଚାଲିଗଲେ ହିଁ ଆପଣ ଧାନ କରିପାରିବେ। ଆସନ୍ତୁ 'ବିଶ୍ୱ ଧାନ ଦିବସ'ର ମହତ୍ୱକୁ ଉପଲବ୍ଧି କରି ମନକୁ ଶାନ୍ତ କରି ଶାନ୍ତିକୁ ଆପଣେଇ ନେବା। ନିଜେ ନିଜକୁ ପରିବର୍ତ୍ତନ କରି ଏ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବାରେ ସାହଯ୍ୟ କରିବା। ଓଁ ଶାନ୍ତି।


**ସମ୍ପାଦକ 'ନିରାମୟ', ମୋବାଇଲ୍: ୯୮୬୧୪୬୪୯୩୨**

# ସରକାରୀ କର୍ମଚାରୀଙ୍କ ପାଇଁ ଡ୍ରେସ୍ କୋଡ୍ ଲାଗୁ

## ଚିରାଫଟା ଜିନ୍ସ, ସ୍ଲିଭ୍‌ଲେସ୍ କି ଟାଇଟ୍ ଡ୍ରେସ୍ ଚଳିବନି

## ସର୍କୁଲାର୍‌ଜାରି କଲା ଡିପିଏଆର୍

**ବେଙ୍ଗାଲୁରୁ:** କର୍ଣ୍ଣାଟକ ସରକାର ସରକାରୀ କର୍ମଚାରୀଙ୍କ ପାଇଁ ଏକ ଡ୍ରେସ୍ କୋଡ୍ ଲାଗୁ କରିଛନ୍ତି। କାର୍ମିକ ଓ ପ୍ରଶାସନିକ ସଂସ୍କାର ବିଭାଗ (ଡିପିଏଆର୍) ପକ୍ଷରୁ ଏନେଇ ଏକ ସର୍କୁଲାର ଜାରି କରାଯାଇଛି। କାର୍ଯ୍ୟାଳୟରେ ଚିରା ଜିନ୍ସ ଏବଂ ସ୍ଲିଭ୍‌ଲେସ୍ ପିନ୍ଧିବା ଉପରେ ନିଷେଧାଦେଶ ଜାରି କରାଯାଇଛି। ଏହି ଆଦେଶ ପଛରେ ଉଲ୍ଲିଖିତ କାରଣ ହେଉଛି ସରକାରୀ କାର୍ଯ୍ୟାଳୟରେ ମର୍ଯ୍ୟାଦା ବଜାୟ ରଖିବା। ଏହି ନିୟମ ପାଳନ ନ କଲେ ହେବ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କର୍ଣ୍ଣାଟକର କାର୍ମିକ ଏବଂ ପ୍ରଶାସନିକ ସଂସ୍କାର ବିଭାଗ କର୍ଣ୍ଣାଟକ ସରକାରୀ କର୍ମଚାରୀଙ୍କ ପାଇଁ ଅଫିସ ଶୃଙ୍ଖଳା ସମ୍ପର୍କରେ ଏକ କଠୋର ସର୍କୁଲାର ଜାରି କରିଛି। ଏହି ସର୍କୁଲାର ଅନୁଯାୟୀ, କର୍ମଚାରୀମାନଙ୍କୁ ଚିରା ଜିନ୍ସ ଏବଂ ସ୍ଲିଭ୍‌ଲେସ୍ ପିନ୍ଧିବାକୁ ବାରଣ କରାଯାଇଛି।



ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଏହି ସର୍କୁଲାର ବିଭିନ୍ନ ବିଭାଗ ମୁଖ୍ୟ, ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ, ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, ସଚିବ, ଜିଲ୍ଲା ପଞ୍ଚାୟତର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟ ଭାରପ୍ରାପ୍ତ ଅଧିକାରୀମାନଙ୍କ ନିକଟକୁ ପଠାଯାଇଛି। ଏଥିରେ ସରକାରୀ କାର୍ଯ୍ୟାଳୟରେ ପ୍ରବେଶ କରିବା ସମୟରେ କ'ଣ କରିବେ ଏବଂ କ'ଣ କରିବେ ନାହିଁ, ତାହା ବି ତାଲିକାଭୁକ୍ତ କରାଯାଇଛି।

ସର୍କୁଲାର ସମ୍ପର୍କରେ ସରକାର କହିଛନ୍ତି ଯେ ବିଭାଗକୁ ଜନସାଧାରଣ ଓ କିଛି ସଂଗଠନ ପକ୍ଷରୁ ଅଭିଯୋଗ ହୋଇଥିଲା ଯେ କିଛି କର୍ମଚାରୀ ରାଜ୍ୟ ସରକାରୀ କାର୍ଯ୍ୟାଳୟରେ ଅଶାଳୀନ ପୋଷାକ ପିନ୍ଧି କାମ କରୁଛନ୍ତି। ଯଦିଓ କର୍ମଚାରୀମାନଙ୍କୁ ଉପଯୁକ୍ତ ପୋଷାକ ପିନ୍ଧିବାକୁ ନିର୍ଦ୍ଦେଶ ଦିଆଯାଇଛି, ଅନେକେ ଏହି ନିର୍ଦ୍ଦେଶ ପାଳନ କରୁନାହାଁନ୍ତି। ଏହି କାରଣରୁ ନୂଆ ସର୍କୁଲାର ଜାରି କରାଯାଇଛି ଓ ଏହାକୁ କଡ଼ାକଡ଼ି ଲାଗୁ କରିବାକୁ ତାଗିଦ ବି କରାଯାଇଛି।

# ଦୁର୍ବଳ ହେଉଛି ଲାଲ୍‌ଗଡ଼
# ୪୧ ନକ୍ସଲଙ୍କ ଆତ୍ମସମର୍ପଣ

- ମୁଣ୍ଡରେ ଥିଲା ୧.୪୬ କୋଟିର ପୁରସ୍କାର
- ଏନ୍‌କାଉଣ୍ଟର୍‌ରେ ମାଓବାଦୀ ନିପାତ

**ହାଇଦ୍ରାବାଦ, ୨୦।୧୨:** ଆସନ୍ତା ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦେଶ ମାଓମୁକ୍ତ ହେବ ବୋଲି କେନ୍ଦ୍ର ସରକାର ଘୋଷଣା କରିସାରିଥିବା ବେଳେ ଦିନକୁ ଦିନ ଲାଲ୍‌ଗଡ଼ ଦୁର୍ବଳ ହେବାରେ ଲାଗିଛି। ତେଣୁ କେନ୍ଦ୍ର ସରକାରଙ୍କ ଘୋଷଣା ଅନୁସାରେ, ଦେଶରୁ ଧାର୍ଯ୍ୟ ସମୟ ମଧ୍ୟରେ ନକ୍ସଲମାନଙ୍କ ନିପାତ ହେବା ନିଶ୍ଚିତ ମନେ ହେଉଛି। ଏହି କ୍ରମରେ ଆଜି ତେଲଙ୍ଗାନାରେ ମାଓ ସଙ୍ଗଠନକୁ ଜବରଦସ୍ତ ଝଟ୍‌କା ଲାଗିଛି। କାରଣ ଗତକାଲି ସିପିଆଇ (ମାଓବାଦୀ) ସଂଗଠନର ୪୧ ଜଣ ନକ୍ସଲ ହାଇଦ୍ରାବାଦ ପୁଲିସ ନିକଟରେ



ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୬ ଜଣ ବରିଷ୍ଠ କ୍ୟାଡର ନକ୍ସଲ (କମ୍ପାନୀ ପ୍ଲାଟୁନ୍ ଏବଂ ଡିଭିଜନାଲ୍ କମିଟି ସ୍ତରର) ରହିଛନ୍ତି।

ଡିଜିପି ବି. ଶିବଧର ରେଡ୍ଡୀ କହିଛନ୍ତି, ଆତ୍ମସମର୍ପଣ କରିଥିବା ନକ୍ସଲଙ୍କ ମଧ୍ୟରେ ଛତିଶଗଡ଼ର ୩୯ଜଣ ସାମିଲ। ଏମାନେ ହିଂସା ତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଘୋଷଣା କରିଛନ୍ତି। ଏଥିସହ ୨୪ଟି ଅସ୍ତ୍ରଶସ୍ତ୍ର ହସ୍ତାନ୍ତର କରିଛନ୍ତି। ସେଥିମଧ୍ୟରେ ଇନ୍ସାସ ଏଲ୍‌ଏମଜି, ଏକେ-୪୭, ଏସ୍‌ଏଲଆର୍ ଏବଂ ୭୩୩ କାର୍ତ୍ତୁସ୍ ରହିଛି। ଏହି ନକ୍ସଲମାନେ ନିଜର ବରିଷ୍ଠ ନେତୃତ୍ୱଙ୍କ ଉପରେ ଅସନ୍ତୁଷ୍ଟ ଥିଲେ। ଆତ୍ମସମର୍ପଣ କରିଥିବା ୪୧ ଜଣ ନକ୍ସଲଙ୍କ ଉପରେ ମୋଟ ୧.୪୬ କୋଟି ଟଙ୍କାର ପୁରସ୍କାର ଥିଲା।

ସେହିପରି ଛତିଶଗଡ଼ରେ ଜଣେ ମାଓବାଦୀ ନିପାତ ହୋଇଛି। ମାଲକାନଗିରି ସୀମାନ୍ତ ଛତିଶଗଡ଼-ବିଜାପୁରରେ ପୁଲିସ ସହ ଏନ୍‌କାଉଣ୍ଟର୍ ସମୟରେ ହାର୍ଡକୋର ମାଓବାଦୀ ଫଗନୁ ମାଡ଼ଭିର ମୃତ୍ୟୁ ହୋଇଛି। ଭୈରବଗଡ଼ ଥାନା ଇନ୍ଦ୍ରାବତୀ ଜଙ୍ଗଲରେ ଉକ୍ତ ମାଓବାଦୀ ଜଣଙ୍କ ଲୁଚି ରହିଥିବା ଠୋସ୍ ସୂଚନା ପାଇବା ପରେ ଡିଆରଜି ଓ ସିଆରପିଏଫ ବାହିନୀ ପକ୍ଷରୁ ସେଠାରେ ମିଳିତ ଭାବେ କମ୍ବିଂ ଅପରେସନ୍ ଆରମ୍ଭ କରାଯାଇଥିଲା। ଏହି ସଂଘର୍ଷ ପାଖାପାଖି ଘଣ୍ଟାଏକାଳ ଚାଲିବା ପରେ ଶେଷରେ ମାଓବାଦୀମାନେ ଛତ୍ରଭାଙ୍ଗ ଦେଇଥିଲେ। କିନ୍ତୁ ପୁଲିସ୍‌କୁ ଘଟଣାସ୍ଥଳରୁ ମାଡ଼ଭିର ମୃତଦେହ ମିଳିଛି। ସେ ଭୈରବଗଡ଼ ଏରିଆ କମିଟି ସଦସ୍ୟ ଥିବା ବେଳେ ତା' ମୁଣ୍ଡରେ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଏଥିସହ ଘଟଣାସ୍ଥଳରୁ ଗୋଟିଏ ବନ୍ଧୁକ, ପିସ୍ତଲ, ରେଡିଓ, ମେଡିକାଲ କିଟ୍, ବିଦ୍ୟୁତ ତାର ସହ ନକ୍ସଲଙ୍କ କିଟ୍ ବ୍ୟାଗ୍ ଜବତ ହୋଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସର୍ଚ୍ଚ ଅପରେସନ ଜାରି ରହିଥିବା ବିଜାପୁର ଏସପି କହିଛନ୍ତି।

## ଧରାଇଦେଲେ ମିଳିବ ୮.୪ କୋଟି

**ବୌଦ୍ଧ:** ମାଓବାଦୀଙ୍କୁ ଧରାଇଦେବା ପାଇଁ ପୁଲିସ ପକ୍ଷରୁ ଆଜି ଏକ ବଡ଼ ଘୋଷଣା କରାଯାଇଛି। ବୌଦ୍ଧ ପୁଲିସ ୧୮ ମାଓବାଦୀଙ୍କ ମୁଣ୍ଡ ଉପରେ ୮ କୋଟି ୪୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛି। ଏପରିକି ପୁଲିସ ପକ୍ଷରୁ ବିଭିନ୍ନ ଉପାନ୍ତ ଅଞ୍ଚଳରେ ପୋଷ୍ଟର ଲଗାଯାଇଛି। ପୋଷ୍ଟର୍‌ରେ ଉକ୍ତ



ମାଓବାଦୀଙ୍କ ନାମ ସହ ଫଟୋ ଓ ପୁରସ୍କାର ରାଶି ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏଥିସହ ଆତ୍ମସମର୍ପଣ ପରେ ସମ୍ପୃକ୍ତ ମାଓବାଦୀମାନଙ୍କୁ କ'ଣ କ'ଣ ସୁବିଧା ମିଳିବ, ସେନେଇ ବି ପୋଷ୍ଟରରେ ବିଶଦ ସୂଚନା ଦିଆଯାଇଛି। ସେହିପରି ଯେଉଁମାନେ ସୂଚନା ଦେବାକୁ ଚାହିଁବେ, ସେମାନଙ୍କ ସକାଶେ ପୁଲିସ ପକ୍ଷରୁ ମୋବାଇଲ ନଂ ୯୪୩୭୬ ୭୩୮୩୯ ବି ଜାରି କରାଯାଇଛି। ମାଓବାଦୀଙ୍କ ସମ୍ପର୍କରେ ସୂଚନା ଦେଉଥିବା ବ୍ୟକ୍ତିଙ୍କ ପରିଚୟ ସମ୍ପୂର୍ଣ୍ଣ ଭାବେ ଗୋପନ ରଖାଯିବ ବୋଲି ପୁଲିସ୍ ସ୍ପଷ୍ଟ କରିଛି।

## ରାଜଧାନୀରେ ରେଡ୍ ଆଲର୍ଟ
# ୧୭୭ ବିମାନ ବାତିଲ, ୫୦ ଟ୍ରେନ୍ ବିଳମ୍ବିତ



**ନୂଆଦିଲ୍ଲୀ, ୨୦।୧୨:** ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଘନ କୁହୁଡ଼ିଜନିତ ସମସ୍ୟା ଥମିବାର ନାଁ ଧରୁନାହିଁ। ଆଜି ପୁଣିଥରେ ପ୍ରାତଃ ସମୟରେ ରାଜଧାନୀ ଆଚ୍ଛାଦିତ ହୋଇଯାଇଥିଲା। ଫଳତଃ ରାସ୍ତାଘାଟ ସ୍ପଷ୍ଟ ଭାବେ ଦେଖାଯାଉନଥିବାରୁ ପୁଣିଥରେ ବିମାନ ଓ ଟ୍ରେନ୍ ସେବା ବାଧାପ୍ରାପ୍ତ ହୋଇଛି। ଏଠାକାର ଇନ୍ଦିରା ଗାନ୍ଧି ଅନ୍ତର୍ଜାତୀୟ ବିମାନବନ୍ଦର ବିଶେଷ ଭାବେ ପ୍ରଭାବିତ ହୋଇଛି। ଯାତ୍ରୀ ସୁରକ୍ଷାକୁ ପ୍ରାଥମିକତା ଦେଇ ବିମାନବନ୍ଦର ପକ୍ଷରୁ ଆଜି ୮୯ଟି ବିମାନର ଆଗମନ ଓ ୮୮ଟି ବିମାନର ପ୍ରସ୍ଥାନ ଏହିପରି ମୋଟ ୧୭୭ଟି ବିମାନର ଉଡ଼ାଣକୁ ବାତିଲ୍ କରିଦିଆଯାଇଛି। ଫଳସ୍ୱରୂପ ହଜାର ହଜାର ଯାତ୍ରୀ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚିପାରିନାହାନ୍ତି। ସେହିପରି ଆହୁରି କେତେକ ବିମାନକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି କିମ୍ବା ସେଗୁଡ଼ିକର ଉଡ଼ାଣ ବିଳମ୍ବିତ ହୋଇଛି। ଆହୁରି ୫୦ଟି ଟ୍ରେନ୍ ମଧ ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଚାଲୁଥିବା ଜଣାପଡ଼ିଛି। ସେହିପରି ଘନ କୁହୁଡ଼ି ଯୋଗୁଁ ଆଇଏମ୍‌ଡି ପକ୍ଷରୁ ଅରେଞ୍ଜ୍ ଆଲର୍ଟ ଜାରି କରାଯାଇଛି।

ଅନ୍ୟପକ୍ଷରେ ପାଣିପାଗ ବିଭାଗ ପକ୍ଷରୁ ମିଳଥିବା ସୂଚନାନୁସାରେ, ରାଜଧାନୀରେ ଘନ କୁହୁଡ଼ିଜନିତ ଅବ୍ୟବସ୍ଥା ଆହୁରି କିଛି ଦିନ ଧରି ଚାଲିବ। କାରଣ ଏବେ କୁହୁଡ଼ି ଆସ୍ତରଣ ହଟିବା ସମ୍ଭାବନା କ୍ଷୀଣ ରହିଛି। ଏପରି ସ୍ଥିତିରେ ବିମାନ ଯାତ୍ରୀମାନଙ୍କୁ ସେମାନଙ୍କ ବିମାନର ସ୍ଥିତି ଯାଞ୍ଚ କରିବା ସହ କେବଳ ଆବଶ୍ୟକ ହେଲେ ହିଁ ଯାତ୍ରା କରିବା ସକାଶେ ନିବେଦନ କରାଯାଇଛି। ଶନିବାର ସକାଳେ ଜାତୀୟ ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଗୁରୁତର ସ୍ଥିତିରେ ପହଞ୍ଚିଥିଲା। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି), ଦିଲ୍ଲୀ ପ୍ରଦୂଷଣ ନିୟନ୍ତ୍ରଣ କମିଟି (ଡିପିସିସି) ଓ ଆଇଏମ୍‌ଡିର ତଥ୍ୟ ଅନୁଯାୟୀ, ରାଜଧାନୀର ପ୍ରାୟ ସମସ୍ତ ଅଞ୍ଚଳରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୦୦ ଉପରେ ରେକର୍ଡ କରାଯାଇଛି, ଯାହା 'ଅତ୍ୟନ୍ତ ଖରାପ'ରୁ 'ଗମ୍ଭୀର' ବର୍ଗଭୁକ୍ତ। ପୂର୍ବ ଦିଲ୍ଲୀର ବିବେକ ବିହାର (୪୩୫), ଆନନ୍ଦ ବିହାର (୪୩୪) ଓ ଆଇଟିଓ (୪୩୭) ଭଳି ଅଞ୍ଚଳରେ ପରିସ୍ଥିତି ସବୁଠାରୁ ଖରାପ ଥିଲା। ଉତ୍ତର ଓ ପଶ୍ଚିମ ଦିଲ୍ଲୀର ରୋହିଣୀ (୪୨୧), ୱାଜିରପୁର (୪୨୪), ଜାହାଙ୍ଗୀରପୁରୀ (୪୨୮) ଏବଂ ପଞ୍ଜାବୀ ବାଗ (୪୧୭) ଭଳି ଅଞ୍ଚଳର ବାୟୁ ନିଶ୍ୱାସ ନେବା ଯୋଗ୍ୟ ନଥିଲା।

ପୂର୍ବାହ୍ନ ୧୦ଟା ସୁଦ୍ଧା ଦିଲ୍ଲୀର ଅନେକ ଅଞ୍ଚଳ ଏତେ ମାତ୍ରାରେ ଘନ କୁହୁଡ଼ିରେ ଆଚ୍ଛାଦିତ ହୋଇଥିଲା ଯେ ରାସ୍ତା ସ୍ପଷ୍ଟ ଭାବେ ଦେଖାଯାଉନଥିଲା। ସଫଦରଜଙ୍ଗରେ ୨୦୦ ମିଟର, ପାଲମ ଅଞ୍ଚଳରେ ୩୫୦ ମିଟର ଭିଜିବିଲିଟି ରେକର୍ଡ କରାଯାଇଥିଲା। ଘନ କୁହୁଡ଼ି ଯୋଗୁଁ ରାସ୍ତା ଅସ୍ପଷ୍ଟ ଦିଶୁଥିବାରୁ ଏହା ସଡ଼କ, ରେଳ ଓ ବିମାନ ଚଳାଚଳକୁ ବ୍ୟାପକ ଭାବେ ପ୍ରଭାବିତ କରିଛି। ତେଣୁ ଲୋକମାନଙ୍କୁ ସତର୍କତା ଅବଲମ୍ବନ କରିବା ସହ ଆବଶ୍ୟକ ଥିଲେ ହିଁ ଯାତ୍ରା କରିବାକୁ କୁହାଯାଇଛି।

# ଟ୍ରେନ୍‌ରେ ମହିଳାଙ୍କୁ ଦୁଷ୍କର୍ମ, ଯବାନ ଗିରଫ

**ରାଞ୍ଚି, ୨୦।୧୨:** ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜନୈକା ୨୨ ବର୍ଷୀୟା ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଯବାନ ଗିରଫ ହୋଇଛନ୍ତି। ଏହି ଘଟଣାରେ ସେନାର ଜଣେ ବରିଷ୍ଠ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏହି ଘଟଣା ଗତ ଗୁରୁବାର ସନ୍ଧ୍ୟା ପାଖାପାଖି ସାଢ଼େ ୫ଟା ସମୟରେ ଟାଟିସିଲୱାଇ ରେଲୱେ ଷ୍ଟେସନରେ ଘଟିଛି। ସେତେବେଳେ ଉକ୍ତ ପୀଡ଼ିତା ଜଣଙ୍କ ରାଞ୍ଚି ଯିବା ସକାଶେ ଟ୍ରେନ୍ ଆଗମନକୁ ଅପେକ୍ଷା କରିଥିଲେ। ଏହି ସମୟରେ ଉକ୍ତ ୪୨ ବର୍ଷୀୟ ଯବାନ ଜଣଙ୍କ ତାଙ୍କୁ ଟ୍ରେନ୍‌ର ଏକ ଖାଲି କୋଚ୍ ଭିତରକୁ ନେଇଗଲେ ଓ ପରେ ତାଙ୍କ ସହ ଦୁଷ୍କର୍ମ କରିଥିବା ଉକ୍ତ ମହିଳା ଜଣଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ରେଲୱେ ପ୍ରୋଟେକ୍ସନ ଫୋର୍ସ (ଆରପିଏଫ)ର ଜଣେ ଅଧିକାରୀ କହିଛନ୍ତ ଯେ ସେନାରେ କାର୍ଯ୍ୟରତ ଉକ୍ତ ଯବାନ ଜଣଙ୍କ ଏକ ଡିଫେନ୍ସ ଲଜିଷ୍ଟିକ୍ସ ଟ୍ରେନର ସୁରକ୍ଷା ଦାୟିତ୍ୱରେ ଥିଲେ। ତେବେ ଦୁଷ୍କର୍ମ ସମୟରେ ଉକ୍ତ ଯବାନ ଜଣଙ୍କ ନିଶାସକ୍ତ ଅବସ୍ଥାରେ ଥିବା କୁହାଯାଉଛି।ତାଙ୍କର ଘର ଉତ୍ତର ପ୍ରଦେଶର ପ୍ରୟାଗରାଜ ଜିଲ୍ଲାର ସରହା ଥାନାଞ୍ଚଳରେ ହୋଇଥିବା ବେଳେ ସେ ପଞ୍ଜାବର ପଟିଆଲାରେ ୪୨ ମିଡିୟମ ରେଜିମେଣ୍ଟରେ ମୁତୟନ ଥିଲେ। ଯବାନ ଜଣଙ୍କ ଉକ୍ତ ମହିଳାଙ୍କୁ କୋଚ୍ ଭିତରେ ଦୁଷ୍କର୍ମ କରିବାକୁ ଉଦ୍ୟମ କରିବାରୁ ମହିଳା ଜଣଙ୍କ ଖୁବ୍ ଜୋର୍‌ରେ ଚିତ୍କାର କରିଥିଲେ। ତେଣୁ ଷ୍ଟେସନରେ ଥିବା ଲୋକମାନେ କୋଚ୍ ଭିତରେ ପହଞ୍ଚିଯିବାରୁ ସେନା ଯବାନ ଜଣଙ୍କ ଧରାପଡ଼ିଯାଇଥିଲେ। ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ରେଲୱେ ପୁଲିସ ମଧ ପହଞ୍ଚିଥିଲା। ତେବେ ଲୋକେ ପହଞ୍ଚିଯିବାରୁ ଯବାନ ଜଣଙ୍କ ସେଠାରୁ ଖସି ପଳାଇଯିବା ସକାଶେ ଉଦ୍ୟମ କରିଥିଲେ। ଏଥିରେ ସେ ଆହତ ହୋଇଥିବା ବେଳେ ପୀଡ଼ିତାଙ୍କ ବୟାନ ଆଧାରରେ ମାମଲା ରୁଜୁ କରାଯିବା ସହ କୋର୍ଟରେ ଅଭିଯୁକ୍ତ ଯବାନଙ୍କୁ ହାଜର କରାଯାଇଥିଲା। ସେଠାରେ ତାଙ୍କ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

## ୮ ହାତୀକୁ ଧକ୍କାଦେଲା ରାଜଧାନୀ ଏକ୍ସପ୍ରେସ୍
# ଧାରଣାଚ୍ୟୁତ ହେଲା ଇଞ୍ଜିନ୍ ସହ ୫ କୋଚ୍



**ହୋଜାଇ, ୨୦।୧୨ (ସଂଚାର ବ୍ୟୁରୋ):** ୮ଟି ହାତୀକୁ ଧକ୍କା ଦେଇ ଲାଇନଚ୍ୟୁତ ହୋଇଛି ରାଜଧାନୀ ଏକ୍ସପ୍ରେସ। ବିଳମ୍ବିତ ରାତିରେ ଆସାମର ହୋଜାଇ ଜିଲ୍ଲାରେ ଏହି ଦୁର୍ଘଟଣା ଘଟିଛି। ସାଇରାଙ୍ଗ-ନୂଆଦିଲ୍ଲୀ ଏକ୍ସପ୍ରେସର ୫ଟି କୋଚ୍ ଓ ଇଞ୍ଜିନ ଧାରଣାଚ୍ୟୁତ ହୋଇଛି। ଗତକାଲି ବିଳମ୍ବିତ ରାତିରେ ହାତୀପଲ ରେଳଲାଇନ ପାର୍ କରୁଥିବା ସମୟରେ ସେମାନଙ୍କୁ ରାଜଧାନୀ ଏକ୍ସପ୍ରେସ୍ ଧକ୍କା ଦେଇଥିଲା। ଫଳରେ ଧକ୍କା ଖାଇ ୮ଟି ହାତୀଙ୍କର ମୃତ୍ୟୁ ଘଟିଛି। ଏହାରି ମଧ୍ୟରେ ରେଳବାଇର ଜଣେ ମୁଖପାତ୍ର କହିଛନ୍ତି ଯେ ୫ଟି କୋଚ୍ ଓ ଟ୍ରେନର ଇଞ୍ଜିନ୍ ଧାରଣାଚ୍ୟୁତ ହୋଇଛି। ତେବେ ଏଥିରେ କୌଣସି ଯାତ୍ରୀ କ୍ଷତିଗ୍ରସ୍ତ ହୋଇନାହାନ୍ତି। ଦିଲ୍ଲୀ ଅଭିମୁଖେ ଯାଉଥିବା ଟ୍ରେନଟି ରାତି ପ୍ରାୟ ୨ଟା ୧୭ ମିନିଟ ସମୟରେ ଉକ୍ତ ହାତୀପଲଙ୍କୁ ଧକ୍କା ଦେଇଥିବା ନେଇ ରେଳବାଇର ଜନୈକ ମୁଖପାତ୍ର ସୂଚନା ଦେଇଛନ୍ତି। ଫଳରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏନେଇ ନାଗାଓଁ ଡିଭିଜନାଲ ଫରେଷ୍ଟ ଅଫିସର ସୁହାସ କଦମ କହିଛନ୍ତି ଯେ ହୋଜାଇ ଜିଲ୍ଲାର ଚାଙ୍ଗଜୁରାଇ ଅଞ୍ଚଳରେ ଏହି ଘଟଣା ଘଟିଛି। ସୂଚନା ପାଇ ସୁହାସ କଦମ ଓ ଅନ୍ୟାନ୍ୟ ବନ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଏଥିସହ ପ୍ରଭାବିତ ଜମୁନାମୁଖ-କାମ୍ପୁର ସେକ୍ସନ ଦେଇ ଯାଉଥିବା ଟ୍ରେନଗୁଡ଼ିକୁ ଅପ୍‌ଲାଇନକୁ ପଠାଯାଇଛି ଓ ରେଳ ଚଳାଚଳ ପୁନଃସ୍ଥାପିତ କରିବା ଦିଗରେ ପଦକ୍ଷେପ ନିଆଯାଉଛି।

# ଇମ୍ରାନ୍ ଓ ପତ୍ନୀଙ୍କୁ ୧୭ ବର୍ଷ ଜେଲ୍‌ଦଣ୍ଡାଦେଶ

**କରାଚୀ, ୨୦।୧୨ (ସଂଚାର ବ୍ୟୁରୋ):** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପିଟିଆଇ ପ୍ରତିଷ୍ଠାତା ଇମ୍ରାନ୍ ଖାନ୍ ଓ ପତ୍ନୀ ବୁଶରା ବିବିଙ୍କୁ ଜେଲ୍‌ଦଣ୍ଡାଦେଶ ହୋଇଛି। ଆଜି ପାକିସ୍ତାନର ସ୍ୱତନ୍ତ୍ର କୋର୍ଟ ୧୭ ବର୍ଷ ପାଇଁ ଜେଲ୍‌ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ଉଭୟଙ୍କୁ ୧ କୋଟି ଟଙ୍କାର ଜରିମାନା ପଇଠ କରିବାକୁ ବି କୋର୍ଟ ଆଦେଶ ଦେଇଛନ୍ତି। ଗତ ୨୦୨୧ ମେ'ରେ ଏକ ସରକାରୀ ଗସ୍ତ ସମୟରେ ସାଉଦି ଯୁବରାଜ ମହମ୍ମଦ ବିନ୍ ସଲମାନ୍ ଉପହାର ଆକାରରେ ଇମ୍ରାନଙ୍କୁ ଏକ ବୁଲଗାରୀ ଅଳଙ୍କାର ସେଟ୍ ଦେଇଥିଲେ। ଏହା ପରବର୍ତ୍ତୀ ସମୟରେ ଯଥେଷ୍ଟ କମ୍ ମୂଲ୍ୟରେ କିଣାଯାଇଥିଲା।



କିନ୍ତୁ ପାକିସ୍ତାନର ନିୟମାନୁସାରେ, ଏହି ଦାମୀ ବୁଲଗାରୀ ଅଳଙ୍କାର ସେଟ୍‌କୁ ସରକାରୀ କୋଷାଗାରରେ ଜମା କରାଯାଇନଥିଲା। ଏନେଇ ତଦନ୍ତ କରୁଥିବା ଏଜେନ୍ସିଙ୍କ ପକ୍ଷରୁ କୁହାଯାଇଛି ଯେ ଇମ୍ରାନ୍ ଓ ତାଙ୍କ ପତ୍ନୀ ଏହି ସେଟ୍‌କୁ ସରକାରୀ କୋଷାଗାରରେ ଜମା ନ ରଖି ଦେଶର ରାଜକୋଷକୁ କ୍ଷତି ପହଞ୍ଚାଇଥିଲେ। ତେବେ ଆଜିର ଦଣ୍ଡାଦେଶକୁ ଇମ୍ରାନ୍ ଓ ତାଙ୍କ ପତ୍ନୀ ହାଇକୋର୍ଟରେ ଚ୍ୟାଲେଞ୍ଜ୍ କରିବେ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଓକିଲ ସଲମାନ୍ ସଫଦାର କହିଛନ୍ତି। ଆଲୋଚ୍ୟ ମାମଲାରେ କୋର୍ଟ ପାକିସ୍ତାନ ଦଣ୍ଡ ସଂହିତାର ଧାରା ୩୪ ଏବଂ ୪୦୯ ଅନୁଯାୟୀ ଇମ୍ରାନଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ଦୁର୍ନୀତି ନିବାରଣ ଆଇନର ଧାରା ୫(୨) ଅନୁଯାୟୀ ୭ ବର୍ଷର ପୃଥକ୍ ଦଣ୍ଡାଦେଶ ମଧ ଦିଆଯାଇଛି। ସେହିପରି ବୁଶରା ବିବିଙ୍କୁ ସମାନ ଧାରା ଅନୁଯାୟୀ ମୋଟ ୧୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏହି ମାମଲାରେ ଦୁହିଁଙ୍କ ଭୂମିକା ସମାନ ଭାବେ ରହିଛି ବୋଲି କୋର୍ଟ ଶୁଣାଣି ସମୟରେ ସ୍ପଷ୍ଟ କରିଥିଲେ। ଏଥିସହ ଯଦି ଜରିମାନା ରାଶି ପଇଠ କରିବାରେ ଉଭୟ ଇମ୍ରାନ୍ ଓ ବୁଶରା ବିଫଳ ହୁଅନ୍ତି, ତା'ହେଲେ ସେମାନଙ୍କୁ ଅତିରିକ୍ତ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ବିଭିନ୍ନ ମାମଲାରେ ଇମ୍ରାନ ଗତ ୨୦୨୩ ଅଗଷ୍ଟରୁ ଜେଲରେ କଏଦୀ ଭାବେ ଜୀବନ କାଟୁଛନ୍ତି।

# ୭ ବର୍ଷର ଲଢ଼େଇରେ ଜିତିଲେ ମସ୍କ

**ୱାଶିଂଟନ୍, ୨୦।୧୨:** ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କ ଏବେ ଦୀର୍ଘ ୭ ବର୍ଷ ଧରି କୋର୍ଟରେ ଚାଲିଥିବା ଏକ ମାମଲାରେ ବିଜୟ ହାସଲ କରିଛନ୍ତି। ଏଥିସହ ସେ ତାଙ୍କର ୫୫ ବିଲିୟନ୍ ଡଲାର୍ ଦରମା ପ୍ୟାକେଜ୍ ମଧ ଫେରିପାଇଛନ୍ତି। ଆଜି ଡେଲାୱେର୍‌ସ୍ଥିତ ସୁପ୍ରିମକୋର୍ଟ ତାଙ୍କର ୨୦୧୮ ମସିହାରେ ଦାଖଲ ଦରମା ପ୍ୟାକେଜ୍ ସଂକ୍ରାନତ ମାମଲାର ଶୁଣାଣି କରିଛନ୍ତି। ସିଇଓ ଭାବେ ମସ୍କ କମ୍ପାନୀକୁ ସଫଳତାର ଶିଖରରେ ପହଞ୍ଚାଇବା ସକାଶେ ଟେସ୍‌ଲା ପକ୍ଷରୁ ଏପରି ଏକ ପ୍ୟାକେଜ୍ ସୃଷ୍ଟି କରାଯାଇଥିଲା। ଏହି ବିଜୟ ଫଳରେ ମସ୍କ ପୁଣି ଥରେ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ହୋଇପାରିଛନ୍ତି। କାରଣ କୋର୍ଟଙ୍କ ନିଷ୍ପତ୍ତି ପରେ ତାଙ୍କ ସମ୍ପତ୍ତି ପରିମାଣ ପ୍ରାୟ ୬୭୯ ବିଲିୟନ ଡଲାର୍‌ରେ ପହଞ୍ଚାଇଛି। ୨୦୧୮ରେ ଟେସଲା ବୈଦ୍ୟୁତିକ ଯାନ ଉତ୍ପାଦନ ବୃଦ୍ଧି ପାଇଁ ଉଦ୍ୟମ କରିଥିଲେ ହେଁ ଏଥିପାଇଁ ସଂଘର୍ଷ କରୁଥିଲା। ସେତେବେଳେ



## ଫେରିପାଇଲେ ୫୫ ବିଲିୟନ୍ ଡଲାର୍ ଦରମା ପ୍ୟାକେଜ୍

କମ୍ପାନୀର ବଜାର ମୂଲ୍ୟ ପ୍ରାୟ ୭୫ ବିଲିୟନ ଡଲାର ରହିଥିଲା। ତଥାପି ଉନ୍ନତ ଉତ୍ପାଦନ ଓ ବର୍ଦ୍ଧିତ ବିକ୍ରୟ ପରେ ମସ୍କଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ବୋନସ୍ ପାଇବାକୁ ଅନୁମତି ଦେଇଥିଲା।

ଗତବର୍ଷ, ଏକ ନିମ୍ନ କୋର୍ଟ ମସ୍କଙ୍କ ଏହି ଦରମା ପ୍ୟାକେଜକୁ ପ୍ରତ୍ୟାହାର କରିଦେଇଥିଲେ। କୋର୍ଟ ଅନୁଭବ କରିଥିଲେ ଯେ ଟେସଲାର ବୋର୍ଡ ମସ୍କଙ୍କ ସହ ଅତ୍ୟନ୍ତ ନିକଟତର ଓ ଶେୟାରଧାରୀଙ୍କୁ ସମ୍ପୂର୍ଣ୍ଣ ସୂଚନା ଦିଆଯାଇନଥିଲା। ଏହି ନିଷ୍ପତ୍ତି ମସ୍କଙ୍କୁ ଏତେ ମାତ୍ରାରେ କ୍ରୋଧାନ୍ୱିତ କରିଥିଲା ଯେ ସେ ଟେସଲାକୁ ଡେଲାୱେର୍‌ରୁ ଟେକ୍ସାସକୁ ସ୍ଥାନାନ୍ତର କରିଥିଲେ। ତଥାପି ସୁପ୍ରିମକୋର୍ଟ ଏବେ ରାୟ ଦେଇଛନ୍ତି ଯେ ନିମ୍ନ କୋର୍ଟଙ୍କ ନିଷ୍ପତ୍ତି ଭୁଲ ଥିଲା। କମ୍ପାନୀକୁ ନୂତନ ଉଚ୍ଚତାରେ ପହଞ୍ଚାଇବା ପାଇଁ ମସ୍କଙ୍କ ୬ ବର୍ଷର କଠିନ ପରିଶ୍ରମକୁ ଦୃଷ୍ଟିରେ ରଖି ପ୍ୟାକେଜକୁ ପ୍ରତ୍ୟାହାର କରିବା ଏକ ଅତ୍ୟନ୍ତ କଠୋର ଦଣ୍ଡ ଥିଲା। ତେଣୁ କୋର୍ଟ ଟେସଲାକୁ ମାତ୍ର ୧ ଡଲାର କ୍ଷତି ପ୍ରଦାନ ପୂର୍ବକ ପ୍ୟାକେଜକୁ ପୁନଃସ୍ଥାପିତ କରିଛନ୍ତି।

# ବଙ୍ଗଳାରେ ମମତାଙ୍କ ଉପରେ ବର୍ଷିଲେ ମୋଦି

## ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେବାକୁ ଏସଆଇଆରକୁ ବିରୋଧ

**କୋଲକାତା, ୨୦।୧୨ (ସଂଚାର ବ୍ୟୁରୋ):** ଶନିବାର ଘନ କୁହୁଡ଼ି ଯୋଗୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହେଲିକପ୍ଟର ତାହେରପୁରରେ ଅବତରଣ କରିପାରିନଥିଲା। ପ୍ରଧାନମନ୍ତ୍ରୀ ମୋଦି ଏହାପରେ ମୋବାଇଲ୍ ଫୋନ୍ ମାଧ୍ୟମରେ ସମାବେଶକୁ ସମ୍ବୋଧିତ କରିଥିଲେ। ତାଙ୍କ ଭାଷଣରେ ସେ ଟିଏମସି ଓ ଏହାର ମୁଖ୍ୟ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ସରକାର ଉପରେ ବର୍ଷିଥିଲେ। ସେ ରାଜ୍ୟବାସୀଙ୍କୁ ଡବଲ-ଇଞ୍ଜିନ୍ ବିଜେପି ସରକାର ଗଠନ କରିବାକୁ ନିବେଦନ କରିବା ସହ ସେମାନେ ଥରଟିଏ ବିଜେପିକୁ ସୁଯୋଗ ଦେବାକୁ ଆହ୍ୱାନ କରିଛନ୍ତି। ଏଥିସହ ପଶ୍ଚିମବଙ୍ଗରେ ଚାଲିଥିବା ଏସ୍‌ଆଇଆର୍‌କୁ କେବଳ ଅନୁପ୍ରବେଶକାରୀମାନଙ୍କୁ ସୁରକ୍ଷା ଦେବା ସକାଶେ ଟିଏମ୍‌ସି ବିରୋଧ କରୁଛି ବୋଲି ମଧ ପ୍ରଧାନମନ୍ତ୍ରୀ ଆକ୍ଷେପ କରିଛନ୍ତି।



ତାଙ୍କ ଅଭିଭାଷଣର ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗତ ମାସରେ ବିହାରର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟବାସୀ ଏନଡିଏ ସରକାରୁ କ୍ଷମତାସୀନ କରିଛନ୍ତି। ପବିତ୍ର ଗଙ୍ଗା ନଦୀ ବିହାର ଦେଇ ପ୍ରବାହିତ ହୋଇ ବଙ୍ଗଳାରେ ପହଞ୍ଚିଛି। ବିହାର ବଙ୍ଗଳାରେ ବିଜେପିର ବିଜୟ ପାଇଁ ପଥ ପ୍ରସ୍ତୁତ କରିଛି। ବିହାର ସର୍ବସମ୍ମତି କ୍ରମେ ଜଙ୍ଗଲରାଜକୁ ପ୍ରତ୍ୟାଖ୍ୟାନ କରିଛି। ଏହା ପୂର୍ବରୁ ବିଜେପି-ଏନଡିଏକୁ ୨୦ ବର୍ଷ ତୁଳନାରେ ସର୍ବାଧିକ ଆସନ ମିଳିଛି। କିନ୍ତୁ ଏବେ ପଶ୍ଚିମବଙ୍ଗରେ ମଧ ବିହାର ପରି ଜଙ୍ଗଲ ରାଜ ଚାଲିଛି। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଆମକୁ ବଙ୍ଗବାସୀଙ୍କୁ ଏଥିରୁ ମୁକ୍ତି ଦେବାକୁ ବଦ୍ଧପରିକର। ଏବେ ପଶ୍ଚିମବଙ୍ଗର ଆବାଳବୃଦ୍ଧବନିତାଙ୍କ ମୁହଁରୁ ଏହି କଥା ଶୁଣିବାକୁ ମିଳୁଛି। ପଶ୍ଚିମବଙ୍ଗର ପ୍ରତିକ ଗାଁ, ସହର, ରାସ୍ତା ଓ ପଡ଼ୋଶୀ କହୁଛନ୍ତି, 'ବାଚତେ ଚାଇ, ବିଜେପି ଚାଇ' ଅର୍ଥାତ୍ ଆମେ ବଞ୍ଚିବାକୁ ଚାହୁଁଛୁ, ତେଣୁ ଆମକୁ ବିଜେପି ଶାସନ ଦରକାର।

ମୋଦି କହିଛନ୍ତି ଯେ ଏଠାକାର ସରକାର କେବଳ କମିଶନ୍ ସଂଗ୍ରହରେ ବ୍ୟସ୍ତ ରହିଛି। ହଜାର ହଜାର ଟଙ୍କାର ବିକାଶ ପ୍ରକଳ୍ପ କାମ ଅଟକି ରହିଛି। କିନ୍ତୁ ହୀନ ରାଜନୀତି ପାଇଁ ପଶ୍ଚିମବଙ୍ଗ ସରକାର ରାଜ୍ୟବାସୀଙ୍କୁ ସେମାନଙ୍କ ହକ୍‌ରୁ ବଞ୍ଚିତ କରୁଛନ୍ତି। ଟିଏମ୍‌ସି ମୋଦିଙ୍କୁ ବିରୋଧ କରୁ ମନା ନାହିଁ, କିନ୍ତୁ ଲୋକଙ୍କ ସ୍ୱପ୍ନକୁ ଭାଙ୍ଗି ଚୂର୍‌ମାର କରିଦେବାର ପାପ ନ କରୁ ବୋଲି ମୋଦି କହିଛନ୍ତି। ଏଥିସହ ସେ ରାଜ୍ୟର ବୁଦ୍ଧିଜୀବୀମାନଙ୍କୁ ପଶ୍ଚିମବଙ୍ଗରେ ଡବଲ ଇଞ୍ଜିନ୍ ସରକାର ଗଠନ କରିବା ଦିଗରେ ଉଦ୍ୟମ କରିବା ସକାଶେ ଶ୍ରୀ ମୋଦି ନିବେଦନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଯେଉଁମାନେ 'ଗୋ ବ୍ୟାକ୍' ନାରା ଦିଅନ୍ତି, ସେମାନେ ଅନୁପ୍ରବେଶକାରୀଙ୍କ ପାଇଁ ଚୁପ୍ ରହୁଛନ୍ତି। କିନ୍ତୁ ସେମାନେ 'ଗୋ ବ୍ୟାକ୍ ମୋଦି' ନାରା ଦେବାରେ ଆଦୌ ହେଳା କରନ୍ତି ନାହିଁ। ଏହା ହିଁ ଟିଏମସିର ପ୍ରକୃତ ଚେହେରା। ଟିଏମସି ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେବା ପାଇଁ ବଙ୍ଗଳାରେ ଏସଆଇଆରକୁ ବିରୋଧ କରୁଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମତ ଦେଇଛନ୍ତି।




ବାଂଲାଦେଶରେ ଅଶାନ୍ତିର ନିଆଁ

# ବଡ଼ଦିନ ପୂର୍ବରୁ ପୁଲିସ୍ ସତର୍କ

**କୋଲକାତା,୨୦।୧୨(ସଂଚାର ବ୍ୟୁରୋ):** ବାଂଲାଦେଶରେ ସାମ୍ପ୍ରତିକ ଅଶାନ୍ତିକୁ ଦୃଷ୍ଟିରେ ରଖି କୋଲକାତା ପୁଲିସ ହାଇ ଆଲର୍ଟରେ ରହିଛି। ସହରର ସମସ୍ତ ସମ୍ବେଦନଶୀଳ ଅଞ୍ଚଳରେ ସତର୍କତା ବୃଦ୍ଧି କରାଯାଇଛି। ହୋଟେଲ, ରେଷ୍ଟୁରାଣ୍ଟ, ଗେଷ୍ଟ ହାଉସ ସମେତ ଯେଉଁ ସବୁ ସ୍ଥାନରେ ଭିଡ଼ ଜମା ହେବାର ସମ୍ଭାବନା ଅଛି, ସେଠାରେ ଅତିରିକ୍ତ ପୁଲିସ ନଜର ରଖାଯାଇଛି।

ଶୁକ୍ରବାର ଦିନ ଆଲିପୁର ବଡିଗାର୍ଡ ଲାଇନରେ କୋଲକାତା ପୁଲିସର ବାର୍ଷିକ କ୍ରୀଡା ପ୍ରତିଯୋଗିତାର ସମାପନୀ ଉତ୍ସବରେ ଯୋଗ ଦେଇ ପୁଲିସ କମିଶନର ମନୋଜ ବର୍ମା ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଆଗାମୀ ୨୫ ଡିସେମ୍ବରରେ ବଡଦିନ ଏବଂ ନବବର୍ଷ ସାମ୍ନାରେ ରହିଛି। ସେଥିପାଇଁ ପାର୍କଷ୍ଟ୍ରିଟ ସମେତ ସହରର ଗୁରୁତ୍ୱପୂର୍ଣ୍ଣ ରାସ୍ତା ଏବଂ ଅଞ୍ଚଳରେ ସ୍ୱତନ୍ତ୍ର ସତର୍କତା ଅବଲମ୍ବନ କରାଯାଉଛି।' ସେ କହିଛନ୍ତି ଯେ ଦିବାରାତ୍ର ପାଟ୍ରୋଲିଂ ସହିତ ମଧ୍ୟ ପାଟ୍ରୋଲିଂକୁ ଆହୁରି ମଜବୁତ କରାଯାଇଛି। ସଲ୍ଟ ଲେକରେ ସମ୍ପ୍ରତି ଘଟିଥିବା 'ମେସି ଘଟଣା'କୁ ଉଦ୍ଧୃତ କରି କମିଶନର କହିଛନ୍ତି ଯେ ଇଡେନରେ ହେବାକୁ ଥିବା ଆଗାମୀ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ



ମ୍ୟାଚରେ ଯେପରି କୌଣସି ସୁରକ୍ଷା ତ୍ରୁଟି ନହୁଏ, ସେଥିପାଇଁ ଆଗୁଆ ପ୍ରସ୍ତୁତି ଆରମ୍ଭ କରାଯାଇଛି। ସଲ୍ଟଲେକ ଷ୍ଟାଡିୟମରେ ଦେଖାଯାଇଥିବା ସୁରକ୍ଷା ତ୍ରୁଟିକୁ ଧ୍ୟାନରେ ରଖି ଏଥର ଅତିରିକ୍ତ ସତର୍କତା ଅବଲମ୍ବନ କରାଯାଉଛି। ବାଂଲାଦେଶରେ ଘଟିଥିବା ଘଟଣା ପରେ, ଲାଲବଜାର ସହରର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ କଡ଼ା ନଜର ରଖିଛି ଯାହା ଦ୍ୱାରା ଏହା କୌଣସି ପ୍ରକାରେ ବିଚଳିତ ନହୁଏ। କୋଲକାତା ପୁଲିସର ସମସ୍ତ ୟୁନିଟ୍‌କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଅପ୍ରୀତିକର ଘଟଣା ରୋକିବା ପାଇଁ ସାରା ସହରରେ ନଜର ବୃଦ୍ଧି କରାଯାଇଛି। ଏଦିନ ପୁଲିସ କମିଶନର ଏହା ମଧ୍ୟ କହିଛନ୍ତି, 'କୋଲକାତା ପୁଲିସ କେବଳ ଅପରାଧ ମୁକାବିଲାରେ ନୁହେଁ, କ୍ରୀଡାରେ ମଧ୍ୟ ସମାନ ଭାବରେ ଭଲ।' ସେ ମନ୍ତବ୍ୟ ଦେଇଛନ୍ତି ଯେ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ପୁଲିସର ଅଂଶଗ୍ରହଣ ଏବଂ ସଫଳତା ଏହାର ପ୍ରମାଣ।

## ସହିଦନଗରରେ ଗଣଦୁଷ୍କର୍ମ

**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ପୁଣି ରାଜଧାନୀରେ ଗଣ ଦୁଷ୍କର୍ମ। ଚାକିରୀ ଦେବାକୁ କହି ନାବାଳିକାକୁ ଗଣଦୁଷ୍କର୍ମ। ୧୭ ବର୍ଷିୟା ନାବାଳିକାକୁ ଚାକିରି ଦେବାକୁ କହି ଡାକିଲେ। ରୁମ୍ କୁ ନେଇ ଗଣଦୁଷ୍କର୍ମ କଲେ। ସହିଦନଗର ଥାନା ଅଞ୍ଚଳରେ ଘଟିଛି ଘଟଣା। ଏକ ହୋଟେଲରେ ଗଣଦୁଷ୍କର୍ମ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ସେପଟେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଥିଲେ ମଧ୍ୟ ଏଭଳି ଘଟଣା ପରେ ରାଜଧାନୀର ଆଇନଶୃଙ୍ଖଳା ପରିସ୍ଥିତି ନେଇ ଉଠିଛି ଅନେକ ପ୍ରଶ୍ନ।

## ଆଇଜି ପାର୍କରେ ଅସଦାଚରଣ

**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ପୁଣି ରାଜଧାନୀରେ ଅସାମାଜିକଙ୍କ ଉତ୍ପାତ। ସର୍ବସମ୍ମୁଖରେ ଅସଦାଚରଣ। ପାର୍କରେ ଖୁଲମଖୁଲ୍ଲା ଅସଦାଚରଣ କଲେ ଦୁର୍ବୃତ୍ତ। ଭାଇରାଲ ହେଲା ଯୁବତୀଙ୍କୁ ଟଣାଓଟରା ବେଳର ଭିଡିଓ। ଘଟଣା ଘଟିଛି କ୍ୟାପିଟାଲ ଥାନା ଅନ୍ତର୍ଗତ ଆଇଜି ପାର୍କରେ। ଯୁବତୀଙ୍କୁ ପୁରୁଷ ବନ୍ଧୁଙ୍କ ସମ୍ମୁଖରେ ଅସଦାଚରଣ କରାଯାଇଛି। ୨ରୁ ୩ ଜଣ ଦୁର୍ବୃତ୍ତ ଦୁର୍ବ୍ୟବହାର କରିବା ସହ ଅସଦାଚରଣ କରିଥିବା ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଛି। ଏପରିକି ପୀଡିତାଙ୍କ ସମ୍ମୁଖରେ ପୁରୁଷ ବନ୍ଧୁଙ୍କୁ ମାଡ଼ ମରାଯାଇଥିବା ଘଟଣାର ତଦନ୍ତ କରୁଛି କ୍ୟାପିଟାଲ ଥାନା ପୁଲିସ।

## ଭିଇଏମ୍ଏସ୍‌ର ୪୧ତମ ବାର୍ଷିକ ଉତ୍ସବ



**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ରସୁଲଗଡ଼ସ୍ଥିତ ଭେଙ୍କଟେଶ୍ୱର ଇଂଲିଶ୍ ମିଡିଅମ୍ ସ୍କୁଲ (ଭିଇଏମ୍ଏସ୍)ର ୪୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିଗଣ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଶୁଭାରମ୍ଭ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ବିଶିଷ୍ଟ ଅତିଥି ଭାବେ ଓଡ଼ିଶା ବିଧାନସଭାର ଯୁଗ୍ମ ସଚିବ ସତୀଶ ମିଶ୍ରା ଯୋଗ ଦେଇଥିଲେ। ଏଥିସହ ବିଦ୍ୟାଳୟର ଚେୟାରମ୍ୟାନ ଡ. ସୂର୍ଯ୍ୟ ପ୍ରକାଶ ପତି, ସଭାପତି ଶଶାଙ୍କ ଶେଖର ପତି, ପ୍ରଶାସକ ହିମାଂଶୁ ଶେଖର ପତି ଓ ଶକ୍ତି ପ୍ରକାଶ ପତି, ପରିଚାଳକ ବସନ୍ତ କୁମାର ତ୍ରିପାଠୀ, ସମ୍ପାଦକ ବିଜୟ କୁମାର ନାୟକ ମଧ୍ୟ ମଞ୍ଚାସୀନ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱାଗତ ସଙ୍ଗୀତ ପରିବେଶକୁ ଭକ୍ତିମୟ କରିଥିବା ବେଳେ 'ରେଟ୍ରୋ ଟୁ ମେଟ୍ରୋ' ଥିମ୍ ଆଧାରିତ ନୃତ୍ୟ, ସଙ୍ଗୀତ, କରାଟେ ଓ ଯୋଗାଭ୍ୟାସ ପ୍ରଦର୍ଶନ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ବିଦ୍ୟାଳୟ ଅଧକ୍ଷା ବିହ୍ୱା ଛୋଟରାୟ ଅଭିଭାବକ ଓ ଶିକ୍ଷକମାନଙ୍କ ସହଯୋଗରେ ବିଦ୍ୟାଳୟ ନିରନ୍ତର ଉନ୍ନତି ପଥରେ ଅଗ୍ରସର ହେଉଛି ବୋଲି କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ରୀତା ମିଶ୍ର ଧନ୍ୟବାଦ ଦେଇଥିଲେ।

## ରାଜ୍ୟ ପାଇଁ ଗୌରବ ଆଣିଲେ ରଞ୍ଜନା

**ପୁରୁଷୋତ୍ତମପୁର, ୨୦।୧୨ (ସଂଚାର ବ୍ୟୁରୋ) :** ଥାଇଲାଣ୍ଡରେ ଚାଲିଥିବା ଅନ୍ତର୍ଜାତୀୟ ପାରା ଆଥ୍ଲେଟିକ ପ୍ରତିଯୋଗିତାରେ ଗଞ୍ଜାମ ଜଲା ପୁରୁଷୋତ୍ତମପୁର ବ୍ଲକ କୁଶପୁର ଗ୍ରାମର ରଞ୍ଜନା ନାୟକ ଦୁଇଗୋଟି ରୌପ୍ୟ ପଦକ ପାଇ ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହାକୁ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ଶନିବାର



ସମ୍ବର୍ଦ୍ଧନା ଦିଆଯାଇଛି। ବିଡିଓ ଶରତ କୁମାର ପାତ୍ର, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବରିଷ୍ଠ ଭାଜପା ନେତା ଅରୁଣ କୁମାର ପଣ୍ଡା ପ୍ରମୁଖ ରଞ୍ଜନାଙ୍କ ବାସଭବନକୁ ଯାଇ ସମ୍ବର୍ଦ୍ଧିତ କରି ଶୁଭେଚ୍ଛା ଜଣାଇ ସହଯୋଗ ଯୋଗାଇଦେବା ପାଇଁ କହିଛନ୍ତି।

## ବିଜେବି ଫ୍ରେଣ୍ଡସର ସ୍ପଷ୍ଟିକରଣ

**ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ) :** ବିଜେବି କଲେଜ ପୂରାତନ ଛାତ୍ର ସଂଘ ବା ବିଜେବି ଫ୍ରେଣ୍ଡସକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ବିଜେପି କଲେଜ ପୂରାତନ ଛାତ୍ର ସଂଘ ନିର୍ବାଚନ ନେଇ ଶୁକ୍ରବାର ଜାରି ହୋଇଥିବା ପ୍ରେସ ବିଜ୍ଞପ୍ତି ଉପରେ ଆପତ୍ତି ଉଠାଇଛି ବିଜେବି ଫ୍ରେଣ୍ଡସ। ବିଜେବି ଫ୍ରେଣ୍ଡର ସମ୍ପାଦକ ସତ୍ୟବ୍ରତ ଧୂପାଲ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସଂଘର ନାଁ ଓ ଲୋଗୋର ଅପବ୍ୟବହାର କରାଯାଇଛି। ବିଜେବି କଲେଜ ପୂରାତନ ଛାତ୍ର ସଂଘ ଷ୍ଟିୟରିଂ କମିଟି ନିର୍ବାଚନ ପାଇଁ ଶୁକ୍ରବାର ନିର୍ବାଚନ ଅଧିକାରୀ ଭାବେ ମିତ୍ରଭାନୁ ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତି ଜାରି କରିଥିଲେ।

ଏହି ପ୍ରେସ ବିଜ୍ଞପ୍ତି ପୂରାତନ ଛାତ୍ର ସଂଘର ସଦସ୍ୟଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି ବୋଲି ସତ୍ୟବ୍ରତ ଅଭିଯୋଗ କରିଛନ୍ତି। ବିଜେବି ଫ୍ରେଣ୍ଡସର ନାଁ ଓ ଲୋଗୋର ଅପବ୍ୟବହାର ହୋଇଥିବା ଅଭିଯୋଗ କରି ସତ୍ୟବ୍ରତ ଧୂପାଲ ମିତ୍ରଭାନୁଙ୍କୁ ଏକ ଚିଠି ଲେଖିଛନ୍ତି। ସେ କହିଛନ୍ତି ଯେ, ବିଜେବି ଫ୍ରେଣ୍ଡସ ଏକ ପଂଜିକୃତ ସଂଗଠନ। ଏହାର ନିଜସ୍ୱ ବାଇ-ଲ ରହିଛି। ସଂଘ ସମ୍ପର୍କରେ ଯେକୌଣସି ପ୍ରେସ ବିଜ୍ଞପ୍ତି କେବଳ ଅଧିକୃତ ନିର୍ବାଚିତ ପ୍ରତିନିଧିମାନେ ହିଁ ଦେଇପାରିବେ। କିନ୍ତୁ ବେଆଇନ ଭାବେ ବିଜେବି ଫ୍ରେଣ୍ଡସର ନାଁ, ଲୋଗୋ, ପଂଜିକରଣ ନମ୍ବର ଓ ଲେଟର ହେଡର ବ୍ୟବହାର କରାଗଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସତ୍ୟବ୍ରତ କହିଛନ୍ତି।

## ରେଞ୍ଜରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ



- ୬୭ ଲକ୍ଷର ଜମା ଠାବ
- ନାଁରେ ରହିଛି ୨ କୋଠା ଓ ୩ଟି ପ୍ଲଟ୍
- ଜବତ ହେଲା ୩ ଲକ୍ଷ ଟଙ୍କା ଓ ଅଳଙ୍କାର

**ଜଗତ୍‌ସିଂହପୁର,୨୦।୧୨:** ଜଗତସିଂହପୁର ରାହାମା ରେଞ୍ଜର ରାଜେନ୍ଦ୍ର ସାମନ୍ତରାୟଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ପରେ ମିଳିଲାଣି ୬୭ ଲକ୍ଷ ବ୍ୟାଙ୍କ ଓ ପୋଷ୍ଟାଲ ଜମା। ଆୟ ବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ ଚଢ଼ାଉ ଚାଲିଛି। ଜଗତସିଂହପୁର ସହରରେ ୨ଟି ଓ କଟକ ସହର ବାହାରେ ଗୋଟିଏ ପ୍ଲଟ ଠାବ କରାଯାଇଛି। ଜଗତସିଂହପୁରରେ ଗୋଟିଏ ୩ ମହଲା ଓ ଗୋଟିଏ ୨ ମହଲା କୋଠା ଠାବ ହୋଇଛି। ସାଢ଼େ ୩ ଲକ୍ଷର ନଗଦ ଟଙ୍କା, ୨ ଶହ ଗ୍ରାମ ସୁନା ଅଳଙ୍କାର ଠାବ ହୋଇଥିବା ବେଳେ ଗୋଟିଏ ଚାରି ଚକିଆ ଓ ୨ଟି ଦୁଇଚକିଆ ଯାନ ମଧ୍ୟ ମିଳିଛି।

## ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ପୁଲିସର ଥାର୍ଡ ଡିଗ୍ରୀ!

### ସମ୍ବେଦନଶୀଳ ଅଙ୍ଗକୁ ଆଘାତ, ରାଜ୍ୟ ମାନବାଧିକାର କମିଶନ୍‌ଙ୍କୁ ଫେରାଦ୍

**ଜଗତସିଂହପୁର, ୨୦।୧୨ (ସଂଚାର ବ୍ୟୁରୋ) :** ପୁଲିସର ଥାର୍ଡ ଡିଗ୍ରୀ ନିର୍ଯାତନାର ଶିକାର ହୋଇଛନ୍ତି ଜଣେ ୧୫ ବର୍ଷର ନାବାଳକ । ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ଏହି ନାବାଳକ ଛାତ୍ରଙ୍କ ପାଦ, ହାତ ସହ ସ୍ପର୍ଶକାତର ଅଙ୍ଗକୁ ଆଘାତ କରାଯାଇଛି । ମାଡ଼ ଯୋଗୁଁ ବର୍ତ୍ତମାନ ସେ ଭଲ ଭାବେ ଚାଲି ପାରୁନାହାନ୍ତି । ନିର୍ଦ୍ଦିଷ୍ଟ କିଛି ପୁଲିସ ଅଧିକାରୀଙ୍କ ନିର୍ଦ୍ଦେଶରେ ପରିବାର ଲୋକଙ୍କ ଜରିଆରେ ଗତକାଲି ସ୍କୁଲକୁ ଆସିଥିବାବେଳେ ଛାତ୍ରଙ୍କୁ ଡକାଇ ନିଆଯାଇଥିଲା । ଜଗତସିଂହପୁର ଥାନା ପରିବର୍ତ୍ତେ ଅନ୍ୟ ଏକ କୋଠରୀରେ ଛାତ୍ରଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ । ଏହି ମର୍ମରେ ରାଜ୍ୟ ମାନବାଧିକାର କମିଶନ ଓ ପୁଲିସ ଡିଜିଙ୍କୁ ଦରଖାସ୍ତ କରାଯାଇଥିବା ଛାତ୍ରଙ୍କ ମା' ପ୍ରମେୟକୁ କହିଛନ୍ତି । ଅଭିଯୋଗ ମୁତାବକ, ଗତ ୧୧ ତାରିଖରୁ ପୁଲିସ ଏହି ଛାତ୍ରଙ୍କ ପରିବାର ପଛରେ ପଡ଼ିଛି । କେବଳ ନାବାଳକ ଛାତ୍ର ନୁହନ୍ତି ପୁଲିସ ନିର୍ଯାତନାର ଶିକାର ହୋଇଛନ୍ତି ତାଙ୍କ ମା' ଓ ଅନ୍ୟ ଦୁଇ ଭାଇ । ପ୍ରଥମେ ଏକ ଚୋରି ମାମଲାର ଛାନ୍‌ଭିନ୍ କରିବାକୁ ପୁଲିସ ସଂପୃକ୍ତ ମହିଳାଙ୍କ ଘରକୁ ଯାଇଥିଲେ । ଉକ୍ତ ଚୋରିରେ ଛାତ୍ରଙ୍କ ବାପା ସଂପୃକ୍ତ ଥିବା ସନ୍ଦେହ କରି ପୁଲିସ ପୂରା ପରିବାର ଲୋକଙ୍କୁ ଜେରା କରିଥିଲେ। ହାତ ଉଠାଇଥିଲେ । ଗତକାଲି ପୁଣି ନାବାଳକ ଛାତ୍ରଙ୍କୁ ପୁଲିସ ଧରିନେଇ ଅକଥନୀୟ ନିର୍ଯାତନା ଦେଇ ପରିବାର ଜିମା ଦେଇଥିଲେ । ଉଭୟ ଆହତ ପିଲା ଓ ମା' ଜଗତସିଂହପୁର ମୁଖ୍ୟ ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହୋଇଥିବା ଖବର ମିଳିଛି । ପ୍ରକୃତରେ ଯଦି ଛାତ୍ରଙ୍କ ବାପା କୌଣସି ଅପରାଧରେ ଜଡ଼ିତ ରହିଛନ୍ତି, ଏ କ୍ଷେତ୍ରରେ ନାବାଳକ ପିଲା ପ୍ରତି ପୁଲିସ ଅତ୍ୟାଚାର କରିବା ସାଧାରଣରେ ଆଲୋଡ଼ନ ଖେଳାଇଛି । ଏମିତିକି ପରିବାରର ମୁଖ୍ୟ ତଥା ଛାତ୍ରଙ୍କ ବାପାଙ୍କୁ ଡକାଇବାକୁ ପରିବାରକୁ ଦୁଇ ଦିନ ମହଲତ ଦେଇଛି ପୁଲିସ । ନଚେତ୍ ପୂରା ପରିବାର ବିରୋଧରେ କେସ୍ ଠୁଙ୍କି ଦିଆଯିବାର ନାଲିଆଖି ଦେଖାଯାଇଛି । ଘରେ ବୁଲ୍ଡୋଜର୍ ଲଗାଇ ମାଟିରେ ମିଶାଇ ଦିଆଯିବାର ଧମକ ଦିଆଯାଇଥିବା ଅଭିଯୋଗ ଅଣାଯାଇଛି । ଜଗତସିଂହପୁର ପୌରାଞ୍ଚଳରେ ବସବାସ କରୁଥିବା ଏହି ଛାତ୍ରଙ୍କ ଘରକୁ ଅତର୍କିତ ଭାବେ ଗତ ୧୧ ତାରିଖରେ ଜଣେ ପୁଲିସ ପ୍ରବେଶ କରି ଛାତ୍ରଙ୍କ ମା'ଙ୍କୁ ପ୍ଲାଷ୍ଟିକ୍ ବେଲ୍ଟ୍ ଓ ବୁଟ୍‌ରେ ମାଡ଼ ମାରିଥିଲେ । ସ୍ୱାମୀକୁ ହାଜର ନକଲେ ପୂରା ପରିବାରକୁ ମିଛ ମାମଲାରେ ଗିରଫ କରି ଜେଲ ପଠାଇ ଦେବାର ଧମକ ଦିଆଯାଇଥିଲା । ଗତକାଲି ଦିନ ସାଢ଼େ ଏଗାରଟାରେ ପୁଣି ପୁଲିସ ଟିମ୍ ମହିଳାଙ୍କ ଘରେ ହାଜର ହୋଇ ମହିଳାଙ୍କ ବଡ଼ ପୁଅକୁ ତୁରନ୍ତ ସାନ ଭାଇକୁ ସ୍କୁଲ୍‌ରୁ ଆଣି ଏକ ଠିକଣାରେ ପହଞ୍ଚିବାକୁ ତାଗିଦ୍ କରିଥିଲେ । ପରେ ମହିଳାଙ୍କ ବଡ଼ ପୁଅ ସାନ ଭାଇ ପାଠ ପଢୁଥିବା ସ୍କୁଲ୍କୁ ଯାଇଥିଲେ । ପୁଲିସ ଟିମ୍ ବି ପଛେ ପଛେ ଯାଇଥିଲେ । ପୁଲିସ ଭୟରେ ମା' ଦେହ ଖରାପ ଥିବା କହି ବଡ଼ ଭାଇ ନିଜ ସାନ ଭାଇକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ମିଛ କହି ଉକ୍ତ ଠିକଣାରେ ପହଞ୍ଚିଥିଲେ । ନାବାଳକ ଛାତ୍ର ସେ ଜାଗାରେ ବଡ଼ ଭାଇ ସହ ପହଞ୍ଚିବା ପରେ ପ୍ରଥମେ ବିଭିନ୍ନ ଧମକର ସମ୍ମୁଖୀନ ହୋଇଥିଲେ । ପରେ ପୁଲିସ ନାବାଳକଙ୍କ ଦୁଇ ହାତ ପାପୁଲି, ଦୁଇ ପାଦ ସହ ଅଣ୍ଡକୋଷକୁ ପ୍ଲାଷ୍ଟିକ୍ ବେଲ୍ଟରେ ପିଟିଥିଲେ । ପିଲାଟି ଚିତ୍କାର କରୁଥିଲେ ମଧ୍ୟ ଅନ୍ୟ ଜଣେ ବରିଷ୍ଠ ପୁଲିସ ଅଧିକାରୀ ସବୁ ଦେଖି ଏଭଳି ବେନିୟମ କାର୍ଯ୍ୟକୁ ଏକପ୍ରକାର ସମର୍ଥନ କରିଥିଲେ । ପୁଲିସ ଅତ୍ୟାଚାରର ପ୍ରତିବାଦ କରିଥିବା ଛାତ୍ରଙ୍କ ମା' ମଧ୍ୟ ଧମକଚମକ ସହ ଆକ୍ରମଣର ଶିକାର ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି । ଅନ୍ୟପଟେ ସେଭଳି କିଛି ଘଟଣା ବିଷୟରେ ଜାଣିନଥିବା ଜଗତସିଂହପୁର ଥାନା ପକ୍ଷରୁ କୁହାଯାଇଛି।

## ପ୍ରଣବଙ୍କୁ ତହସିଲ ନୋଟିସ

**ଯାଜପୁର,୨୦।୧୨(ସଂଚାର ବ୍ୟୁରୋ):** ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଅଡୁଆ ଆହୁରି ବଢ଼ିଲା। ପ୍ରଣବଙ୍କୁ ତହସିଲ ନୋଟିସ ହୋଇଛି। ଗଡ଼ମଧୁପୁର ମୌଜାରେ ଜମି ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ତଳଗଡ଼ ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଆଧାରରେ ତାଙ୍କୁ ନୋଟିସ କରାଯାଇଥିବା ଜଣାପଡ଼ିଛି। ପନ୍ତୁରି



ଫାର୍ମ ହାଉସକୁ ନିଜର ବୋଲି କହି ସେ ବିବାଦକୁ ଆସିଥିଲେ। ଏହି ଫାର୍ମ ହାଉସ ପାଇଁ ସେ ସରକାରୀ ଜାମି ଜବରଦଖଲ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ତଳଗଡ଼ ଆରଆଇଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତାଙ୍କ ରିପୋର୍ଟ ଆଧାରରେ ଆଜି ତାଙ୍କୁ ନୋଟିସ କରାଯାଇଛି। ସେ ନିଜେ ବ୍ୟକ୍ତିଗତ ଭାବେ କିମ୍ବା ପ୍ରତିନିଧିଙ୍କ ଜରିଆରେ ନୋଟିସ୍‌ର ଉତ୍ତର ଦେବାକୁ କୁହାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏସିପି...

ଭଳି ବାବୁ ଜଣଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆସିବା ପରେ ତତ୍କାଳୀନ ଡିସିପି ତାଙ୍କର ବଦଳି କରିଥିଲେ।

ଭାଇ ଏଭଳି ଅସୁବିଧାରେ ଅଛି ଜାଣି ସହଯୋଗର ହାତ ବଢାଇଥିଲେ ଏସିପି ଭାବେ କାର୍ଯ୍ୟରତ ଆଉ ଜଣେ ଭାଇ। ଗୁରୁତ୍ୱପୂର୍ଣ୍ଣ ପଦପଦବୀ ରେ ଥାଇ ସୁଦ୍ଧା ଭାଇ ପାଇଁ ନିଜେ ଯାଇ ଥାନାରେ ବସିଥିଲେ। ଲୁଟ ଘଟଣାରେ ଅନ୍ୟ ସ୍ଥାନରୁ ଲୁଟେରା ଧରି ଭାଇ ଖାତାରେ ପକାଇଥିଲେ। ତକାଳୀନ ଡିସିପି ଙ୍କ ନିକଟରେ ତାଙ୍କ ଭାଇ ଜଣେ ଭଲ ଅଫିସର କହି ଅପାରଗତା କୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରିଥିଲେ। ଅଫିସର ମହଲରେ ତାଙ୍କ ଭାଇ ଜଣେ ସଚ୍ଚୋଟ ଅଫିସର ବୋଲି କହି ବୁଲୁଥିଲେ। ସରଳ ବିଶ୍ୱାସୀ ତତ୍କାଳୀନ ଡିସିପି ଜଣଙ୍କ ଟିକେ ଭରଷା ଜୁଟାଇ ଥିବା ବେଳେ ବଦଳି ଯାଇଥିଲେ ପୋଲିସ କମିଶନର। ତେବେ ଏବେ ଦୁଇ ଭାଇଙ୍କ ଅବସ୍ଥା ଭାରି ଖରାପ। ଯେଉଁ ପାୱାର ର ବ୍ୟବହାର କରି ସେମାନେ ସମସ୍ତ ଥାନାରେ ହାକିମତି ଦେଖାଉଥିଲେ, ଏବେ ସେ ପାୱାର ତାଙ୍କ ଠାରୁ ଛଡାଇ ନେଇଛନ୍ତି କମିଶନର। ତାଙ୍କୁ ଏକ ଘରିଆ ମଧ୍ୟ କରାଯାଇଥିବା ଜଣାପଡିଛି। ତେବେ କିଛି ଅଫିସର ଏସବୁ ଡ୍ରାମା ଦେଖି, ବାବୁ ତାଙ୍କର କଲାକର୍ମର ଫଳ ପାଇଥିବା ବୋଲି କହିଛନ୍ତି।

### ଏକ୍ୟୁଆଇରେ...

ଯେଉଁ ଗାଡ଼ିଗୁଡ଼ିକ ବିଏସ୍-୬ ମାନ ପୂରଣ କରୁଥବ, କେବଳ ସେହି ଗାଡ଼ିଗୁଡ଼ିକ ଦିଲ୍ଲୀ ସୀମା ଭିତରେ ପ୍ରବେଶ କରିପାରିବେ। ଅର୍ଥାତ୍ ବିଏସ୍-୨, ବିଏସ୍-୩, ବିଏସ୍-୪ ମାନର ଗାଡ଼ି ରାଷ୍ଟ୍ରୀୟ ରାଜଧାନୀରେ ପ୍ରବେଶ ସୁଯୋଗ ପାଇବେ ନାହିଁ। ଏହି କଟକଣା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ କାଏମ ରହିବ। ଏଥିସହ ଏହି ନିୟମ ଘରୋଇ ଗାଡ଼ି, ଟ୍ୟାକ୍ସି, ସ୍କୁଲ୍ ବସ୍ ଓ ବାଣିଜ୍ୟିକ ବାହନ କ୍ଷେତ୍ରରେ ଲାଗୁ ହେବ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଏଥିସହ ଦିଲ୍ଲୀ ଭିତରେ ଚାଲୁଥିବା ବିଭିନ୍ନ ଯାନବାହନର ମଧ୍ୟ କଡ଼ା ଯାଞ୍ଚ କରାଯିବ। ଯେଉଁ ବାହନଗୁଡ଼ିକ ବିଏସ୍-୬ ମାନ ସମ୍ବଳିତ ହୋଇଥିବ, ସେଗୁଡ଼ିକୁ ଚଳାଚଳ ପାଇଁ ଅନୁମତି ଦିଆଯିବ। ଏଥିସହ ବିଏସ୍-୨, ବିଏସ୍-୩ ଓ ବିଏସ୍-୪ ଗାଡ଼ିଗୁଡ଼ିକ ପ୍ରଦୂଷଣରେ ସୁଧାର ନ ଆସିବା ପର୍ଯ୍ୟନ୍ତ ଅର୍ଥାତ୍ ସରକାରଙ୍କ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଦିଲ୍ଲୀରେ ବି ଚଳାଚଳ କରିବା ଉପରେ କଟକଣା ଲଗାଯାଇଛି। ଯେଉଁ ଗାଡ଼ିଗୁଡ଼ିକ ବିଏସ୍-୬ ମାନ ପୂରଣ କରୁନଥିବେ, ସେହି ଗାଡ଼ିଗୁଡ଼ିକୁ ଜବତ ମଧ୍ୟ କରାଯିବ। ଏପରି କଟକଣାର ସବୁଠାରୁ ଅଧିକ ପ୍ରଭାବ ଅନ୍ୟାନ୍ୟ ରାଜ୍ୟରୁ ଦିଲ୍ଲୀକୁ ଚଳାଚଳ କରୁଥିବା ଡିଜେଲ୍ ଚାଳିତ ବସ୍ ସେବା ଉପରେ ପଡ଼ିବ।

ଏହାଛଡ଼ା ଏଣିକି କୌଣସି ପେଟ୍ରୋଲ୍ ପମ୍ପରେ ପ୍ରଦୂଷଣ ସୃଷ୍ଟି କରୁଥିବା ଯାନବାହନକୁ ତେଲ ଯୋଗାଣ ହୋଇପାରିବ ନାହିଁ। ଏ ସଂକ୍ରାନ୍ତରେ ସମସ୍ତ ପେଟ୍ରୋଲ୍ ପମ୍ପ୍ ମାଲିକମାନଙ୍କୁ ଅବଗତ କରାଯିବା ସହ ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ସକାଶେ ସରକାର ତାଗିଦ୍ କରିଛନ୍ତି। ପେଟ୍ରୋଲ୍ ପମ୍ପ୍‌ରେ ପ୍ରବେଶ କରୁଥିବା କୌଣସି ପ୍ରଦୂଷଣ ସୃଷ୍ଟିକାରୀ ଯାନବାହନକୁ ସେଠାରେ ଲାଗିଥିବା କ୍ୟାମେରା ଠାବ କରିବାରେ ସକ୍ଷମ ହେବ ବୋଲି ଦିଲ୍ଲୀ ପରିବେଶ ବିଭାଗ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଏଥିସହ ଯେଉଁ ଗାଡ଼ି ମାଲିକଙ୍କ ପାଖରେ ତାଙ୍କ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ନ ଥିବ, ତାଙ୍କୁ ତେଲ ଆଦୌ ମିଳିବ ନାହିଁ ମଧ ମନ୍ତ୍ରୀ କହିଛନ୍ତି।

### ଷ୍ଟାଚ୍ୟୁ...

ସ୍ୱାମୀଜୀ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କର ଆଶୀର୍ବାଦ ପ୍ରଦାନ କରିଥିଲେ ଏବଂ ରାଜ୍ୟବାସୀଙ୍କ ଶାନ୍ତି, ପ୍ରଗତି ଏବଂ ସମୃଦ୍ଧି ପାଇଁ ତାଙ୍କୁ ଶୁଭକାମନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ଶ୍ରୀ ତ୍ରିଦଣ୍ଡି ଅହୋବିଲା ରାମାନୁଜ ଜୀୟାର ସ୍ୱାମୀଜୀଙ୍କ ଦ୍ୱାରା ରଚିତ 'ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ଉପରେ ଓଡ଼ିଆ ଭଜନ'ର ମଧ୍ୟ ଉନ୍ମୋଚନ କରିଥିଲେ। ଏହି ଗୀତଟି ଓଡ଼ିଆ ଭକ୍ତମାନଙ୍କ ପାଇଁ ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ଜୀବନ, ଦର୍ଶନ ଓ ଆଧାତ୍ମିକ ବାର୍ତ୍ତାକୁ ସୁଗମ କରିବାକୁ ଚେଷ୍ଟା କରିଛି, ଯାହା ଭାରତର ସଭ୍ୟତାଗତ ରାମାନୁଜାଚାର୍ଯ୍ୟ ଦର୍ଶନ ସହ ଓଡ଼ିଶାର ସାଂସ୍କୃତିକ ଓ ଆଧାତ୍ମିକ ସଂଯୋଗକୁ ଆହୁରି ମଜବୁତ କରିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମାନତାର ପ୍ରତିମୂର୍ତ୍ତି କେବଳ ଭାରତର ଆଧାତ୍ମିକ ଐତିହ୍ୟର ଏକ ଚମତ୍କାର ପ୍ରତୀକ ନୁହେଁ, ବରଂ ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ଦ୍ୱାରା ପ୍ରଦତ୍ତ ସାମାଜିକ ନ୍ୟାୟ, ଅନ୍ତର୍ଭୁକ୍ତି ଓ ମାନବିକ ମର୍ଯ୍ୟାଦାର କାଳଜୟୀ ମୂଲ୍ୟବୋଧର ଏକ ଶକ୍ତିଶାଳୀ ସ୍ମରଣିକା। ଏହିପରି ମୂଲ୍ୟବୋଧ ଓଡ଼ିଶାର ସନ୍ତୁଳିତ ବିକାଶ, ସାମାଜିକ ସମନ୍ୱୟ ଓ ଲୋକ-କୈନ୍ଦ୍ରିକ ଶାସନ ଦୃଷ୍ଟିର ମାର୍ଗଦର୍ଶନ କରିଆସୁଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

### ଏଣିକି...

ଜେନାଙ୍କ ନିର୍ଦ୍ଦେଶ ଓ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ଦିଗରେ ଉଦ୍ୟମ ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ତୈଳ ବିକ୍ରୟକାରୀ କମ୍ପାନୀମାନଙ୍କୁ ବି ଚିଠି ଲେଖାଯାଇଛି। ଯେଉଁ ମୋଟର ଯାନର ବୈଧ ପ୍ରଦୂଷଣ ପ୍ରମାଣପତ୍ର ନଥିବ, ଉକ୍ତ ଯାନକୁ କୌଣସି ପେଟ୍ରୋଲ ପମ୍ପରେ ତେଲ ନ ଦେବାକୁ ଉକ୍ତ ଚିଠିରେ ତାଗିଦ୍ କରାଯାଇଛି। ଏପରି ପଦକ୍ଷେପ ଦ୍ୱାରା ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବାୟୁ ଗୁଣବତ୍ତା ମାନ (ଏକ୍ୟୁଆଇ)କୁ ଉନ୍ନତ କରାଯାଇପାରିବ। ଏଥିସହ ପରିବହନଜନିତ ପ୍ରଦୂଷଣକୁ ମଧ୍ୟ ଅପେକ୍ଷାକୃତ ହ୍ରାସ କରାଯାଇପାରିବ ବୋଲି ବିଭାଗ ପକ୍ଷରୁ ଆଶା କରାଯାଉଛି। ମୋଟର ଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ରଖିବା ବାଧ୍ୟତାମୂଳକ। ଏଥିପାଇଁ ଗାଡ଼ିଗୁଡିକୁ ନିୟମିତ ବ୍ୟବଧାନରେ ପଞ୍ଜିକୃତ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରରେ ଯାଞ୍ଚ କରାଇବାକୁ ହୋଇଥାଏ। ସେହିଭଳି ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ମଧ୍ୟ ବ୍ୟବସ୍ଥା ରହିଛି। ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ଗୁରୁତ୍ୱ ଦେଇ ସମସ୍ତ ଟୋଲଗେଟ୍‌ରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ମଧ୍ୟ କରାଯାଇଛି। ଗାଡ଼ି ଚାଳକମାନେ ସର୍ବଦା ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର ପାଖରେ ରଖନ୍ତୁ। ପ୍ରଦୂଷଣ ସୃଷ୍ଟି କରୁଥିବା ଯାନକୁ ବ୍ୟବହାର କରନ୍ତୁ ନାହିଁ। ପରିବେଶ ସୁରକ୍ଷାରେ ସହଭାଗୀ ହୁଅନ୍ତୁ ବୋଲି ବିଭାଗ ପକ୍ଷରୁ ମୋଟର ଯାନ ବ୍ୟବହାରକାରୀଙ୍କୁ ନିବେଦନ କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ଘନ କୁହୁଡ଼ି ନେଇ ୬ଟି ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଇ ଦିଆଯାଇଛି। ଏହି ଜିଲ୍ଲାଗୁଡ଼ିକ ହେଲା ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ ଏବଂ ସମ୍ବଲପୁର। ଏହିସବୁ ଜିଲ୍ଲାର ଆର୍‌ଟିଓମାନଙ୍କୁ ଦୁର୍ଘଟଣା ନିବାରଣ ସକାଶେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଜି ଆର୍‌ଟିଓମାନଙ୍କ ଏକ ଆଭାସୀ ବୈଠକରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଜେନା ଓ ବିଭାଗୀୟ ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବିଭାଗ ପକ୍ଷରୁ ସୁରକ୍ଷିତ ଯାତ୍ରା ସକାଶେ ଏକ ମାର୍ଗଦର୍ଶିକା ବି ଜାରି କରାଯାଇଛି। ଏଥିରେ ଦୃଶ୍ୟମାନତା ଅନୁସାରେ ଧୀର ଗତିରେ ଗାଡ଼ି ଚାଳନା, ଲୋ-ବିମ୍ ହେଡଲାଇଟ୍ ବ୍ୟବହାର କରିବା, ସାମ୍ନାରେ ଥିବା ଗାଡ଼ିଠୁ ନିରାପଦ ଦୂରତା ବଜାୟ ରଖିବା, ପାର୍କିଂ ଲାଇଟ୍ ଏବଂ ଟେଲ୍ ଲାଇଟ୍ ସଠିକ ଭାବେ ଚାଲୁ ରଖିବା, ଘାଟି ତଥା ମୋଡ଼ରେ ସାବଧାନତା ସହ ଆଗକୁ ବଢ଼ିବା, ଯଦି ଦୃଶ୍ୟମାନତା କମ୍ ହୁଏ ତେବେ ଗାଡ଼ି ନ ଚଳାଇ ସୁରକ୍ଷିତ ସ୍ଥାନରେ ପାର୍କିଂ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ହାଇ ବିମ୍ ବ୍ୟବହାର ନ କରିବା, କୁହୁଡ଼ି ସମୟରେ ଓଭରଟେକ୍ ନ କରିବା, ହଠାତ୍ ବ୍ରେକ୍ ନ ମାରିବା, ମଦ୍ୟପାନ କିମ୍ବା କ୍ଲାନ୍ତ ଅବସ୍ଥାରେ ଗାଡ଼ି ନ ଚଳାଇବାକୁ ଉକ୍ତ ମାର୍ଗଦର୍ଶିକାରେ ଦର୍ଶାଯାଇଛି।

### ୭ ଗିରଫ...

ମୋଟ ୭ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ମହମ୍ମଦ ଲିମନ ସରକାର (୧୯), ମହମ୍ମଦ ତାରିକ ହୁସେନ (୧୯), ମହମ୍ମଦ ମାନିକ ମିଆଁ (୨୦), ଇରଶାଦ ଅଲି (୩୯), ନିଜୁମ୍ ଉଦ୍ଦିନ (୨୦), ଆଲମଗିର ହୁସେନ (୩୮) ଓ ମହମ୍ମଦ ମିରାଜ ହୁସେନ ଏକନ୍ (୪୬) ବୋଲି 'ଏକ୍ସ'ରେ ଶ୍ରୀ ୟୁନୁସ୍ ସୂଚନା ଦେଇଛନ୍ତି। ଏଥିସହ ସେ ଦେଶବାସୀଙ୍କୁ ଶାନ୍ତି ବଜାୟ ରଖିବା ସହ କୌଣସି ଗୁଜବରେ ବିଶ୍ୱାସ ନ କରିବାକୁ ନିବେଦନ କରିଛନ୍ତି।

### ବିଶ୍ୱଭୂଷଣ...

ସମାଜସେବା ପ୍ରତି ତାଙ୍କର ରୁଚି ରହିଛି। ଚିଲିକା ଓ ଭୁବନେଶ୍ୱର (ମଧ୍ୟ) ଆସନରୁ ୫ ଥର ବିଧାୟକ ଭାବେ ସେ ନିର୍ବାଚିତ ହୋଇଥିଲେ। ୨୦୧୯ରୁ ୨୦୨୩ ପର୍ଯ୍ୟନ୍ତ ସେ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ରାଜ୍ୟପାଳ ରହିଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା।

### ପୁଣି...

କରିଛି। ଗୋଟିଏ ପଟେ ଉପଭୋକ୍ତାଙ୍କଠାରୁ ଆଇନର ବାଧବାଧକତା କହି ଅତିରିକ୍ତ ସୁରକ୍ଷା ଜମା ଆଦାୟ କରାଯାଉଛି। ନିର୍ଦ୍ଧାରିତ ସମୟରେ ଜମା ଦାଖଲ ନହେଲେ ବିଜୁଳି ସଂଯୋଗ କାଟିଦେବାର ଧମକ ଦିଆଯାଉଛି। ସେଭିତରେ ପୁଣି ଗ୍ରୀଡକୋ ବିଜୁଳି ଦର ବଢ଼ାଇବାକୁ ଦରଖାସ୍ତ ଦେଇଛି। ରାଜ୍ୟ ସରକାର ଗତ ୪ ବର୍ଷ ହେଲା ବିଜୁଳି ଶୁଳ୍କ ବୃଦ୍ଧି କରିନାହାଁନ୍ତି। କିନ୍ତୁ ବଣ୍ଟନ କମ୍ପାନୀଙ୍କ ଲାଭାଂଶ ବଢ଼ାଇବାକୁ ଶକ୍ତି ବିଭାଗ ଏବର୍ଷ କି ପଦକ୍ଷେପ ନେଉଛି ତାହା ଦେଖିବାର କଥା। କାରଣ ଅତିରିକ୍ତ ସୁରକ୍ଷା ଜମା ନେଇ ଏଯାଏଁ ଶକ୍ତି ବିଭାଗ ହସ୍ତକ୍ଷେପ କରୁନାହିଁ।

### ମହାକାଶ...

ସେନେଇ ବିସ୍ତୃତ ଆଲୋଚନା ହୋଇଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଆଜି ମହାକାଶ କ୍ଷେତ୍ରରେ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ଉଭା ହୋଇଛି। ଏହି ସଂସ୍କାରକୁ ଆଗକୁ ନେବା ପାଇଁ ଜାତୀୟ ଶିକ୍ଷା ନୀତି (ଏନ୍ଇପି)-୨୦୨୦ ଅନୁଯାୟୀ ଆଗାମୀ ପିଢ଼ିକୁ ମହାକାଶ ବିଜ୍ଞାନ ପ୍ରତି ଆକୃଷ୍ଟ କରିବା ଓ ସେମାନଙ୍କୁ ଭବିଷ୍ୟତର ଦକ୍ଷ 'ସ୍ପେସ୍ ପ୍ରଫେସନାଲ୍' ଭାବେ ଗଢ଼ି ତୋଳିବା ଉପରେ ସରକାର ପ୍ରାଥମିକତା ଦେଇଆସୁଛନ୍ତି। ଏହି ସାକ୍ଷାତକାର ଶିକ୍ଷା କ୍ଷେତ୍ରରେ ନୂତନ ସମ୍ଭାବନାର ଦ୍ୱାର ଉନ୍ମୁକ୍ତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

### ରାଜନୀତି...

ଛାଡ଼ିଦେଲେ ଅନ୍ୟମାନେ ତାଙ୍କୁ ଭେଟି ଆଲୋଚନା କରିବାର ସୁଯୋଗ ନାହିଁ। ଏବେ ପୁଣି ନବୀନ ଆଉ ପୂର୍ବ ଭଳି ନେତା ଓ କର୍ମୀଙ୍କୁ ଖୋଲା ଚିଠି ଲେଖୁନାହାଁନ୍ତି। ଏହି ଖୋଲା ଚିଠି ଦଳର ସର୍ବୋଚ୍ଚ ନେତାଙ୍କଠାରୁ ଆରମ୍ଭ କରି କର୍ମୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସହ ନବୀନଙ୍କ ଭାବଗତ ସମ୍ପର୍କକୁ ସୂଚାଉଥିଲା। ଏହି ଚିଠି ହିଁ ଗାଁଗହଳିରୁ ରାଜ୍ୟ ରାଜଧାନୀ ପର୍ଯ୍ୟନ୍ତ କର୍ମୀଙ୍କୁ ଚଳଚଞ୍ଚଳ କରୁଥିଲା। ହେଲେ ନବୀନଙ୍କ ବଦଳରେ ଦେବୀ ମିଶ୍ର ଚିଠି ଲେଖିବା ଘଟଣାକୁ ସହଜରେ ଗ୍ରହଣ କରିପାରୁନାହାଁନ୍ତି କର୍ମୀ। କର୍ମୀଙ୍କ ମତରେ ବୋଧହୁଏ ଆଉ ବିଜେଡି ଦଳ ପ୍ରତି ନବୀନଙ୍କ ଆଗ୍ରହ ନାହିଁ। ସେ କ୍ଷମତାରୁ ହଟିବା ଭଳି ଦଳ ବି କେଉଁଦିନ ବିଲୀନ ହୋଇଥିବାର ଆଶଙ୍କା ରହିଛି। ନବୀନ ନା ଦଳକୁ ସଂଗଠିତ କରିବାକୁ ଉଦ୍ୟମ କରୁଛନ୍ତି ନା କର୍ମୀଙ୍କୁ ପୂର୍ବପରି ନିଜ ସହ ବାନ୍ଧି ରଖିବାକୁ ଚେଷ୍ଟା କରୁଛନ୍ତି। ତୃଣମୂଳ ସ୍ତରରେ ଏହା କର୍ମୀଙ୍କୁ ହତୋତ୍ସାହିତ କରୁଛି, ଯାହାର ଫଳସ୍ୱରୂପ ପୂର୍ବରୁ ଦଳ ପ୍ରତିଷ୍ଠା ଦିବସ ସବୁ ବ୍ଲକ୍, ସଦର ମହକୁମା, ଜିଲ୍ଲା ସ୍ତରରେ ବେଶ୍ ଉତ୍ସାହର ସହ ପାଳିତ ହେଉଥିଲା। ଏବେ କିନ୍ତୁ ପ୍ରତିଷ୍ଠା ଦିବସ ପାଳିବାକୁ କର୍ମୀଙ୍କ ଆଗ୍ରହ ନାହିଁ କି ନେତା ପକେଟରୁ ଖର୍ଚ୍ଚ କରିବାକୁ ରାଜି ନୁହଁନ୍ତି।

### ବିଜେଡିକୁ...

ନୂଆଦଳ ପ୍ରତି ମନବଳାଇଥିବା ନେତାଙ୍କ ଉପରେ ଚାପ ପକାଇବା ସହିତ ଦଳ ଭିତରେ ଚାଲିଥିବା କ୍ଷମତା ହସ୍ତାନ୍ତର ପ୍ରସଙ୍ଗଟିକୁ କୌଣସି ପ୍ରକାରେ ଚାପିଦେବା।

ଏଣେ କିନ୍ତୁ ବଣ ଭୋଜି ନାଁରେ ବିଜେଡିର ଯୁବନେତା ବିଶେଷକରି ଯେଉଁମାନେ ଗତ ନିର୍ବାଚନରେ ହାରିଯାଇଛନ୍ତି ସେମାନେ ପୁଣିଥରେ ଏକାଠି ହେବାରେ ଲାଗିଛନ୍ତି। ଯଦିଓ ଏମାନେ କିଛି ସ୍ପଷ୍ଟ କରୁନାହାନ୍ତି, କିନ୍ତୁ ନିଜ ନିଜର ଭବିଷ୍ୟତ ରାଜନୀତି ନେଇ ଏମାନେ ଚିନ୍ତିତ ଥିବା ଓ ତାହା ଉପରେ ଆଲୋଚନା ଚଳାଇଥିବାର ସୂଚନା ମିଳୁଛି। ଯଦି ନୂଆ ରାଜନୈତିକଦଳ ଗଠନ ହେବ ତେବେ ଏମାନଙ୍କ ଆଭିମୁଖ୍ୟ କ'ଣ ହେବ ତାହାକୁ ନେଇ ଏବେ ବିଜେଡିରେ ମାନସମନ୍ଥନ ଚାଲିଛି। କଂଗ୍ରେସ ଓ ବିଜେପି ବି ଏହା ଉପରେ ନଜର ରଖିଛନ୍ତି। ହେଲେ ବିଜେଡିର ବ୍ୟସ୍ତତା ଦେଖି ଏହାକୁ ଏବେଠାରୁ ନୂଆଦଳ ଭୂତ ଗୋଡ଼ାଇଲାଣି ବୋଲି ଦଳୀୟ କର୍ମୀମାନେ ଆଲୋଚନା ଚଳାଇଛନ୍ତି।

### ଚାଲିଛି...

କରିଛନ୍ତି। ଗତ ୫ ଓ ୧୨ ତାରିଖରେ ଉଭୟ ରାଜ୍ୟର ବୈଷୟିକ କମିଟି ଆଲୋଚନା କରିଛନ୍ତି। ଆଗକୁ ମଧ୍ୟ ଦୁଇ ରାଜ୍ୟର ଅଧିକାରୀଙ୍କ ମଧ୍ୟରେ ଏହିଭଳି ସମାନ୍ତରାଳ ବୈଠକ ଜାରି ରହିବ। ଏଥିସହ ଓଡ଼ିଶା ପକ୍ଷରୁ ମଧ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଛି। କମିଟିର ଉଦ୍ଦେଶ୍ୟ ଓ ଏଥିରେ ଥିବା ସଦସ୍ୟଙ୍କ ବାବଦରେ ଆଡଭୋକେଟ ଜେନେରାଲ ଶ୍ରୀ ଆଚାର୍ଯ୍ୟ ଟ୍ରିବ୍ୟୁନାଲକୁ ଅବଗତ କରାଇଛନ୍ତି। ଆସନ୍ତା ୨୩ ତାରିଖରେ କମିଟିର ପରବର୍ତ୍ତୀ ବୈଠକ ବସିବ। ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଅଦ୍ୟାବଧି ଗ୍ରହଣ କରାଯାଇଥିବା ପଦକ୍ଷେପ ନେଇ ଟ୍ରିବ୍ୟୁନାଲ୍ ସନ୍ତୋଷ ପ୍ରକାଶ କରିଛନ୍ତି। ଛତିଶଗଡ଼ ମଧ୍ୟ ଓଡ଼ିଶା ଢାଞ୍ଚାରେ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିବାକୁ ଟ୍ରିବ୍ୟୁନାଲ ପରାମର୍ଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ବର୍ଷ ଫେବୃଆରୀ ୭ ତାରିଖରେ ହେବାକୁ ଧାର୍ଯ୍ୟ ହୋଇଛି।

## ୩୭୮ କିଲୋ ଗଞ୍ଜେଇ ଜବତ, ଡ୍ରାଇଭର ଗିରଫ



**ଫୁଲବାଣୀ,୨୦ା୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାରେ ଥମିବାର ନା ଧରୁନି ଗଞ୍ଜେଇ କାରବାର। ଜିଲ୍ଲାରୁ ଏହି ଗଞ୍ଜେଇ କାରବାର ଓ ଗଞ୍ଜେଇ ଚାଷକୁ ସମୂଳେ ବିନାଶ କରିବା ପାଇଁ ରାଜ୍ୟ ପୁଲିସ ମୁଖିଆଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ମାସେ ହେଲା ବିଭିନ୍ନ ଥାନା ପକ୍ଷରୁ ଗଞ୍ଜେଇ ଗଛ କଟା ଅଭିଯାନ ବା ଅପରେସନ ନିଳ ଜହର ଜାରି ରହିଥିବା ବେଳେ ଏତେ ପରିମାଣରେ ଚାଷ ହୋଇଛି ଯେ ପୁଲିସ, ଅବକାରୀ ବିଭାଗ ଓ ବନ ବିଭାଗ କର୍ମଚାରୀମାନେ ମିଳିତ ଭାବରେ ଶହ ଶହ ଏକର ଗଞ୍ଜେଇ କାଟି ଚାଲିଥିଲେ ମଧ ଗଛ କଟା ସରି ପାରୁନି। ସେପଟେ ଗଞ୍ଜେଇ ଗଛ କଟା ଜାରି ରହିଥିବା ବେଳେ ଅନ୍ୟପଟେ କିଛି ମାଫିଆ ବେଧଡକ ଭାବରେ ଗଞ୍ଜେଇ ଚାଲାଣ କରି ଚାଲିଛନ୍ତି। ତେବେ ଏହି ପରିପେକ୍ଷୀରେ କିଛିଦିନର ନୀରବତା ପରେ ପୁଣି ଗୋଛାପଡା ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ଶୁକ୍ରବାର ପାଟ୍ରୋଲିଂ କରୁଥିବା ସମୟରେ ଏକ ବୋଲେରୋ ଇ ଗାଡ଼ିରୁ ୩୭୮ କିଲୋ ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ଚାଲାଣ ଅଭିଯୋଗରେ ଗାଡିର ଡ୍ରାଇଭରକୁ ଗିରଫ କରିଛି। ତେବେ ଗିରଫ ଡ୍ରାଇଭର ଜଣକ କନ୍ଧମାଳ ଜିଲ୍ଲା ଖଜୁରୀପଡା ଥାନା ଗୁଦାରୀ ପଞ୍ଚାୟତ ଶ୍ରୀରାମ ନଗରର ପ୍ରମୋଦ କୁମାର ସାହୁ ବୋଲି ଜଣାପଡିଥିବା ବେଳେ ଏହି ଘଟଣାକୁ ନେଇ ଗୋଛାପଡା ଥାନାରେ ୨୫୦/୨୦୨୫ ରେ ଏକ ମାମଲା ରୁଜୁ କରାଯାଇଛି ଓ ଏହି ଗଞ୍ଜେଇ ଚାଲାଣରେ ଆଉ କିଏ ସମ୍ପୃକ୍ତ ଅଛନ୍ତି ସେଦିଗରେ ମଧ ତଦନ୍ତ ଜାରିରହିଥିବା ଥାନା ଅଧିକାରୀ ସୂଚନା ଦେଇଥିବା ବେଳେ ଶନିବାର ଗିରଫ ଡ୍ରାଇଭରକୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ଦେଇଛନ୍ତି ।

# ଆନନ୍ଦପୁର ମେଡିକାଲ୍‌ରେ ମିଳୁନି ଆମ୍ବୁଲାନ୍ସ ସେବା

**ଆନନ୍ଦପୁର,୨୦ା୧୨ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ଏବେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପ୍ରସୂତି ବିଭାଗରେ ରହିଥିବା ଏକ ଟିକେଟ କାଉଣ୍ଟର ଦୀର୍ଘ ୫ମାସ ହେଲା ବନ୍ଦ ରହିଛି। ଗୋଟିଏ ଟିକେଟ କାଉଣ୍ଟରରେ ଲମ୍ବା ଲାଇନ୍ ଲାଗୁଛି। ଯାହା ଫଳରେ ଏଠାରେ ଚିକିତ୍ସା ପାଇଁ ରୋଗୀ ଓ ତାଙ୍କ ସହାୟକମାନଙ୍କୁ ସଂଘର୍ଷ କରିବାକୁ ପଡୁଛି।

ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ କେନ୍ଦୁଝର ଜିଲ୍ଲା ସମେତ ପଡ଼ୋଶୀ ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଜିଲ୍ଲାର ଲକ୍ଷାଧିକ ଲୋକ ନିର୍ଭର କରିଥାନ୍ତି। ପ୍ରତିଦିନ ୧୦୦୦ରୁ ଉର୍ଦ୍ଧ୍ୱ ରୋଗୀ ବର୍ହିବିଭାଗକୁ ଚିକିତ୍ସା ପାଇଁ ଆସିଥାନ୍ତି । ସେମାନଙ୍କ ମଧ୍ୟରେ ଆଦିବାସୀ ଓ ଗରିବ ଲୋକଙ୍କ ସଂଖ୍ୟା ଅଧିକ। ରୋଗ ଭଲ କରିବା ପାଇଁ




**ପ୍ରହସନ ପାଲଟିଛି ସରକାରୀ ଯୋଜନା**

ଆସୁଥିବା ରୋଗୀ ତାଙ୍କ ରୋଗଠୁ ବଳିଯାଉଛି ଧାଡ଼ି ଯନ୍ତ୍ରଣା। ଡାକ୍ତରଖାନାରେ ଟିକେଟ୍ ଆଣିବାଠାରୁ ଔଷଧ ନେବା ପର୍ଯ୍ୟନ୍ତ ସବୁ ସ୍ଥାନରେ ଲମ୍ବାଧାଡ଼ିରେ ଠିଆହେବାକୁ ପଡୁଛି। ଅନେକ ରୋଗୀ ଓ ସମ୍ପର୍କୀୟ ଧାଡ଼ିରେ ରହି ଯନ୍ତ୍ରଣା ଭୋଗୁଥିବା ଅଭିଯୋଗ ହୋଇଛି। ମେଡ଼ିକାଲ୍ ପରିସରରେ ଥିବା କାଫେ ମଧ ଦୀର୍ଘ ୪ଦିନ ହେବ ବନ୍ଦ ରହିଥିବାରୁ ଲୋକେ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି।

ସେହିପରି ଫକିରପୁର ଗ୍ରାମର ରମାକାନ୍ତ ଗୁନୁ ନିଜ ମା'ଙ୍କ ଦେହ ଅସୁସ୍ଥତା ଯୋଗୁଁ ଆନନ୍ଦପୁର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପରେ ଡାକ୍ତର କଟକ ରେଫର କରିଥିଲେ। ଦୁଇ ଘଣ୍ଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସକୁ ଅପେକ୍ଷା ପରେ ନମିଳିବାରୁ ବାଧ ହୋଇ ନିଜସ୍ୱ ଗାଡ଼ିରେ କଟକ ବଡ଼ ଡ଼ାକ୍ତରଖାନାକୁ ନେଇଥିଲେ। ରାଜ୍ୟ ସରକରଙ୍କ ଏହି ମାଗଣା ଆମ୍ବୁଲାନ୍ସ ସେବା କ'ଣ ପ୍ରହସନ କି ବୋଲି ପ୍ରଶ୍ନ ଉଠିଛି।

ତେବେ ଏହି ବିଷୟରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ଅଧିକାରୀ ଡକ୍ଟର କୃଷ୍ଣଚନ୍ଦ୍ର ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ହଁ ଏମିତି ସମସ୍ୟା ତ ହେଉଛି ହେଲେ ଆମ ଲେବୁଲରେ କିଛି ସମାଧାନ ହୋଇ ପାରିବ ନାହିଁ। ଯାହା ଷ୍ଟେଟ୍ ଲେବୁଲ୍‌ରେ ସମାଧାନ ହୋଇ ପାରିବ। ଏବଂ ଟିକେଟ କାଉଣ୍ଟରଟିକୁ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ କରିଯିବ ବୋଲି ପ୍ରକାଶ କରିଛନ୍ତି। ଏ ବିଷୟରେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସନ୍ତୋଷ ଟ୍ରଫି ପାଇଁ ଓଡ଼ିଶା ଦଳରେ ସ୍ଥାନ ପାଇଲେ ଫିରିଙ୍ଗିଆର ହରିଶଙ୍କର

**ଫୁଲବାଣୀ,୨୦ା୧୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଫିରିଙ୍ଗିଆ ଗ୍ରାମର ଉଦୀୟମାନ ଫୁଟବଲ ଖେଳାଳି ହରିଶଙ୍କର ନାୟକ। ସାରା କନ୍ଧମାଳ ଜିଲ୍ଲାରେ ରାଜା ନାମରେ ପରିଚିତ ଏହି ଖେଳାଳି ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ସନ୍ତୋଷ ଟ୍ରଫି ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଘୋଷିତ ଓଡ଼ିଶା ରାଜ୍ୟ ଦଳରେ ସେ ସ୍ଥାନ ପାଇଛନ୍ତି। ଆସନ୍ତା ୨୨ ତାରିଖରୁ ଛତିଶଗଡ଼ର ନାରାୟଣପୁର ଠାରେ ଏହି ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଯାଉଛି । ଏଥିରେ ଓଡ଼ିଶା ଦଳ ମଧ୍ୟପ୍ରଦେଶ, ତେଲେଙ୍ଗାନା ଓ ଆୟୋଜକ ଛତିଶଗଡ଼ ବିରୁଦ୍ଧରେ ମୈଦାନକୁ ଓହ୍ଲାଇବ । ତେବେ ହରିଶଙ୍କର ବିଗତ ଚାରି ବର୍ଷ ଧରି କନ୍ଧମାଳ ଜିଲ୍ଲା ସିନିଅର ଫୁଟରବଲ ଦଳର ଅଧିନାୟକ ଦାୟିତ୍ୱ ତୁଲାଇ ଆସୁଛନ୍ତି । ତାଙ୍କରି ନେତୃତ୍ୱରେ ୨୦୨୩ ମସିହା ସାହାଣୀ କପ୍ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟରେ କନ୍ଧମାଳ ଦଳ ରନର୍ସ-ଅପ୍ ଆଖ୍ୟା ଅର୍ଜନ କରିଥିଲା। ଏହା ବ୍ୟତୀତ ସେ ୨୦୨୩ରେ ଓଡ଼ିଶା ଏଫସି ତରଫରୁ ସର୍ବଭାରତୀୟ ଡୁରାଣ୍ଡ କପ୍‌ରେ ମଧ ପ୍ରତିନିଧିତ୍ୱ କରିଥିଲେ। ଚଳିତ ୨୦୨୫ ସାହାଣୀ କପ୍‌ରେ ତାଙ୍କର ଉଚ୍ଚକୋଟୀର ପ୍ରଦର୍ଶନ ରାଜ୍ୟ ଚୟନକର୍ତ୍ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା, ଯାହା ଫଳରେ ତାଙ୍କୁ ସନ୍ତୋଷ ଟ୍ରଫି ପାଇଁ ରାଜ୍ୟ ଦଳରେ ସ୍ଥାନ ମିଳିଛି ।



ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । ହରିଶଙ୍କରଙ୍କ ଏହି ସଫଳତା ଜିଲ୍ଲାର ଅନ୍ୟ ଫୁଟବଲ ଖେଳାଳିମାନଙ୍କ ପାଇଁ ଏକ ନୂତନ ଦିଗଦର୍ଶନ ସାଜିବ ବୋଲି କ୍ରୀଡାପ୍ରେମୀମାନେ ଆଶା ବ୍ୟକ୍ତ କରିଛନ୍ତି ।

## ବିରଜା ମନ୍ଦିରର ଉନ୍ନତିକରଣ କାମ ବନ୍ଦକୁ ନେଇ ଜିଲ୍ଲାପାଳଙ୍କ ସ୍ପଷ୍ଟୀକରଣ

**ଯାଜପୁର,୨୦ା୧୨ (ସଂଚାର ବ୍ୟୁରୋ):** ଓଡ଼ିଶାର ପ୍ରସିଦ୍ଧ ଶକ୍ତିପୀଠ ଭାବେ ପରିଚିତ ବିରଜା ମା ମନ୍ଦିରର ଉନ୍ନତିକାର୍ଯ୍ୟ ଦୀର୍ଘଦିନ ଧରି ବନ୍ଦ ରହିଥିବାକୁ ନେଇ ଶ୍ରଦ୍ଧାଳୁ ଓ ସାଧାରଣ ଲୋକଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଦେଖାଦେଇଥିବା ବେଳେ, ଏନେଇ ଆଜି ସ୍ପଷ୍ଟୀକରଣ ଦେଇଛନ୍ତି ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର। କମ୍ପାନୀର ଧୀରଗତି ଓ କାର୍ଯ୍ୟ ସମନ୍ୱୟ ଅଭାବରୁ ପ୍ରକଳ୍ପଟି ଅଧାପନ୍ତୁରିଆ ଅବସ୍ଥାରେ ଅଟକି ରହିଥିଲା। ଏହି ଅବସ୍ଥାକୁ ଗୁରୁତ୍ୱର ସହ ନେଇ, ଆଜି ଯାଜପୁର ଜିଲ୍ଲାପାଳ ସମ୍ପୃକ୍ତ କମ୍ପାନୀ ସହ ଏକ ଉଚ୍ଚସ୍ତରୀୟ ରିଭ୍ୟୁ ମିଟିଂ କରିଥିଲେ। ମିଟିଂରେ କମ୍ପାନୀକୁ ବକାୟା କାମ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ କଠୋର ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାମ ସାରିବାରେ ବିଫଳ ହେଲେ କଠୋର ପ୍ରଶାସନିକ ପଦକ୍ଷେପ ନିଆଯିବ ବୋଲି ସେ ସଚେତନ କରିଛନ୍ତି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



**ଖୋର୍ଦ୍ଧା,୨୦ା୧୨ (ସଂଚାର ବ୍ୟୁରୋ):** ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠାନର ସଭାପତି ସୂର୍ଯ୍ୟକାନ୍ତ ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାନ୍ୟବର ମନ୍ତ୍ରୀ ପୂର୍ତ୍ତ, ଆଇନ ଓ ଅବକାରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି, ପୂର୍ବତନ ସାଂସଦ ଡ଼ଃ ପ୍ରସନ୍ନ କୁମାର ପାଟଶାଣି ମୁଖ୍ୟ ବକ୍ତା, ମାନ୍ୟବର ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଖୋର୍ଦ୍ଧା, ଶ୍ରୀମତୀ କନକଲକ୍ଷ୍ମୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ଅଧକ୍ଷ ମାଧବ ଚନ୍ଦ୍ର ରାଉତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ, ମନୋଜ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ଶାଶ୍ୱତୀ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। । ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## କଣ୍ଟେନର ଦୁର୍ଘଟଣାରେ ୪୬ ଗାଈ ମୃତ



**ବୋରିଗୁମ୍ମା/କୋଟପାଡ଼,୨୦ା୧୨ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା କୋଟପାଡ଼ ଥାନା ଅନ୍ତର୍ଗତ ଘୁମର ଗ୍ରାମ ନିକଟରେ କଣ୍ଟେନର ଦୁର୍ଘଟଣାରେ ୪୬ ଗାଈର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ବିଳମ୍ବିତ ରାତିରେ ଗୋରୁବୋଝେଇ କଣ୍ଟେନର ଓଡ଼ିଶାର କୋଟପାଡ଼ ଘୁମର ରାସ୍ତା ଦେଇ ଆନ୍ଧ୍ର ପ୍ରଦେଶର ମାନପୂରମ ହାଟକୁ ଯାଉଥିଲା। ରାତ୍ର ପ୍ରାୟ ୧.୩୦ମି. ସମୟରେ ଘୁମର ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଗାଡ଼ିରେ ରାସ୍ତା କଡ଼କୁ ଓଲଟି ପଡିଥିଲା। ଖବର ପାଇ କୋଟପାଡ଼ ଥାନା ଅଧିକାରୀ ପରମାନନ୍ଦ ସୁନାନୀ ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଗାଁ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ କରିଥିଲେ। କୋଟପାଡ଼ବାସୀ ବହୁବାର ଗୋ ଚାଲାଣକୁ ବିରୋଧ କରିଆସୁଥିବା ସତ୍ତ୍ୱେ ପ୍ରତିଦିନ ଗୋଚାଲାଣ ହେଉଛି ଫଳରେ ପ୍ରତି ଦିନ ଛୋଟ ବଡ ଦୁର୍ଘଟଣାରେ ଅନେକ ଗାଈ ଗୋରୁଙ୍କ ଜୀବନ ଯାଉଛି। ଏକା ସଙ୍ଗେ ଏତେ ସଂଖ୍ୟକ ଗାଈ ମୃତ୍ୟୁକୁ ନେଇ ଘୁମର ଗ୍ରାମବାସୀ ଦୁଃଖ ପ୍ରକାଶ କରି ଗୋ ଚାଲାଣକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିବେଦନ କରିଛନ୍ତି। କଣ୍ଟେନରରେ ମୋଟ ୧୦୦ରୁ ଉର୍ଦ୍ଧ୍ୱ ଗୋରୁ ରହିଥିବା ବେଳେ ସେଥିରୁ ୪୬ ଗାଈର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

**ବୋରିଗୁମ୍ମା/ଜୟପୁର,୨୦ା୧୨ (ସଂଚାର ବ୍ୟୁରୋ):** ୨୦୨୦ ମସିହାରେ ସୁନାବେଡା ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଅପହରଣ ଏବଂ ଦୁଷ୍କର୍ମ ମାମଲାର ବିଚାର କରି ୧୨ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଆଜି ମାନ୍ୟବର ଜୟପୁର ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର କୋର୍ଟର ଆଡ଼ହକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ସୁଶ୍ରୀ ପ୍ରଜ୍ଞା ନଳିନୀ ମିଶ୍ର ରାଜପଲାମ ଗ୍ରାମର ୨୫ ବର୍ଷୀୟ ଲକ୍ଷ୍ମଣ ଦାଡ଼ିଆକୁ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୬୩ରେ ୫ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦୦୦ ଟଙ୍କା ଜୋରିମାନା, ପକ୍ସୋ ଆଇନର ଧାରା ୪(୨) ରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦,୦୦୦ ଟଙ୍କା ଜୋରିମାନା ଏବଂ ୬ ଅନୁଯାୟୀ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ଜୋରିମାନା ଟଙ୍କା ଅଣଦେୟ ଦୋଷୀକୁ ୧୪ ମାସ ଅଧିକା ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଦର୍ଶାଇଛନ୍ତି ମାନ୍ୟବର ଅଦାଲତ। ଆଦାୟ ଜୋରିମାନା ଟଙ୍କା ସହ ସରକାରଙ୍କ ତରଫରୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ପୀଡ଼ିତାଙ୍କୁ ୬,୦୦,୦୦୦ ଟଙ୍କା ଅନୁକମ୍ପା ମୂଳକ ରାଶି ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ମାନ୍ୟବର ଅଦାଲତ। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ଡ଼କ୍ଟର ଗାୟତ୍ରୀ ଦେବୀ ମାମଲାର ପରିଚାଳନା କରିଥିଲେ।

### ନାବାଳିକାକୁ ପ୍ରତାରଣା

## ଗର୍ଭବତୀ ଅବସ୍ଥାରେ ଉଦ୍ଧାର, ଯୁବକ ଫେରାର

**ଯାଜପୁର,୨୦ା୧୨ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲାର ଏକ ଚିନ୍ତାଜନକ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ନବମ ଶ୍ରେଣୀରେ ପଢୁଥିବା ଜଣେ ୧୭ ବର୍ଷୀୟ ନାବାଳିକାକୁ ପ୍ରେମର ଆଶ୍ୱାସନ ଦେଇ ଧୋକା ଦେବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ ଅଧୀନ ଖଣ୍ଡରା ପଞ୍ଚାୟତ, ସୁଧଗୋବିନ୍ଦା ଗାଁର ଜଣେ ଯୁବକ ନାବାଳିକାଙ୍କ ସହ ପାଠପଢ଼ା ସମୟରେ ସମ୍ପର୍କ ସ୍ଥାପନ କରିଥିଲା।

ନାବାଳିକା ଜଣକ ତାଙ୍କ ମାଆଙ୍କ ସହ ପାରାଦୀପରେ ଭଡାଘରେ ରହି ଦିନମଜୁରିଆ କାମ କରୁଥିବା ବେଳେ ଯୁବକ ତାଙ୍କୁ ଭ୍ରମିତ କରି ଗାଁରୁ ନେଇ ଫେରାର ହୋଇଯାଇଥିଲା ବୋଲି ଅଭିଯୋଗ ପରେ ଘଟଣା ଗୁରୁତର ରୂପ ନେଲା। ଯେତେବେଳେ ନାବାଳିକା ଜଣକ ୮ ମାସର ଗର୍ଭବତୀ ଅବସ୍ଥାରେ ଥିବା ଜଣାପଡ଼ିଲା। ଗାଁକୁ ଫେରୁଥିବା ସମୟରେ ଶିଶୁ ମଙ୍ଗଳ କମିଟି, ଯାଜପୁର ଓ ସାମାଜିକ ସଂଗଠନଙ୍କ ସହଯୋଗରେ ନାବାଳିକାକୁ ଉଦ୍ଧାର କରାଯାଇଛି। ବର୍ତ୍ତମାନ ନାବାଳିକା ସୁରକ୍ଷିତ ରହିଥିବା ବେଳେ ଅଭିଯୁକ୍ତ ଯୁବକ ଫେରାର ରହିଛି। ଘଟଣାଟି ପକ୍ସୋ ଆଇନ ଓ ଆଇପିସି ଧାରା ଅନୁଯାୟୀ ଗୁରୁତର ଅପରାଧ ଭାବେ ଗଣ୍ୟ ହେଉଥିବାରୁ ପ୍ରଶାସନ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଦାବି ଜୋର ଧରିଛି।

## ଇସ୍ରାଏଲ୍ ଦୂତାବାସର ନବୀକରଣ ଅଧିକାରୀଙ୍କ ସୋଆ ପରିଦର୍ଶନ

**ଭୁବନେଶ୍ୱର,୨୦ା୧୨ (ସଂଚାର ବ୍ୟୁରୋ):** ଇସ୍ରାଏଲ୍ ଦୂତବାସର ନବୀକରଣ ଅଧିକାରୀ ମାୟା ସର୍ମନ୍ ଶୁକ୍ରବାର ସୋଆ ବିଶ୍ୱବିଦ୍ୟାଳୟ ଗସ୍ତରେ ଆସିଥିବା ବେଳେ ଭାରତ ଏବଂ ଇସ୍ରାଏଲ୍ ମଧ୍ୟରେ ନବୀକରଣ, ଗବେଷଣା ଏବଂ ଉଦ୍ୟୋଗୀକରଣ କ୍ଷେତ୍ରରେ ସହଭାଗିତାକୁ ସୁଦୃଢ଼ କରିବାର ଲକ୍ଷ୍ୟ ନେଇ ଅନେକ ଆଲୋଚନା କରିଛନ୍ତି।

**ଡିପ୍ ଟେକ୍ ଓ ଷ୍ଟାର୍ଟ-ଅପ୍ ସମ୍ବନ୍ଧୀୟ ସହଭାଗିତା ନେଇ ଆଲୋଚନା**

ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ, ଡିଫେନ୍ସ ଟେକ୍ନୋଲଜି, ଷ୍ଟାର୍ଟ-ଅପ୍, ଏମ୍‌ଏସ୍‌ଏମ୍‌ଇ, ରିସର୍ଚ୍ଚ ଏବଂ ଡିଜିଟାଲ୍ ଡିପ୍ଲୋମାସିକୁ ନେଇ ଦୁଇ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଶ୍ରୀମତି ସର୍ମନ୍ ସୋଆର ନେତୃବର୍ଗ, ଫ୍ୟାକଲ୍ଟି ମେମ୍ବର, ଷ୍ଟାର୍ଟ-ଅପ୍ ଉଦ୍ୟୋକ୍ତା ଏବଂ ଆବିଷ୍କାର ଦିଗରେ କାର୍ଯ୍ୟ କରୁଥିବା ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ।




ଶ୍ରୀମତି ସର୍ମନ୍ ଡିପ୍ ଟେକ୍ ପଦକ୍ଷେପ, ନବୀକରଣ ଏବଂ ଉଦ୍ୟୋଗୀକରଣ ସମ୍ପର୍କରେ ନିଜର ଅନୁଭୂତି ବଖାଣିଥିବା ବେଳେ ଆଇଟିଇଆର୍‌ର ଫ୍ୟାକଲ୍ଟି ଡକ୍ଟର ଭାରତ ଜେ.ଆର ସାହୁ ଏବଂ ଚିନ୍ମୟ ଅୟସ ନବୀକରଣ ଏବଂ ଷ୍ଟାର୍ଟ-ଅପ୍ ସମ୍ବନ୍ଧରେ ତାଙ୍କ ସହ ଆଲୋଚନା କରିଥିଲେ।

ଏହି ଅବସରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିବା ସହ ଶିକ୍ଷା, ଗବେଷଣା ଏବଂ ନବୀକରଣ କ୍ଷେତ୍ରକୁ ସୁଦୃଢ଼ କରିବା ଦିଗରେ ସୋଆର ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଥିଲେ।

## କୋକୁଆ ଭୟରେ ନକଲି ଔଷଧ ଦୋକାନୀ

**ଦୁଇ ସପ୍ତାହ ମଧ୍ୟରେ ଡ୍ରଗ୍ସ ବିଭାଗର ଦୁଇ ଥର ଯାଞ୍ଚ**




**କାକଟପୁର/ଅସ୍ତରଙ୍ଗ,୨୦ା୧୨ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ବିଭାଗ, ପ୍ରଶାସନର ନୀରବତା ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ଛତୁ ଫୁଟିଲା ଭଳି ଖୋଲି ଯାଇଛି ନକଲି ଓ ନିମ୍ନମାନର ଔଷଧ କାରବାର ଦୋକାନ। ଯାହାଫଳରେ ନିମ୍ନମାନର ଔଷଧ ଖାଇ ରୋଗୀଙ୍କ ରୋଗ ବୃଦ୍ଧି ପାଉଛି। ବାରମ୍ବାର ଖବର ପ୍ରକାଶିତ ପରେ ଦୁଇ ସପ୍ତାହ ମଧ୍ୟରେ ଡ୍ରଗ୍ସ ବିଭାଗର ବାରମ୍ବାର ଗ୍ରସ୍ତ ନକଲି ଔଷଧ କାରବାର ଓ ବିନା ଲାଇସେନ୍ସ ଦୋକାନ କରିଥିବା ଔଷଧ ବ୍ୟବସାୟୀଙ୍କ ମନରେ ଛନକା ସୃଷ୍ଟି ହୋଇଛି।

ଖବର ମୁତାବକ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳରେ ପ୍ରତି ଗାଁରେ ଛତୁ ଫୁଟିଲା ଭଳି ଖୋଲିଛି ଔଷଧ ଦୋକାନ। ଏଥିରେ ବିଭିନ୍ନ କମ୍ପାନୀର ନକଲି ଔଷଧ ବିକ୍ରି କରୁଥିବା ଅଭିଯୋଗ ହେଉଛି। ନକଲି ଓ ନିମ୍ନମାନର ଔଷଧ ବିକ୍ରି କରୁଥିବା ଅଭିଯୋଗ ହେଉଛି। ରୋଗୀ ଶୋଷିତ ହେଉଛନ୍ତି। ଏ ନେଇ ଖବର ପ୍ରକାଶିତ ପରେ ଦୁଇ ଡିସେମ୍ବର ୧୯ରେ ପୁରୀ ଅତିରିକ୍ତ ଭେଷଜ ନିୟନ୍ତ୍ରକ ଡ଼ଃ ସୁଦର୍ଶନ ବିଶ୍ୱାଳଙ୍କ ତତ୍ୱାବଧାନରେ ପୁରୀ ଭେଷଜ ନିରୀକ୍ଷକ ଜ୍ଞାନଦା ଶୁଭଦର୍ଶିନୀ ନନ୍ଦ, ପୁରୀ ରେଞ୍ଜ ୨ଭେଷଜ ନିରୀକ୍ଷକ ହିତେଶ କୁମାର ବେହେରା,ଖୋର୍ଦ୍ଧା ଭେଷଜ ନିରୀକ୍ଷକ ଅର୍ଦ୍ଧେନ୍ଦୁ ଶେଖର ମାନ ସିଂ ଗ୍ରସ୍ତ କରି ଅସ୍ତରଙ୍ଗ, କାକଟପୁର ଓ ପୋଟଳ ଛକରେ ବିଭିନ୍ନ ଔଷଧ ଦୋକାନରେ ଦିନ ତମାମ ଯାଞ୍ଚ କରିଥିଲେ। ଭେଷଜ ବିଭାଗର ଚଢ଼ାଉ ଖବର ପାଇଁ ଅଚାନକ ଅନେକ ବ୍ୟବସାୟୀ କ୍ଷଣିକ ମଧ୍ୟରେ ଔଷଧ ଦୋକାନ ତାଲା ପକାଇ ପଳାଇ ଯାଇଥିଲେ। ଏ ନେଇ ଡ୍ରଗ୍ସ ବିଭାଗ ଅଧିକାରୀ କହିଛନ୍ତି ଆଗାମୀ ଦିନରେ ସ୍ୱତନ୍ତ୍ର ଟିମ୍, ପୁଲିସ ଓ ତହସିଲଦାରଙ୍କ ଉପସ୍ଥିତରେ ଔଷଧ ଦୋକାନ ଯାଞ୍ଚ ସହ ସିଲ ମଧ କରାଯିବ।

## ବିଜେଡି ଇସାରାରେ କାର୍ଯ୍ୟକରୁଛି ବିରଜାକ୍ଷେତ୍ର ଠିକାଦାର ସଂଘ




**ଯାଜପୁର,୨୦ା୧୨ (ସଂଚାର ବ୍ୟୁରୋ):** ଯାଜପୁର ସହର ସ୍ଥିତ ଶାନ୍ତି ମଣ୍ଡପରେ ଅନୁଷ୍ଠିତ ବିରଜାକ୍ଷେତ୍ର ଠିକାଦାର ସଂଘର ସାଧାରଣ ବୈଠକ କେବଳ ଟେଣ୍ଡର ସମସ୍ୟା ଆଲୋଚନାରେ ସୀମିତ ରହିଲାନି, ବରଂ ଏହା ରାଜନୈତିକ ଇସାରା, ମିଡିଆ ବିରୋଧୀ ମନୋଭାବ ଓ ଷଡଯନ୍ତ୍ରର ଜୀବନ୍ତ ଉଦାହରଣ ଭାବେ ସାମ୍ନାକୁ ଆସିଛି। ସିଡ୍ୟୁଲ ରେଟ୍ ପରିବର୍ତ୍ତନ ଦାବି ନାଁରେ ରାଜ୍ୟର "ସାଧାରଣ ଲୋକଙ୍କ ସରକାର" ଭାବେ ପରିଚିତ ମୋହନ ସରକାରକୁ ପ୍ରଚ୍ଛଦ ପଟରୁ ବିରୋଧ କରାଯାଉଥିବା ଅଭିଯୋଗ ବୈଠକ ପରେ ଆଉ ଗଭୀର ହୋଇଛି। ଏହା ସହ ବିରଜାକ୍ଷେତ୍ର ଠିକାଦାର ସଂଘ ବିଜେଡିର ଛତ୍ରଛାୟାରେ କାର୍ଯ୍ୟ କରୁଥିବା ଚର୍ଚ୍ଚା ଜିଲ୍ଲାରେ ଜୋର ଧରିଛି। ସବୁଠାରୁ ଗୁରୁତର ଓ ଚିନ୍ତାଜନକ ପ୍ରସଙ୍ଗ ହେଲା ଠିକାଦାରଙ୍କ ଦୁର୍ନୀତି ସମ୍ପର୍କରେ ସଂଚାର ଖବରକାଗଜରେ ଖବର ପ୍ରକାଶ ପାଇବା ପରେ, ସେହି ମେଡିଆକୁ ଇଚ୍ଛାପୂର୍ବକ ବୈଠକରୁ ଦୂରେଇ ରଖାଗଲା। ଯେମିତି ବିଜେଡି ଦଳ ତାଙ୍କ ଭୁଲ ଓ ଦୁର୍ନୀତି ପ୍ରକାଶ କରୁଥିବା ମେଡିଆକୁ ଅପମାନିତ କରେ, ସେହି ଧାରାକୁ ଅନୁସରଣ କରି ବିରଜାକ୍ଷେତ୍ର ଠିକାଦାର ସଂଘ ମଧ ସତ୍ୟ କହୁଥିବା ମିଡିଆକୁ ଅସ୍ୱୀକୃତ କରିଛି। ଏହା ସ୍ପଷ୍ଟ କରୁଛି ଯେ ସଂଘ ସମସ୍ୟା ସମାଧାନ ନୁହେଁ, ବରଂ ନିଜ ଭୁଲ ଘୋଡାଇବାରେ ଅଧିକ ବ୍ୟସ୍ତ। ସତ୍ୟକୁ ଜନମନରୁ ବାହାର କରିହେବ ନାହିଁ।

## ଚେକ ବାଉନ୍ସ ମାମଲାରେ କଲେଜ କର୍ମଚାରୀଙ୍କୁ ବର୍ଷେ ସଶ୍ରମ କାରାଦଣ୍ଡ

**ନୀଳଗିରି,୨୦ା୧୨ (ସଂଚାର ବ୍ୟୁରୋ):** ଏକ ଚେକ ବାଉନ୍ସ ମାମଲାରେଆଜି ନୀଳଗିରି ଏସଡିଜେଏମଙ୍କ ଗୁରୁତରପୂର୍ଣ୍ଣ ରାଏ ଦେଇଛନ୍ତି। ଅଭିଯୁକ୍ତକୁ ୧ବର୍ଷ ସଶ୍ରମ କାରାଦଣ୍ଡ ସହ ୬ମାସ ମଧ୍ୟରେ ୪ଲକ୍ଷ ୫୦ ଫେରସ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଅଭିଯୋଗକାରୀ ପ୍ରଫୁଲ୍ଲ ବେହେରାଙ୍କ ଅଭିଯୋଗ କ୍ରମେ ଆଇ ସିସି ନମ୍ବର ୭୫/୨୦୨୩ ରେ ଶ୍ରୀକାନ୍ତଙ୍କ ବିରୋଦ୍ଧରେ ଏକ ମାମଲା କୋର୍ଟରେ ରୁଜୁ ହୋଇଥିଲା। ସମସ୍ତ ସାକ୍ଷ ପ୍ରମାଣକୁ ଭିତ୍ତିକରି ମାନ୍ୟବର ଏସ ଡିଜେଏମ ମୋନାଲିସା ପଣ୍ଡା ମୁଦାଲା ଶ୍ରୀକାନ୍ତ ଦାସଙ୍କୁ ଏକ ବର୍ଷ ସଶ୍ରମ କାରାଦଣ୍ଡ ସହିତ ଦରଖାସ୍ତକାରୀଙ୍କୁ ୬ ମାସ ମଧ୍ୟରେ ୪.୫୦ ଲକ୍ଷ ଟଙ୍କା ଫେରସ୍ତ ନିମନ୍ତେ ଆଦେଶ ଦେଇଛନ୍ତି। ଉକ୍ତ ମୋକଦ୍ଦମାରେ ଦରଖାସ୍ତକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଦିଗାମ୍ବର ସ ପରିଚାଳନା କରୁଥିଲେ।

ସୂଚନା ଯୋଗ୍ୟ ବରହମପୁର ଥାନା ଅଧିନ ବରହମପୁର ଗ୍ରାମର ସ୍ୱର୍ଗତ ଶଙ୍କର୍ଷଣ ଦାସଙ୍କ ପୁଅ ଶ୍ରୀକାନ୍ତ ଦାସ ଯିଏକି ବରହମପୁର ଡିଗ୍ରୀ କଲେଜ ରେ ଜଣେ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ଉକ୍ତ ଗ୍ରାମର ଆଦିତ୍ୟ ପ୍ରସାଦ ବେହେରାଙ୍କ ପୁଅ ପ୍ରଫୁଲ୍ଲ ବେହେରାଙ୍କ ଠାରୁ ସରଳ ବିଶ୍ୱାସ ଜନ୍ମାଇ ୨୦୨୩ ମସିହାରେ ୪ ଲକ୍ଷ ଟଙ୍କା ଧାର ସୂତ୍ରରେ ନେଇ ତା ୧/୬/୨୩ରିଖରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ନୀଳଗିରି ଶାଖାର ଏକ ଚେକ ଦେଇଥିଲେ ଯାହାର କ୍ରମିକ ନମ୍ବର ୨୬୫୦୯୦ ଥିଲା। ପ୍ରଫୁଲ୍ଲ ଉକ୍ତ ଚେକଟି ଜମା କଲାପରେ ବାଉନ ହୋଇଯାଇଥିଲା। ପରେ ନ୍ୟାୟ ପାଇଁ କୋର୍ଟରେ ଦ୍ୱାରାସ୍ଥ ହୋଇଥିଲେ।



# ଶୀତ ରାତିରେ ଶୋଇଯାଉଛି ପୁଲିସ: ହେଉନି ବ୍ଲକି ବି ଚେକିଂ

**ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଫୁ' କରିଦେଲେ ଭାରୀଯାନ ଚାଳକ**

**ଜନତା ଅସୁରକ୍ଷିତ**



**କାକଟପୁର/ଅସ୍ତରଙ୍ଗ,୨୦ା୧୨ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁରରୁ ଅସ୍ତରଙ୍ଗ ମୁଖ୍ୟ ରାସ୍ତା ସମେତ ଗ୍ରାମାଞ୍ଚଳରେ ରାତିରେ ହାଇୱା ରାଜୁତି କରୁଛି। ଦ୍ରୁତ ଗତି ସାଧାରଣ ଲୋକଙ୍କ ଲାଗି ବିପଦ ଆଣୁଛି। ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ମୂଲ୍ୟବାନ ଜୀବନ ଟଳି ପଡୁଛି। ବ୍ଲକି, ଚେକିଂ ମଧ ବନ୍ଦ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ପୁରୀ ଏସ୍ପି ନିର୍ଦ୍ଦେଶ ଦେଲେ କାଁ ଭାଁ ଗାଡି ମୋଟର ଯାଞ୍ଚ କରାଯାଉଛି, ନଚେତ ନାହିଁ। କିନ୍ତୁ ରାତିରେ ପାଟ୍ରୋଲିଂ ବଦଳରେ ଶୀତ ରାତିରେ ଶୋଇଯାଉଛନ୍ତି ପୁଲିସ।

ବିଳମ୍ବିତ ରାତ୍ରରେ ଅସାମାଜିକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ପୁଲିସ ପାଟ୍ରୋଲିଂ ବିଳମ୍ବିତ ରାତ୍ରରେ ନାହିଁ। ନିଶା ଶକ୍ତ ଚାଳକ ଦ୍ରୁତ ଗତିରେ ଅସାବଧାନତାରେ ଗାଡି ଚଳାଉଛନ୍ତି। କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ବିଳମ୍ବିତ ରାତି ଜନତାଙ୍କ ପାଇଁ ବିପଦ ହୋଇଛି। ଅସ୍ତରଙ୍ଗ ଭଉଁରିଆ ସେତୁ ବିପଦ ସଂକୁଳ ଅବସ୍ଥାରେ ଥିବାରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଭାରୀଯାନ ଯାତାୟାତ ବନ୍ଦ ରହିଥିଲା। ଏହା ସହ ଯାତାୟାତ ବନ୍ଦ ପାଇଁ ଲୁହା ଗେଟ କରାଯାଇଥିଲା। କିନ୍ତୁ ପୋଲିସ ବିଫଳତା ପାଇଁ "ନୋ ଏଣ୍ଟ୍ରି ଜୋନ"ରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଉଲ୍ଲଘଂନ କରି ପୁଲିସ ଖାମଖିଆଲ ମନବୃତ୍ତି ଯୋଗୁଁ ଲୁହା ଫାଟକ ଭଙ୍ଗା ଯାଇ କୌଶଳରେ ଏକ ଦୌଡ଼ି ମାଧ୍ୟମରେ ଉଠାପକା କରି ଭାରୀଯାନ ଚଳାଚଳ ହେଉଛି। ବେଶି କରି ବିଳମ୍ବିତ ରାତ୍ରରେ ହାଇୱା ଗୁଡିକ ବାଲି ଚାଲାଣ କରୁଛନ୍ତି ଭଉଁରିଆ ସେତୁ ଉପରେ। ଭାରୀଯାନ ଚାଳକଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗୁଛି। ଗୋଟିଏ ରାତିଭିତରେ କେତେ ଟ୍ରିପ ବାଲି, ମୋରମ ଆଦି କରି ପାରିବେ ସେଥି ଲାଗି ଦ୍ରୁତ ଗତିରେ ଗାଡି ଚାଳନା କରୁଛନ୍ତି।

ସେହିପରି ପୁଲିସ ଅନୁପସ୍ଥିତର ସୁଯୋଗ ନେଇ କାକଟପୁରରୁ ଅସ୍ତରଙ୍ଗ ମୁଖ୍ୟ ରାସ୍ତା ହେଉ ଅବା ବଜାରରେ କାର ଚାଳକ ମଧ ବେପରୁଆ ଗାଡି ଚାଳନା କରୁଛନ୍ତି। ବିଶେଷ କରି ହାଇୱା ଉପରେ କାହାର ଲଗାମ ନଥିବା ଭଳି ମନେ ହେଉଛି। କେବଳ ପୁଲିସ ନୁହେଁ, ପରିବହନ ବିଭାଗ ପକ୍ଷରୁ ମଧ ରାତିରେ ଗାଡି ମୋଟର ଯାଞ୍ଚ କରାଯାଉନି। ସୁରକ୍ଷା ଢିଲା ସମୟରେ ବେପରୁଆ ଗାଡି ଚାଳକ ଉତ୍ପାତ ସାଧାରଣ ଲୋକଙ୍କୁ ଅସୁରକ୍ଷିତ କରିଛି। ଏପରି ନିୟମ ଉଲ୍ଲଘନ ତଥା ବେପରୁଆ ଚାଳକଙ୍କ ଉପରେ ହାଇୱା ଗାଡିର ସଠିକ କାଗଜ ପତ୍ର ଯାଞ୍ଚ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବୀ ହୋଇଛି।

OFFICE OF THE SUPERINTENDING ENGINEER
RWS&S DIVISION, BHUBANESWAR.
E-Mail: eebbsrrwss@gmail.com
Short Quotation Call Notice No - 32 of 2025-26

The superintending Engineer,RWS&S Division, Bhubaneswar invites sealed quotations from the Authorized Dealer/ Distributor/ Supplier for the following Chemicals/ Reagents/ Materials for Virological Laboratory unit for State Water Testing Laboratory, Bhubaneswar. The vendors are requested to submit their most competitive rates for fixation of rates of the items.

| Sl No | Description of materials | Unit | Rate |
|---|---|---|---|
| 1 | Bismuth Sulphite Agar (BSA) (100gm) | 1 No | |
| 2 | Triple Sugar Iron (TSI) Agar (100gm) | 1 No | |
| 3 | Manifold Filteration Unit-6 (Cup) | 1 No | |
| 4 | Vaccum Pump Motor | 1 No | |
| 5 | Water Sample Bottle 500ml | 1 No | |
| 6 | Extran Detergent Liquid (5ltr) | 1 No | |
| | Eligible Agencies : | Authorized Dealer/Distributor/ Supplier | |
| | Date and Time of receipt of bids | 23.12.2025 (10.00AM) to 26.12.2025 (4.00 PM) | |
| | Date of opening of bid | 29.12.2025 (11.00 AM) | |

4) The bidders have to deliver the quotations in the tender Box having identification No. 32 of 2025-26 kept in the O/o the superintending Engineer,RWS&S Division, Bhubaneswar or can send their quotation through Regd Post / speed post so as to reach in the office of the O/o the superintending Engineer,RWS&S Division, Bhubaneswar within last date and time of receipt of quotation. Delay due to postal will not be entertained.

Superintending Engineer
RWS&S Division, Bhubaneswar

# ବେଆଇନ ମଣ୍ଡପରେ ଶୋଭାଯାତ୍ରା ଓ ଭୋଜିଭାତ!

**ଅଭିଯୋଗ ସତ୍ତ୍ୱେ ସିଏମ୍‌ସି ଅଧିକାରୀ ନୀରବ**



**କଟକ,୨୦।୧୨(ସଂଚାର ବ୍ୟୁରୋ):** କଟକ ସହରର ୪୭ ନମ୍ବର ୱାର୍ଡ ଶିଖରପୁର ନଦୀକୂଳ ସାହିରେ ଏକ ଘରୋଇ ଜମିରେ ବେଆଇନ ଭାବେ ଘରୋଇ ମଣ୍ଡପରେ ଚାଲିଛି ବାହାଘର, ଭୋଜିଭାତ। ଏଥିରୁ ଲକ୍ଷାଧିକ ଅର୍ଥ ବେଆଇନ ଭାବେ ରୋଜଗାର ହେଉଥିବା ନେଇ କଟକ ମହାନଗର ନିଗମ କମିଶନର, ପୁଲିସ ପ୍ରଶାସନ ସମେତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ହେଉଛି।

ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ଅଭିଯୋଗ କରିଛନ୍ତି ଯେ, ଏଭଳି ବେଆଇନ ମଣ୍ଡପ ଯୋଗୁଁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନି ହେବା ସହ ସ୍ଥାନୀୟ ଜନସାଧାରଣଙ୍କ ଜୀବନପ୍ରତି ବିପଦ ରହିଥିବା ଏବଂ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। କୌଣସି ମଣ୍ଡପକୁ ବିବାହ ଶୋଭାଯାତ୍ରା ପାଇଁ ପୁଲିସ ପ୍ରଶାସନ,ଟ୍ରାଫିକ ବିଭାଗ ଓ କଟକ ମହାନଗର ନିଗମ ଅନୁମତି ପ୍ରଦାନ କଲେ ଶୋଭାଯାତ୍ରା ପ୍ରଶାସନିକ କଟକଣା ଅନୁଯାୟୀ କରାଯାଇଥାଏ। ଏହି ବେଆଇନ ମଣ୍ଡପକୁ ବିବାହ ଶୋଭାଯାତ୍ରାର କିଭଳି ଅନୁମତି ମିଳୁଛି ନା ସହରରେ ପୁଲିସ ପେଟ୍ରୋଲିଂ ସତ୍ତ୍ୱେ ବେଆଇନ ଶୋଭାଯାତ୍ରା କରାଯାଉଛି, ଏନେଇ ବଡ ସନ୍ଦେହ ସୃଷ୍ଟି ହୋଇଛି।

ବେଆଇନ ମଣ୍ଡପ ସମ୍ପର୍କରେ ପୁଲିସ ବିଭାଗ, ଅଗ୍ନିଶମ ବିଭାଗ, ବିଦ୍ୟୁତ ବିଭାଗ, ଟ୍ରାଫିକ ବିଭାଗ, ବାଟକୋ, ସିଏମସି ଓ ସିଡିଏକୁ ଅଭିଯୋଗ ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ନୀରବତା ଘଟଣାର ପ୍ରକୃତ ରହସ୍ୟ ପଛରେ ମୋଟାଅଙ୍କର ହାତଗୁଞ୍ଜା କାରବାର ଥିବା ଚର୍ଚ୍ଚା ହେଉଥିବା ବେଳେ ବାହାଘର ଶୋଭାଯାତ୍ରା,ଭୋଜିଭାତରେ ଶତାଧିକ ଲୋକ ଜନସମାଗମ ବେଳେ କୌଣସି ଅଘଟଣ ଘଟିଲେ ବିଭାଗୀୟ ଅଧିକାରୀ ଦାୟୀ ରହିବେ ବୋଲି ଲିଖିତ ଅଭିଯୋଗ ସହ ବେଆଇନ ମଣ୍ଡପ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ବେଆଇନ ନିର୍ମାଣ ଉଚ୍ଛେଦ କରାଯିବା ଦାବି ନେଇ ଜିତେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି।

# ବାରବାଟୀ ଦୁର୍ଗର ହେବ ସୌନ୍ଦର୍ଯ୍ୟକରଣ



**କଟକ,୨୦।୧୨(ସଂଚାର ବ୍ୟୁରୋ):** ବଦଳିବ ଐତିହାସିକ ବାରବାଟୀ ଦୁର୍ଗର ରୂପରେଖ। ଏହି ଆଶାରେ ବାରବାଟୀ ଦୁର୍ଗ ଚତୁଃପାର୍ଶ୍ୱରେ 'ପରିକ୍ରମା ମାର୍ଗ' କରାଯିବାକୁ ଏକ ନୂଆ ଯୋଜନା ହୋଇଛି। ଯାହା ପର୍ଯ୍ୟଟକଙ୍କୁ ଏକ ଭିନ୍ନ ଅନୁଭୂତି ପ୍ରଦାନ କରିବ। ଆସନ୍ତା ବର୍ଷ ଡିସେମ୍ବର ବେଳକୁ ଐତିହାସିକ ବାରବାଟୀ ଦୁର୍ଗ ସୌନ୍ଦର୍ଯ୍ୟକରଣ ଶେଷ କରିବା ସକାଶେ ମଧ ଲକ୍ଷ୍ୟ ରଖାଯାଇଛି। ଏଥିସହ ଦୀର୍ଘ ବର୍ଷ ଧରି ପଡ଼ିରହିଥିବା ଟୁରିଷ୍ଟ ଇଣ୍ଟରପ୍ରିଟେସନ୍ ସେଣ୍ଟର ବା ବ୍ୟାଖ୍ୟାନ କେନ୍ଦ୍ର ମଧ ଖୁବ୍ ଶୀଘ୍ର ପର୍ଯ୍ୟଟକଙ୍କ ପାଇଁ ବ୍ୟବହାର ଉପଯୋଗୀ କରାଯିବ।

ସେହିପରି ଗଡ଼ଖାଇ ଖନନରୁ ବାହାରିଥିବା ଐତିହାସିକ ସାମଗ୍ରୀକୁ ମଧ ଏଠାରେ ସ୍ଥାନ ଦିଆଯିବ। ତା'ସହ କାଫେଟେରିଆ, ପାର୍କ, ପିଲାଙ୍କ ପାଇଁ ମନୋରଞ୍ଜନ ଆଦି ବ୍ୟବସ୍ଥା ରହିବ। ଆସନ୍ତା ୨ ମାସ ଭିତରେ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ କରାଯାଇ କାମ ଶୀଘ୍ର ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି। ଏହି ପ୍ରକଳ୍ପ ବାସ୍ତବ ରୂପ ନେବା ପରେ ପର୍ଯ୍ୟଟକଙ୍କୁ ବାରବାଟୀ ଦୁର୍ଗ ଅଧିକ ଆକର୍ଷିତ କରିବ ବୋଲି ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକ ଆଶା ବ୍ୟକ୍ତ କରିଛନ୍ତି। ଏହାଛଡ଼ା ଦୁର୍ଗ ଚାରିପଟରେ ପରିକ୍ରମା ପ୍ରକଳ୍ପ ବାବଦରେ ଆଲୋଚନା ବି ଚୂଡ଼ାନ୍ତ ହୋଇଛି। ଚାରିପଟରେ ପାଥ୍ ୱେ' ରହିବ, ଯାହା ଫଳରେ ଲୋକେ ଚାଲି ଚାଲି ଦୁର୍ଗର ପରିକ୍ରମା କରିପାରିବେ। ଖୁବ୍‌ଶୀଘ୍ର ଏ ବାବଦରେ ଡିପିଆର୍ ପ୍ରସ୍ତୁତ କରିବାର ଯୋଜନା ରହିଛି। ଦୁର୍ଗର ଚାରିପଟରେ ଅନେକ ଜମି ଜବରଦଖଲରେ ଥିବା ବେଳେ ଉଚ୍ଛେଦ ପରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ମିଳିଛି।

# ୩୦୦ ଟପିଲା ଭୁବନେଶ୍ୱର ବାୟୁ ଗୁଣବତ୍ତା ସୂଚକାଙ୍କ

**ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ) :** ଭୁବନେଶ୍ୱରରେ ୩୦୦ ଟପୁଛି ବାୟୁ ଗୁଣବତ୍ତା ସୂଚକାଙ୍କ ମାନ। ଦୁଇ ସପ୍ତାହ ଧରି ବଢ଼ି ବଢ଼ି ଚାଲିଛି ବାୟୁ ପ୍ରଦୂଷଣ। ଆଜି ଭୁବନେଶ୍ୱରରେ ଦିନ ୧.୧୩ ବେଳକୁ ଏକ୍ୟୁଆଇ ୩୪୮ ରହିଥିଲା ଯାହା ଚିନ୍ତାର କାରଣ ପାଲଟିଛି। ନିଶ୍ୱାସରେ ବିଷ ନେଉଛନ୍ତି ଯାହା ଶରୀରକୁ ଯାଇ ରକ୍ତରେ ମିଶି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି। ସହରାଞ୍ଚଳରେ ପ୍ରଦୂଷଣ ମାତ୍ରା ଦିନକୁ ଦିନ ବୃଦ୍ଧି ପାଉଛି । ଏହା ନିୟନ୍ତ୍ରଣ ଠିକ ଭାବେ ହୋଇପାରୁନି। ୩୦୦ ଉପରେ ବାୟୁ ଗୁଣବତ୍ତା ସୂଚକ ରହିଛି ଯାହା ବାୟୁ ମଣ୍ଡଳର ଗୁଣାତ୍ମକ ମାନ ଅତ୍ୟନ୍ତ ଖରାପ ସ୍ଥିତିରେ ରହିଛି। ବାୟୁ ପ୍ରଦୂଷଣ ବଢୁଥିବାର ଉତ୍ସ ଗୁଡ଼ିକ ହେଲା ଦିନକୁ ଦିନ ଗାଡି ଚଳାଚଳ ସଂଖ୍ୟା ବୃଦ୍ଧି, ଛୋଟ ବଡ଼ କଳକାରଖାନାରୁ ନିର୍ଗତ ଧୂଆଁ, ରାସ୍ତା ଖୋଳା ଯାଉଛି, ଘର ଭଙ୍ଗା ଯାଇ ନୂଆ ନିର୍ମାଣ ହେଉଛି, ବାଲି ମାଟି ଗୋଡି ରାସ୍ତାରେ ପଡି ରହୁଛି ତା ଉପରେ ଗାଡି ଚଳାଚଳ ହେବା ଦ୍ୱାରା ସେ ସବୁ ଭାଙ୍ଗି ଛୋଟ ଛୋଟ କଣିକାରେ ପରିଣତ ହୋଇଥାଏ । ଏ ସମସ୍ତ ବର୍ଜ୍ୟ ପଦାର୍ଥରୁ ବିଷାକ୍ତ ପଦାର୍ଥ ବାହାରିଥାଏ ସେଥିରୁ ମଧ ବାୟୁ ପ୍ରଦୂଷଣ ହୋଇଥାଏ।

# ଦାମୀ କାର ସିକ୍ରେଟ୍ ଚ୍ୟାମ୍ବରରେ ଗଞ୍ଜେଇ ଚାଲାଣ, ବନ୍ଧାହେଲେ ଦମ୍ପତି



**ବଲାଙ୍ଗୀର, ୨୦।୧୨ (ସଂଚାର ବ୍ୟୁରୋ) :** ବଲାଙ୍ଗୀର ୨୬ ନଂ ଜାତୀୟ ରାଜପଥରେ ପୁଷ୍ପା ଷ୍ଟାଇଲରେ ଏକ କ୍ରେଟା କାରରେ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ମାଡ଼ିବସିଲା ଟାଉନଥାନା ପୋଲିସ। ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି. ଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ଅବନୀ ସାହୁଙ୍କ ନେତୃତ୍ୱରେ ଏକ ସ୍ପେସିଆଲ ଟିମ୍ ବଲାଙ୍ଗୀର ଟିଟିଲାଗଡ଼ ରାସ୍ତାରେ ଛକି ରହିଥିଲା। ବଲାଙ୍ଗୀର ସହର ବିଜାଖମନ ଟ୍ରକ ଟର୍ମିନାଲ ରାସ୍ତା ସମ୍ମୁଖରେ ପୋଲିସ କାରଟିକୁ କାବୁ କଲା ପରେ କାରକୁ ସିଜ୍ କରି ବହୁ କଷ୍ଟରେ କାର ଭିତରେ ଥିବା ସିକ୍ରେଟ ଚ୍ୟାମ୍ବରରେ ଗଞ୍ଜେଇ ଥିବାର ସନ୍ଧାନ ପାଇଥିଲା।କାରର ସାମ୍ନା ପଟରେ ତିଆରି ହୋଇଥିଲା ସିକ୍ରେଟ ଚ୍ୟାମ୍ବର। ଭିତରେ ଥିଲା ଗଞ୍ଜେଇ। ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୨୪ ପ୍ୟାକେଟ ଗଞ୍ଜେଇ ଜବତ କରିଥିବା ବେଳେ, ଦୁଇଜଣଙ୍କୁ ଗିରଫ କରିଛି। ଗିରଫମାନେ ଛତିଶଗଡ଼ର ହୋଉଥିବା ଜଣାପଡିଛି। ଏସଡିପିଓ ସରୋଜ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି।

**ଅନ୍ତର୍ଜାତୀୟ ସମବାୟ ବର୍ଷ ସମାରୋହ ଉଦ୍‌ଯାପିତ**

# ଗ୍ରାମାଞ୍ଚଳରେ ବ୍ୟାପକ ହେବ ସମବାୟ: ମନ୍ତ୍ରୀ




**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ବର୍ତ୍ତମାନର ବଜାର ବ୍ୟବସ୍ଥା ଅର୍ଥନୀତିରେ ସମବାୟ ଅନୁଷ୍ଠାନକୁ ସମୃଦ୍ଧ ଓ ସଶକ୍ତ କରିବାକୁ ହେଲେ ସମବାୟଗୁଡିକ ମଧରେ ଆର୍ଥିକ ସହଭାଗିତା ଓ ସହଯୋଗିତା ଅପରିହାର୍ଯ୍ୟ। ଭାରତ ସରକାରଙ୍କ ଦିଗଦର୍ଶନ ଓ ମାର୍ଗଦର୍ଶନକୁ ପାଥେୟ କରି କୃଷି, ବିପଣନ, ବ୍ୟାଙ୍କିଂ, ଖାଉଟି, ଗୋପାଳନ, ମତ୍ସ୍ୟ, ହସ୍ତତନ୍ତ, ହସ୍ତଶିଳ୍ପମାନଙ୍କ ମଧରେ ସଂଯୋଗ ଓ ସହଯୋଗ ବଢ଼ାଇବା ଉଦ୍ଦେଶ୍ୟରେ ଏକ ସୁଦୃଢ଼ ସମବାୟ ପରିବେଶ ସୃଷ୍ଟି କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ଆଜି ଏଠାରେ ଅନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ ପାଳନର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ବଳସାମନ୍ତ ଆନୁଷ୍ଠାନିକ ଭାବେ ସମାରୋହର ଉଦଯାପନ କରିଥିଲେ। ସେ କହିଛନ୍ତି ଯେ ସମବାୟ ଆନ୍ଦୋଳନକୁ ଅଧିକ ସୁଦୃଢ଼, ସଂଗଠିତ ଓ ଲୋକାଭିମୁଖୀ କରିବା ସହିତ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଏକ ପ୍ରଭାବଶାଳୀ ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ଏହି ଅନ୍ତର୍ଜାତୀୟ ସମବାୟ ବର୍ଷର ପରିକଳ୍ପନା କରାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସମବାୟ କ୍ଷେତ୍ରକୁ ଅଧିକ ଉନ୍ନତ, ବିସ୍ତାରିତ ଓ କ୍ରିୟାଶୀଳ କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ପ୍ରତିପଞ୍ଚାୟତରେ ଗୋଟିଏ ପ୍ରାଥମିକ କୃଷି ସମବାୟ ସମିତି ଗଠନ ପାଇଁ ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଗ୍ରାମାଞ୍ଚଳର ପ୍ରତିଟି ବ୍ୟକ୍ତି ପାଖରେ ସମବାୟର ସୁଫଳ ପହଞ୍ଚିପାରି ହିଁ ସମବାୟ ଆନ୍ଦୋଳନ ସଫଳ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ଆଜିର କାର୍ଯ୍ୟକ୍ରମରେ ବିଶେଷଜ୍ଞମାନଙ୍କୁ ନେଇ ୪ଟି ପ୍ୟାନେଲ ଆଲୋଚନା ଆୟୋଜିତ ହୋଇଛି। ଏଥିରେ କେନ୍ଦ୍ର ସମବାୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ପଙ୍କଜ ଶ୍ରୀବାସ୍ତବ, ନିର୍ଦ୍ଦେଶକ ମୁକେଶ ମୁକାର, ନାବାର୍ଡର ମୁଖ୍ୟ ପରିଚାଳନା ଅଧିକାରୀ, ଏଫସିଆଇର ସାଧାରଣ ପରିଚାଳକ, ଗୁଜରାଟ ବନସ ଡାଇରୀର ପରିଚାଳନା ନିର୍ଦ୍ଦେଶକ ଯୋଗ ଦେଇଥିଲେ। ଏହି ଅବସରରେ ଲାଠିକଟା ପ୍ରାଥମିକ କୃଷି ସମବାୟ ସମିତି, ସୁନ୍ଦରଗଡ଼ ଓ କୃଷି ସେବା କେନ୍ଦ୍ରରେ ଭଲ କାରବାର ପାଇଁ ଷଡ଼ଙ୍ଗୀ ପ୍ରାଥମିକ କୃଷି ସମବାୟ ସମିତି, ଢେଙ୍କାନାଳକୁ ପୁରସ୍କୃତ କରାଯାଇଛି।

**ରାଜଧାନୀରେ ହିଟ୍ ଆଣ୍ଡ ରନ୍**

# କାରକୁ ୨୦ମିଟର ଘୋଷାଡ଼ି ନେଲା ହାଇୱା




**ଭୁବନେଶ୍ୱର, ୨୦।୧୨ (ସଂଚାର ବ୍ୟୁରୋ) :** ରାଜଧାନୀ ଭୁବନେଶ୍ୱରରେ ହିଟ୍ ଆଣ୍ଡ ରନ୍। ପାୱାରହାଉସ ଛକ ଟ୍ରାଫିକ ପୋଷ୍ଟରେ ଛିଡ଼ା ହୋଇଥିବା କାରକୁ ଧକ୍କା ଦେଲା ହାଇୱା। ରେଡ୍ ସିଗନାଲ ଥିବାରୁ କାରଟି ଟ୍ରାଫିକ୍ ପୋଷ୍ଟରେ ଛିଡା ହୋଇଥିବା ବେଳେ, ଅଚାନକ ଆସି ଧକ୍କା ଦେବା ସହ କାରକୁ ୨୦ମିଟର ଯାଏ ଘୋଷାଡ଼ି ନେଇଥିଲା। ଦୁର୍ଘଟଣାରେ କାରଟି ଭାଙ୍ଗି ରୁଜି ଯାଇଛି, ତେବେ ସୌଭାଗ୍ୟ ବଶତଃ କାର ମାଲିକ ତଥା ଚାଳକଙ୍କ କୌଣସି କ୍ଷତି ହୋଇନି। ସେପଟେ ରାତିସାରା ଅନିଦ୍ରା ହୋଇ ଗାଡି ଚଳାଉଥିବାରୁ ଜାଣିପାରିନଥିବା କହିଛନ୍ତି ହାଇୱା ଡ୍ରାଇଭର। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିବା ସହ ହାଇୱା ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଛି।

# ମହୁମାଛି ଆକ୍ରମଣରେ ଶ୍ରମିକଙ୍କ ମୃତ୍ୟୁ

**କେନ୍ଦୁଝର , ୨୦।୧୨ (ସଂଚାର ବ୍ୟୁରୋ) :** ମହୁମାଛି ନେଲା ଜୀବନ। ମହୁମାଛି ଆକ୍ରମଣରେ ଜଣେ ଶ୍ରମିକଙ୍କ ମୃତ୍ୟୁ। କେନ୍ଦୁଝର ସଦର ଥାନା ଡିମ୍ବୋରେ ଥିବା ଏକ ଇଞ୍ଜିନିୟରିଂ କଲେଜରେ କାମ କରୁଥିବା ବେଳେ ମହୁମାଛି ଆକ୍ରମଣ କରିଥିଲା। ମୃତ ଶ୍ରମିକ ଡିମ୍ବୋ ପଞ୍ଚାୟତ ଗୁହାଳଚଟୁଆ ଗାଁର ସଙ୍ଗାଳି ମହାରଣା। ଅନ୍ୟ ଦିନ ଭଳି ଆଜି କଲେଜରେ କାମ କରିବା ବେଳେ ତାଙ୍କୁ ମହୁମାଛି ଆକ୍ରମଣ କରିଥିଲେ। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କଲେଜ ତରଫରୁ ସହାୟତା ଦେବାକୁ ଦାବି ହୋଇଛି।

# ମୁଖ୍ୟମନ୍ତ୍ରୀ ବସ୍ ସେବା ସମ୍ପର୍କିତ ଷ୍ଟିଅରିଂ କମିଟି ବୈଠକ



**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ବସ୍ ସେବା ସମ୍ପର୍କିତ ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି ବୈଠକ ଆଜି ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପରିବହନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଜାରି ରହିଥିବା ସଂସ୍କାର ପ୍ରକ୍ରିୟା ଉପରେ ସମୀକ୍ଷା କରାଯାଇଛି। ବୈଠକରେ ସହର ଓ ଗ୍ରାମାଞ୍ଚଳରେ ସେବା କ୍ଷମତା ବୃଦ୍ଧି, ସହଜ ଓ ଶସ୍ତା ପରିବହନ ସୁନିଶ୍ଚିତ କରିବା ସହ ଶେଷ ମାଇଲ୍ ସଂଯୋଗ ସୁଦୃଢ଼ କରିବାକୁ ଲକ୍ଷ୍ୟ କରି ବିଭିନ୍ନ ନୀତିଗତ ପଦକ୍ଷେପ ଉପରେ ଆଲୋଚନା କରାଯାଇଛି। ଆଲୋଚନା ହୋଇଥିବା ପ୍ରମୁଖ ବିଷୟ ମଧରେ ମୁଖ୍ୟମନ୍ତ୍ରୀ ବସ୍ ସେବାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଭୂମିକା, ଟିକେଟ୍ ଦର ପୁନଃନିର୍ଦ୍ଧାରଣ ଓ ରିହାତି, ସହଜତା ଓ ଆର୍ଥିକ ସ୍ଥାୟିତ୍ୱ ମଧରେ ସନ୍ତୁଳନ ରକ୍ଷା, ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ବସ୍ ଯାତ୍ରା ଜାରି ରଖିବା ପ୍ରମୁଖ ଥିଲା। ବୈଠକରେ ଅଧକ୍ଷତା କରି ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀ ଜିଲ୍ଲା ସ୍ତରରୁ ଆସୁଥିବା ପ୍ରସ୍ତାବ ଆଧାରରେ ବସ୍ ରୁଟ୍‌ଗୁଡ଼ିକୁ ପୁନଃସଂଗଠିତ କରି ବିଦ୍ୟାଳୟ, ଚିକିତ୍ସାଳୟ ଓ ଅନ୍ୟାନ୍ୟ ଆବଶ୍ୟକ ସାର୍ବଜନିକ ସଂସ୍ଥା ସହ ଯୋଗାଯୋଗ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ମିଶନ ଶକ୍ତି ଓ ମହିଳା ଏସ୍‌ଏଚ୍‌ଜିଙ୍କ ଅଧିକ ସାମିଲ ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ବସ୍ ସେବା ଓଡ଼ିଶାର ସହଜ, ସୁରକ୍ଷିତ ଓ ସ୍ଥାୟୀ ସାର୍ବଜନିକ ପରିବହନ ଦୃଷ୍ଟିକୋଣର ଏକ ମୁଖ୍ୟ ଆଧାର ବୋଲି କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ବସ୍ ସେବାର କାର୍ଯ୍ୟଦକ୍ଷତା ଓ ଆଗାମୀ କାର୍ଯ୍ୟଯୋଜନା ଉପରେ ସମୀକ୍ଷା କରାଯାଇ ସାର୍ବଜନିନ ପରିବହନକୁ ନିର୍ଭରଯୋଗ୍ୟ, ସମାବେଶୀ ଓ ଲୋକକୈନ୍ଦ୍ରିକ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି।

# ଅସହାୟଙ୍କ ସାହାରା ସାଜିଥିଲେ ମହେଶ

**ନିଆରା ଢଙ୍ଗରେ ଶ୍ରାଦ୍ଧ ବାର୍ଷିକୀ ପାଳିତ**



**କେନ୍ଦ୍ରାପଡ଼ା,୨୦।୧୨(ସଂଚାର ବ୍ୟୁରୋ):** ଅସହାୟଙ୍କ ପାଇଁ ସାହାରା ସାଜିଥିଲେ ତାହା ସହ ଦୁଃସାହାସିକ ବ୍ୟକ୍ତି ମଧ ଥିଲେ ବାରମ୍ବାର ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବା ଲକ୍ଷ୍ୟ ମଧ ରଖିଥିଲେ ସ୍ୱର୍ଗତ ମହେଶ କର। ଆଜି କେନ୍ଦ୍ରାପଡା ଜିଲ୍ଲା ପ୍ରତିଭା ପୂଜା ସଂସଦର ସଭାପତି ତଥା ମହେଶ କର ଫାଉଣ୍ଡେସନର ଉପଦେଷ୍ଟା ପ୍ରଦୀପ ମହାନ୍ତିଙ୍କ ଅଧକ୍ଷତାରେ ନିଆରା ଢଙ୍ଗରେ ମହେଶ କରଙ୍କ ୩୮ତମ ଶ୍ରାଦ୍ଧ ବାର୍ଷିକୀ ଗରଦପୁର ବ୍ଲକ କୋରୁଆରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ମହେଶଙ୍କୁ ମନେ ପକାଇ ଅତିଥିମାନେ ମହେଶଙ୍କ କର୍ତ୍ତବ୍ୟ, ନିଷ୍ଠାପର ଏବଂ ଦୁଃସାହାସିକ କାର୍ଯ୍ୟକୁ ମନେପକାଇବା ସହ ସେ କିଭଳି ବ୍ୟକ୍ତିଗତ ସ୍ୱାର୍ଥକୁ ଦୂରେଇ ଅନ୍ୟର ଜୀବନ ବଞ୍ଚାଇବା ଲକ୍ଷ୍ୟ ରଖିଥିଲେ ପଲ୍ଲୀଶ୍ରୀ ସେବାଶ୍ରମର ଅନ୍ତେବାସୀଙ୍କୁ ଅଭିଭାଷଣ ମାଧମରେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାକ୍ତର ବିଶ୍ୱ ପ୍ରକାଶ କାନୁନଗୋ, ଅର୍ବାନ ବ୍ୟାଙ୍କ ସଭାପତି ତଥା ସମାଜସେବୀ ଗୁରୁ ପ୍ରସାଦ ମହାନ୍ତି, ସ୍ୱାଧିକାରର ସମ୍ପାଦକ ଅକ୍ଷୟ କୁମାର ପତି, ସମାଜସେବୀ ଶ୍ରୀକାନ୍ତ ନାୟକ, ପ୍ରମୋଦ ମହାପାତ୍ର, ମୁକ୍ତେଶ୍ୱର ସ୍ୱାଇଁ, ରାକେଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପଣ୍ଡିତ ପ୍ରତାପ ପତି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିବା ବେଳେ ମଞ୍ଜୁଳା ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରଥମେ ସ୍ୱର୍ଗତ ମହେଶ କରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ସମସ୍ତ ଅନ୍ତେବାସୀଙ୍କୁ ସ୍ୱର୍ଗତ ମହେଶ କରଙ୍କ ସୁପୁତ୍ର ତଥା ଦୈନିକ ଖବର କାଗଜ ସଂଚାରର ସମ୍ପାଦକ ହିମାଂଶୁ ଭୂଷଣ କରଙ୍କ ଦ୍ୱାରା ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା ।

# ଶିଶୁ ମୃତ୍ୟୁକୁ ନେଇ ଉତ୍ତେଜନା ହସ୍ପିଟାଲରେ ପଡ଼ି ରହିଛି ମୃତଦେହ

**ଟିଟିଲାଗଡ, ୨୦।୧୨ (ସଂଚାର ବ୍ୟୁରୋ) :** ଶିଶୁ ମୃତ୍ୟୁକୁ ନେଇ ଟିଟିଲାଗଡ଼ ହସ୍ପିଟାଲରେ ଉତ୍ତେଜନା। ଖବର ଲେଖା ହେବ ବେଳକୁ ୧୭ ଘଣ୍ଟା ହେଲାଣି ହସ୍ପିଟାଲରେ ପଡ଼ି ରହିଛି ମୃତଦେହ। ଟିଟିଲାଗଡ ସ୍ଥିତ ମାତୃ ଓ ଶିଶୁ ହସ୍ପିଟାଲକୁ ଗତକାଲି ସନ୍ଧ୍ୟାରେ ମୁରିବାହାଲ ଥାନା ଦେହେଲି ଗାଁର ଜଣେ ବ୍ୟକ୍ତି ତାଙ୍କ ୨ ବର୍ଷର ଶିଶୁକୁ ଆଣିଥିଲେ। ଗୋଟିଏ ଘଣ୍ଟା ପରେ ଶିଶୁର ମୃତ୍ୟୁ ହୋଇଥିଲା କିନ୍ତୁ ୧୭ ଘଣ୍ଟା ପରେ ବି ପରିବାରକୁ ଏପର୍ଯ୍ୟନ୍ତ ହସ୍ତାନ୍ତର କରାଯାଇ ନାହିଁ। ଏହାକୁ ନେଇ ହସ୍ପିଟାଲ୍ ପରିସରରେ ଉତ୍ତେଜନା ଦେଖାଦେଇଛି। କାହିଁକି ଏପର୍ଯ୍ୟନ୍ତ ମୃତଦେହ ହସ୍ତାନ୍ତର କରାଯାଇ ନାହିଁ, ସେ ନେଇ ପରିବାର ଲୋକେ ପ୍ରଶ୍ନ କରିଛନ୍ତି। ଘଟଣା ସ୍ଥଳରେ ସିନ୍ଧେକେଲା ପୋଲିସ ପହଞ୍ଚି ତଦନ୍ତ କରୁଛି।

# ଶୈଳବାଳାରେ ହେବ ମଧୁବାବୁ ସ୍ମାରକୀ ସଂଗ୍ରହାଳୟ

**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସ ପରିସରରେ ନିର୍ମାଣ ହେବ ମଧୁବାବୁ ସ୍ମାରକୀ ସଂଗ୍ରହାଳୟ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମଧୁବାବୁ ସ୍ମାରକୀ ସଂଗ୍ରହାଳୟର ନିର୍ମାଣ କରାଯିବ। ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୧୯୫୨ରେ ଓଡ଼ିଶାରେ ନାରୀଶିକ୍ଷାର ବିକାଶ ପାଇଁ ଶୈଳବାଳା ଦାସ ପିତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ବାସଭବନକୁ ମହିଳା ମହାବିଦ୍ୟାଳୟ ପରିଚାଳନା ପାଇଁ ଦାନ କରିଥିଲେ। ବର୍ତ୍ତମାନର ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ଏକ ସ୍ଥାନ (ଯେଉଁଠାରେ ମଧୁବାବୁଙ୍କ ସମୟରେ ମଧୁବାବୁଙ୍କ ସିରସ୍ଥା ରହିଥିଲା ଏବଂ ମଧୁବାବୁଙ୍କ ସମ୍ମିଳନୀ କକ୍ଷ ଓ ଆବାସିକ କାର୍ଯ୍ୟାଳୟ ପରିଚାଳିତ ହେଉଥିଲା)କୁ ମଧୁବାବୁ ସ୍ମାରକୀ ସଂଗ୍ରହାଳୟରେ ପରିଣତ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି, ଓଡ଼ିଶାରେ ନାରୀ ଶିକ୍ଷାର ବିକାଶ ଦିଗରେ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଶୈଳବାଳା ଦାସ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଶିକ୍ଷାର ବିକାଶ ନିମନ୍ତେ ଓ ବିଶେଷ କରି ଛାତ୍ରୀମାନେ ଯେପରି ଗୁଣାତ୍ମକ ଶିକ୍ଷା ଲାଭ କରି ଏକ ସ୍ୱର୍ଣ୍ଣିମ ଭବିଷ୍ୟତର ନିର୍ମାଣ କରିପାରିବେ, ସେଥିନିମନ୍ତେ ଶୈଳବାଳା ମଧୁସୂଦନଙ୍କ ବାସଭବନ ଓ ତାଙ୍କ ନିଜସ୍ୱ ବାସଭବନ ମଧୁମନ୍ଦିରକୁ ମହିଳା ମହାବିଦ୍ୟାଳୟ ପରିଚାଳନା ପାଇଁ ଦାନ କରିଥିଲେ। ଉଚ୍ଚ ଶିକ୍ଷା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡା. ବିଜୟ କେତନ ଉପାଧ୍ୟାୟ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ବିଶିଷ୍ଟ ସାହିତ୍ୟିକ ତଥା ରାଷ୍ଟ୍ରପତିଙ୍କ ଅତିରିକ୍ତ ପ୍ରେସ୍ ସଚିବ ବିଜୟ କୁମାର ନାୟକ, ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଜୀବନ ବଲ୍ଲଭ ଜେନା ଉପସ୍ଥିତ ଥିଲେ।

# ମାଫିଆ-ଖଣି ଅଧିକାରୀଙ୍କ ମଧୁଚନ୍ଦ୍ରିକା

**କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଲେ ଜିଲ୍ଲାପାଳ**



**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ବାଲି ମାଫିଆଙ୍କ ସହ ଖଣି ଅଧିକାରୀଙ୍କ ଅସାଧୁ ମେଣ୍ଟର ବଡ଼ ଖୁଲ୍ଲାସା ହୋଇଛି। ଜଗତସିଂହପୁରରେ କୋଟି କୋଟି ଟଙ୍କାର ବାଲିଚୋରିରେ ଖଣି ଅଧିକାରୀଙ୍କ ସଂପୃକ୍ତି ଅଭିଯୋଗ ହୋଇଛି। ଖଣି ବିଭାଗକୁ ଜଗସିଂହପୁର ଜିଲ୍ଲାପାଳ ଜେ. ସୋନାଲଙ୍କ ଚିଠି ଖଣି ଅଧିକାରୀଙ୍କ ସବୁ ପୋଲ ଖୋଲି ଦେଇଛି। ଯାଜପୁର ଡିଡିଏମ୍ ଓ ଜଗତସିଂହପୁର ମାଇନିଂ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଛନ୍ତି ଜିଲ୍ଲାପାଳ।

ଯାଜପୁର ଖଣି ବିଭାଗ ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକ, ଜଗତସିଂହପୁର ମାଇନିଂ ଅଫିସର ସତୀଶ କୁମାର ତରେଇ, ଉଭୟଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଖଣି ବିଭାଗକୁ ଜଗତସିଂହପୁର ଜିଲ୍ଲାପାଳ ଲେଖିଛନ୍ତି ଚିଠି। ଏହି ଚିଠି ହିଁ ଖୋଲିଦେଇଛି କେଳେଙ୍କାରୀରର ପୋଲ୍। ନଭେମ୍ବର ୨୫ ତାରିଖରେ ଜଗତସିଂହପୁର କିଲିପାଳରେ ରେଡ୍ କରି ଜିଲ୍ଲା ପ୍ରଶାସନ ଓ ପୋଲିସ, ୪୬ଟା ହାଇୱା ଜବତ ହେଲା। ଗତ ୧୧ ତାରିଖରେ ଜୟପୁରରେ ପୁଣି ରେଡ୍ କରି ପୁଲିସ ପ୍ରଶାସନ ଜବତ କରିଛି ୨୨ଟି ହାଇୱା। ହେଲେ ଏନେଇ ଯାଜପୁର ଖଣି ଉପନିର୍ଦ୍ଦେଶକ ଯିଏକି ଜଗତସିଂହପୁର ଦାୟିତ୍ୱରେ ଅଛନ୍ତି ତାଙ୍କୁ ଏ ସମ୍ପର୍କରେ କୌଣସି ସୂଚନା ଦିଆଯାଇନଥିଲା। ଅଧିକନ୍ତୁ ଜଗତସିଂହପୁର ମାଇନିଂ ଅଫିସରଙ୍କୁ ବି ଏହି ଘଟଣାରେ ଅନ୍ଧାରରେ ରଖାଯାଇଥିଲା। କାରଣ ଏହି ଦୁଇ ଅଫିସର ଜିଲ୍ଲା ପ୍ରଶାସନ ଓ ପୁଲିସର ସନ୍ଦେହ ଘେରରେ ଥିଲେ। ବାରମ୍ବାର ବାଲି ଚୋରାଚାଲାଣ ନେଇ ଡିଡିଏମ୍ ଯାଜପୁରଙ୍କୁ ଅବଗତ କରାଯାଇଥିଲେ ବି ଥରେ ବି ରେଡ୍ କରିନଥିଲେ ଜୟ ପ୍ରକାଶ ନାୟକ। କାରଣ ଦର୍ଶାଅ ନୋଟିସ୍‌ର ଉତ୍ତର ବି ଦେଇନଥିଲେ ଉଭୟ ଜୟପ୍ରକାଶ ଓ ମାଇନିଂ ଅଫିସର ସତୀଶ କୁମାର। କାମରେ ଅବହେଳା, ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା, ବାଲି ମାଫିଆଙ୍କ ସହ ଅସାଧୁ ମେଣ୍ଟ, ରାଜସ୍ୱ ହାନି ଆଦି ଅଭିଯୋଗ ନେଇ ଉଭୟ ଜୟପ୍ରକାଶ ଓ ସତୀଶଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଛନ୍ତି ଜଗତସିଂହପୁର ଜିଲ୍ଲାପାଳ। ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଜଗତସିଂହପୁର ଜିଲ୍ଲାପାଳ ଚିଠି ଦୃଢ଼ କାର୍ଯ୍ୟାନୁଷ୍ଠାନ ସକାଶେ ସୁପାରିସ୍ କରିଛନ୍ତି।

# ନିଶାଦ୍ରବ୍ୟ ରୋକିବାକୁ ଜିଆରପିର ଠୋସ୍ କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର,୨୦।୧୨(ସଂଚାର ବ୍ୟୁରୋ):** ରେଳପଥ ମାଧମରେ ବେଆଇନ ନିଶା ଦ୍ରବ୍ୟ ଚୋରା ଚାଲାଣକାରୀଙ୍କ ବିରୋଧରେ ସରକାରୀ ରେଳବାଇ ଥାନା ପୁଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଚଳିତ ବର୍ଷ ସରକାରୀ ରେଳବାଇ ପୁଲିସ (ଜିଆର୍‌ପି) ୩୩୫୨ କିଗ୍ରାରୁ ଅଧିକ ଗଞ୍ଜେଇ ଜବତ କରିଥିବା ବେଳେ ଏନଡିପିଏସ ମାମଲା ନିୟମ ଅନୁଯାୟୀ, ଅଦ୍ୟାବଧି ମୋଟ ୨୦୦ଟି ମାମଲା ରୁଜୁ ହୋଇଥିବା ବେଳେ ୨୯୯ ଜଣଙ୍କୁ ଗିରଫ କରାଯାଇଛି।

ବିଭିନ୍ନ ସମୟରେ ନିଶା ବ୍ୟବସାୟୀମାନେ ଗଞ୍ଜେଇ, ବ୍ରାଉନସୁଗର, ଅଫିମ, କଫ ସିରପ ଓ ଅନ୍ୟାନ୍ୟ ବେଆଇନ ମାଦକ ଦ୍ରବ୍ୟ ରେଳପଥ ମାଧମରେ ଚାଲାଣ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ରେଳପଥକୁ ନିଶା ଦ୍ରବ୍ୟ ଚୋରାଚାଲାଣରୁ ମୁକ୍ତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୁଲିସର ବିଭିନ୍ନ ରେଳବାଇ ଥାନା ପକ୍ଷରୁ ଚଳିତ ବର୍ଷ ସମଗ୍ର ରାଜ୍ୟରେ ଅଭିଯାନ ଜାରି ରହିଛି। ଏହାର ଫଳସ୍ୱରୂପ ବିପୁଳ ପରିମାଣର ଗଞ୍ଜେଇ ଓ କଫ ସିରପ ଜବତ ହେବା ସହ ମାଦକ ଦ୍ରବ୍ୟ କାରବାର କରୁଥିବା ଅପରାଧୀମାନେ ଗିରଫ ମଧ ହୋଇଛି। ଚଳିତ ବର୍ଷ କଟକ ରେଳବାଇ ପୁଲିସ ୮୭ଟି ମାମଲା ରୁଜୁ କରିବା ସହ ୧୪୮୯ କିଗ୍ରାରୁ ଅଧିକ ଓଜନର ଗଞ୍ଜେଇ ଜବତ କରିଛି। ତା'ଛଡ଼ା ଏହି ମାମଲା ସହ ଜଡ଼ିତ ୧୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ ମଧ କରାଯାଇଛି। ଏହାଛଡ଼ା ରାଉରକେଲା ରେଳବାଇ ପୁଲିସ ୧୧୩ଟି ମାମଲା ରୁଜୁ କରିବା ସହ ୧୮୬୩ କିଗ୍ରାରୁ ଅଧିକ ଓଜନର ଗଞ୍ଜେଇ ଜବତ କରି ଚୋରା ଚାଲାଣରେ ସମ୍ପୃକ୍ତି ନେଇ ୧୮୩ ଜଣଙ୍କୁ ଗିରଫ କରାଯାଇଛି। ଆହୁରି ୨.୬୧ ଗ୍ରାମ ଓଜନର ବ୍ରାଉନସୁଗର ବି ଜବତ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଝାଡ଼ଖଣ୍ଡ, ବିହାର, ଉତ୍ତର ପ୍ରଦେଶ, ରାଜସ୍ଥାନ, ଆନ୍ଧ୍ର ପ୍ରଦେଶ, କେରଳ, ମହାରାଷ୍ଟ୍ର ଓ ଗୁଜୁରାଟ ରାଜ୍ୟର ବୋଲି ତଦନ୍ତ ସମୟରେ ସ୍ପଷ୍ଟ ହୋଇଛି। ସମସ୍ତ ମାମଲାର ତଦନ୍ତ ଜାରି ରହିଛି ଓ ଏହା ପଛରେ ଥିବା ଚୋରା ଚାଲାଣ ନେଟୱର୍କକୁ ଭାଙ୍ଗିବା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି।

ରେଳପଥକୁ ମାଦକ ଚୋରାଚାଲାଣରୁ ମୁକ୍ତ ରଖିବା ପାଇଁ ରେଳ ସୁରକ୍ଷା ବଳ ଆରପିଏଫ ଓ ଜିଆରପି ମଧରେ ଉପଯୁକ୍ତ ସମନ୍ୱୟ ସ୍ଥାପନ ପୂର୍ବକ କଠୋର ଯାଞ୍ଚ ଓ ନିରୀକ୍ଷଣ କରାଯାଉଛି। ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଯଥା ଭୁବନେଶ୍ୱର, କଟକ, ସମ୍ବଲପୁର, ପୁରୀ, ରାଉରକେଲା ଆଦି ଷ୍ଟେସନରେ ଏହି ଅଭିଯାନ ଜାରି ରହିଛି। ଟ୍ରେନରେ ସନ୍ଦେହଜନକ ସ୍ଥିତିରେ ଥିବା ବ୍ୟାଗ/ ପାର୍ସଲଗୁଡ଼ିକୁ ତନ୍ନ ତନ୍ନ ଭାବେ ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ନିଶାଦ୍ରବ୍ୟ ମାଫିଆଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯାଉଛି ଓ ଅପରାଧରେ ଜଡ଼ିତ ଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୩୪,୧୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୨୩,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୩୪,୧୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୨୩,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୩୪,୧୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୨୩,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୩୪,୩୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୨୩,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୩୫,୦୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୨୩,୮୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୩୪,୧୮୦ ଓ ୧,୨୩,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୦୯,୦୦୦ ଟଙ୍କା ହୋଇଛି।




ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ଭାରତରେ ଗୁଗୁଲ ଲଞ୍ଚ କଲା ପ୍ରଥମ କ୍ରେଡିଟ୍ କାର୍ଡ

ନୂଆଦିଲ୍ଲୀ,୨୦।୧୨: ଭାରତୀୟମାନଙ୍କ ଜୀବନକୁ ଆହୁରି ସହଜ କରିବା ପାଇଁ ଗୁଗଲ ନୂଆ ଡିଜିଟାଲ କ୍ରେଡିଟ କାର୍ଡ 'ଫ୍ଲେକ୍ସ ବାଇ ଗୁଗଲ ପେ' ଲଞ୍ଚ କରିଛି। ଏହା ରୁପେ ନେଟୱର୍କ ଉପରେ ଆଧାରିତ ଏବଂ ସମ୍ପୂର୍ଣ୍ଣ ରୂପେ ଗୁଗଲ ପେ' ଆପ ଭିତରେ ଇଣ୍ଟିଗ୍ରେଟେଡ। ଏହି ବ୍ରାଣ୍ଡ ଅଧୀନରେ ପ୍ରଥମ ପ୍ରଡକ୍ଟ 'ଗୁଗଲ ପେ' ଫ୍ଲେକ୍ସ ଆକ୍ସିସ ବ୍ୟାଙ୍କ କ୍ରେଡିଟ କାର୍ଡ' ଆକ୍ସିସ ବ୍ୟାଙ୍କ ସହିତ ଭାଗୀଦାରୀରେ ଲଞ୍ଚ ହୋଇଛି ଏବଂ ଏହା ସିଧା ଗୁଗଲ ପେ ଆପ୍‌ରୁ ଉପଲବ୍ଧ ହେବ। ଗୁଗଲ୍‌ର ବ୍ଲଗ ପୋଷ୍ଟରେ କୁହାଯାଇଛି ଯେ ଭାରତରେ ବର୍ତ୍ତମାନ କେବଳ ପ୍ରାୟ ୫ କୋଟି କ୍ରେଡିଟ କାର୍ଡ ବ୍ୟବହାରକାରୀ ଅଛନ୍ତି। ଏହି ଅଭାବକୁ ଦୂର କରିବା ପାଇଁ ଫ୍ଲେକ୍ସ ବାଇ ଗୁଗଲ ପେ'କୁ ଡିଜାଇନ କରାଯାଇଛି, ଯାହାଦ୍ୱାରା ଅଧିକରୁ ଅଧିକ ଲୋକଙ୍କୁ ସହଜ ଏବଂ ଡିଜିଟାଲ ଉପାୟରେ କ୍ରେଡିଟ ପ୍ରାପ୍ତି ମିଳିପାରିବ।

ସରଳ ଭାଷାରେ କହିବାକୁ ଗଲେ ଫ୍ଲେକ୍ସ ଏକ ୟୁପିଆଇ-ପାୱାର୍ଡ, ଡିଜିଟାଲ କୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡ, ଯାହା ସମ୍ପୂର୍ଣ୍ଣ ଗୁଗଲ ପେ' ଆପ ଭିତରେ ରହିଥାଏ। ବ୍ୟବହାରକାରୀମାନେ ଆପ ଭିତରେ କେବଳ କିଛି ମିନିଟ୍‌ରେ କାର୍ଡ ପାଇଁ ଆବେଦନ କରିପାରିବେ। ଏଥିରେ କୌଣସି ଫିଜିକାଲ ଡକ୍ୟୁମେଣ୍ଟ କିମ୍ବା କାଗଜପତ୍ର ପ୍ରକ୍ରିୟାର ଆବଶ୍ୟକତା ନାହିଁ। ଅନୁମୋଦନ ମିଳିଲେ ତୁରନ୍ତ କାର୍ଡ ବ୍ୟବହାର ଆରମ୍ଭ କରାଯାଇପାରିବ। ରୁପେ ନେଟୱର୍କ ଉପରେ ଆଧାରିତ ହେବାରୁ ଫ୍ଲେକ୍ସ କାର୍ଡରୁ କରାଯାଇଥିବା ପେମେଣ୍ଟଗୁଡ଼ିକୁ ସାଧାରଣ ୟୁପିଆଇ ଟ୍ରାଞ୍ଜାକ୍ସନ ପରି ସ୍ୱୀକୃତି ମିଳିବ। ଅର୍ଥାତ ବ୍ୟବହାରକାରୀମାନେ ଏହାକୁ ଅନଲାଇନ୍ ଏବଂ ଅଫଲାଇନ୍, ଲକ୍ଷ ଲକ୍ଷ ରୁପେ ସ୍ୱୀକାର କରୁଥିବା ମର୍ଚାଣ୍ଟମାନଙ୍କ ପାଖରେ ସହଜରେ ବ୍ୟବହାର କରିପାରିବେ।

ରିୱାର୍ଡସ୍ ଏବଂ ସହଜ ରିପେମେଣ୍ଟ ଗୁଗଲ ପେ' ଏବଂ ଆକ୍ସିସ ବ୍ୟାଙ୍କ ଏହି କାର୍ଡ ସହିତ ଏକ ରିୱାର୍ଡ ସିଷ୍ଟମ ମଧ ଦେଉଛନ୍ତି। ପ୍ରତ୍ୟେକ ଟ୍ରାଞ୍ଜାକ୍ସନ୍‌ରେ ବ୍ୟବହାରକାରୀଙ୍କୁ ଷ୍ଟାର୍ସ ମିଳିବ। ପ୍ରତ୍ୟେକ ଷ୍ଟାର୍‌ର ମୂଲ୍ୟ ୧ ଟଙ୍କା ସମାନ। ଏହି ଷ୍ଟାର୍ସଗୁଡ଼ିକୁ କୌଣସି ପରବର୍ତ୍ତୀ ଟ୍ରାଞ୍ଜାକ୍ସନ୍‌ରେ ତୁରନ୍ତ ରିଡିମ କରାଯାଇପାରିବ। ଏହା ବ୍ୟତୀତ ପାରମ୍ପରିକ କ୍ରେଡିଟ କାର୍ଡ ପରି ଏଥିରେ ମଧ ଫ୍ଲେକ୍ସିବଲ ରିପେମେଣ୍ଟ ଅପ୍ସନ ମିଳିବ। ବ୍ୟବହାରକାରୀମାନେ ଇଚ୍ଛା କଲେ ପୂରା ବିଲ ଏକାଥରେ ଦେଇପାରିବେ କିମ୍ବା ତାହାକୁ ଇଏମଆଇରେ ପରିବର୍ତ୍ତନ କରିପାରିବେ। ଫ୍ଲେକ୍ସ ବାଇ ଗୁଗଲ ପେ କାର୍ଡ ସହିତ ବ୍ୟବହାରକାରୀମାନଙ୍କୁ ଅନେକ ଇନ-ଆପ କଣ୍ଟ୍ରୋଲ୍ସ ମିଳିବ, ଯେମିତି ଟ୍ରାଞ୍ଜାକ୍ସନ ଲିମିଟ୍ ସେଟ୍ କରିବା, କାର୍ଡକୁ ବ୍ଲକ୍ କିମ୍ବା ଆନ ବ୍ଲକ୍ କରିବା, ପିନ୍ ରିସେଟ କରିବା ଆଦି। ଫ୍ଲେକ୍ସ ବାଇ ଗୁଗଲ ପେ'ର ଆରମ୍ଭ ହୋଇସାରିଛି। କମ୍ପାନୀ କହିଛି ଯେ ଆଗାମୀ ମାସଗୁଡ଼ିକରେ ଏହାକୁ ଅଧିକରୁ ଅଧିକ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ କରାଯିବ। ଏହି ନୂଆ କାର୍ଡ ଭାରତର ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ଆହୁରି ମଜବୁତ କରିବ ଏବଂ କ୍ରେଡିଟ୍‌କୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବ।




# କୋଟାକ ମହିନ୍ଦ୍ରା ଉପରେ ଆରବିଆଇର ୬୨ ଲକ୍ଷ ଟଙ୍କାର ଜରିମାନା

ନୂଆଦିଲ୍ଲୀ,୨୦।୧୨: ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) କୋଟାକ ମହିନ୍ଦ୍ରା ବ୍ୟାଙ୍କ ଉପରେ ନେଇଛି ବଡ଼ ଧରଣର ଆକ୍ସନ। କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ବ୍ୟାଙ୍କିଙ୍ଗ ନିୟମର ପାଳନରେ ଅବହେଳାକୁ ନେଇ ନିଆ ଯାଇଛି କାର୍ଯ୍ୟାନୁଷ୍ଠାନ। ଭାରତୀୟ ରିଜର୍ଭ ବ୍ୟାଙ୍କ ଏଥିପାଇଁ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଉପରେ ୬୨ ଲକ୍ଷ ଟଙ୍କାର ଜରିମାନା ଲଗାଇଛି।

ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ଭାରତୀୟ

## କୋଟାକ୍ ମହିନ୍ଦ୍ରାକୁ ବ୍ୟାଙ୍କିଙ୍ଗ ନିୟମ ଭାଙ୍ଗିବା ଭାରି ପଡିଲା

## ଗ୍ରାହକଙ୍କ ଟଙ୍କାକୁ ପ୍ରଭାବିତ କରିବନି କାର୍ଯ୍ୟାନୁଷ୍ଠାନ

ରିଜର୍ଭ ବ୍ୟାଙ୍କ ଶୁକ୍ରବାର ପୂର୍ବ କାର୍ଯ୍ୟ ଦିବସରେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଉପରେ ଲାଗୁ ହୋଇଥିବା ଜରିମାନା ସମ୍ପର୍କରେ ସୂଚନା ସେୟାର କରିଛି। ଆରବିଆଇ ସ୍ପଷ୍ଟ କରିଛି ଯେ ବ୍ୟାଙ୍କ ସେବା – ବେସିକ୍ ସେଭିଂ ବ୍ୟାଙ୍କ ଡିପୋଜିଟ୍ ଆକାଉଣ୍ଟ (ବିଏସବିଡି), ବିଜନେସ୍ କରସପେଣ୍ଡେଣ୍ଟ ସମ୍ପର୍କିତ ନିୟମ ବ୍ୟତୀତ କ୍ରେଡିଟ୍ ଇନଫରମେସନ୍ କମ୍ପାନୀ ରୁଲ୍ ୨୦୦୬ର ପାଳନରେ ବ୍ୟାଙ୍କର ତ୍ରୁଟି ଜଣାପଡିଛି। ଫଳସ୍ୱରୂପ,୧୧ ଡିସେମ୍ବର ୨୦୨୫ ତାରିଖର ଏକ ଆଦେଶ ଅନୁଯାୟୀ ବ୍ୟାଙ୍କ ଉପରେ ୬୧.୯୫ ଲକ୍ଷ ଜରିମାନା ଲାଗୁ କରାଯାଇଥିଲା। ରିପୋର୍ଟ ଅନୁଯାୟୀ,ଗତ ବର୍ଷ ୩୧ ମାର୍ଚ୍ଚ ୨୦୨୪ ରେ ଆରବିଆଇ ପକ୍ଷରୁ ବ୍ୟାଙ୍କର ଆର୍ଥିକ ସ୍ୱାସ୍ଥ୍ୟର ଏକ ବୈଧାନିକ ଯାଞ୍ଚ ଏବଂ ମୂଲ୍ୟାଙ୍କନ (ଆଇଏସଇ ୨୦୨୪) କରିଥିଲା। ଏହି ସମୟ ମଧ୍ୟରେ, କେନ୍ଦ୍ରୀୟ ବ୍ୟାଙ୍କ ଜାଣିବାକୁ ପାଇଲା ଯେ ବ୍ୟାଙ୍କ ପୂର୍ବରୁ ଏପରି ଆକାଉଣ୍ଟ ଥିବା କିଛି ଗ୍ରାହକଙ୍କ ପାଇଁ ଅତିରିକ୍ତ ବିଏସବିଡି ଆକାଉଣ୍ଟ ଖୋଲିଛି। ଏହା ବ୍ୟତୀତ,ଆରବିଆଇ ଜାଣିବାକୁ ପାଇଲା ଯେ ବ୍ୟାଙ୍କ ନିର୍ଦ୍ଧାରିତ ପରିସର ବାହାରେ କାର୍ଯ୍ୟକଳାପ ପରିଚାଳନା କରିବା ପାଇଁ ବ୍ୟବସାୟ ପ୍ରତିନିଧିଙ୍କ ସହିତ ଚୁକ୍ତି କରିଛି। ବ୍ୟାଙ୍କ କିଛି ଋଣଗ୍ରହୀତାଙ୍କ ସମ୍ପର୍କରେ କ୍ରେଡିଟ୍ ସୂଚନା କମ୍ପାନୀଗୁଡ଼ିକୁ ଭୁଲ ସୂଚନା ମଧ ପ୍ରଦାନ କରିଥିଲା।

କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା ଏହି ଅସୁବିଧା ଜଣାପଡିବା ପରେ ବ୍ୟାଙ୍କକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଏହାପରେ ବ୍ୟାଙ୍କ ଦଲିଲ ଉପରେ ବିଚାର କରିବା ପରେ ଅଭିଯୋଗ ସଠିକ୍ ବୋଲି ଜଣାପଡିଥିଲା। ତା ପରେ ବ୍ୟାଙ୍କ ଉପରେ ଜରିମାନା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ବ୍ୟାଙ୍କ ପକ୍ଷରୁ ଷ୍ଟକ୍ ଏକ୍ସଚେଞ୍ଜ ଫାଇଲିଂରେ ମଧ ଏସମ୍ପର୍କରେ ସୂଚନା ସେୟାର କରାଯାଇଛି। ତେବେ ଆରବିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ନିୟମର ଉଲ୍ଲଂଘନକୁ ନେଇ ଏହି ଆକ୍ସନର କୌଣସି ପ୍ରଭାବ ବ୍ୟାଙ୍କର ଗ୍ରାହକଙ୍କ ଉପରେ ରହିବନି।




# ନୂଆବର୍ଷରୁ ମହଙ୍ଗା ହେବ ରିଚାର୍ଜ ପ୍ଲାନ

ନୂଆଦିଲ୍ଲୀ, ୨୦।୧୨: ମୋବାଇଲ ଉପଭୋକ୍ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଖବର। ପୁଣି ଥରେ ମହଙ୍ଗା ହୋଇପାରେ ମୋବାଇଲ୍ ରିଚାର୍ଜ ପ୍ଲାନ୍। ରିପୋର୍ଟ ଅନୁଯାୟୀ, ରିଲାଏନ୍ସ ଜିଓ, ଭାରତୀ ଏୟାରଟେଲ୍ ଏବଂ ଭୋଡାଫୋନ୍ ଆଇଡିଆ ସେମାନଙ୍କର ପ୍ରିପେଡ୍ ଏବଂ ପୋଷ୍ଟପେଡ୍ ପ୍ଲାନର ମୂଲ୍ୟ ୨୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିପାରନ୍ତି। କିଛି ପ୍ଲାନ ପାଇଁ ଶୁଳ୍କ ବୃଦ୍ଧି ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ସୂଚିତ କରାଯାଇଛି। ଟେଲିକମ୍ କମ୍ପାନୀଗୁଡ଼ିକ ଗତ ମାସ ଧରି ସେମାନଙ୍କର ପ୍ଲାନଗୁଡ଼ିକୁ ସଂଶୋଧନ କରୁଛନ୍ତି। ଏହା ସାଧାରଣ ଉପଭୋକ୍ତାଙ୍କ ପକେଟ ଉପରେ ସିଧାସଳଖ ପ୍ରଭାବ ପକାଇବ। ବିଶେଷକରି ଯେଉଁମାନେ ୫ଜି ବ୍ୟବହାର କରୁଛନ୍ତି, ସେମାନଙ୍କ ରିଚାର୍ଜ ଯଥେଷ୍ଟ ମହଙ୍ଗା ହୋଇପାରେ। ରିସର୍ଚ୍ଚ ଫାର୍ମ ମୋର୍ଗାନ୍ ଷ୍ଟାନଲିର ଏକ ରିପୋର୍ଟ ଅନୁଯାୟୀ, ଭାରତୀୟ ଟେଲିକମ୍ କମ୍ପାନୀଗୁଡ଼ିକ ୨୦୨୬ରେ ସେମାନଙ୍କର ଶୁଳ୍କ ୧୬ ରୁ ୨୦ ପ୍ରତିଶତ ବୃଦ୍ଧି କରିପାରନ୍ତି। ଏହା କମ୍ପାନୀଗୁଡ଼ିକର ପ୍ରତି ଉପଭୋକ୍ତାଙ୍କ ହାରାହାରି ରାଜସ୍ୱ (ଏଆରପିୟୁ) ବୃଦ୍ଧି କରିବା ଲକ୍ଷ୍ୟରେ କରାଯାଇଛି। ଶେଷ ଟାରିଫ୍ ବୃଦ୍ଧି ଜୁଲାଇ ୨୦୨୪ରେ ହୋଇଥିଲା। ବର୍ତ୍ତମାନ, ଦୁଇ ବର୍ଷ ପରେ, ମୂଲ୍ୟ ପୁଣି ଥରେ ବୃଦ୍ଧି ପାଇବାକୁ ଯାଉଛି।




ୟୁଜର କ୍ରାନ୍ତି କୁମାରଙ୍କ ଦ୍ୱାରା X ରେ ସେୟାର କରାଯାଇଥିବା ଆକଳନ ଅନୁଯାୟୀ, ଏୟାରଟେଲର ୨୮ ଦିନିଆ ଅନଲିମିଟେଡ ୫ଜି ପ୍ଲାନ ୩୧୯ ଟଙ୍କାରୁ ୪୧୯ ଟଙ୍କାକୁ ବୃଦ୍ଧି ପାଇପାରେ। ସେହିପରି ଜିଓର ୨୯୯ ପ୍ଲାନ୍ ୧.୫ଜିବି ଦୈନିକ ଡାଟା ସହିତ ୩୫୯ ଟଙ୍କାରେ ପହଞ୍ଚିପାରେ। ଏହା ସହିତ, ୨୮ ଦିନିଆ ୫ଜି ପ୍ଲାନ ୩୪୯ରୁ ୪୨୯ ଟଙ୍କାକୁ ବୃଦ୍ଧି ପାଇପାରେ। ଏହାର ଅର୍ଥ ହେଉଛି ୟୁଜର୍ସମାନଙ୍କୁ ପ୍ରତି ମାସରେ ୮୦ରୁ ୧୦୦ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ। ଭୋଡାଫୋନ ଆଇଡିଆ ୟୁଜର୍ସଙ୍କୁ ମଧ କୌଣସି ଆଶ୍ୱସ୍ତି ମିଳିବ ନାହିଁ। ରିପୋର୍ଟ ଅନୁଯାୟୀ, ଭିଆଇର ୨୮ ଦିନିଆ ୧ଜିବି ଦୈନିକ ଡାଟା ପ୍ଲାନ୍ ୩୪୦ ଟଙ୍କାରୁ ୪୧୯ ଟଙ୍କାକୁ ବୃଦ୍ଧି ପାଇପାରେ। ଏହି ସମୟରେ, ୫୬ ଦିନର ବୈଧତା ସହିତ ୨ଜିବି ଦୈନିକ ଡାଟା ପ୍ଲାନ୍ ୫୭୯ ଟଙ୍କାରୁ ୬୯୯ ଟଙ୍କାକୁ ବୃଦ୍ଧି ପାଇପାରେ।

ଭାରତ ବିରୋଧରେ ଡବ୍ଲ୍ୟୁଟିଓର ଚୀନ୍ ଦ୍ୱାରସ୍ଥ

# ସୋଲାର ସବ୍‌ସିଡି ପାଇଁ କ୍ଷତି

ନୂଆଦିଲ୍ଲୀ,୨୦।୧୨: ଭାରତ ବିରୋଧରେ ପୁଣି ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ)ର ଦ୍ୱାରସ୍ଥ ହୋଇଛି ଚୀନ୍। ଚୀନ୍‌ର ବାଣିଜ୍ୟ ମନ୍ତ୍ରାଳୟ ଶୁକ୍ରବାର ଏକ ବିବୃତିରେ କହିଛି ଯେ, ଭାରତ ଟେଲିକମ୍ ଉପକରଣ ଯେପରି ଆଇସିଟି ଉତ୍ପାଦ ଉପରେ ଯେଉଁ ଶୁଳ୍କ ଲଗାଇଛି ଏବଂ ଦେଶରେ ସୌର ଶିଳ୍ପକୁ ଦିଆଯାଉଥିବା ସବ୍‌ସିଡି ଚୀନି କମ୍ପାନିଗୁଡ଼ିକୁ କ୍ଷତି ପହଞ୍ଚାଉଛି। ଏହି ନୀତି ଭାରତର ନିଜ କମ୍ପାନିଗୁଡ଼ିକୁ ଫାଇଦା ଦେଉଛି, ଯାହା ଅଯୌକ୍ତିକ ଏବଂ ଡବ୍ଲ୍ୟୁଟିଓର ନିୟମ-ବିରୋଧୀ। ଡବ୍ଲ୍ୟୁଟିଓ ନିୟମଗୁଡ଼ିକୁ ପାଳନ କରିବା ସହ ଏହି କାର୍ଯ୍ୟକଳାପଠାରୁ ଦୂରେଇ ରହିବା ପାଇଁ ଚୀନ୍ର ବାଣିଜ୍ୟ ମନ୍ତ୍ରାଳୟ ଭାରତକୁ ଅନୁରୋଧ କରିଛି। ୨୦୨୫ରେ ଦ୍ୱିତୀୟ ଥର ପାଇଁ ଭାରତ ବିରୋଧରେ ଡବ୍ଲ୍ୟୁଟିଓର ଦ୍ୱାରସ୍ଥ ହୋଇଛି ଚୀନ୍। ଅକ୍ଟୋବରରେ ଏହା ଇଭି ଏବଂ ବ୍ୟାଟେରି ସବ୍‌ସିଡି ଉପରେ ଭାରତ ବିରୋଧରେ ମାମଲା ଦାଏର୍ କରିଥିଲା।



ଚୀନ୍‌ର ବାଣିଜ୍ୟ ମନ୍ତ୍ରାଳୟର କହିବାନୁସାରେ, ଭାରତର ଟାରିଫ୍ ଏବଂ ସବ୍‌ସିଡି ଘରୋଇ କମ୍ପାନିଗୁଡ଼ିକୁ ଫାଇଦା ଦେଇଥାଏ, ଯାହା ଚୀନି ସାମଗ୍ରୀଗୁଡ଼ିକ ପାଇଁ ବେଆଇନ ପ୍ରତିଯୋଗିତା ସୃଷ୍ଟି କରୁଛି। ଏହା ନ୍ୟାସନାଲ୍ ଟ୍ରିଟ୍‌ମେଣ୍ଟ ନିୟମ ଏବଂ ଇମ୍ପୋର୍ଟ ସବ୍ ଷ୍ଟ୍ୟୁସନ୍ ସବ୍‌ସିଡିର ଉଲ୍ଲଂଘନ, ଯାହା ଡବ୍ଲ୍ୟୁଟିଓରେ ବ୍ୟାନ୍ ହୋଇଛି। ମନ୍ତ୍ରାଳୟ ଭାରତକୁ ଅନୁରୋଧ କରିଛି ଯେ, ଏହା ଡବ୍ଲ୍ୟୁଟିଓର ନିୟମକୁ ପାଳନ କରୁ ଏବଂ ଅଯୁକ୍ତିକ କାର୍ଯ୍ୟକଳାପକୁ ସୁଧାରୁ। ଭାରତରେ ଇଲେକ୍ଟ୍ରିକ୍ ଯାନ(ଇଭି) କୁ ତ୍ୱରାନ୍ୱିତ କରିବା ପାଇଁ ଦିଆଯାଉଥିବା ସବ୍‌ସିଡି ଉପରେ ଚୀନ୍ ପୂର୍ବରୁ ଅସନ୍ତୋଷ ପ୍ରକାଶ କରିଥିଲା। ଚୀନ୍‌ର କହିବାନୁସାରେ, ଭାରତର ଏହି ଭାରୀ ସବ୍‌ସିଡି ଏହାର ଘରୋଇ କମ୍ପାନିଗୁଡ଼ିକୁ ଅଯୌକ୍ତିକ ଫାଇଦା ଦେଉଛି। ଏହାଦ୍ୱାରା ଭାରତରେ ବିକ୍ରି ହେଉଥିବା ଚୀନି ଇଲେକ୍ଟ୍ରିକ୍ ଗାଡ଼ି ଏବଂ ଇଭି ଉତ୍ପାଦ ଉପରେ ପ୍ରଭାବ ପଡୁଛି। ଚୀନ୍‌ର ହିତ ପ୍ରତି ଏହା ହାନିକାରକ ହୋଇଛି। ଚୀନ୍‌ର ବାଣିଜ୍ୟ ମନ୍ତ୍ରାଳୟ ଏହା ସ୍ପଷ୍ଟ କରିଛି ଯେ, ଏହା ନିଜର ଶିଳ୍ପଗୁଡ଼ିକର ଅଧିକାର ରକ୍ଷା ପାଇଁ କଡ଼ା ପଦକ୍ଷେପ ନେବ। ରିପୋର୍ଟ ଅନୁସାରେ, ବିଶ୍ୱର ବଡ଼ ବଡ଼ ଦେଶଗୁଡ଼ିକ ମଧ୍ୟରେ ଇଲେକ୍ଟ୍ରିକ୍ କାର୍ ଗୁଡ଼ିକରେ ସର୍ବାଧିକ ସବ୍‌ସିଡି ଭାରତରେ ମିଳୁଛି। ଉଦାହରଣ ସ୍ୱରୂପ, ଭାରତରେ ସର୍ବାଧିକ ବିକ୍ରି ହେଉଥିବା ଇଭି ଟାଟା ନେକ୍ସନ ଉପରେ ୪୬% ପର୍ଯ୍ୟନ୍ତ ସବ୍‌ସିଡି ମିଳୁଛି। ଭାରତରେ ଇଭିକୁ ମିଳୁଥିବା ଫାଇଦା ମଧ୍ୟରେ ରହିଛି କମ୍ ସବ୍‌ସିଡି, ପେଟ୍ରୋଲ ଏବଂ ଡିଜେଲ ଗାଡ଼ିଗୁଡ଼ିକ ତୁଳନାରେ କମ୍ ସଡ଼କ ଶୁଳ୍କ ଏବଂ କମ୍ପାନିଗୁଡ଼ିକୁ ମିଳୁଥିବା ପିଏଲ୍‌ଆଇ ଯୋଜନାର ଲାଭ।

# ସରକାରୀ ଜାଗାରୁ ହଟିଲା ବେଆଇନ ନିର୍ମାଣ



**କଣାସ,୨୦।୧୨(ସଂଚାର ବ୍ୟୁରୋ):** କଣାସ ବଜାର ବାଲିଘାଇ ଛକ ଠାରୁ ଗୋଲାବଜାର ପର୍ଯ୍ୟନ୍ତ ସରକାରୀ ଜାଗାକୁ ମଡାଇ ଦୋକାନ କରିଥିବା ଗୃହ ଭାଙ୍ଗିବା ପାଇଁ କଣାସ ତହସିଲଦାର ହିମାଂଶୁଶେଖର ଗିରି ଦୁଇମାସ ତଳେ ନୋଟିସ୍ ଦେବା ସହିତ ବାରମ୍ବାର ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ଦୋକାନ ଗୃହ ଭାଙ୍ଗିଦେବା ପାଇଁ ନିବେଦନ କରିଥିଲେ। ଗତ ମାସ ୧୪ତାରିଖି ଦିନ କଣାସ ବାଲିଘାଇ ଛକ ଠାରେ କଣାସ କୁଞ୍ଜେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ସରକାରୀ ଜାଗାକୁ ବଢ଼ିଥିବା ଦୋକାନ ଗୃହ ଗୁଡିକ ଭାଙ୍ଗିଦେଇଥିଲେ। ଆଜି ପୁନଶ୍ଚ କୁଞ୍ଜେଶ୍ୱରୀ ମନ୍ଦିର ଠାରୁ ବସଷ୍ଟାଣ୍ଡ, ଗୋଲାବଜାର ପର୍ଯ୍ୟନ୍ତ ସରକାରୀ ଜମିରେ ଥିବା ଦୋକାନଗୃହ ଗୁଡିକ ଜେସିବ୍ ଲଗାଇ ଭାଙ୍ଗି ଦେଇଛନ୍ତି। ଭାଙ୍ଗିବା ସମୟରେ ତହସିଲଦାର ହିମାଂଶୁଶେଖର ଗିରି, ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ, କଣାସ ଆଇ.ଆଇ.ସି ପ୍ରଶନ୍ନ କୁମାର ନାୟକ, ଦମକଳବାହିନୀର କର୍ମଚାରୀ ଓ ପୁଲିସ୍ ଫୋର୍ସ ଉପସ୍ଥିତ ରହି ଭଙ୍ଗାକାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା। କେତେକ ଦୋକାନି ଭଙ୍ଗା କାର୍ଯ୍ୟରେ ପ୍ରିୟାପ୍ରତି ହୋଇଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଥିଲେ।

# ଦୁର୍ଦ୍ଦଶାରେ ହୋମିଓପାଥି ଓ ଆୟୁର୍ବେଦିକ ଚିକିତ୍ସା କେନ୍ଦ୍ର

**କଳାହାଣ୍ଡି, ୨୦।୧୨(ସଂଚାର ବ୍ୟୁରୋ):** ସଂପ୍ରତି ହୋମିଓପାଥି, ଆୟୁର୍ବେଦିକ, ଯୋଗ, ୟୁନାନି, ପ୍ରାକୃତିକ ଚିକିତ୍ସା ର ଆଦର ବଢୁଛି। ବିଶେଷ କରି ଅଣସଂକ୍ରମକ ରୋଗ ର ଉପଶମ ନିମନ୍ତେ ପ୍ରାଚୀନ ଚିକିତ୍ସା ପଦ୍ଧତି ଉପରେ ଅନେକ ଲୋକ ନିର୍ଭର କରୁଛନ୍ତି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଭାବେ କିଛି ଚିକିତ୍ସାଳୟ କାର୍ଯ୍ୟ କରୁଥିବା ବେଳେ ଏଥିରେ ରୋଗୀ ସଂଖ୍ୟା ମଧ ବୃଦ୍ଧି ପାଉଛି। ଯଦିଓ କଳାହାଣ୍ଡି ଜିଲ୍ଲା ରେ ଆୟୁଷ ଚିକିତ୍ସା କୁ ପହଂଚାଇବା ପାଇଁ ରାଜ୍ୟ ସରକାର ୩୮ ଟି ଆୟୁଷ ଚିକିତ୍ସାଳୟ ସ୍ଥାପନା କରିଛନ୍ତି କିନ୍ତୁ ସେଠାରେ ଭିତ୍ତିଭୂମି ର ଘୋର ଅଭାବ ପରିଲିକ୍ଷିତ ହୋଇଛି।



ଜିଲ୍ଲାରେ ଥିବା ୩୮ଟି ଆୟୁଷ ଚିକିତ୍ସାଳ ମଧ୍ୟରୁ ୨୦ଟି ଆୟୁର୍ବେଦିକ, ୧୮ଟି ହୋମିଓପାଥି ଚିକିତ୍ସାଳୟ ସ୍ଥାପନା କରାଯାଇଛି। ଆୟୁଷ ଚିକିତ୍ସାଳୟ ପ୍ରାୟ ୯୦ପ୍ରତିଶତ ଗ୍ରାମାଞ୍ଚଳ ଓ ପଛୁଆ ଅଞ୍ଚଳରେ ରହିଛି।ଏସବୁ ଚିକିତ୍ସାଳୟ ରେ ମୌଳିକ ଭିତ୍ତିଭୂମି ଯଥା ନିଜସ୍ୱ ଜମି, ନିଜସ୍ୱ କୋଠା ଘର, ବିଜୁଳି ସୁବିଧା, ଜଳ ଯୋଗାଣ, ପାନୀୟ ଜଳ ଯୋଗାଣ, କର୍ମଚାରୀ ଓ ରୋଗୀ ମାନଙ୍କ ପାଇଁ ଶୋଚାଳୟ, ନିବାସ ଆଦି ସୁବିଧା ଅନେକ ଚିକିତ୍ସାଳୟ ରେ ବର୍ତମାନ ସୁଦ୍ଧା ଉପଲବ୍ଧ ହୋଇପାରିନାହିଁ। ମିଳିଥିବା ତଥ୍ୟ ଅନୁସାରେ ୪ଟି ଡାକ୍ତର ପଦ, ୧୦ଟି ଆୟୁଷ ସହାୟକ ପଦ, ୭ଟି ଝାଡୁଦାର ପଦ ଖାଲିପଡ଼ିଛି। ଆଉ ୨୫ଟି ଚିକିତ୍ସାଳୟ ରେ ଡାକ୍ତର ଓ କର୍ମଚାରୀ ଙ୍କ ରହିବା ପାଇଁ ଆବାସ ସୁବିଧା ନାହିଁ।୨୬ ଟି ଚିକିତ୍ସାଳୟ ରେ ନିଜସ୍ୱ ଜାଗା ନାହିଁ, ୨ଟି ରେ କୋଠା ନାହିଁ ୯ ଟି କାର୍ଯ୍ୟରତ ଅବସ୍ଥାରେ ଥିବା ଜଣାପଡ଼ିଛି। ପୁନଶ୍ଚ ୨୪ ଟି ଚିକିତ୍ସାଳୟ କୁ ଜଳ ଯୋଗାଣ ହୋଇନାହିଁ, ସେହିପରି ୩୧ ଟି ଚିକିତ୍ସାଳୟ ରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଅକ୍ୱାଗାର୍ଡ ଇତ୍ୟାଦିର ବ୍ୟବସ୍ଥା ନାହିଁ। ୨୮ଟି ରେ ଶୋଚାଳୟ ଓ ୧୬ ଟି ଚିକିତ୍ସାଳୟ ରେ ଏ ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇନାହିଁ। ଏଭଳି ସ୍ଥିତି ରେ ଜିଲ୍ଲା ରେ କେମିତି ଆୟୁଷ ଚିକିତ୍ସା ଚାଲିଥିବ ତାହା ସହଜରେ ଅନୁମେୟ।ଗ୍ରାମାଞ୍ଚଳ ଓ ଆଦିବାସୀ ବହୁଳ ଅଞ୍ଚଳ ମାନଙ୍କ ରେ ଅବସ୍ଥିତ ଏହିସବୁ ଆୟୁଷ ସ୍ୱାସ୍ଥ୍ୟ କେନ୍ଦ୍ର ଭିତ୍ତିଭୂମି ବିକାଶ କଲେ ସଂପୃକ୍ତ ଅଞ୍ଚଳ ର ଲୋକେ ଉପକୃତ ହେବା ସହ ଆୟୁଷ ଚିକିତ୍ସା ର ପ୍ରଚାର ପ୍ରସାର ଓ ଲୋକପ୍ରିୟତା ବୃଦ୍ଧି ପାଇ ପାରନ୍ତି ବୋଲି ଅଲ ଓଡିଶା କୋଭିଡ-୧୯ ଆୟୁଷ ଡାକ୍ତର ଆସୋସିଏସନ ର ସଭାପତି ଡାକ୍ତର ଦୁଷ୍ମନ୍ତ ଯାଦବ କହିଛନ୍ତି।

# କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




**ବ୍ରହ୍ମପୁର,୨୦।୧୨(ସଂଚାର ବ୍ୟୁରୋ):** ବ୍ରହ୍ମପୁର ମହାନଗର ନିଗମ ନୂତନ ସମ୍ମିଳନୀ କକ୍ଷରେ କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯାତନା (ନିବାରଣ, ନିଷେଧ ଓ ନିରାକରଣ) ଆଇନ ୨୦୧୩ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମେୟର ସଙ୍ଘମିତ୍ରା ଦଳେଇ, କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ସହ ଶେଷରେ ଏକ କୁଇଜ ପ୍ରତିଯୋଗିତା ହୋଇଥିଲା। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର କ୍ଷମତା ଓ ଦାୟିତ୍ୱ, କର୍ମକ୍ଷେତ୍ରରେ ମହିଳାଙ୍କ ପାଇଁ ଏକ ସୁସ୍ଥ ଓ ନିରାପଦ ବାତାବରଣ ନିଶ୍ଚିତ କରାଇବା, ଯୌନ ନିର୍ଯାତନାର ଶିକାର ହୋଇଥିବା ମହିଳାଙ୍କ ଅଭିଯୋଗ ପାଇବା ପରେ ତତ୍ପରତା, ନିରପେକ୍ଷତା ଓ ସ୍ୱଚ୍ଛତାର ସହ ତଦନ୍ତ ଓ ଶୁଣାଣି କରିବା, ଯୌନ ନିର୍ଯାତନାକୁ ଚାକିରୀ ନିୟମାବଳୀର ଉଲ୍ଲଙ୍ଘନ ଭାବେ ବିବେଚନା କରିବା, ମାମଲା ଆରମ୍ଭର ୯୦ ଦିନ ମଧ୍ୟରେ ତଦନ୍ତ ସାରିବା, ତଦନ୍ତ ରିପୋର୍ଟ ପ୍ରାପ୍ତିର ୬୦ ଦିନ ମଧ୍ୟରେ କାର୍ଯାଳୟ ମୁଖ୍ୟ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଇତ୍ୟାଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନିର୍ଯାତନା ଲିଙ୍ଗ ବୈଷମ୍ୟ ଓ ପାରମ୍ପରିକ ନାରୀ ବିରୋଧୀ ମାନସିକତାର ହିଁ ପ୍ରତିଫଳନ ଏବଂ ସେହି ମାନସିକତାରେ ପରିବର୍ତ୍ତନ ଜରୁରୀ ବୋଲି ନିଗମର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ପ୍ରିଜାଇଡିଂ ଅଫିସର କଲ୍ୟାଣୀ ସଙ୍ଘମିତ୍ରା ଦେବୀ ମତ ଦେଇଥିଲେ। ଯୌନ ନିର୍ଯାତନାର ଶିକାର ମହିଳା ଲୋକଲଜ୍ଜା ଭୟରେ ନୀରବ ନରହି ଆଭ୍ୟନ୍ତରୀଣ ଅଭିଯୋଗ କମିଟି ନିକଟରେ ପହଞ୍ଚିବା ଜରୁରୀ ବୋଲି ସେ କହିଥିଲେ। ତେବେ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ମିଥ୍ୟାର ଆଶ୍ରୟ ନେଇ କୌଣସି ନିର୍ଦ୍ଦୋଷ, ନିରୀହ ପୁରୁଷ ସହକର୍ମୀଙ୍କ ବିରୋଧରେ ଅଭିଯୋଗ ଦାଖଲ ନ କରିବାକୁ ସେ ପରାମର୍ଶ ଦେଇଥିଲେ।

# ପ୍ରତ୍ୟାସୀ ଛାତ୍ରଛାତ୍ରୀଙ୍କ ପାଇଁ ଦୁଇଦିନିଆ ତାଲିମ୍ କାର୍ଯ୍ୟକ୍ରମ



**କଣାସ,୨୦।୧୨(ସଂଚାର ବ୍ୟୁରୋ):** କଣାସ ବ୍ଲକର ଚଳିତ ବର୍ଷ ହାଇ ସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମିତ୍ତ ଦଶମ ଶ୍ରେଣୀର ୬୧ ପ୍ରତ୍ୟାସୀ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ତାଲିମୀ କାର୍ଯ୍ୟକ୍ରମ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗତକାଲି ଅନୁଷ୍ଠିତ ହୋଇ ଆଜି ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ସତ୍ୟବାଦୀ ଯୁବ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣାସ ବ୍ଲକ ଶିକ୍ଷାଧିକାରୀ ରାମ ଚନ୍ଦ୍ର ବେହେରା, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଓମ୍ ପ୍ରକାଶ ମିଶ୍ର, ବିଦ୍ୟାଳୟର ପ୍ରତିଷ୍ଠାତା ମହନ୍ତ ପୂର୍ଣ୍ଣେନ୍ଦୁ ଦାସ ମହାରାଜ, ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ପରିକ୍ଷିତ ବଡଜେନା, ଶିଶୁ ସାହିତ୍ୟକ ଡଃ ହେମନ୍ତ କୁମାର ଛୋଟରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରଥମ ଦିବସରେ ଗଣିତ, ପଦାର୍ଥ ବିଜ୍ଞାନ ଓ ଭୂଗୋଳ ବିଷୟରେ ଦ୍ୱିତୀୟ ଦିବସରେ ଇଂରାଜି, ସାହିତ୍ୟ, ଜୀବବିଜ୍ଞାନ, ହିନ୍ଦୀ, ସଂସ୍କୃତ ଓ ଇତିହାସ ବିଷୟରେ ଶିକ୍ଷାଦାନ କରାଯାଇଥିଲା। କଣାସ ବ୍ଲକର ହାଇ ସ୍କୁଲ ସ୍ତରୀୟ ଦକ୍ଷ ଶିକ୍ଷକମାନେ ଶିକ୍ଷାଦାନ କରିଥିଲେ।

# ଚନ୍ଦଳି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ



**ସୁବର୍ଣ୍ଣପୁର,୨୦।୧୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଚନ୍ଦଳି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରେ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।ସ୍ଥାନୀୟ ପ୍ରଧାନ ଶିକ୍ଷକ ପ୍ରେମରାଜ ସେଠୀ ଙ୍କ ଅଭିଭାବକତ୍ୱରେ ଗଣେଶ ଓ ସରସ୍ୱତୀ ଙ୍କ ବନ୍ଦନା ସହିତ ବୈଠକ କାର୍ଯ୍ୟକ୍ରମ କୁ ସିଆରସିସି ପ୍ରଦୀପ୍ତ କିଶୋର ଦାଶ ଆରମ୍ଭ କରିଥିଲେ। ବୈଠକ ରେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା ର ରୂପରେଖ ଆଲୋଚନା, ପଢିବା ଗଢିବା ଓଡିଶା, ବହୁଶ୍ରେଣୀ ଶିକ୍ଷାଦାନ ପାଠ୍ୟ ଯୋଜନା, ଶିକ୍ଷକ ଙ୍କ ଗତିବିଧି ଯୋଜନା, ଅପାର, ଏମ ବି ୟୁ, ପରୀକ୍ଷା ପେ ଚର୍ଚ୍ଚା, ଶିକ୍ଷକ ସୋପାନ ରେଜିଷ୍ଟ୍ରେସନ, ବିଦ୍ୟାଳୟ ର ବିଭିନ୍ନ ଗ୍ରାଣ୍ଟ ର ଖର୍ଚ୍ଚ, ଶୀତ କାଳୀନ ଛୁଟି ର ଗୃହକାର୍ଯ୍ୟ ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଗଲା। ନୋଡାଲ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ତଥା ପର୍ଯ୍ୟବେକ୍ଷକ ହୋସିୟା ଛତ୍ରିଆ ବହୁଶ୍ରେଣୀ ଶିକ୍ଷାଦାନ ଏକ ବାସ୍ତବତା ବୋଲି ମତବ୍ୟକ୍ତ କରିଥିଲେ।ଶିକ୍ଷୟିତ୍ରୀ ରୀନା ବାଗ ଗଣିତ ର ବହୁଶ୍ରେଣୀ ପାଠ୍ୟ ଯୋଜନା ଉପସ୍ଥାପନ କରିଥିଲେ ଓ ଶିକ୍ଷକ ଅରୂପା ସାହୁ ଭାଷା ର ବହୁଶ୍ରେଣୀ ପାଠ୍ୟ ଯୋଜନା ତଥା ଶିକ୍ଷକଙ୍କ ଗତିବିଧି ର ଯୋଜନା ପ୍ରସ୍ତୁତ କରିଥିଲେ। ଶିକ୍ଷକ ଦିବ୍ୟରଞ୍ଜନ ପଧାନ ସଂଯୋଜନା କରିଥିବା ବେଳେ ଶିକ୍ଷକ ସନ୍ତୋଷ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ର ସମସ୍ତ କର୍ମଚାରୀ ଓ ଗ୍ରାମବାସୀ ଙ୍କ ସହାୟତା କାର୍ଯ୍ୟକ୍ରମ କୁ ସଫଳ କରିଥିଲା।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ ଆବେଗ ୮



**କଳାହାଣ୍ଡି,୨୦।୧୨( ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଙ୍ଗୋମୁଣ୍ଡା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଠାରେ ବାର୍ଷିକ ଉତ୍ସବ ଆବେଗ ୮ ଶନିବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ବିଦ୍ୟାଳୟ ର ଅଧକ୍ଷା ନିଝୁମ ରାଣି ପଣ୍ଡିତ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ମୁଖ୍ୟବକ୍ତା ଭାବେ ଡ଼. ମହେଶ୍ୱର ଦୁରିଆ ସହକାରୀ ପ୍ରାଧାପକ ରାଜନୀତି ବିଜ୍ଞାନ ବିକ୍ରମ ଦେବ ୟୁନିଭରସିଟି ଜୟପୁର, ସମ୍ମାନିତ ଅତିଥି ଭାବେ ବିଡ଼ିଓ କୋକସରା ଡ଼.ହିମାଞ୍ଚଳ ମାଝୀ, ବିଇଓ ମହେଶ କୁମାର ଭାଟି ମଞ୍ଚ ରେ ଉପସ୍ଥିତ ଥିଲେ। ଅଗ୍ରଦେବ ଗଣେଶ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ବିଦ୍ୟାଳୟ ପକ୍ଷରୁ ଅତିଥି ଙ୍କୁ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ଅଧକ୍ଷା ଶ୍ରୀମତୀ ପଣ୍ଡିତ ସ୍ୱାଗତ ଅଭିଭାଷଣ ରଖିବା ସହ ବିଗତ ବର୍ଷ ରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ଙ୍କ ଶିକ୍ଷା, କ୍ରୀଡା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷତା ନେଇ ମତ ରଖିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ମହୋତ୍ସବ




**ନୟାଗଡ଼,୨୦।୧୨(ସଂଚାର ବ୍ୟୁରୋ):** ନୟାଗଡ଼ ନୋଡର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ମହୋତ୍ସବ ୨୦୨୫-୨୬ ବିଦ୍ୟାଳୟ ପରିସରରେ ଉତ୍ସାହ ଓ ଉଲ୍ଲାସର ସହିତ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଶୁଭାରମ୍ଭରେ ମଶାଲ ପ୍ରଜ୍ୱଳନ କରାଯାଇଥିଲା। ନୟାଗଡ଼ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଶାଖା ପରିଚାଳକ ବିନ୍ମୟ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ କ୍ରୀଡା ପତାକା ଉତ୍ତୋଳନ କରି କ୍ରୀଡା ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଇଣ୍ଡୋତିବେତିଆନ ବୋର୍ଡର ପୋଲିସ ଫୋର୍ସର୍ ହାବିଲଦାର ପବିତ୍ର ମୋହନ ରାଏ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଧାନ ଅଧକ୍ଷ ତ୍ରିଲୋଚନ ଷଡ଼ଙ୍ଗୀ ତାଙ୍କ ଭାଷଣରେ କ୍ରୀଡାର ଗୁରୁତ୍ୱ ଓ ଶିକ୍ଷା ସହ କ୍ରୀଡାର ସମନ୍ୱୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡ଼ିଆଁ, ମାର୍ବଲ ୟୁନ୍ ଦୌଡ଼, ସ୍ଲୋ ସାଇକେଲ୍ ରେସ୍, ରିଲେ ରେସ୍, କ୍ରିକେଟ, ଫୁଟବଲ, କବାଡି ପରି ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଏହାରେ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ।

# ସ୍ୱଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ଆର୍ଥିକ ସଚେତନତା ଶିବିର

**ଯାଜପୁର,୨୦।୧୨(ସଂଚାର ବ୍ୟୁରୋ):** ଗତକାଲି ଯାଜପୁର ଜିଲ୍ଲା ପ୍ରଶାସନ ତରଫରୁ ଦଶରଥପୁର ବ୍ଲକ ବିରଜାପୁର ଗ୍ରାମ ପଞ୍ଚାୟତ ସଭା ଗୃହରେ ଜିଲ୍ଲା ଆର୍ଥିକ ସେବା ସଞ୍ଚୟ ଅଧିକାରୀ ଶ୍ରୀ ଜ୍ଞାନ ରଞ୍ଜନ ସେଠୀଙ୍କ ଅଧକ୍ଷତାରେ ଏକ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟ ଅତିଥି ରୂପେ ବିରଜାପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ନିରାକାର ସାହୁ, ଅଗ୍ରଣୀ ବ୍ୟାଙ୍କ ପରିଚାଳକ ରାଧାନାଥ ନାୟକ, ଆର୍ଥିକ ସଚେତନତା ସଂଯୋଜକ (ଏଫ୍.ଏଲ.ସି) ଶ୍ରୀ ସୁବାଷ ଚନ୍ଦ୍ର ଦାସ, ଇଣ୍ଡିଆ ପୋଷ୍ଟାଲ୍ ପେମେଣ୍ଟ ବ୍ୟାଙ୍କ୍ ପରିଚାଳକ ଚିନ୍ତାମଣି ପାଗଳ, ଅତିରିକ୍ତ ଇଣ୍ଡିଆ ପୋଷ୍ଟାଲ୍ ପେମେଣ୍ଟ ବ୍ୟାଙ୍କ୍ ପରିଚାଳକ ବିଟନ୍ ହାରୀ ଏବଂ ଡାକ




ବିଭାଗର ବିଜନେସ କରେସପଣ୍ଡେନ୍ସ ଶ୍ରୀ ଅମିୟ କୁମାର ଦାସ ଯୋଗ ଦେଇଥିଲେ।

ଡାକ ବିଭାଗରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଞ୍ଚୟ ଯୋଜନା ତଥା ଆରଡ଼ି, ମିଆଦି ଜମା, କିଷାନ ବିକାଶ ପତ୍ର, ମାସିକ ଆୟ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନାର ସଫଳତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟତଃ ଲୋକମାନେ କିପରି ତାଙ୍କ ସଂଚିତ ଧନକୁ ସୁରକ୍ଷିତ ଭାବରେ ଜମା କରି ପାରିବେ ଏହା ସହିତ ସାମାଜିକ ସୁରକ୍ଷା ଯୋଜନା ଯଥାଃ ଅଟଳ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବିମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଯୋଜନା ବିଷୟରେ ଆଲୋକପାତ କରାଯାଇଥିଲା।

# ନିଆଁ ଲାଗି ଜଳିଗଲା ପାଚିଲା ଧାନ



**ବାଲିପାଟଣା,୨୦।୧୨(ସଂଚାର ବ୍ୟୁରୋ):** ବାଲିପାଟଣା ଥାନା ବାଗଲପୁର ଅଞ୍ଚଳର ଜନୈକ ଚାଷୀଙ୍କ କୁଳନ୍ତିରା ବାଗିଲୋ ମୌଜା ରେ ଥିବା ବିଲ ରେ ପଡ଼ିଥିବା କୁଟା ଓ ବୁଦା ପୋଡିବା ପାଇଁ ନିଆଁ ଲଗାଇଥିଲେ। ପବନରେ ନିଆଁ ଚାହୁଁ ଚାହୁଁ ପାଖ କିଆରୀକୁ ବ୍ୟାପି ଯାଇଥିଲା।ଫଳରେ ନିଆଁ ଲାଗି କୁଳନ୍ତିରା ବାଗିଲୋ ଗ୍ରାମ ଓ ତରବୋଇ ଗ୍ରାମ ର ୪ ଜଣ ଚାଷୀ ଙ୍କ କ୍ଷତି ହୋଇଛି। ବାଗିଲୋ ଗ୍ରାମ ର କାଳନ୍ଦୀ ଭୋଳ ଙ୍କ ୪ଟି ଧାନ ବାହିଆ, କାଳନ୍ଦୀ ଭୋଳ ଙ୍କ ପାଚିଲା ଧାନ ଗଛ ଓ ପିତାବସ ସ୍ୱାଇଁ ଙ୍କ କଟା ଧାନ ଓ ପାଳ ପୋଡି ପାଉଁଶ ହୋଇଛି।

ସେହିପରି ତରବୋଇ ଗ୍ରାମ ର ପରମା ନନ୍ଦ ରାଉତ ଙ୍କ ବିଲ ରେ ଗଦା ହୋଇଥିବା ପାଳ ପୋଡି ପାଉଁଶ ହୋଇଯାଇଛି। ସ୍ଥାନୀୟ ଲୋକେ ନିଆଁ ଲିଭାଇବା ପାଇଁ ଉଦ୍ୟମ କରିବା ସହ ବାଲିପାଟଣା ଅଗ୍ନିଶମ ବାହିନୀ କୁ ଫୋନ କରି ଜଣାଇଥିଲେ।ନିଆଁ କୁ ଆୟତ ପୂର୍ବରୁ ଅନେକ କ୍ଷତି ହୋଇ ସାରିଥିଲା। ଘଟଣା କୁ କେନ୍ଦ୍ର କରି ଚାଷୀଙ୍କ ମହଲରେ ଉତେଜନା ଦେଖା ଯାଇଥିଲା।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଉଦ୍‌ଯାପିତ




## ଆଜିର ଛାତ୍ରଛାତ୍ରୀ କାଲି ଦେଶର ଭବିଷ୍ୟତ: ବିଧାୟକ

**ନୀଳଗିରି,୨୦।୧୨(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ଜାମୁଡିହା ପଞ୍ଚାୟତ ଅଧିନସ୍ଥ ଜାମୁ ଡିହା ଗ୍ରାମରେ ଅବସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରେ୪ର୍ଥ ବାର୍ଷିକ ଉତ୍ସବ ଉଦଯାପିତ ହୋଇ ଯାଇଛି।ଉକ୍ତ କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ଅଧକ୍ଷ ହେମନ୍ତ କୁମାର ମଣ୍ଡଳ ସଭାପତିତ୍ୱ ୪ର୍ଥ ବାର୍ଷିକ ଉତ୍ସବ ସଭା ଅନୁଷ୍ଠିତ ହୋଇଥିଲା।

ମୁଖ୍ୟ ଅତିଥି ଭାବେ ନୀଳଗିରି ମାନ୍ୟବର ବିଧାୟକ ସନ୍ତୋଷ କୁମାର ଖଟୁଆଯୋଗଦେଇ ଅନୁଷ୍ଠାନିକ ଭାବେ ମହା ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥ ଙ୍କ ଫୋଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୟୋଳନ କରିଥିଲେ। ନିଜ ନିଜ ବକ୍ତବ୍ୟ ରେ ଆଜିର ଛାତ୍ରଛାତ୍ରୀ କାଲି ଦେଶର ଭବିଷ୍ୟତ ବୋଲି କହିଥିଲେ।ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଅଧକ୍ଷ ସନ୍ଦିପି କୁମାର ଚାନ୍ଦ,ସମ୍ମାନିତ ଅତିଥି ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବାଲେଶ୍ୱର ର ନୋଡାଲ ପ୍ରିନ୍ସି ପାଲ ରାମକୃଷ୍ଣ ସାହୁ, ନୀଳଗିରି ଆଇଟିଡି ଏ ପ୍ରକଳ୍ପ ପ୍ରସାଶିକା ଡ଼. ମଧୁସ୍ମିତା ସାମନ୍ତରାୟ ମଞ୍ଚାସୀନ ଅତିଥି ଭାବେ ମଞ୍ଚାସିନ ଥାଇ ତାଙ୍କର ଅଭିଭାଷଣ ରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିଥିଲେ। ପ୍ରଥମେ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ପକ୍ଷରୁ ସ୍ୱାଗତ ସଙ୍ଗୀତ ପରିବେଶଣ କରଯାଇଥିଲା ବେଳେବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରତୀକ ପ୍ରିୟରଂଜନ ପରିଡା ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ।ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ମମତା ରାଣୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।ପରେ ଅତିଥି ମାନଙ୍କ ଦ୍ୱାରା ଚଳିତ ବର୍ଷ ବିଦ୍ୟାଳୟର ବିଭିନ୍ନ ବିଭାଗର କୃତିଛାତ ଛାତ୍ରୀମାନଙ୍କୁ ସାର୍ଟିଫିକେଟ ଓ କପ ଦେଇ ପୁରସ୍କୃତ କରାଯାଇଥିଲା।

# ବାଳିକା ବିଦ୍ୟା ନିକେତନର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ନୀଳଗିରି,୨୦।୧୨(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ କେସିପୁର ପଞ୍ଚାୟତ ଅଧିନସ୍ଥ ତରତରୀ ବାଳିକା ବିଦ୍ୟା ନିକେତନ ରେ ୨ ଦିବସୀୟ ବାର୍ଷିକ କ୍ରୀଡା ଉତ୍ସବ ଆଜି ଉଦଯାପିତ ହୋଇ ଯାଇଛି।କାର୍ଯ୍ୟକ୍ରମ ରେ ଡାକ୍ତର ରଞ୍ଜିତ ମହାନ୍ତିଙ୍କ ସଭାପତିତ୍ୱ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ୧୧ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟା ସୁବର୍ଣ୍ଣା ମଞ୍ଜରୀ ସିଂ ଆନୁଷ୍ଠାନିକ ଭାବେ ଯୋଗଦେଇ ମହା ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥ ଙ୍କ ଫୋଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୟୋଳନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଯୁବ ସମାଜସେବୀ ଫ୍ରାନସିସ ବେକାନ ସ, ସ୍ୱତନ୍ତ୍ର ଅତିଥି ଭାବେ ନୀଳଗିରି ସମ୍ବାଦ ପ୍ରତିନିଧି ଲୋକନାଥ ଦଳେଇ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିକାଶ ରଞ୍ଜନ ଜେନା, ଅନ୍ୟତମ ସମ୍ମାନିୟ ଅତିଥି ଭାବେ ପୀଠାହତା ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ତଥା ଉକ୍ତ ବିଦ୍ୟାଳୟଏସ ଏମ ସି କମିଟିର ସଭାପତି



ପ୍ରଭାକର ବାଗୁଡାଇ ,ଏସ ଏମ ସି କମିଟିର ପୂର୍ବତନ ସଭାପତି ଠାକୁରା ମାରାଣ୍ଡି, ଆପୁଣ୍ଡା କ୍ଷେତ୍ର ଅଧିକାରୀ ଡକ୍ଟର ତୁଷାର ରଞ୍ଜନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ପ୍ରତାପ ଚନ୍ଦ୍ର ବେହେରା,ବିଦ୍ୟାଳୟ କମିଟିର ପୂର୍ବତନ ସଦସ୍ୟ ରାଧା ମୋହନ ବେହେରା, ଅତିଥି ଭାବେ ମଞ୍ଚାସିନ ଥାଇ ତାଙ୍କର ଅଭିଭାଷଣ ରେ ଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜଳ କାମନା କରିଥିଲେ। ପରେ ପରେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଗୀତପରିବେଶଣକରଯାଇଥିଲା ।

ଏହା ପରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରୀ ଶଙ୍କର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷକ ମନୋଜ କୁମାର ସି ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ବର୍ଷ ବିଦ୍ୟାଳୟର ୧୫୦ ଛାତ୍ରୀ ଶହେ ମିଟର ଦୌଡ, ଲମ୍ବଡିଆଁ, ଉଚ୍ଚ ଡିଆଁ, ସଟଫୁଟ ଥ୍ରୋ, ଡିସକସ ଥ୍ରୋ, ମିଉଜିକ ଚେୟାର, ଓ କବାଡ଼ି ପ୍ରମୁଖ ଖେଳ ରେ ୨୮ କୃତି ଛାତ୍ରୀଙ୍କୁ ବିଦ୍ୟାଳୟର ଖେଳ ଶିକ୍ଷୟତ୍ରୀ କାଦମ୍ବିନୀ ବିଶ୍ୱାଳ ସାର୍ଟିଫିକେଟ ଓ କପ ଦେଇ ପୁରସ୍କୃତ କରିଥିଲେ।

# ବିଦ୍ୟାଳୟରେ ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ

**ଲାଞ୍ଜିଗଡ଼,୨୦।୧୨(ସଂଚାର ବ୍ୟୋରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କାନକୁଟ୍ଟୁ କ୍ଲଷ୍ଟର ସ୍ଥିତ କାନକୁଟ୍ଟୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ଠାରେ ୫ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି।ପ୍ରଧାନ ଶିକ୍ଷକ ପ୍ରମୋଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ କାର୍ଯ୍ୟକ୍ରମ ପ୍ରାରମ୍ଭରୁ ପ୍ରଥମେ ଉପସ୍ଥିତ ବରେଣ୍ୟ ଅତିଥି ମାନଙ୍କ ଦ୍ୱାରା ଶ୍ରୀ ଗଣେଶଙ୍କ ଫଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଇ ଅତିଥି ମାନଙ୍କୁ ମଞ୍ଚରେ ଉପବେଷନ କରାଯାଇଥିଲା।ଏହାପରେ ସମସ୍ତ ଅତିଥି ମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେର ଯୋଗଦେଇଥିବାବେଳେ ବିଶିଷ୍ଟ ଅତିଥିଭାବେ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ



ସନ୍ତୋଷ କର, ମୁଖ୍ୟ ବକ୍ତା ଭାବେ ଲାଞ୍ଜିଗଡ଼ ପ୍ରେସ କ୍ଲବ ଉପଦେଷ୍ଟା କୈଳାସ ସାହୁ ଯୋଗଦେଇ ଥିଲେ।ସମ୍ମାନିତ ଅତିଥିଭାବେ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ସୁଢ଼ଳଦେବ ମୁଣ୍ଡ ଯୋଗଦେଇଥିବାବେଳେ ସ୍ଥାନୀୟ ସରପଞ୍ଚ ବନମାଳୀ ମାଝୀ, ନାଏବ ସରପଞ୍ଚ ସଂଯୁକ୍ତା ବିଭାର, ବିଦ୍ୟାଳୟ ପରିଚାଳନା ସଭାପତି ବିଷ୍ଣୁ ପ୍ରଧାନୀ, ଜନସାହାଯ୍ୟ ସମ୍ପାଦକ ସୀତା ସାମଲ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଦିଗଦର୍ଶନ ଦେବା ସହ ଉତ୍ସାହିତ କରିଥିଲେ।

# ପଟ୍ଟାମୁଣ୍ଡାଇ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ




**ପଟ୍ଟାମୁଣ୍ଡାଇ, ୨୦।୧୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ କଲେଜର ୫୫ତମ ବାର୍ଷିକ କ୍ରୀଡା ଉଦଯାପିତ ହୋଇଯାଇଛି । ୩ଦିନ ବ୍ୟାପି ଆୟୋଜିତ କ୍ରୀଡା ଉତ୍ସବକୁ ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ପତାକା ହଲାଇ ଉଦଘାଟନ କରିଥିଲେ।

ପଟ୍ଟାମୁଣ୍ଡାଇ କଲେଜ କ୍ରୀଡା ସଂସଦ ଉପସଭାପତି ଅଧ୍ୟାପକ ଅରବିନ୍ଦ ପାଣ୍ଡବ ଓ ଅଧ୍ୟାପକ ଡ଼ ମାନସ ନାୟକ ଅଧ୍ୟାପିକ ପ୍ରଦ୍ୟୁମ୍ନ ପ୍ରଧାନ ଅଧ୍ୟାପିକା ରଶ୍ମିତା ପାଣିଗ୍ରାହୀ, ଦେବସ୍ମିତା ତ୍ରିପାଠୀ ପ୍ରତ୍ୟକ୍ଷ ତତ୍ୱାବଧାନରେ ୧୦୦, ୨୦୦, ୪୦୦, ଓ ୮୦୦ମିଟର ଦୌଡ଼, ସଟପୁଟ,ଡ଼ିସକସ ଥ୍ରୋ, ଜାଭେଲିନ ଥ୍ରୋ, ଲଙ୍ଗ ଜମ୍ପ, ହାଏ ଜମ୍ପ ଆଦି ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କଲେଜ ଅଧକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ଙ୍କ ପୌରହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ରଞ୍ଜି ଟ୍ରଫି ଖେଳାଳି ପୂର୍ବତନ ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍ତମ ଶିକ୍ଷା ଓ କ୍ରୀଡା ଛାତ୍ରଛାତ୍ରୀଙ୍କୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଦେଇଥାଏ ବୋଲି ମତ ପ୍ରକାଶ କରିବା ସହିତ +୨ବାଳକ ଚମ୍ପିୟାନ କରନ କୁମାର ଖୁଣ୍ଟିଆ,+୨ ବାଳିକା ଚମ୍ପିୟାନ ଶୁଭଶ୍ରୀ ଜେନା,+୩ ବାଳକ ଚମ୍ପିୟାନ ଦୁଷ୍ମନ୍ତ ମଲ୍ଲିକ ଓ ବାଳିକା ଚମ୍ପିୟାନ ମାଣ୍ଡୁଇ ସୋଇଙ୍କୁ ଚମ୍ପିୟାନ ଟ୍ରଫି ଓ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ କପ ଓ ପୁରସ୍କାର ବିତରଣ କରିଥିଲେ । କଲେଜ ଅଧକ୍ଷ ପ୍ରଫେସର ପାତ୍ର ସ୍ୱାଗତ ଭାଷଣ ଓ କ୍ରୀଡା ସଂସଦ ଉପସଭାପତି ଅଧ୍ୟାପକ ଅରବିନ୍ଦ ପାଣ୍ଡବ ଅତିଥିପରିଚୟ ପ୍ରଦାନ କରିଥିଲେ। କ୍ରୀଡା ସଂସଦ ଅନ୍ୟତମ ଉପସଭାପତି ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ ବିବରଣୀ ପାଠ କରିଥିଲେ । ଶେଷରେ ଅଧ୍ୟାପିକା ଦେବସ୍ମିତା ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି କ୍ରୀଡା ପ୍ରତିଯୋଗିତାକୁ ପ୍ରାଧାପକ ଡ଼ ରମେଶ କୁମାର ସାହୁ,କ୍ୟାପଟେନ ମନୋଜ ପରିଡା, ପ୍ରମୋଦ ସ୍ୱାଇଁ ସର୍ବେଶ୍ୱର ସାହୁ, ଅଧ୍ୟାପକ ପିଣ୍ଟୁ ପଟେଲ ପ୍ରମୁଖ ପରିଚାଳନା କରିଥିଲେ।




# ରାତିରେ ଶୋଇବା ପୂର୍ବରୁ ଖାଆନ୍ତୁ ଛୋଟ ଅଳେଇଚ



ଅଳେଇଚ ରୋଷେଇ ଘରେ ବ୍ୟବହୃତ ଏକ ବିଶେଷ ମସଲା। ଯାହା କେବଳ ଖାଦ୍ୟର ସ୍ୱାଦ ବୃଦ୍ଧି କରେ ନାହିଁ ବରଂ ଅନେକ ସ୍ୱାସ୍ଥ୍ୟ ଲାଭ ମଧ୍ୟ ପ୍ରଦାନ କରେ। ଆୟୁର୍ବେଦରେ ଏହାକୁ ଔଷଧୀୟ ଗୁଣରେ ଭରପୂର ବୋଲି ବିବେଚନା କରାଯାଏ। ବିଶେଷକରି ଶୋଇବା ପୂର୍ବରୁ ସେବନ କଲେ, ଏହା ଶରୀରରେ ଅନେକ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଆଣିପାରେ। ଅଳେଇଚ ଖାଇବା ଦ୍ୱାରା ନିଦ ଭଲ ହୁଏ, ପାଚନ ଶକ୍ତି ଉନ୍ନତ ହୁଏ, ଚର୍ମ ଚମକ ଆସେ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ।

**ପାଚନ କ୍ରିୟା ଉନ୍ନତ କରେ:** ରାତିରେ ଅଳେଇଚ ଖାଇବା ଦ୍ୱାରା ପାଚନ ଶକ୍ତି ଉନ୍ନତ ହୁଏ। ଏହା ଗ୍ୟାସ୍, ବଦହଜମୀ ଏବଂ ଫୁଲିବାରୁ ମୁକ୍ତି ଦିଏ ଏବଂ ପରଦିନ ସକାଳେ ପେଟ ସଫା କରିବାରେ ସାହାଯ୍ୟ କରେ।

**ନିଦ୍ରାରେ ଉନ୍ନତି:** ଅଳେଇଚରେ ପ୍ରାକୃତିକ ଶାନ୍ତକାରୀ ଉପାଦାନ ରହିଛି ଯାହା ମାନସିକ ଚାପ ହ୍ରାସ କରେ। ଏହା ଗଭୀର ଏବଂ ଆରାମଦାୟକ ନିଦକୁ ପ୍ରୋତ୍ସାହିତ କରେ।

**ମୁଖ ଦୁର୍ଗନ୍ଧ ଦୂର କରେ:** ଚୋରି ମୁଖ ଦୁର୍ଗନ୍ଧ ଦୂର କରେ ଏବଂ ମୁଖ ଜୀବାଣୁ ମୁକ୍ତ ରଖେ। ଏହା ଆପଣଙ୍କୁ ସକାଳେ ସତେଜ ଅନୁଭବ କରାଏ।

**ଓଜନ ହ୍ରାସ କରିବାରେ ସାହାଯ୍ୟ କରେ:** ଏହା ମେଟାବୋଲିଜିମ୍ ତ୍ୱରାନ୍ୱିତ କରେ, ଯାହା ଶରୀରର ଚର୍ବି-ଜଳାଇବା କ୍ଷମତା ବୃଦ୍ଧି କରେ ଏବଂ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ।

**ଶର୍କରା ସ୍ତର ନିୟନ୍ତ୍ରଣ କରେ:** ଅଳେଇଚ ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ। ଏହା ରକ୍ତ ଶର୍କରା ସ୍ତର ସନ୍ତୁଳିତ କରିବାରେ ସାହାଯ୍ୟ କରେ।

**ଚର୍ମକୁ ଉଜ୍ଜ୍ୱଳ ଏବଂ ସୁସ୍ଥ କରିଥାଏ:** ଅଳେଇଚ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରି ଚର୍ମକୁ ସଫା, ଉଜ୍ଜ୍ୱଳ ଏବଂ ଯୁବା କରିଥାଏ ।

**କେଶକୁ ମଜବୁତ କରିଥାଏ:** ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ପୁଷ୍ଟିକର ତତ୍ତ୍ୱ କେଶ ମୂଳକୁ ପୋଷଣ କରିଥାଏ, କେଶ ଝଡ଼ିବା ହ୍ରାସ କରିଥାଏ ଏବଂ ଘନ କରିଥାଏ।

**ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିଥାଏ:** ପ୍ରତି ରାତିରେ କଞ୍ଚାଲଙ୍କା ଖାଇବା ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିଥାଏ ଏବଂ ଥଣ୍ଡା ଏବଂ କାଶ ଭଳି ଋତୁକାଳୀନ ରୋଗକୁ ରୋକିଥାଏ। ଶୋଇବା ପୂର୍ବରୁ ଛୋଟ ଅଳେଇଚ ଖାଇବା କେବଳ ଏକ ସୁସ୍ଥ ଅଭ୍ୟାସ ନୁହେଁ, ବରଂ ଅନେକ ସ୍ୱାସ୍ଥ୍ୟ ସମସ୍ୟାର ଏକ ସହଜ ଏବଂ ପ୍ରାକୃତିକ ସମାଧାନ ମଧ୍ୟ।



# ପୋଷକ ତତ୍ତ୍ୱରେ ଭରପୂର ପିଜୁଳି

ପିଜୁଳି କେବଳ ଏକ ଫଳ ନୁହେଁ ବରଂ ଏକ ସୁପରଫୁଡ୍, ଯାହା ଅନେକ ସ୍ୱାସ୍ଥ୍ୟ ଉପକାରିତାରେ ପରିପୂର୍ଣ୍ଣ। ଏଥିରେ ଭିଟାମିନ୍ 'ସି', ଡାଏଟାରୀ ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ଏବଂ ଏଥିରେ ପୋଟାସିୟମ, ଭିଟାମିନ୍ 'ଏ' ଏବଂ ଅତ୍ୟାବଶ୍ୟକ ମିନେରାଲସ ମଧ୍ୟ ଥାଏ ଯାହା ହୃଦୟ ସ୍ୱାସ୍ଥ୍ୟ, ଗ୍ଲୋଇଂ ସ୍କିନ୍ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ତେବେ ଆସନ୍ତୁ ଜାଣିବା ପିଜୁଳିରେ କେତେ ନ୍ୟୁଟ୍ରିସନ୍ ଅଛି ଏବଂ ଏହାକୁ ଖାଇବା ଦ୍ୱାରା କ'ଣ ଲାଭ ହୋଇଥାଏ ? ଯୁକ୍ତରାଷ୍ଟ୍ର ଆମେରିକାର କୃଷି ବିଭାଗ (ୟୁଏସଡିଏ) ତଥ୍ୟ ଅନୁଯାୟୀ, ଗୋଟିଏ ପିଜୁଳି ପ୍ରାୟ ୧୦୦ ଗ୍ରାମ। ଏଥିରେ ୬୮ କ୍ୟାଲୋରୀ, ୧୪.୩୨ ଗ୍ରାମ କାର୍ବସ, ୮.୯୨ ଗ୍ରାମ ସୁଗାର, ୫.୪ ଗ୍ରାମ ଡାଏଟାରୀ ଫାଇବର, ୨.୫୫ ଗ୍ରାମ ପ୍ରୋଟିନ, ୦.୯୫ ଗ୍ରାମ ଫ୍ୟାଟ୍, ୪୧୭ ମିଲିଗ୍ରାମ ପୋଟାସିୟମ, ୨୨୮.୩ ମିଲିଗ୍ରାମ ଭିଟାମିନ୍ 'ସି' ଅଛି।

**ଇମ୍ୟୁନିଟି ସିଷ୍ଟମକୁ ତ୍ୱରାନ୍ୱିତ କରେ:** ପିଜୁଳି ଭିଟାମିନ୍ ସି ରେ ଭରପୂର। ଇମ୍ୟୁନିଟି ସିଷ୍ଟମକୁ ମଜବୁତ କରିଥାଏ ଏବଂ ଶରୀରକୁ ସଂକ୍ରମଣ ଏବଂ ଥଣ୍ଡା ସହିତ ଲଢିବାରେ ସାହାଯ୍ୟ କରେ।

**ହଜମ ପ୍ରକ୍ରିୟାରେ ଉନ୍ନତି ଆଣେ:** ବିଶେଷଜ୍ଞଙ୍କ ଅନୁଯାୟୀ, ପିଜୁଳିରେ ଡାଏଟାରୀ ଫାଇବର ଅଧିକ ଥାଏ ଯାହା ହଜମ କରିବାରେ ସାହାଯ୍ୟ କରେ, କୋଷ୍ଠକାଠିନ୍ୟକୁ ରୋକିଥାଏ ଏବଂ ନିୟମିତ ଅନ୍ତନଳୀକୁ ବଢାଇଥାଏ।

**ବ୍ଲଡ଼ ସୁଗାରକୁ ନିୟନ୍ତ୍ରଣ କରେ:** ପିଜୁଳିରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥାଏ ଏବଂ ଏହା ବ୍ଲଡ଼ ସୁଗାର ଲେବଲକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ, ଯାହା ଡାଇବେଟିସ ରୋଗୀଙ୍କ ପାଇଁ ଏକ ଉତ୍ତମ ଫଳ ଅଟେ। ଯେଉଁମାନେ ବ୍ଲଡ଼ ସୁଗାର ଲେବଲକୁ ନିୟନ୍ତ୍ରଣ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ଏହା ମଧ୍ୟ ଏକ ଉତ୍ତମ ବିକଳ୍ପ।

**ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ:** ପିଜୁଳି ଆଣ୍ଟିଅକ୍ସିଡାଣ୍ଟ, ପୋଟାସିୟମ୍ ଏବଂ ଦ୍ରବଣୀୟ ଫାଇବରରେ ଭରପୂର, ଯାହା ଖରାପ କୋଲେଷ୍ଟ୍ରଲକୁ ହ୍ରାସ କରିବାରେ ଏବଂ ସୁସ୍ଥ ବ୍ଲଡ଼ ପ୍ରେସର ଲେବଲକୁ ବଜାୟ ରଖିବାରେ ସାହାଯ୍ୟ କରେ।

**ତ୍ୱଚାର ଚମକ ପାଇଁ ଲାଭଦାୟକ:** ପିଜୁଳିରେ ଥିବା ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟ ଫ୍ରି ରେଡିକାଲ୍ ସହିତ ଲଢ଼ିବାରେ, ବ୍ରଣ କମ୍ କରିବାରେ ଏବଂ ସୁନ୍ଦର ସ୍କିନ୍ ପାଇଁ କୋଲାଜେନ୍ ପ୍ରଡକ୍ସନ କରିବାରେ ସାହାଯ୍ୟ କରେ।

**ଆଖି ପାଇଁ ଲାଭଦାୟକ:** ପିଜୁଳିରେ ଭିଟାମିନ୍ ଏ ମଧ୍ୟ ଭରପୂର, ଯାହା ଆଖିକୁ ସୁରକ୍ଷା ଦେଇଥାଏ।

# ୪୦ ବର୍ଷ ପରେ ମହିଳାଙ୍କର କାହିଁକି ଅଧିକ କେଶ ଝଡ଼େ ?



ପୁରୁଷ ହେଉ କି ମହିଳା, କେଶ ଝଡ଼ିବା ଏକ ସାଧାରଣ ସମସ୍ୟା। ତଥାପି ୪୦ ବର୍ଷ ବୟସ ପରେ ମହିଳାମାନଙ୍କର କେଶ ଝଡ଼ିବାର ସମ୍ଭାବନା ଅଧିକ ରହିଥାଏ। ଅନେକ କ୍ଷେତ୍ରରେ, ଏହା ଅନିୟନ୍ତ୍ରିତ। ଡାକ୍ତରଙ୍କ କହିବା ଅନୁସାରେ, ୪୦ ବର୍ଷ ବୟସ ପରେ କେଶ ଝଡ଼ିବାର ଅନେକ କାରଣ ଅଛି। ସବୁଠାରୁ ସାଧାରଣ କାରଣ ହେଉଛି କିଛି ମହିଳା ଏହି ବୟସ ପରେ ମେନୋପଜ୍ ଅନୁଭବ କରନ୍ତି। ଏହା ଅନେକ ହରମୋନର ଅଭାବ ସୃଷ୍ଟି କରେ, ଯାହା କେଶ ଝଡ଼ିପାରେ। ଲୌହ, ଭିଟାମିନ୍ ଡି ଏବଂ ବାୟୋଟିନର ଅଭାବ ମଧ୍ୟ କେଶ ଝଡ଼ିପାରେ। ମାନସିକ ଚାପ ମହିଳାମାନଙ୍କ ମଧ୍ୟରେ କେଶ ଝଡ଼ିବାର ଏକ ପ୍ରମୁଖ କାରଣ। ସାମ୍ପ୍ରତିକ ବର୍ଷଗୁଡ଼ିକରେ ମାନସିକ ଚାପ ଯୋଗୁଁ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଉଛି, ଯାହା କେଶକୁ ପ୍ରଭାବିତ କରୁଛି। ମାନସିକ ଚାପ କେଶ ବୃଦ୍ଧିରେ ବାଧା ସୃଷ୍ଟି କରେ, ଯାହା କେଶ ଝଡ଼ିବାର କାରଣ ହୁଏ। କିଛି କ୍ଷେତ୍ରରେ, ଅଟୋଇମ୍ମ୍ୟୁନ୍ ରୋଗ ମଧ୍ୟ କେଶ ଝଡ଼ିବାର ଏକ କାରଣ। ଏହି ରୋଗଗୁଡ଼ିକର କୌଣସି ଚିକିତ୍ସା ନାହିଁ, ତେଣୁ ଏଗୁଡ଼ିକ ଲଗାତାର କେଶ ଝଡ଼ିବାର କାରଣ ହୁଏ। କିଛି ମହିଳାଙ୍କ କ୍ଷେତ୍ରରେ, ଥାଇରଏଡ୍ ରୋଗ କିମ୍ବା ମଧୁମେହ ଯୋଗୁଁ ମଧ୍ୟ କେଶ ଝଡ଼ିପାରେ। ଏପରି କ୍ଷେତ୍ରରେ, ଥାଇରଏଡ୍ ଏବଂ ମଧୁମେହକୁ ନିୟନ୍ତ୍ରଣ କରିବା ଦ୍ୱାରା କେଶ ଝଡ଼ି ନିୟନ୍ତ୍ରଣ କରାଯାଇପାରିବ। ଯଦି କୌଣସି ମହିଳାଙ୍କର ଅଟୋଇମ୍ମ୍ୟୁନ୍ ରୋଗ କିମ୍ବା ଜେନେଟିକ୍ କାରଣ ଯୋଗୁଁ କେଶ ଝଡ଼ିଥାଏ, ତେବେ ଏହାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା କଷ୍ଟକର। ଅନ୍ୟ କ୍ଷେତ୍ରରେ, କେଶ ଝଡ଼ିବାକୁ ରୋକାଯାଇପାରିବ। ପ୍ରୋଟିନ୍, ଲୌହ ଏବଂ ଭିଟାମିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। କେଶ ବୃଦ୍ଧି ପାଇଁ ଭିଟାମିନ୍ ଡି ଯୁକ୍ତ ଖାଦ୍ୟ ଖାଆନ୍ତୁ ଯେପରିକି ଛତୁ। ପ୍ରଚୁର ପାଣି ପିଅନ୍ତୁ। ମାନସିକ ଚାପକୁ ଏଡନ୍ତୁ ଏବଂ ଏହାକୁ ରୋକିବା ପାଇଁ ପ୍ରତିଦିନ ଯୋଗ ଅଭ୍ୟାସ କରନ୍ତୁ। ମୁଣ୍ଡର ମସାଜ୍ କରନ୍ତୁ।

# ଶୀତଦିନେ ଶରୀର ପାଇଁ ଉପକାରୀ ମୂଳା

ଶୀତ ଋତୁରେ ବହୁତ ପ୍ରକାରର ପନିପରିବା ମିଳିଥାଏ। ଏହି ଋତୁରେ ପନିପରିବା ବହୁତ ଶସ୍ତା ହୋଇଯାଏ। ଏହାସହ ଏହାର ଦର ମଧ୍ୟ କମ୍ ହୋଇଥାଏ। ଯାହାକୁ କିଣିବା ପାଇଁ କୌଣସି କଷ୍ଟ ହୋଇ ନଥାଏ। କିଛି ଲୋକ ଅଛନ୍ତି ଯେଉଁମାନଙ୍କୁ ପନିପରିବା ଖାଇବାକୁ ପସନ୍ଦ କରନ୍ତି ନାହିଁ। ହେଲେ ଜାଣି ପାରି ନଥାନ୍ତି ଯେ ଯଦି ପନିପରିବା ନଖାଇବା ତାହେଲେ ଆମ ଶରୀରରେ ବହୁତ ପ୍ରକାର ସମସ୍ୟା ଦେଖାଦେବ। ବିଶେଷ କରି ଶୀତଦିନରେ ମାର୍କେଟରେ ମୂଳା ବହୁତ ମାତ୍ରାରେ ମିଳିଥାଏ। ମୂଳାକୁ ପ୍ରତ୍ୟେକ ଘରେ ବିଭିନ୍ନ ଉପାୟରେ ବ୍ୟବହାର କରାଯାଏ। ସେ ଭଜା ହେଉ କି ଡାଲମା, ସବୁ ଖାଦ୍ୟର ସ୍ୱାଦକୁ ମୂଳା ବଢ଼ାଇ ଦେଇଥାଏ। କିଛି ଲୋକ ଏହାକୁ ସାଲାଡ୍ ଭାବେ ଖାଉଥିବାବେଳେ ଆଉ କିଛି ଲୋକ ମୂଳା ଖାଇବାକୁ ପସନ୍ଦ କରିନଥାନ୍ତି। ଏଥିରେ ଅନେକ ଔଷଧୀୟ ଗୁଣ ରହିଛି। ଯାହା ପେଟର ଗ୍ୟାସ୍ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ। ମୂଳାରେ ବହୁ ମାତ୍ରାରେ ଭିଟାମିନ ସି, ଭିଟାମିନ୍ ବି୬,ମ୍ୟାଗ୍ନେସିୟମ୍,ଫସଫରସ୍,ଆଇରନ୍, କ୍ୟାଲସିୟମ୍ ସମେତ ଅନେକ ପୁଷ୍ଟିକର ତତ୍ତ୍ୱ ପ୍ରଚୁର ପରିମାଣରେ ରହିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ମୂଳା ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରିପାରିବ। ପୁଷ୍ଟିକର ତତ୍ତ୍ୱରେ ଭରପୂର ମୂଳାକୁ ଆପଣଙ୍କ ଶୀତକାଳୀନ ଖାଦ୍ୟରେ ସଠିକ୍ ପରିମାଣରେ ଏବଂ ସଠିକ୍ ଉପାୟରେ ସାମିଲ କରିବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇପାରିବ। ତେବେ ଆସନ୍ତୁ ଏହା କେଉଁ ଭଳି ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରେ ସେ ସମ୍ପର୍କରେ ଜାଣିବା।



**ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ:** ମୂଳା ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। କୋଷ୍ଠକାଠିନ୍ୟ ଦୂର କରିବା ପାଇଁ ମୂଳା ସେବନ କରିବା ଉତ୍ତମ ବିକଳ୍ପ ଅଟେ। ମୂଳା ଖାଇବା ଦ୍ୱାରା ରକ୍ତକୁ ମଧ୍ୟ ପରିଷ୍କାର କରିବାରେ ସାହାଯ୍ୟ କରିଥାଏ। ତେଣୁ ଏହି ସବୁ ସମସ୍ୟା ପାଇଁ ଏହା ପ୍ରଭାବଶାଳୀ ବୋଲି ପ୍ରମାଣିତ ହୋଇ ଆସୁଛି।

**ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ:** ଶୀତ ଦିନରେ ଶରୀର ବହୁତ ଦୁର୍ବଳ ହୋଇଥାଏ, ଯାହା ଫଳରେ ଅନେକ ରୋଗ ଆକ୍ରାନ୍ତ କରିଥାଏ। ଏହିପରି ସ୍ଥିତିରେ ଆପଣଙ୍କୁ ଭିଟାମିନ ସି' ରେ ଭରପୂର ମୂଳା ଖାଇବା ନିହାତି ଆବଶ୍ୟକ। ଯାହାକୁ ଖାଇଲେ ଅନେକ ରୋଗ ଦୂର ହୋଇଥାଏ ଏବଂ ସ୍ୱାସ୍ଥ୍ୟ ଭଲ ରହିଥାଏ। ଏହାସହ ଥଣ୍ଡା-କାଶ ଭଳି ସମସ୍ୟା ମଧ୍ୟ ଦୂର ହୋଇଥାଏ। ମୂଳାରେ ବିଶେଷ କଥା ହେଉଛି ଯେ ସେ ଖାଲି ସ୍ୱାସ୍ଥ୍ୟ ନୁହେଁ ବରଂ ତ୍ୱଚାରେ ମଧ୍ୟ ଉନ୍ନତି ଆଣିଥାଏ।

**ଓଜନ ନିୟନ୍ତ୍ରଣ କରେ:** ମୂଳା ଅନେକ ଗୁଣରେ ଭରପୂର। ମୂଳା ଖାଇବା ଦ୍ୱାରା ଓଜନ କମ୍ ହୋଇଥାଏ। ଏହା ସହ ଅନେକ ସମସ୍ୟାରୁ ମଧ୍ୟ ମକ୍ତି ଦେଇଥାଏ।

**ଡାଇବେଟିସକୁ ଦୂର କରେ:** ଏହା ଏମିତି ଏକ ପରିବା ଯାହା ଡାଇବେଟିସ୍ ରୋଗୀଙ୍କ ପାଇଁ ବେଷ୍ଟ ହୋଇଥାଏ। ରକ୍ତ ଶର୍କରା ନିୟନ୍ତ୍ରଣ କରିବା ପାଇଁ ମୂଳା ଖାଇବା ନିହାତି ଆବଶ୍ୟକ। ଏଥିରେ ଥିବା ଗୁଣ ଡାଇବେଟିସଠାରୁ ରକ୍ଷା କରିଥାଏ। ଆପଣ ଏହାକୁ ସେବନ କରିବା ଦ୍ୱାରା ଆପଣଙ୍କଠାରେ ସକରାତ୍ମକ ପ୍ରଭାବ ଦେଖିବାକୁ ପାଇବେ। ଋତୁ ଅନୁସାରେ ପରିବା ଖାଇବାର ଅଭ୍ୟାସ କରନ୍ତୁ। ଯାହା ଆପଣଙ୍କୁ ସୁସ୍ଥ ରଖିବାରେ ସାହାଯ୍ୟ କରିବ। ତେଣୁ ଆପଣଙ୍କ ଖାଇବା ଲିଷ୍ଟରେ ମୂଳାକୁ ସାମିଲ କରନ୍ତୁ।

# ଟ୍ରାଇଗ୍ଲିସେରାଇଡ୍ ବୃଦ୍ଧିକୁ ନେଇ ଚିନ୍ତିତ କି ?

ଯଦି ଉଚ୍ଚ ଟ୍ରାଇଗ୍ଲିସେରାଇଡ୍ ସମସ୍ୟାର ତୁରନ୍ତ ସମାଧାନ କରାନଯାଏ, ତେବେ ଗମ୍ଭୀର ଏବଂ ମାରାତ୍ମକ ହୃଦରୋଗର ଆଶଙ୍କା ବହୁଗୁଣିତ ହୋଇପାରେ। ଉଚ୍ଚ ଟ୍ରାଇଗ୍ଲିସେରାଇଡ୍ ହ୍ରାସ କରିବା ପାଇଁ ଖାଦ୍ୟରେ କିଛି ପୁଷ୍ଟିକର ଯୁକ୍ତ ଖାଦ୍ୟ ଅନ୍ତର୍ଭୁକ୍ତ କରିପାରିବେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଯଦି ସଠିକ ପରିମାଣରେ ଏବଂ ସଠିକ୍ ଉପାୟରେ ଆପଣଙ୍କ ଖାଦ୍ୟ ଯୋଜନାରେ କିଛି ସୁପରଫୁଡ୍ ଅନ୍ତର୍ଭୁକ୍ତ କରନ୍ତି, ତେବେ ଉଚ୍ଚ ଟ୍ରାଇଗ୍ଲିସେରାଇଡ୍ ସମସ୍ୟାକୁ ଦୂର କରାଯାଇପାରିବ।



ଚଣାରେ ଥିବା ବିଭିନ୍ନ ପୋଷକ ତତ୍ତ୍ୱ ଟ୍ରାଇଗ୍ଲିସେରାଇଡକୁ ନିୟନ୍ତ୍ରଣ କରିବାରେ ପ୍ରଭାବଶାଳୀ ହୋଇପାରେ। ଉଚ୍ଚ ଟ୍ରାଇଗ୍ଲିସେରାଇଡ୍ ହ୍ରାସ କରିବା ପାଇଁ ମସୁର ଡାଲିକୁ ମଧ୍ୟ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ମସୁରଡାଲିରେ ଅଧିକ ପରିମାଣର ପ୍ରୋଟିନ୍ ଏବଂ ଫାଇବର ଥାଏ। ପାଳଙ୍ଗ ଏବଂ ଓକରା ପରି ପନିପରିବା ମଧ୍ୟ ଏହି ସମସ୍ୟାକୁ ଦୂର କରିବାରେ ସହାୟକ ହୋଇପାରେ। ଶୁଖିଲା ଫଳ ଆପଣଙ୍କ ସାମଗ୍ରିକ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇପାରେ। ପୁଷ୍ଟିକର ବାଦାମ ଟ୍ରାଇଗ୍ଲିସେରାଇଡ୍ ହ୍ରାସ କରିବାରେ ପ୍ରଭାବଶାଳୀ ହୋଇପାରେ। ଦୈନନ୍ଦିନ ଖାଦ୍ୟରେ ଓଟ୍ସ ମଧ୍ୟ ଅନ୍ତର୍ଭୁକ୍ତ କରିପାରିବେ। ଟ୍ରାଇଗ୍ଲିସେରାଇଡ୍ ନିୟନ୍ତ୍ରଣ କରିବାକୁ ସୀମିତ ପରିମାଣରେ ଅଳସୀ ବିହନ ମଧ୍ୟ ଖାଇବା ଆରମ୍ଭ କରିପାରିବେ। ଔଷଧୀୟ ଗୁଣରେ ଭରପୂର ହଳଦୀ ଟ୍ରାଇଗ୍ଲିସେରାଇଡ୍ ହ୍ରାସ କରିବାକୁ ବ୍ୟବହାର କରାଯାଇପାରିବ। ହଳଦୀକୁ ହୃଦୟ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ଭିଜା, ଫାଇବର ଯୁକ୍ତ ମେଥି ବିହନ ଖାଇବା ଟ୍ରାଇଗ୍ଲିସେରାଇଡ୍ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିପାରେ।

## ପୋଲ ତଳକୁ ଖସିଲା ବୋଲେରୋ: ୬ ଗୁରୁତର

**ବାରିପଦା,୨୦।୧୨(ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତ୍ରିରେ ମୟୁରଭଞ୍ଜ ଜିଲ୍ଲା ରସଗୋବିନ୍ଦପୁର ଥାନା ଅନ୍ତର୍ଗତ ନଳଗଜା ପାଖରେ ଏକ ପୋଲ ତଳକୁ ପାଖା ପାଖୀ ଚାଳିଶ ଫୁଟ ତଳକୁ ଏକ ବୋଲେରୋ ଗାଡି ଭରସାମ୍ୟ ହରାଇ ଖସିପଡିଅଛି। ଫଳରେ ଗାଡ଼ିରେ ଥିବା ଲୋକଙ୍କ ମଧ୍ୟରୁ ଛଅ ଜଣ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ସାମାନ୍ୟ ଆହତ ହୋଇଛନ୍ତି। ଖବର ନେବାରୁ ଜଣା ପଡିଅଛି ଯେ ଗତକାଲି ରାତ୍ରିରେ ପଶ୍ଚିମବଙ୍ଗ ରାଜ୍ୟର ଗୋପୀବଲବପୁର ଅଞ୍ଚଳରୁ ଆଠ ଜଣ ବାହାଘର ଭୋଜି ଖାଇବାକୁ ଝାଟିଅଡା ଗ୍ରାମକୁ ଆସୁଥିବାବେଳେ ଏହି ଘଟଣା ଘଟିଅଛି। ଡ୍ରାଇଭର ଗାଡି ଉପରୁ ଡେଇଁ ପଡିଥିବା ଯୋଗୁଁ ସେପରି ବିଶେଷ ଆହତ ହୋଇନଥିବାର ସୂଚନା ମିଳିଅଛି। ଏହି ଘଟଣା ସମୟରେ ପାଖା ପାଖୀ ଲୋକମାନେ ଖୁବ ଜୋର ଶବ୍ଦ ଶୁଣି ଘଟଣା ସ୍ଥଳକୁ ଦୌଡ଼ିଥିଲେ। ସଙ୍ଗେ ସଙ୍ଗେ ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନା ରେ ଭର୍ତ୍ତି କରାଯାଇଅଛି। ପୋଲିସ ଖବର ପାଇ ଘଟଣା ସ୍ଥଳକୁ ଯାଇ ତଦନ୍ତ କରୁଅଛି ।

## ଦର୍ଲିପାଲିରେ ଏକଦିବସୀୟ ଜୁନିଅର ରେଡକ୍ରସ ପରାମର୍ଶଦାତା ତାଲିମ ଶିବିର



**ସୁନ୍ଦରଗଡ଼,୨୦।୧୨(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ ଦର୍ଲିପାଲି ଠାରେ ଏକ ଦିବସୀୟ ଜୁନିଅର ରେଡକ୍ରସ ପରାମର୍ଶଦାତା ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପଟେଲଙ୍କ ଦ୍ଵାରା ପତାକା ଉତ୍ତୋଳନ କରାଯାଇଥିଲା। ବିଭିନ୍ନ ବିଭାଗରେ ତାଲିମ ଦାୟିତ୍ଵ ନେଇଥିଲେ, ଜେଆରସି ଇତିହାସ ଏବଂ ପ୍ରାଥମିକ ଚିକିତ୍ସା ତାଲିମ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ତରଫରୁ ଜେଆରସିଓ ଅନିଲ କୁମାର ପାଣିଗ୍ରାହୀ, ରେଡକ୍ରସ ପତାକା ଉତ୍ତୋଳନ ତାଲିମ ପାଇଁ ସଦର ମହକୁମାର ସଂଯୋଜକ ବିଜୟଲକ୍ଷ୍ମୀ ନାଏକ, ବିପତ୍ତି ବିପର୍ଯ୍ୟୟ ପରିଚାଳନା ପାଇଁ ମାଷ୍ଟର ଟ୍ରେନର ହରେକୃଷ୍ଣ ମହାଲିଙ୍ଗ ଓ ଏଚଆଇଭି ଓ ରୋଡ ସେଫ୍ଟୀ ପାଇଁ ମାଷ୍ଟର ଟ୍ରେନର ଅନନ୍ତ କୁମାର କୁଆ ତାଲିମ ଦାୟିତ୍ଵ ତୁଲାଇ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଟାଙ୍ଗରପାଲି,ଲେଫ୍ରୀପଡା ଓ ହେମଗିରି ବ୍ଲକ ପ୍ରତ୍ୟେକ ବିଦ୍ୟାଳୟର ରେଡକ୍ରସ କାଉନସିଲର ମାନେ ଯୋଗ ଦେଇ ଥିଲେ।

## ଜିଲ୍ଲାପାଳଙ୍କ ବନ୍ଦର ଅଞ୍ଚଳ ପରିଦର୍ଶନ



**ବାଲିକୁଦା,୨୦।୧୨(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅଧୀନ ବଙ୍ଗୋପ ସାଗର ତଟବର୍ତ୍ତୀ କୁସୁପୁର ଗ୍ରାମ ପଞ୍ଚାୟତର ବନ୍ଦର ଏକ ପର୍ଯ୍ୟଟନ ସ୍ଥଳୀ ଭାବ ପରିଚିତ। ଏହି ବନ୍ଦର ଅଞ୍ଚଳ କୁ ଜଗତସିଂହପୁର ଜିଲ୍ଲା ବାସୀଙ୍କ ତରଫରୁ ଇକୋ ଟୁରିଜିମ ମାନ୍ୟତା ଦେବା ପାଇଁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ନିକଟରେ ଦୀର୍ଘଦିନ ରୁ ଦାବି ହୋଇ ଆସୁଥିବା ବେଳେ, ଆଜି ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲ, ଏବଂ ସ୍ଥାନୀୟ ବିଧାୟକ ସାରଦା ପ୍ରସାଦ ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ସ୍ଥାନୀୟ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ବନ୍ଦର ଅଞ୍ଚଳ ଟି ବଙ୍ଗୋପସାଗର ଏବଂ ଦେବୀ ନଦୀ ମୁହାଣ ସଂଲଗ୍ନ ରେ ଅବସ୍ଥିତ। ଏହାକୁ ଲାଗି ନଡ଼ିଆଖିଆ ଦ୍ୱୀପାଞ୍ଚଳ ଅବସ୍ଥିତ। ଯାହାକୁ ଏକ ପ୍ରକୃତ ର ଅବଦାନ ବୋଲି କୁହାଯାଏ। ସେହି ପରିବ୍ୟାପ୍ତ ଅଞ୍ଚଳ କୁ ଜିଲ୍ଲା ପାଳ ସ୍ଥାନୀୟ ବିଧାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା, ସମେତ ବାଲିକୁଦା ବ୍ଲକ ର ବିଡ଼ିଓ ସାଗର କୁମାର ନନ୍ଦ, ତହସିଲଦାର ବିକାଶ ଦାସ, ଜିଲ୍ଲା ପରିଷଦ ମେମ୍ବର ତଟୀନା ସ୍ବାଇଁ, ସ୍ଥାନୀୟ ସରପଞ୍ଚ ସମେତ, ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ର ପଦାଅଧିକାରୀ ମାନେ ବୋଟ ଯୋଗେ ଟୁରିଜିମ ପାଇଁ ପ୍ରଯୁଜ୍ୟ ଅଞ୍ଚଳ ପରିଦର୍ଶନ କରିଥିଲେ। ଜିଲ୍ଲା ପ୍ରଶାସନର ଏହି ଗ୍ରସ୍ତ କୁ ସ୍ଥାନୀୟ ଅଞ୍ଚଳ ସ୍ୱାଗତ କରିବା ସହ ଦୀର୍ଘଦିନର ଇକୋ ଟୁରିଜିମ ମାନ୍ୟତା ଦାବି ପୂରଣ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଅଛି।

## ହାଇସ୍କୁଲର ରଜତ ଜୟନ୍ତୀ ଉଦ୍‌ଘାଟିତ

**ନର୍ଲା,୨୦।୧୨(ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସରିଆଁର ରଜତ ଜୟନ୍ତୀ ମହାସମାରୋହରେ ଉଦଘାଟିତ ହୋଇଯାଇଛି। ପୂର୍ବତନ ଛାତ୍ର ସଂସଦ ସଭାପତି ଓମପ୍ରକାଶ ଛତ୍ରିଆଙ୍କ ଅଧକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦେଇ ସମାରୋହର ଶୁଭ ଉଦଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ମୁଖ୍ୟ ବକ୍ତା ଭାବେ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନି, ସମ୍ମାନିତ ଅତିଥି ଭାବେ ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ବୈଦ୍ୟରାଜ ପବିତ୍ର ଶବର ମଞ୍ଚାସୀନ ଥିଲେ। ପୁରାତନ ଛାତ୍ର ମିହିର କୁମାର ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାଧୁରାମ ଭୋଇ ବିବରଣୀ ପଠନ କରିଥିଲେ। ଏହି ଅବସରରେ ସ୍ମରଣିକା 'ନମାମି' ଉନ୍ମୋଚିତ ହୋଇଥିଲା। ପ୍ରତିଷ୍ଠାତା କମିଟିର ସଦସ୍ୟ ଏବଂ ବ୍ୟାଚ୍ ଟପର ମାନଙ୍କୁ ସମ୍ମାନୀତ କରାଯାଇଥିଲା।

# କଳାହାଣ୍ଡିରେ ମନ୍ଥର ଗତିରେ ଚାଲିଛି ଧାନକିଣା

**ଭବାନୀପାଟଣା,୨୦।୧୨(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାରେ ଧାନର ଅଭାବୀ ବିକ୍ରି ଦେଖିବାକୁ ମିଳିଛି। ଜିଲାରେ ଗତ ନଭେମ୍ବର ୨୯ରୁ ଖରିଫ ଧାନ ପାଇଁ ମଣ୍ଡି ଶୁଭାରମ୍ଭ ହୋଇଥିଲା। ଇତିମଧ୍ୟରେ ୨୦ ଦିନ ବିତିଯାଇଥିଲେ ମଧ ଜିଲାର ସମସ୍ତ ମଣ୍ଡି ଖୋଲି ପାରିନାହିଁ। ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ଜିଲା ଯୋଗାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାରେ ଗୁରୁବାର ସୁଦ୍ଧା ୭୪୬୪ ଜଣ ଚାଷୀ ୩ଲକ୍ଷ ୫୦ ହଜାର ୪୧୮ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। କେବଳ ଗୁରୁବାର ଗୋଟିଏ ଦିନରେ ୧୯୮୭ ଜଣ ଚାଷୀଙ୍କ ୯୨ ହଜାର ୮୭କୁଇଣ୍ଟାଲ ଧାନ ଉଠାଣ ହୋଇଛି। ଗତବର୍ଷ ଏହି ତାରିଖରେ



୧୦ ହଜାର ୩୬୬ ଚାଷୀ ୪ଲକ୍ଷ ୭୬ ହଜାର ୧୨ କୁଇଣ୍ଟାଲ ଧାନ ବିକ୍ରି କରି ସାରିଥିଲେ। ଏହି ତଥ୍ୟକୁ ଦେଖିଲେ ଗତ ବର୍ଷଠାରୁ ବହୁ ପଛରେ ଧାନ କ୍ରୟ ଚାଲିଛି। ବର୍ତ୍ତମାନ ଜିଲାର ୨୩୦ଟି ମଣ୍ଡିରୁ ୨୦୦ଟି ଖୋଲିଥିବାବେଳେ ୮୩ ମିଲର୍ସରୁ ୭୪ଜଣ ଚୁକ୍ତିନାମା କରିଛନ୍ତି। ଜିଲାକୁ ପ୍ରଥମ ପର୍ଯ୍ୟାୟରେ ୩୬ ଲକ୍ଷ ୫୮ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ ଆସିଛି। ବର୍ତ୍ତମାନ ଜିଲାରେ ଅନେକ ଚାଷୀ ଧାନ ଅମଳ କରି ଖଳାରେ ଓ ମଣ୍ଡିରେ ରଖିଛନ୍ତି। କେବେ ମଣ୍ଡି ଚାଲିବ ଓ ଚାଷୀଙ୍କ ଧାନ ଉଠିବ ତାହା ଦେଖିବାକୁ ବାକି ରହିଲା। ଅନ୍ୟପକ୍ଷରେ ଧାନ କିଣା ମନ୍ଥର ତଥା ଅବ୍ୟସ୍ଥାକୁ ନେଇ ଶୁକ୍ରବାର ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଜୁନାଗଡ଼ ବ୍ଲକର ବିଭିନ୍ନ ମଣ୍ଡି ପରିଦର୍ଶନ କରି ଧାନ ସଂଗ୍ରହ ତଦାରଖ କରିଥିଲେ। ଜୁନାଗଡ଼ ବିଧାୟକ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ଓ ଲାଞ୍ଜିଗଡ଼ ବିଧାୟକ ତଥା ଜିଲା ସଭାପତି ପ୍ରଦୀପ ଦିଶାରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଟିମ୍‌ରେ ସାମିଲ ଥିବା ବରିଷ୍ଠ ନେତା ସାମନ୍ତ ଖମାରୀ, ପ୍ରଶାନ୍ତ ନାଏକ, ଜୁନାଗଡ ବିଧାୟକ ପ୍ରତିନିଧି ଦିନେଶ ବଗର୍ତ୍ତି, ଜୁନାଗଡ ବ୍ଲକ ଅଧକ୍ଷା ସବିତା ମେହେର, ବଦ୍ରି ପଟ୍ଟନାଏକ, ମୁଣ୍ଡରାଗୁଡ଼ା ସରପଞ୍ଚ ତାରା ରାୟଗୁରୁ, ପୂର୍ବତନ ପୌରାଧକ୍ଷା ସଂଯୁକ୍ତା ବେହେରା, ଯୁବନେତା ମନିନ୍ଦ୍ର ମହାନ୍ତି, ମଧୁସୂଦନ ନାଗ, ପୀତବାସ ବେହେରା ପ୍ରମୁଖ ଜୁନାଗଡ଼ ବ୍ଲକ ର ମାଟିଗାଁ, ବର୍ଣ୍ଣଜରା, ରାଜପୁର, ମୁଣ୍ଡରାଗୁଡ଼ା ଆଦି ମଣ୍ଡି ପରିଦର୍ଶନ କରି ଚାଷୀମାନଙ୍କ ସହ ମଣ୍ଡି ଅବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ।

## ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

**ସୁବର୍ଣ୍ଣପୁର,୨୦।୧୨(ସଂଚାର ବ୍ୟୁରୋ):** ତିନିଦିନ ତଳେ ଜିଲ୍ଲାର ତରଭା ବ୍ଲକ୍ ଅନ୍ତର୍ଗତ ଚାରଭଟା ଆଦିବାସୀ ଆଶ୍ରମ ବିଦ୍ୟାଳୟରେ ଜଣେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ଛାତ୍ରଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଘଟଣାସ୍ଥଳକୁ ପହଞ୍ଚି ସ୍ଥିତି ଅନୁଧାନ କରିବାସହ ପ୍ରଥମରୁ ହିଁ ଆଶ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସହକାରୀ ଅଧିକ୍ଷକ ଅରବିନ୍ଦ ମହାକୁର ଙ୍କୁ ନିଲମ୍ବନ ଆଦେଶ ଦେଇଥିଲେ। ମୃତ ଛାତ୍ର ଙ୍କ ବାପା ଡୁଙ୍ଗୁରିପାଲି ଥାନା ଚେରୁପାଲି ନିକଟସ୍ଥ ବଡ଼ ନୂଆପାଲି ଗାଁର ବିଷ୍ଣୁ ସୁନା ଘଟଣା ଦିନ ଖବର ପାଇ ଆସିବାପରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ପୁଅର ସ୍ୱାଭାବିକ ମୃତ୍ୟୁ ହୋଇଛି କହିଥିଲେ ହେଲେ ତାଙ୍କ ପୁଅର ବାମ ପାଖ କାନ୍ଧରେ ରକ୍ତ ଜମାଟ ବାନ୍ଧିଥିବା, ଅଣ୍ଡକୋଷ ଫୁଲିଥିବା, ପିଠି ଓ ଜଂଘ ରେ ବାଡି ଦ୍ୱାରା ଆଘାତ ଚିହ୍ନ ଥିବା ଜାଣିବାପରେ ଗତକାଲି ଦିନ




୪ଟା ସମୟରେ ତାଙ୍କ ପୁଅ କୁ କେହି ପିଟିପିଟି ହତ୍ୟା କରିଛି ଓ ଏହା ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଗତକାଲି ତରଭା ଥାନାରେ ଲିଖିତ ଅଭିଯୋଗ ଦେବାପରେ ଘଟଣା ଟି ଭିନ୍ନ ମୋଡ଼ ନେଇଥିଲା। ତାଙ୍କ ପୁଅ ଆର୍ଯ୍ୟନ ସୁନା (୧୭) ଅନ୍ୟ କାରଣରୁ ନୁହେଁ ବରଂ ତାଙ୍କ ର କିଛି ଜଣ ସହପାଠୀ ମିଶି ରାତିସାରା ଆର୍ଯ୍ୟନ୍ କୁ ବିଭିନ୍ନ ପ୍ରକାରର ଶାରିରୀକ ନିର୍ଯ୍ୟାତନା ଦେବାସହ ମାରପିଟ୍ କରିବାଦ୍ୱାରା ତାହାର ମୃତ୍ୟୁ ହୋଇଛି। ଏହାର ଉପଯୁକ୍ତ ତଦନ୍ତ କରି ହତ୍ୟାକାରୀ ଙ୍କୁ ଗିରଫ କରିବାପାଇଁ କରିବା ପାଇଁ ସେ ଏତାଲା ରେ ଦର୍ଶାଇଛନ୍ତି। ଏତାଲାକୁ ଭିତ୍ତିକରି ଏକ ହତ୍ୟା ମାମଲା ନଂ ୩୫୧/୨୦୨୫ ରୁଜୁ ହୋଇଛି। ତଦନ୍ତ ଭାର ଆଇଆଇସି ଅନିତା କିଡୋ ନେଇ ଅଧିକ ତଦନ୍ତ ଜାରି ରଖିଛନ୍ତି। ପ୍ରକାଶ ଯୋଗ୍ୟ ଯେ ଗତକାଲି ୪ଟାରେ ସୁବର୍ଣ୍ଣପୁର ଜିଲ୍ଲା ଲକ୍ଷେଘର ଗଣ୍ଡା ସମାଜ ପକ୍ଷରୁ ତରଭା ଥାନା ସମ୍ମୁଖରେ ଆର୍ଯ୍ୟନ ର ମୃତ୍ୟୁ ର ସଠିକ ତଦନ୍ତ କରାଯାଇ ଦୋଷୀ ମାନଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରାଯାଇଥିଲା।

## ମଣ୍ଡି ଖୋଲିବା ଦାବିରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦେଲେ ଚାଷୀ

**ବଲାଙ୍ଗୀର,୨୦।୧୨ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲାର ଅଧିକାଂଶ ମଣ୍ଡି ଏ ଯାଏ ଖୋଲିପାରିନାହିଁ। ଯାହା ଫଳରେ ଚାଷୀମାନେ ଧାନ ବିକ୍ରି କରି ନ ପାରି ହଇରାଣ ହରକତ ହେଉଛନ୍ତି। ତେଣୁ ଶନିବାର ଜିଲା



କୃଷକ ସଂଘ ତରଫରୁ ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବଲାଙ୍ଗୀର ଜିଲାରେ ତୁରନ୍ତ ସବୁ ମଣ୍ଡି ଖୋଲିବା। କଟଣି ଛଟଣି ବନ୍ଦ କରିବା, ମଣ୍ଡିରେ ସିସି କ୍ୟାମେରା ଲଗାଇବା ଓ ଚାଷୀର ସବୁ ଧାନ ସରକାର କିଣନ୍ତୁ ବୋଲି ଦାବି କରିଛନ୍ତି ଆନ୍ଦୋଳନକାରୀ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ କରିଥିଲା ଜିଲା କୃଷକ ସଂଘ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ସେଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଲାଞ୍ଜିଗଡ଼,୨୦।୧୨(ସଂଚାର ବ୍ୟୋରୋ):** ଲାଞ୍ଜିଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା-୨୦୨୫ ଉଦ୍‌ଯାପିତ ହୋଇଛି। ପ୍ରଥମ ଦିନରେ ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଭୈରବ ପୀଠରେ ପୂଜାର୍ଚ୍ଚନା ପୂର୍ବକ ମଶାଲ ଆଣିଥିଲେ। ସ୍କୁଲର ପ୍ରଧାନଶିକ୍ଷକ ଜମ୍ବେଶ୍ୱର ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ଉତ୍ସବର ପ୍ରଥମ ଦିନ ଉଦଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ସୁରେନ୍ଦ୍ର ପ୍ରତାପ ସିଂ ଦେଓ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ସରପଞ୍ଚ ସ୍ୱରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ଯୁବ ସମାଜସେବୀ ଚନ୍ଦ୍ରଚୂଡ଼ ମହାଖୁଡ ପ୍ରମୁଖ ଯୋଗ ଦେଇଥିଲେ।ପ୍ରତିଯୋଗିତାରେ ଦୌଡ଼, ହାଇଜମ୍ପ, ଲମ୍ବଜମ୍ପ, ସଟପୁଟ, ଡିସକ୍ସ, ସ୍ଲୋଲ ସାଇକେଲିଙ୍ଗ, ସ୍କିପିଙ୍ଗ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଗଡ଼ଭିତର କ୍ଲଷ୍ଟରର ଷଷ୍ଠ ବୈଠକ



**ସୁବର୍ଣ୍ଣପୁର,୨୦।୧୨(ସଂଚାର ବ୍ୟୁରୋ):** ଗଡ଼ଭିତର୍ କ୍ଲଷ୍ଟର ର ଷଷ୍ଠ କ୍ଲଷ୍ଟର ସ୍ତରୀୟ ବୈଠକ ସରକାରୀ ପ୍ରାଥମିକ ବିଦ୍ୟାଳୟ ପଟାଭାଡି ଠାରେ ଅନୁଷ୍ଠିତ ହୋଇଛି। ସି ଆର ସି ସି ବୁଦ୍ଧଦେବ ସା ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ର ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ମୀନାରାଣୀ ମଙ୍ଗଳ ପରିଦର୍ଶନ ରେ ଆସି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଶିକ୍ଷଣ ଫଳାଫଳ କୁ ନେଇ ଠିକ୍ ଭାବରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ଭୋଇ ଛାତ୍ର ଛାତ୍ରୀ ମାନଙ୍କ ଶିକ୍ଷଣ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ସରକାରଙ୍କ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟ କରାଯାଇଥିଲା। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମିଶ୍ର ଶିଶୁମାନଙ୍କୁ ସୁନ୍ଦର ଭାବେ ଭାଷା ଶିକ୍ଷଣ ଶିକ୍ଷାଦାନ ଦେଇଥିଲାବେଳେ, ଶିକ୍ଷୟିତ୍ରୀ ସୁଭାଷିନୀ ପୂଜାହାରି ସଂଖ୍ୟାଜ୍ଞାନ ଉପରେ ଶିକ୍ଷାଦାନ ଦେଇ ଥିଲେ। ସେ ଗଣିତ କିଟ୍ ର ବିଭିନ୍ନ ପ୍ରକାର ଝଖଗ ଆଣି ଉ-ଜ-ଇ ପଦ୍ଧତି ରେ କିପରି ଶିକ୍ଷଣ କାର୍ଯ୍ୟ ସହଜ ଓ ସୁନ୍ଦର କରିହେବ, ସେ ବିଷୟରେ ଆଲୋଚନା କରିଥିଲେ। ପରେ ଏହି ଦୁଇ ଶ୍ରେଣୀ ର ଶିକ୍ଷାଦାନ ଉପରେ ଆଲୋଚନା ହୋଇଥିଲା।

## ସମ୍ବର୍ଦ୍ଧିତ ହେଲେ ସୁବର୍ଣ୍ଣପୁର ଜିଲ୍ଲାପାଳ

**ସୁବର୍ଣ୍ଣପୁର,୨୦।୧୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ 'ନିଉଜ୍ ମେକର୍ ଅଫ ଦି ଇୟର ୨୦୨୫' ଭାବେ କନକ ନିଉଜ ଚେନେଲ୍ ତରଫ ରୁ ସମ୍ବର୍ଧିତ ହୋଇଥିବା ଜଣାପଡିଛି। ଭୁବନେଶ୍ୱର ହୋଟେଲ ପଲ୍ ହାଇଟ ସଭାଗୃହ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କନକ ନିଉଜ, ସିଇଓ ଚେୟାରମେନ ସମ୍ବାଦ ତଥା କନକ ଗ୍ରୁପ ତନୟା ପଟ୍ଟନାୟକ ଓ ସର୍ବ ଭାରତୀୟ ସ୍ତରର ଜର୍ଣାଲିଷ୍ଟ ଶିଳା



ଭଟ୍ଟ ବରେଣ୍ୟ ଅତିଥି ଭାବରେ ଯୋଗ ଦେଇ ଜିଲ୍ଲାପାଳ ଡ଼.ସାହୁ ଙ୍କୁ ସମ୍ବର୍ଧିତ କରିଥିଲେ । ଏହା ସହିତ ଅନେକ ଖ୍ୟାତି ସମ୍ପନ୍ନ ବ୍ୟକ୍ତି ବିଶେଷ ମଧ୍ଯ ଏହି ସମ୍ବର୍ଧନା ଉତ୍ସବରେ ସାମିଲ ହୋଇଥିଲେ । ଆଜି ଏହି ଖବର ଜଣାପଡିବା ପରେ ସୁବର୍ଣ୍ଣପୁର ର ବିଭିନ୍ନ ସଙ୍ଗଠନ ତଥା ଓଡ଼ିଶା ସାମ୍ବାଦିକ ସଂଘ ସୋନପୁର ଶାଖା, ସ୍ଵଚ୍ଛ ଭାରତ ସଙ୍ଗଠନ, ଶ୍ରୀ ଗୋପାଳଜୀ ଯୋଗାଳୟ, ସୋନପୁର କଲେଜ ଏନସିସି, ଭାରତ ବିକାଶ ପରିଷଦ ସୋନପୁର, ଦିବ୍ୟଉର୍ଜା ଯୋଗ ସେବା ସମିତି ପ୍ରମୁଖ ଏବଂ ସହରର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ବୁଦ୍ଧିଜିବୀ ମାନଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି ।

## ପଦ୍ମନାଭପୁର ଶିଶୁ ମନ୍ଦିରର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

**ଦିଗପହଣ୍ଡି,୨୦।୧୨ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର 'ଶ୍ରୀଧାମ' ଆବାସିକ ବିଦ୍ୟାଳୟର ୨୫ତମ ପ୍ରତିଷ୍ଠା ଦିବସ ଅବସରରେ ଶନିବାର ରୌପ୍ୟ ଜୟନ୍ତୀ ସମାରୋହ ଅତି ଆଡମ୍ବର ସହକାରେ ଉଦଘାଟିତ ହୋଇଯାଇଛି। ପ୍ରତିଷ୍ଠାତା ଡଃ କୃଷ୍ଣଚନ୍ଦ୍ର ଦାଶଙ୍କ ସଂଯୋଜନାରେ ଗ୍ରାମର ଶ୍ରୀଶନି ମନ୍ଦିର ପୁଷ୍କରିଣୀରୁ ଗଙ୍ଗା ଆବାହନ କରାଯାଇ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାପରେ ବିଦ୍ୟାଳୟ ପରିସରରେ ନବକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞର ଶୁଭାରମ୍ଭ କରାଯାଇଛି।

ଏହି ଉତ୍ସବରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସ୍ୱାମୀ ଯୋଗାନନ୍ଦ ସରସ୍ୱତୀ, ସ୍ୱାମୀ ଭାସ୍କରତୀର୍ଥ, ସ୍ୱାମୀ ହରି ଶରଣାନନ୍ଦଙ୍କ ସମେତ ବହୁ ବିଶିଷ୍ଟ ସାଧୁ, ସନ୍ଥ ଓ ମହନ୍ତ ଯୋଗ ଦେଇଥିଲେ। ସମସ୍ତ ସାଧୁ ସନ୍ଥଙ୍କୁ ବିଦ୍ୟାଳୟ ପରିଚାଳନା ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ୧୦୮ ଭାଗବତ ଟୁଙ୍ଗୀ ଅଧିକାରୀ ଓ ସଙ୍କୀର୍ତ୍ତନ ମଣ୍ଡଳୀଙ୍କୁ ମଧ ସମ୍ମାନିତ କରାଯାଇଛି। ସନ୍ଧ୍ୟା ସମୟରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ଆଦିବାସୀ ହଷ୍ଟେଲକୁ ପ୍ରତିନିଧିଙ୍କ ଅଚାନକ ପରିଦର୍ଶନ

**ସୁବର୍ଣ୍ଣପୁର,୨୦।୧୨ (ସଂଚାର ବ୍ୟୁରୋ):** ତରଭା ବ୍ଲକ ଚାରଭଟା ଆଦିବାସୀ ହଷ୍ଟେଲ ରେ ଦୁର୍ଭାଗ୍ୟ ଜନକ ଘଟଣା ପରେ ୧୦୦ ଶଯ୍ୟା ବିଶିଷ୍ଟ ଅନୁସୂଚୀତ ଜାତି ଓ ଅନୁସୂଚିତ ଜନଜାତି



ଚାରି ଗୋଟି ହଷ୍ଟେଲ (ଛାତ୍ର ଓ ଛାତ୍ରୀ ନିବାସ) ସୋନପୁର ବ୍ଲକ ଅସୁରମୁଣ୍ଡା କୁ ଗତ କାଲି ଅପରାହ୍ନ ରେ ଅଚାନକ ପରିଦର୍ଶନ କରି ଥିଲେ ଜିଲ୍ଲା ପ୍ରଶାସନ ର ଏକ ଉଚ୍ଚ ସ୍ତରୀୟ ପ୍ରତିନିଧି ଦଳ। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପ ରାଜ ସାହୁ ଙ୍କ ନିର୍ଦ୍ଦେଶ କ୍ରମେ ସୋନପୁର ବ୍ଲକ ର ନୂତନ ବିଡିଓ ଶ୍ରୀ ପ୍ରତୀକ କର ଙ୍କ ନେତୃତ୍ୱ ରେ ଡ଼ବ୍ଲୁଇଓ ସୌରଭ ଦାନି, ବି ଆର ସି ବିବେକାନନ୍ଦ ପଣ୍ଡା, ଏ ଇ ରାଜେନ୍ଦ୍ର ମଣ୍ଡଳ ପ୍ରମୁଖ ଅଫିସର ଓ ଏ ଇ ପରିଦର୍ଶନ ରେ ସାମିଲ ଥିଲେ। ଅସୁର ମୁଣ୍ଡା ଆଦିବାସୀ ଛାତ୍ର ଓ ଛାତ୍ରୀ ନିବାସ ର ଶୃଂଖଳା, ଭିତ୍ତି ଭୂମି ବିକାଶ ର ସାମଗ୍ରିକ ସ୍ଥିତି, ଶିକ୍ଷା ଓ ପାନୀୟ ଜଳର ର ଗୁଣବତ୍ତା, ପରିମଳ ଓ ପରିଷ୍କାର ପରିଚ୍ଛନ୍ନତା, ମଧାହ୍ନ ଭୋଜନ ର ମାନ ଓ ଛାତ୍ର ଛାତ୍ରୀ ଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ କଡାକଡି ଯାଞ୍ଚ କରି ଥିଲେ ବି ଡି ଓ ଶ୍ରୀ କର ଙ୍କ ସହିତ ଏହି ପ୍ରତିନିଧି ଦଳ। ଗତ କାଲି ଏ ଗାଁ ରେ ଥିବା ତିନି ଗୋଟି ଛାତ୍ରୀ ନିବାସ ଓ ଗୋଟାଏ ଛାତ୍ର ନିବାସ ରେ ପ୍ରାୟ ତିନି ଘଣ୍ଟା ଯାଏଁ ଜିଲ୍ଲା ପ୍ରଶାସନ ର ଏହି ପ୍ରତିନିଧି ଦଳ ସମସ୍ତ ବ୍ୟବସ୍ଥା ଉପରେ ଯାଞ୍ଚ ଓ ନିରୀକ୍ଷଣ କରି ପ୍ରତି ମୁହୂର୍ତ୍ତ ରେ ହଷ୍ଟେଲ ର ସୁରକ୍ଷା ଓ ସମସ୍ତ ବ୍ୟବସ୍ଥା ଉପରେ ଧ୍ୟାନ ରଖିବାକୁ ଓ ପ୍ରତି ଦିନ ରିପୋର୍ଟ ପ୍ରଦାନ କରିବାକୁ ହଷ୍ଟେଲ ଅଧିକ୍ଷକ ଙ୍କୁ ପରାମର୍ଶ କରିଥିଲେ ।

## ଗୁରୁଙ୍କ ଆଶୀର୍ବାଦ ଛାତ୍ରଛାତ୍ରୀଙ୍କୁ କାଳଜୟୀ କରାଇଥାଏ

**ବୈଶିଙ୍ଗା,୨୦।୧୨ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟର ୩୭ ତମ ସାମ୍ବତ୍ସରିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।



ପ୍ରାତଃ ସୂର୍ଯ୍ୟୋଦୟ ସମୟରେ ଶ୍ରୀଶ୍ରୀ ବାଲୁକେଶ୍ୱର ମହାଦେବଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟ ପ୍ରାଙ୍ଗଣରେ ୩୭ଗୋଟି ଦୀପ ଦାନ କରାଯାଇଥିଲ।
ଏହାପରେ ସୂର୍ଯ୍ୟ ନମସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆୟୋଜିତ ଏକ ପ୍ରୟୋଗାତ୍ମକ ବିଜ୍ଞାନ ପ୍ରଦର୍ଶନୀକୁ ପ୍ରଧାନଶିକ୍ଷକ ଅଜିତ କୁମାର ଜେନା ଉଦଘାଟନ କରିଥିଲେ। ଅପରାହ୍ନ ତିନିଟା ସମୟରେ ବାର୍ଷିକ ଉତ୍ସବକୁ ବଡ଼ସାହି ବିଧାୟକ ସନାତନ ବିଜୁଳି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଗୁରୁଙ୍କ ଆଶିର୍ବାଦ ରହିଲେ ଶିଷ୍ୟ କାଳ ଜୟୀ ହୋଇ ପାରିବେ ବୋଲି ତାଙ୍କ ଅଭିଭାଷଣରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ।

ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବର୍ଷୀୟାନ ଶିକ୍ଷାବିତ ନୃସିଂହ ଚରଣ ସ ମୁଖ୍ୟବକ୍ତା, ଓଡିଶା ଉଚ୍ଚ ମାଧମିକ ଶିକ୍ଷା ପରିଷଦର ଉପସଚିବ ରାଜେଶ କୁମାର ପ୍ରଧାନ ବିଶିଷ୍ଟ ଅତିଥି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅତୁଲ କୁମାର ମିଶ୍ର, ପରିଚାଳନା କମିଟିର ସଭାପତି ପ୍ରତାପ ଚନ୍ଦ୍ର ମିଶ୍ର ସମ୍ମାନନୀୟ ଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ର ମାନଙ୍କ ଚରିତ୍ର ଗଠନ ସମ୍ପର୍କିତ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ।

## ମନ୍ଦିରରୁ ବାହାରିଲା ୧୧ ଫୁଟ୍‌ର ଅହିରାଜ ସାପ

**ଦିଗପହଣ୍ଡି,୨୦।୧୨(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ା ଅଞ୍ଚଳରେ ଥିବା ପ୍ରସିଦ୍ଧ ଗୁପ୍ତେଶ୍ୱର ମନ୍ଦିରରୁ ଶନିବାର ଏକ ୧୧ ଫୁଟ୍ ଲମ୍ବର ବିଶାଳ ଅହିରାଜ ସାପ ଉଦ୍ଧାର ହୋଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବେଶ୍ ଆତଙ୍କ ଖେଳିଯାଇଥିଲା। ମନ୍ଦିର ପରିସରରେ ଏକ ବିଶାଳ ସାପ ବୁଲୁଥିବା ଜଣେ ଗ୍ରାମବାସୀ ପ୍ରଥମେ ଦେଖିବାକୁ ପାଇଥିଲେ। ସାପଟି ଭୟଙ୍କର ଗର୍ଜନ କରିବାରୁ ସେ ଭୟଭୀତ ହୋଇ ଲୋକଙ୍କୁ ଖବର ଦେଇଥିଲେ। ଖବର



ପାଇ ସ୍ନେକ ହେଲ୍ପଲାଇନ ସଦସ୍ୟ ରାମଚନ୍ଦ୍ର ସାହୁ ଓ ଜଗନ୍ନାଥ ସାହୁ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଅତି ସତର୍କତାର ସହ ସାପଟିକୁ ଉଦ୍ଧାର କରି ନିକଟସ୍ଥ ଏକ ଧାନ ବିଲକୁ ଆଣି କାବୁ କରିଥିଲେ। ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ପରେ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ଏହି ବିଶାଳ ସାପକୁ ଦେଖିବା ପାଇଁ ମନ୍ଦିର ଓ ରାସ୍ତା କଡ଼ରେ ଶତାଧିକ ଲୋକଙ୍କ ଭିଡ଼ ଜମିଥିଲା। ସ୍ନେକ ହେଲ୍ପଲାଇନର ତ୍ୱରିତ ପଦକ୍ଷେପ ଯୋଗୁଁ ଉଭୟ ସାପ ଓ ସ୍ଥାନୀୟ ଲୋକଙ୍କ ସୁରକ୍ଷା ନିଶ୍ଚିତ ହୋଇପାରିଛି।

## 'ଗୁଣାତ୍ମକ ଶିକ୍ଷା ବିନା ଦେଶର ପ୍ରଗତି ଅସମ୍ଭବ'

**ବଲାଙ୍ଗୀର,୨୦।୧୨(ସଂଚାର ବ୍ୟୁରୋ):** ବଲାଙ୍ଗୀର ଖର୍ଲିକାନିସ୍ଥିତ ଶେମର୍ଫୋଡ ଫ୍ୟୁଚ୍‌ରିଷ୍ଟିକ ଇଂରାଜୀ ମାଧମିକ ବିଦ୍ୟାଳୟରେ ଶନିବାର ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ ସଞ୍ଜୀବ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଡକ୍ଟର ପ୍ରତାପ କୁମାର ଦାଶ (ଇଂରାଜୀ ବିଭାଗର ମୁଖ୍ୟ ଏବଂ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧକ୍ଷ) ଯୋଗଦାନ କରିଥିଲେ।

ସମ୍ମାନିତ ଅତିଥି ଭାବରେ ସହ ସଭାପତି ଆଶିଷ କୁମାର ରଥ, ଶିକ୍ଷା ନିର୍ଦ୍ଦେଶିକା ନିଲମ ରଥ , ଅଧକ୍ଷ ପ୍ରତାପ କୁମାର ଜେନା ଓ ପ୍ରି. ପ୍ରାଇମେରୀ ବିଭାଗର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ରହି ଉତ୍ସବଟିକୁ ସାଫଲ୍ୟ ମଣ୍ଡିତ କରିଥଲେ। ଅତିଥିମାନେ ଗୁଣାତ୍ମକ ଶିକ୍ଷା କିଭଳି ଛାତ୍ରୀଛାତ୍ରଙ୍କ ସହ ଦେଶର ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ କହିଥିଲେ। ଗୁଣାତ୍ମକ ଶିକ୍ଷା ବିନା ଦେଶର ପ୍ରଗତି ଅସମ୍ଭବ ବୋଲି ଅତିଥିମାନେ କହିଥିଲେ।

## ସୁସ୍ଥ ସମାଜ ଗଠନରେ ଯୁବକଙ୍କ ଭୂମିକା ଅତୁଳନୀୟ

### ଅଷ୍ଟମ ଗୀତାଞ୍ଜଳି ଏକ୍ସଲେନ୍ସି ସମ୍ମାନ ପ୍ରଦାନ ଉତ୍ସବ

**ବାଲିପାଟଣା,୨୦।୧୨(ସଂଚାର ବ୍ୟୁରୋ):** ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟର ରାଜ୍ୟସ୍ତରୀୟ ଯୁବ ସମ୍ମିଳନୀ ଏବଂ ଅଷ୍ଟମ ଗୀତାଞ୍ଜଳି ଏକ୍ସଲେନ୍ସି ସମ୍ମାନ-୨୦୨୫ ଭୁବନେଶ୍‌ବରସ୍ଥିତ ହୋଟେଲ ଏକ୍ସଲେନ୍ସି ଠାରେ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ଅଧକ୍ଷ ରଞ୍ଜନକୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡଃ ଅରବିନ୍ଦ ଢାଲୀ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ଭୁବନେଶ୍‌ବର ଜିଲ୍ଲା ବିଜେପି ସଭାପତି ନିରଞ୍ଜନ ମିଶ୍ର, ଭାରତୀୟ ଜନତା ପାର୍ଟି ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ବିଶିଷ୍ଟ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଫାଉଣ୍ଡେସନର ବିଭିନ୍ନ ସମାଜିକ କାର୍ଯ୍ୟକ୍ରମକୁ ଭୂୟସୀ



ପ୍ରଶଂସା କରିଥିଲେ।ସୁସ୍ଥ ସମାଜ ଗଠନରେ ଯୁବକମାନଙ୍କ ଭୂମିକା ଅତୁଳନୀୟ।ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ଯୁବକମାନେ ନିଶାଗ୍ରସ୍ତ ହୋଇ ନିଜ ଜୀବନକୁ ନଷ୍ଟ କରିବାକୁ ନଦେଇ ସମାଜସେବା ଓ ପରିବେଶ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।ଏହି ଅବସରରେ ସମାଜରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୫ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଗୀତାଞ୍ଜଳି ଏକ୍ସଲେନ୍ସି ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା।